# ଧରିତ୍ରୀ
DHARITRI



ଢେଙ୍କାନାଳ, ଗୁରୁବାର, ମାର୍ଚ୍ଚ ୧୧/୨୦୨୧ (୧୬ ପୃଷ୍ଠା) | Dhenkanal, Thursday, March 11/2021 | ★★★★★

୧୭ଶ ଭାଗ ୨୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-



## ଆଲର୍ଜି (Allergy)ର ପରୀକ୍ଷା ଢେଙ୍କାନାଳ, ଅନୁଗୋଳଠାରେ 12, 13, 14 ଓ 15 ମାର୍ଚ୍ଚ ଦିନ ଅଧାରୁ କମ୍ ଦରରେ କରାନ୍ତୁ

## ରକ୍ତ ପରୀକ୍ଷା ଦ୍ୱାରା ଆଲର୍ଜିର କାରଣ ଜଣାପଡ଼ିଯାଏ

NABL ACCREDITED
MC-2666
Jerath Path Labs & Allergy Testing Centre, Jalandhar

ଜେରଥ ପାଥ୍ ଲାବ୍ ଆଣ୍ଡ ଆଲର୍ଜି ଟେଷ୍ଟିଂର କଲେକ୍ସନ ସେଣ୍ଟର ଢେଙ୍କାନାଳ, ଅନୁଗୋଳରେ କରାନ୍ତୁ 12, 13, 14 ଓ 15 ମାର୍ଚ୍ଚ ଦିନ ସକାଳ 9ରୁ ଅପରାହ୍ନ 5 ଘଟିକା ପର୍ଯ୍ୟନ୍ତ (Complete Allergy Test - Food, Skin, Inhalant, Drug, Comprehensive, Odisha Comprehensive) ଆଲର୍ଜି ପରୀକ୍ଷା ଅଧାରୁ କମ୍ ରେଟ୍‌ରେ କରାଯିବ। ଆଲର୍ଜି ଏକ ଏପରି ରୋଗ, ଯାହାକୁ ଶୀଘ୍ର ଚିହ୍ନଟ କରାଗଲେ ତାହାର ଚିକିତ୍ସା ସମ୍ଭବ ହୋଇଥାଏ।

ଆଗରୁ ଆଲର୍ଜି ଚିହ୍ନଟ ପାଇଁ ବାହୁରେ ଛୁଞ୍ଚି ଦ୍ୱାରା ୨୪ ଚିହ୍ନ ଲଗାଯାଇ ଏହା ଜାଣିବାର ଚେଷ୍ଟା କରାଯାଉଥିଲା ଯେ ବ୍ୟକ୍ତିଙ୍କୁ କେଉଁ ଜିନିଷ କାରଣରୁ ଆଲର୍ଜି ହେଉଛି, କିନ୍ତୁ ଏବେ କେବଳ ରକ୍ତ ପରୀକ୍ଷା ଦ୍ୱାରା ହିଁ ଆଲର୍ଜିର କାରଣ ଜଣାପଡ଼ିଯାଉଛି । ସେ ସୂଚନା ଦେଇଛନ୍ତି ଯେ ଏହି ପରୀକ୍ଷା ଏକ ବିଶେଷ ଧରଣର ମେଶିନ୍ ଦ୍ୱାରା ହୋଇଥାଏ, ଯାହାକି ତାଙ୍କ ଲ୍ୟାବ୍‌ରେ ସ୍ଥାପିତ ଅଟେ ।

**12, 13, 14 ଓ 15 ମାର୍ଚ୍ଚ 2021**

ଆଲର୍ଜି ବିଶେଷଜ୍ଞଙ୍କ ଦ୍ୱାରା ନିଃଶୁଳ୍କ ପରାମର୍ଶ ପାଆନ୍ତୁ

ଓଡ଼ିଶା ବିଶିଷ୍ଟ ଆଲର୍ଜି ପ୍ୟାନେଲ୍ ଉପଲବ୍ଧ (Odisha Specific Allergy Panel Available) ଓଡ଼ିଶା ବ୍ୟାପକ (Comprehensive) ଆଲର୍ଜେନ୍ ପ୍ୟାନେଲ୍ ଓଡ଼ିଶା ପାଇଁ ବିଶିଷ୍ଟ ଆଲର୍ଜି ପରୀକ୍ଷା (ପ୍ରକାଶିତ ଅଧ୍ୟୟନ ଓ ଉପାଖ୍ୟାନଗୁଡ଼ିକର ଅନୁଭୂତି ଆଧାରରେ)

ସାମ୍ପୁଲ୍ ଦେବା ସମୟରେ ଦୟାକରି ଉପଯୁକ୍ତ ଦୂରତାକୁ ଧ୍ୟାନରେ ରଖନ୍ତୁ ଏବଂ ଆପଏଣ୍ଟମେଣ୍ଟ (Appointment) ବୁକ୍ କରାଇ ଆସନ୍ତୁ ।

### ଆରୋଗ୍ୟ ଲାଭ କରିଥିବା ରୋଗୀମାନଙ୍କର ଅନୁଭୂତି



ମୁଁ ଆଶୁ – ବୟସ 24 ବର୍ଷ । 23 ବର୍ଷ ବୟସ ପର୍ଯ୍ୟନ୍ତ ମୋତେ କୌଣସି ପ୍ରକାର କିଛି ରୋଗ ନ ଥିଲା । ତା'ପରେ ହଠାତ୍ ମୋ ଶରୀରର ବିଭିନ୍ନ ଅଂଶରେ ● ନାଲି ଦାନା ● ଫୁଲା ● ହାତର ପାପୁଲି ଓ ପାଦ ତଳିପା ଫାଟିବା ଭଳି ସମସ୍ୟା ଦେଖାଯିବା ଆରମ୍ଭ ହୋଇଗଲେ । ଅନେକ ଡାକ୍ତରଙ୍କ ସହ ପରାମର୍ଶ କରି ବିଭିନ୍ନ ପ୍ରକାର ଔଷଧ ଦ୍ୱାରା ଚିକିତ୍ସା କରିବାର ଅନେକ ଚେଷ୍ଟା କଲି, କିନ୍ତୁ କିଛି ଫରକ ପଡ଼ିଲା ନାହିଁ । ଦିନେ ମୁଁ ଖବରକାଗଜରେ ଜେରଥ ଲାବ୍ ଦ୍ୱାରା ଆୟୋଜନ କରାଯାଉଥିବା ଆଲର୍ଜି ଯାଞ୍ଚ ଶିବିର ବିଷୟରେ ପଢ଼ିଲି ଓ ସେମାନଙ୍କ ଡାକ୍ତରଙ୍କ ସହିତ ଯୋଗାଯୋଗ କଲି । ଜେରଥ ଲାବ୍ ଦ୍ୱାରା କରାଯାଇଥିବା ଆଲର୍ଜି ଟେଷ୍ଟ ଦ୍ୱାରା ମୋ ସମସ୍ୟାର ସମାଧାନ ହୋଇଗଲା ଏବଂ ସେମାନଙ୍କ ଦ୍ୱାରା ପରାମର୍ଶ ଦିଆଯାଇଥିବା ଚିକିତ୍ସା ଦ୍ୱାରା ମୁଁ ଶୀଘ୍ର ଭଲ ହୋଇଯାଇଛି ।



ମୁଁ ଜିତେନ୍ଦ୍ର – ବୟସ 35 ବର୍ଷ । ମୁଁ ପିଲାବେଳରୁ ହିଁ ନାନାଦି ସମସ୍ୟାରେ ପୀଡ଼ିତ ଥିଲି, ଯେମିତିକି ● ଥଣ୍ଡା ଛିଙ୍କ ● ଗଳା ଖରଖର ● ଆଖି କୁଣ୍ଡେଇ ହେବା, ଫୁଲିବା ଓ ପାଣି ବୋହିବା ● କାନରେ ସାଁ ସାଁ ଶବ୍ଦ ● ଶ୍ୱାସପ୍ରଶ୍ୱାସ ସମସ୍ୟା ● ଛାତିରୁ ସିଟି ଭଳି ଶବ୍ଦ ଇତ୍ୟାଦି । ମୁଁ ବହୁ ଡାକ୍ତରଙ୍କୁ ଦେଖାଇଲି ଓ ଅନେକ ଔଷଧ ମଧ୍ୟ ଖାଇଲି ଓ ଦିନରେ 4-5 ଥର ପମ୍ପ ମଧ୍ୟ ନେଉଥିଲି, କିନ୍ତୁ ତଥାପି କିଛି ଫରକ ପଡ଼ିଲା ନାହିଁ । ପୁଣି ମୁଁ ଜେରଥ ଲାବ୍‌ରେ ନିଜର ଆଲର୍ଜି ପରୀକ୍ଷା କରାଇଲି, ଯାଞ୍ଚ ରିପୋର୍ଟ ଦ୍ୱାରା ମୋତେ ମୋର ଆଲର୍ଜିର କାରଣଗୁଡ଼ିକ ଜଣାପଡ଼ିଗଲା ଏବଂ କେବଳ ଅଳ୍ପ କେତୋଟି ବସ୍ତୁରୁ ଦୂରେଇ ରହି ଏବଂ ଜେରଥ ଲାବର ପ୍ରତିଷ୍ଠିତ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଔଷଧ ସେବନ କରିବା କାରଣରୁ ଏବେ ମୁଁ ସମ୍ପୂର୍ଣ୍ଣ ସୁସ୍ଥ ହୋଇଯାଇଛି ଏବଂ ମୋର ସବୁ ପୁରୁଣା ରୋଗ ବି ଭଲ ହୋଇଯାଇଛି।

● ଟେଷ୍ଟ ପରେ ଟେଲିଫୋନ୍‌ରେ ଡାକ୍ତର ଓ ବିଶେଷଜ୍ଞଙ୍କ ଦ୍ୱାରା ନିଃଶୁଳ୍କ ପରାମର୍ଶ ପାଆନ୍ତୁ । (After test get telephonically free consultation by Doctors/Experts)

**ଆଲର୍ଜି ପରୀକ୍ଷା କରାଇ ନିଜର ଇମ୍ୟୁନିଟି *(Immunity)* ସ୍ତର ଜାଣନ୍ତୁ, ଯେମିତି (IgM, IgG ଏବଂ IgA) ନିଃଶୁଳ୍କ (FREE) ପାଆନ୍ତୁ**

### ଆଲର୍ଜି କ'ଣ ଆସନ୍ତୁ ଜାଣିବା

ପ୍ରତ୍ୟେକ ମନୁଷ୍ୟଙ୍କ ମଧ୍ୟରେ ସେ ମହିଳା ହୁଅନ୍ତୁ କି ପୁରୁଷ, ପ୍ରକୃତିର ବାହ୍ୟ ତତ୍ତ୍ୱଗୁଡ଼ିକୁ ସହନ କରିବାର ବିଶେଷ କ୍ଷମତା ରହିଥାଏ । ତଥାପି ଅନେକ ଥର ଯେବେ ମନୁଷ୍ୟ ଶରୀର ଉପରେ ଦୁଷ୍ପ୍ରଭାବ ପକାଉଥିବା ଏପରି ତତ୍ତ୍ୱଗୁଡ଼ିକ ଶରୀର ମଧ୍ୟକୁ ପହଞ୍ଚିବା ପାଇଁ ଚେଷ୍ଟା କରନ୍ତି, ସେତେବେଳେ ଶରୀରର ଆଭ୍ୟନ୍ତରୀଣ ତତ୍ତ୍ୱ ଚଳଚଞ୍ଚଳ ହୋଇ ସେହି ପ୍ରତିକୂଳ ତତ୍ତ୍ୱଗୁଡ଼ିକର ଶରୀର ଉପରେ ପ୍ରଭାବ ପକାଇବାର ଚେଷ୍ଟାକୁ ପ୍ରତିରୋଧ କରିଥାନ୍ତି । ଏହି ପ୍ରକ୍ରିୟା ଆଲର୍ଜି ଉତ୍ପତ୍ତିର କାରଣ ହୋଇଥାଏ।

### ଆଲର୍ଜିର ଲକ୍ଷଣ

*ଶରୀରରେ କୁଣ୍ଡିଆ *ଚର୍ମ ନାଲି ପଡ଼ିବା

*ନାଲି ଦାନା ଦେଖାଦେବା *ଥଇ ଉଠିବା ଏବଂ ଡାଇରିଆ

*ଶରୀରର ଦାନା ଥିବା ଜାଗା ଫୁଲିଯିବା।

*ଛିଙ୍କ ଆସିବା, ନାକ ବନ୍ଦ ହେବା, ଥଣ୍ଡା ଲାଗି ରହିବା ।

*ଗଳାରେ ପ୍ରବଳ ଜ୍ୱଳନ ଏବଂ ପୀଡ଼ା ହେବା *ପେଟ ଯନ୍ତ୍ରଣା ହେବା


*ଚେହେରା, ଓଠ ଓ ଆଖି ଫୁଲିବା। *ଖାଇବା ସମୟରେ କଷ୍ଟ ହେବା ।

*ଆଲର୍ଜି ହେବା କାରଣରୁ 'ଏକ୍‌ଜିମା' ନାମକ ରୋଗ ମଧ୍ୟ ହୋଇଯାଇଥାଏ, ଯାହା କାରଣରୁ ଜୋର୍‌ରେ କୁଣ୍ଡେଇ ହେବା ତଥା ସେହି ଜାଗାରୁ ପାଣି ବାହାରିବା ସମସ୍ୟା ଦେଖାଦେଇଥାଏ।

*ଆଲର୍ଜି କାରଣରୁ କେତେକ ବ୍ୟକ୍ତିଙ୍କୁ ଆଜ୍‌ମା ନାମକ ରୋଗ ହୋଇଯାଏ । ଏହି ସ୍ଥିତିରେ ରୋଗୀଙ୍କୁ ଶ୍ୱାସପ୍ରଶ୍ୱାସ ନେବାରେ ସମସ୍ୟା ଦେଖାଦେଇଥାଏ, ଫୁସ୍‌ଫୁସ୍ ଫୁଲିଯାଏ ଓ ଜ୍ୱଳନ ହୋଇଥାଏ ।



Inhalant Allergy (ଛିଙ୍କ ଆସିବା)



Food Allergy (ପେଟ ବ୍ୟଥା)



Drug Allergy (ଔଷଧରୁ ଆଲର୍ଜି)



Skin Allergy (ଚର୍ମରେ ନାଲି ଦାଗ ପଡ଼ିବା)

### ଆଲର୍ଜି ହେବାର କାରଣଗୁଡ଼ିକ କ'ଣ

ଆଲର୍ଜି ଆମର ଦୈନିକ ଜୀବନରେ ଭ୍ରମଣ କରିବା ସମୟରେ ଆମର ପାରିପାର୍ଶ୍ୱିକ ପରିବେଶ/ପର୍ଯ୍ୟାବରଣର ଅନେକ କାରଣରୁ ହୋଇପାରେ, ଯେପରି କି ଉଦ୍ଭିଦ, ବୃକ୍ଷ, ଧୂଳି, ମାଟି, ପୋଷାକଜନ୍ତୁ, ଔଷଧ ଏବଂ ଖାଇବା ପିଇବା ସାମଗ୍ରୀ ଇତ୍ୟାଦି।

1. ଗୋଟିଏ ପରିବାରର ବିଭିନ୍ନ ସଦସ୍ୟ, ମହିଳା, ପୁରୁଷ, ଶିଶୁ କିମ୍ବା ବୃଦ୍ଧଙ୍କୁ ବିଭିନ୍ନ ବସ୍ତୁ କାରଣରୁ ଆଲର୍ଜି ହୋଇପାରେ ।
2. କେତେକ ବ୍ୟକ୍ତି ଫୁଲ ସଂସ୍ପର୍ଶରେ ଆସିଲେ ଆଲର୍ଜିରେ ପୀଡ଼ିତ ହୋଇପାରନ୍ତି।
3. କ୍ଷୀର, ଦହି, ମାଂସ, ମାଛ ସେବନ କଲେ ମଧ୍ୟ ଆଲର୍ଜି ହୋଇପାରେ।
4. ସୌନ୍ଦର୍ଯ୍ୟ ପ୍ରସାଧନ ପ୍ରୟୋଗ ଦ୍ୱାରା ମଧ୍ୟ ଆଲର୍ଜି ହୋଇପାରେ।

ଅନେକ ପ୍ରକାରର ଆଲର୍ଜିର ଚିକିତ୍ସା ଔଷଧରୁ ହୋଇପାରେ । ରକ୍ତ ପରୀକ୍ଷା କରିବା ଦ୍ୱାରା ଆଲର୍ଜି କେଉଁ ଧରଣର ଅଟେ, ଏହା ଜଣାପଡ଼ିଯାଏ ଏବଂ ସେହି ଅନୁରୂପ ଔଷଧ ଦିଆଯାଇ ଆଲର୍ଜିର ଚିକିତ୍ସା ସମ୍ଭବ ହୁଏ।

### ରକ୍ତ ପରୀକ୍ଷାରୁ ହିଁ ଆଲର୍ଜିର କାରଣ ଜଣାପଡ଼ିଯାଏ

ଆଲର୍ଜି ଏପରି ଏକ ରୋଗ, ଯାହାର କାରଣ ସାଧାରଣତଃ ବୁଝାପଡ଼େ ନାହିଁ କିନ୍ତୁ ଏପରି କେତେକ ଲକ୍ଷଣ ରହିଥାଏ ଯାହା ଏହା ସୂଚାଇଦିଏ କି ଆପଣ ଆଲର୍ଜିଗ୍ରସ୍ତ ଅଟନ୍ତି। କେବଳ ଗୋଟିଏ ରକ୍ତପରୀକ୍ଷା ଆପଣଙ୍କ ସମସ୍ୟାର ସମାଧାନ କରିପାରିବ।

### ଆସନ୍ତୁ ଜାଣିବା କିପରି ପାଇବେ ଆଲର୍ଜିରୁ ଉପଶମ

ଉଦାହରଣସ୍ୱରୂପ, କୌଣସି କର୍ମଜୀବୀ ବ୍ୟକ୍ତି ନିଜ ଘରେ ତ ସମ୍ପୂର୍ଣ୍ଣ ଠିକ୍ ରହିଥାନ୍ତି କିନ୍ତୁ ପ୍ରତିଦିନ ସେ ଯେବେ ନିଜ କାର୍ଯ୍ୟାଳୟରେ ପହଞ୍ଚନ୍ତି ତା'ପରେ ହଠାତ୍ ତାଙ୍କୁ ଛିଙ୍କ ଆରମ୍ଭ ହୋଇଯାଇଥାଏ, ଏପରି ସ୍ଥିତିରେ ସମ୍ପୃକ୍ତ ବ୍ୟକ୍ତି ତ ହଇରାଣ ହୁଅନ୍ତି ହିଁ, କିନ୍ତୁ ଏହି କାରଣରୁ ତାଙ୍କ ସହକର୍ମୀମାନେ ପ୍ରଭାବିତ ହୋଇଥାନ୍ତି । ଏପରି ସ୍ଥିତି ସେହି ବ୍ୟକ୍ତିଙ୍କଠାରେ ହୀନମନ୍ୟତା ସୃଷ୍ଟି କରିଥାଏ । ନିଜର ଏହି ରୋଗକୁ ନେଇ ସେ ଅସହାୟ ଅନୁଭବ କରନ୍ତି, ତା' ସହିତ ସହକର୍ମୀମାନଙ୍କୁ ତାଙ୍କୁ ତାଚ୍ଛଲ୍ୟ କରିବାର ବାହାନା ମଧ୍ୟ ମିଳିଯାଇଥାଏ । ଏପରି ବ୍ୟକ୍ତିଙ୍କୁ ଉକ୍ତ ସ୍ଥିତିରୁ ରକ୍ଷା ପାଇବା ପାଇଁ ଯଥାଶୀଘ୍ର ନିଜର ରକ୍ତ ଯାଞ୍ଚ କରାଇନେବା ଉଚିତ, ଯାହାଦ୍ୱାରା ତାଙ୍କ ଆଲର୍ଜିର କାରଣ ଜଣାପଡ଼ିଯିବ ଏବଂ ତାଙ୍କର ଚିକିତ୍ସା ସମ୍ଭବ ହୋଇପାରିବ।

ସେହିଭଳି ଏପରି କୌଣସି ବ୍ୟକ୍ତି ଯିଏ ନିଃଶ୍ୱାସପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରନ୍ତି ଏବଂ ଅଳ୍ପଟିକେ ଚଲାବୁଲା କଲେ ଅଣନିଃଶ୍ୱାସୀ ହୋଇପଡ଼ନ୍ତି ତେବେ ତାଙ୍କୁ ଅନ୍ୟାନ୍ୟ ପରୀକ୍ଷା ସହିତ ନିଜର ଆଲର୍ଜି ମଧ୍ୟ ଟେଷ୍ଟ କରାଇନେବା ଆବଶ୍ୟକ, ଯାହାକି ନିପୁଣ ଡାକ୍ତରଙ୍କ ଦ୍ୱାରା କେବଳ ଗୋଟିଏ ରକ୍ତପରୀକ୍ଷା ପରେ ହିଁ ସହଜରେ ଜଣାପଡ଼ିଯାଇଥାଏ । କାରଣ ଜଣାପଡ଼ିଗଲେ କେତେକ ଔଷଧ ସହାୟତାରେ ସ୍ୱାସ୍ଥ୍ୟରେ ସୁଧାର ଅଣାଯାଇପାରିବ।

**ବିଶ୍ୱପ୍ରସିଦ୍ଧ ଆଧୁନିକ ମେଶିନ୍ ଦ୍ୱାରା ପରୀକ୍ଷା କରାଯାଇଥାଏ**

EUROBlotOne



PHADIA 250




Jerath Path Labs & Allergy Testing Centre

CORPORATE OFFICE : JALANDHAR - 14, Link Road, Adj. State Bank of India, Jalandhar

CORPORATE OFFICE : CHENNAI - 29a ARK Colony (Anantha Ramakrishna Iyyer Colony) Eldams Road, Teynampet

ପରୀକ୍ଷା କରାଇବା ପାଇଁ ଯୋଗାଯୋଗ କରନ୍ତୁ- **98759-30831, 98759-30832, 98759-30833**

**DHENKANAL**
**8984453512**
PRANGYA PATHO LAB
Dakhinakali Road, Side Of Defence Medicine Store, Near Govt. Hospital

**ANGUL**
**9937675516, 9853761255**
SHRI RAM PATHO LAB
Amalapada Second Line Bus Stand, Angul


**ANGUL**
**7894756303, 8480535558**
Nilachal Path Lab, Raja Chhakar
Near Hanuman Mandir Bus Stand

Member of Advertising Standards Council of India (Responsible Advertising)

## ୧୪ ପର୍ଯ୍ୟନ୍ତ ବର୍ଷା

ଭୁବନେଶ୍ୱର,(ବ୍ୟୁରୋ): ଝାଡ଼ଖଣ୍ଡ ଓ ଏହାର ଆଖପାଖ ଅଞ୍ଚଳରେ ଏକ ସାଇକ୍ଲୋନିକ୍ ସର୍କୁଲେଶନ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ରାଜ୍ୟର ଅନେକ ସ୍ଥାନରେ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଏଥିସହ ବଜ୍ରପାତ ହେବାର ମଧ୍ୟ ଆଶଙ୍କା ରହିଛି। ୧୧ତାରିଖରେ କେନ୍ଦୁଝର, ଅନୁଗୋଳ, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଗଜପତି, ଗଞ୍ଜାମରେ ସ୍ୱଳ୍ପ ଧରଣର ବର୍ଷା ହେବାକୁ ଥିବାବେଳେ ୧୨ ତାରିଖରେ ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ସମ୍ବଲପୁର, ଦେବଗଡ଼, ଅନୁଗୋଳରେ ବର୍ଷା ହେବ। ସେହିପରି ୧୩ରୁ ୧୪ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱରର କିଛି ସ୍ଥାନରେ ବର୍ଷା ସହ ବଜ୍ରପାତ ହେବାର ଆଶଙ୍କା ରହିଛି।






# ଶ୍ରୀମନ୍ଦିର ଲାଗି ୨୦୨ କୋଟିର ବଜେଟ

- ରଥଯାତ୍ରାରେ ଖର୍ଚ୍ଚ ହେବ ୧୧ କୋଟି
- ମହାପ୍ରଭୁଙ୍କ ଦାନରାଶି ବଢ଼ାଇବାକୁ ଉଦ୍ୟମ
- ସୁଧଜନିତ ଆୟ କମୁଛି, ବିକଳ୍ପ ଖୋଜୁଛି ପ୍ରଶାସନ
- ୨୦୨୩ ସୁଦ୍ଧା ହଜାର କୋଟିର ପାଣ୍ଠି ଲକ୍ଷ୍ୟ

**ପୁରୀ ଅଫିସ,୧୦।୩**

ଶ୍ରୀମନ୍ଦିର ଓ ଚତୁଃପାର୍ଶ୍ୱ ଉନ୍ନତି ପାଇଁ ଚଳିତବର୍ଷ(୨୦୨୧-୨୨)ର ବଜେଟ ପ୍ରସ୍ତୁତ ହୋଇଯାଇଛି। ଏଥିପାଇଁ ଅର୍ଥ ସବକମିଟି ପକ୍ଷରୁ ଆକଳନ କରାଯାଇ ୨୦୧ କୋଟି ୭୦ ଲକ୍ଷ ଟଙ୍କାର ବଜେଟ ହୋଇଛି। ଏହି ଚିଠା ପ୍ରସ୍ତାବକୁ ଶ୍ରୀମନ୍ଦିର ପରିଚାଳନା କମିଟି ଅନୁମୋଦନ କରିବା ପରେ ବିଧିବଦ୍ଧ ଭାବେ ଚଳିତବର୍ଷର ବଜେଟ୍ ଉପରେ ମୋହର ବାଜିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷ୍ଣନ କୁମାର ବୁଧବାର ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଏ ନେଇ ଅନୁଷ୍ଠିତ ବୈଠକରେ ସୂଚନା ଦେଇଛନ୍ତି। ବୈଠକ ପରେ ସେ କହିଛନ୍ତି, ଜୁନରେ ହେବାକୁ ଯାଉଥିବା ରଥଯାତ୍ରା ପାଇଁ ୧୧ କୋଟି, ସେବାୟତମାନଙ୍କ ସ୍ୱାସ୍ଥ୍ୟ ସୁବିଧା ପାଇଁ ୫୦ଲକ୍ଷ, ସେବାୟତଙ୍କୁ ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ସହାୟତା ପାଇଁ ୫ କୋଟି ଓ ଗୁରୁକୁଳ ବିଦ୍ୟାଳୟ ପ୍ରତିଷ୍ଠା ନେଇ ସ୍ୱତନ୍ତ୍ର ବ୍ୟୟବରାଦ ହୋଇଛି। ଜେଲରୋଡ୍‌ସ୍ଥିତ ଭକ୍ତନିବାସ ଓ ହବିଷିଆଳିମାନଙ୍କ ରହଣି ପାଇଁ ଗୋଟିଏ ଧର୍ମଶାଳା ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା ବେଳେ ଆହୁରି ଏକ ଭକ୍ତନିବାସ ନିର୍ମାଣ ନେଇ ପ୍ରସ୍ତୁତି ଚାଲିଛି। ସେହିଭଳି ଖଣିଖାଦନରୁ ୧୦କୋଟି ଅର୍ଥ ସଂଗ୍ରହ ନେଇ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ବେଳେ ଭକ୍ତଙ୍କ ଦାନାର୍ଥକୁ କିଭଳି ବଢ଼ାଯିବ, ସେଥିପ୍ରତି ଅଧିକ ଗୁରୁତ୍ୱ ଦିଆଯାଇଥିବା କୁମାର କହିଛନ୍ତି। ବଜେଟରେ ଶ୍ରୀମନ୍ଦିର ପ୍ରଶାସନ ରାଜସ୍ୱ ଆୟ ବାବଦକୁ ୯୦ କୋଟି ୮୭ ଲକ୍ଷ ଓ ରାଜସ୍ୱ ବ୍ୟତୀତ ଅନ୍ୟ ଆୟ ବାବଦକୁ ୯୦ କୋଟି ୨୬ ଲକ୍ଷ ଟଙ୍କା ମିଳିବା ନେଇ ଉଲ୍ଲେଖ କରିଛି। ତେବେ ଶ୍ରୀମନ୍ଦିର ପ୍ରଶାସନିକ ଖର୍ଚ୍ଚ ରାଜସ୍ୱ ବାବଦକୁ ୮୮ କୋଟି ୯୪ ଲକ୍ଷ ଓ ଅନ୍ୟ ବ୍ୟୟ ୧୧୨ କୋଟି ୭୬ ଲକ୍ଷରେ ପହଞ୍ଚିଛି। ଅର୍ଥାତ୍ ମୋଟାମୋଟି ଭାବେ କହିବାକୁ ଗଲେ ପ୍ରଶାସନ ଚଳିତବର୍ଷ ୨୦ କୋଟି ୫୭ ଲକ୍ଷର ଅର୍ଥ ରାଶି ନିଅଣ୍ଟରେ ରହିଛି। କର୍ପସ ଫଣ୍ଡ ସୁଧ ବାବଦକୁ ଶ୍ରୀମନ୍ଦିର ପ୍ରଶାସନକୁ ଚଳିତବର୍ଷ ୧୮ କୋଟି ୭୦ ଲକ୍ଷ, ଶ୍ରୀମନ୍ଦିର ହୁଣ୍ଡି ସୁଧ ବାବଦକୁ ୧୪ କୋଟି ୨୦ ଲକ୍ଷ ଓ ସରକାରଙ୍କ ଗ୍ରାଣ୍ଟ ବାବଦକୁ ୧୬ କୋଟି ୩୭ ଲକ୍ଷ ଟଙ୍କା ଆୟ ହେବା ନେଇ ଅନୁମାନ କରାଯାଇଛି। ଅନ୍ୟପକ୍ଷରେ ଜମି ବିକ୍ରି ବାବଦକୁ ୬୦କୋଟି, ହୁଣ୍ଡି ଅର୍ଥ ଆଦାୟ ବାବଦକୁ ୧୩ କୋଟି ୫୦ ଲକ୍ଷ ଓ ହୁଣ୍ଡି ବ୍ୟତୀତ ଅନ୍ୟାନ୍ୟ ଅର୍ଥ ଆଦାୟ ମୂଲ୍ୟ ୩ କୋଟି ୪୦ ଲକ୍ଷ ଟଙ୍କା ହେବ ବୋଲି କୁହାଯାଇଛି। ବୈଠକରେ ଜିଲାପାଳ ସମର୍ଥ ବର୍ମା, ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ ଓ ଅର୍ଥ ସବକମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।

# ଲୋକାୟୁକ୍ତରେ ହାଜର ହେବେ ଯାଜପୁର ଜିଲାପାଳ

## କଳାପଥର ଖାଦାନରେ ପିଲର ପୋତାରେ ଅନିୟମିତତା ମାମଲା

**ଯାଜପୁର ଅଫିସ,୧୦।୩**

ଜନସେବାରେ ଦୁର୍ନୀତିର ମୂଳୋତ୍ପାଟନ ଏବଂ ଶାସନରେ ସ୍ୱଚ୍ଛତାକୁ ସୁନିଶ୍ଚିତ କରିବା ପାଇଁ ଓଡ଼ିଶା ଲୋକାୟୁକ୍ତ ଆଇନ ପ୍ରଣୟନ ହୋଇଛି। ହେଲେ ଲୋକାୟୁକ୍ତ କେସ୍ ନମ୍ବର ୧୨୪୯/୨୦୨୦ର ସମାଧାନ ପାଇଁ ଯାଜପୁର ଜିଲାପାଳଙ୍କୁ ଜବାବ ଦାଖଲ କରିବାକୁ ନୋଟିସ ହୋଇଥିଲେ ହେଁ ତାହାର ଅନୁପାଳନ ହୋଇନାହିଁ। ତେଣୁ ତାଙ୍କୁ ବ୍ୟକ୍ତିଗତ ଭାବେ ଉପସ୍ଥିତ ରହି ଉତ୍ତର ଦାଖଲ କରିବାକୁ ଲୋକାୟୁକ୍ତ ସଭ୍ୟ(ଜୁଡିସିଆଲ) ୮।୩।୨୦୨୧ ଶୁଣାଣିରେ ନିର୍ଦ୍ଦେଶ ଜାରି କରିଛନ୍ତି। ୧୮।୨।୨୦୨୧ ଶୁଣାଣିର ନିର୍ଦ୍ଦେଶ ଅନୁସାରେ ଉତ୍ତର ଦାଖଲ ନ କରିବାର କାରଣ ପୃଥକ୍ ଭାବେ ଦର୍ଶାଇବାକୁ ମଧ୍ୟ କୁହାଯାଇଛି। କଳାପଥର ଚୋରା କାରବାରକୁ ରୋକିବା ପାଇଁ ଖାଦାନ ଚିହ୍ନଟ କରି ପିଲର ପୋତିବା ଓ ପରିବହନ ଖର୍ଚ୍ଚ ବାବଦକୁ ଧର୍ମଶାଳା ତହସିଲ ପକ୍ଷରୁ ୧,୮୦,୧୮୦ ଟଙ୍କା ଖର୍ଚ୍ଚ ହୋଇଥିଲା। ଏଥିରେ ଅନିୟମିତତା ହୋଇଥିବା ନେଇ ସାମାଜିକ କର୍ମୀ ସର୍ବେଶ୍ୱର ବେହୁରା ଲୋକାୟୁକ୍ତଙ୍କ ନିକଟରେ ୨।୧୧।୨୦୨୦ରେ ଏକ ମାମଲା ରୁଜୁ କରିଥିଲେ। ଏହିକ୍ରମରେ ଯାଜପୁର ଜିଲାପାଳ, ଉପଜିଲାପାଳ ଓ ଧର୍ମଶାଳା ତହସିଲଦାରଙ୍କୁ ଜବାବ ଦାଖଲ କରିବାକୁ ଲୋକାୟୁକ୍ତ ନିର୍ଦ୍ଦେଶ ଦେଇଥିଲେ।

ଧର୍ମଶାଳା ତହସିଲଦାର ୧୦।୨।୨୦୨୧ରେ ଦାଖଲ କରିଥିବା ଉତ୍ତରରୁ ଜଣାପଡ଼ିଛି ଯେ, ୨୦୧୮ରେ ଲଘୁ ଖଣିଜ ଦ୍ରବ୍ୟ ସୈରାତ ଉତ୍ସଗୁଡିକର ଚିହ୍ନଟ କରାଯାଇ ପିଲର ପୋତା ଯାଇଥିଲା। ଜାରକା ଶାନ୍ତିବଜାରର କାଇମା ରୋଡସ୍ଥିତ ଗାୟତ୍ରୀ ମାର୍ବଲ ମାଲିକ ସୁକାନ୍ତ ମହାନ୍ତିଙ୍କୁ ପିଲର ଓ ପରିବହନ ଶୁଳ୍କ ସହିତ ୧ ଲକ୍ଷ ୮୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଉତ୍ତରରେ ଆହୁରି ଦର୍ଶାଯାଇଛି ଯେ, ଦାଖଲ ହୋଇଥିବା ଅନୁସନ୍ଧାନରେ ଧର୍ମଶାଳା ତହସିଲ ଅଧୀନ ଅଧିକାଂଶ ସୈରାତ ଉତ୍ସରେ ପିଲର ପୋଷ୍ଟିଂ ନଷ୍ଟ ହୋଇଯାଇଛି। ଏ ସମ୍ପର୍କରେ ମାର୍ବଲ ମାଲିକ ମହାନ୍ତିଙ୍କୁ ତାଙ୍କ ଉତ୍ତର ରଖିବାକୁ ପରବର୍ତ୍ତୀ ଶୁଣାଣିରେ ରେଜିଷ୍ଟର୍ଡ ପୋଷ୍ଟ ସହ ଏଡି କରିବାକୁ ଲୋକାୟୁକ୍ତ ନିର୍ଦ୍ଦେଶ ଜାରି କରିଛନ୍ତି। ଅନ୍ୟପକ୍ଷରେ ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କୁ ପଚାରିବାରେ ସେ କହିଛନ୍ତି, ଏଯାଏ ଲୋକାୟୁକ୍ତଙ୍କ କୌଣସି ନୋଟିସ ପାଇନାହାନ୍ତି। ନୋଟିସ ମିଳିବା ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

# ବନ ବିଭାଗ କ୍ଷେତ୍ର କର୍ମଚାରୀଙ୍କ ଛୁଟି ବାତିଲ

**ଭୁବନେଶ୍ୱର, ୧୦।୩(ବ୍ୟୁରୋ)**


ବନାଗ୍ନି ନିର୍ବାପନ ପାଇଁ ରାଜ୍ୟ ସରକାର ଏବେ ଅଣ୍ଟା ଭିଡ଼ିଛନ୍ତି। ରାଜ୍ୟ ସ୍ତରରେ ପ୍ରତିଦିନ ଏହି ପରିସ୍ଥିତି ଉପରେ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରି ପଦକ୍ଷେପ ନିଆଯାଉଛି। ଏହି ପରିପ୍ରେକ୍ଷୀରେ ବୁଧବାର ରାଜ୍ୟ ସରକାର ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ବନ ବିଭାଗର ସମସ୍ତ କ୍ଷେତ୍ର ଅଧିକାରୀ ଓ କ୍ଷେତ୍ର କର୍ମଚାରୀଙ୍କ ଛୁଟି ବାତିଲ୍ କରାଯାଇଛି। ବନାଗ୍ନି ବ୍ୟାପିବାକୁ ନ ଦେବା ଓ ବନାଗ୍ନି ସୁପରିଚାଳନା ନିମନ୍ତେ କ୍ଷେତ୍ର ଅଧିକାରୀ ଓ କର୍ମଚାରୀମାନେ ଅହୋରାତ୍ର ଉପସ୍ଥିତ ରହି ବିହୀତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟର ସମସ୍ତ ବନଖଣ୍ଡରେ କାର୍ଯ୍ୟରତ କ୍ଷେତ୍ର ଅଧିକାରୀ ଓ କ୍ଷେତ୍ର କର୍ମଚାରୀଙ୍କ ଛୁଟି ବାତିଲ କରାଯିବା ସହ ଛୁଟି ମଞ୍ଜୁର କରାଯିବ ନାହିଁ ବୋଲି ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୋନା ଶର୍ମା ପ୍ରକାଶ କରିଛନ୍ତି। ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ଭାରପ୍ରାପ୍ତ) ଓ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ)ଙ୍କୁ ଏ ସଂକ୍ରାନ୍ତରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଶର୍ମା ଏକ ପତ୍ର ଲେଖି ନିର୍ଦ୍ଦେଶ ଦେଇଛନ୍ତି।

# ଅଲିଭ ରିଡ୍‌ଲେଙ୍କ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ

**ରାଜନଗର,୧୦।୩(ଡି.ଏନ.ଏ.)**

ବିରଳ ଅଲିଭରିଡ୍‌ଲେ କଇଁଛଙ୍କ ଅନ୍ତୁଡିଶାଳ କୁହାଯାଉଥିବା ଗହୀରମଥାର ନାସୀ-୧ ଓ ନାସୀ-୨ରେ ମଙ୍ଗଳବାର ସନ୍ଧ୍ୟାରୁ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହୋଇଛି। ବିଳମ୍ବିତ ରାତି ସୁଦ୍ଧା ପ୍ରାୟ ୧୧ଶହ ଅଲିଭରିଡ୍‌ଲେ କଇଁଛ ଅଣ୍ଡାଦାନ କରିଛନ୍ତି। ମାଆ କଇଁଛମାନେ ବେଳାଭୂମିକୁ ଉଠିବା ପରେ ବାଲିରେ ୧ଫୁଟରୁ ଦେଢ଼ଫୁଟ ଗାତକରି ଅଣ୍ଡାଦାନ କରୁଥିବା ଦେଖିବାକୁ ମିଳିଛି। ଇତିମଧ୍ୟରେ ସମୁଦ୍ର କୂଳଠାରୁ ୨ କିମି ମଧ୍ୟରେ ଲକ୍ଷାଧିକ କଇଁଛ ଭିଡ଼ ଜମାଇଛନ୍ତି। ଖୁବ୍‌ଶୀଘ୍ର ଗଣ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହେବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ୧୯୭୫ ମସିହାରୁ ଗହୀରମଥା ଉପକୂଳର ୧୦କିମି ବାଲୁକା ଶଯ୍ୟାରେ ଏହି ବିରଳ ସାମୁଦ୍ରିକ କଇଁଛମାନଙ୍କ ଗଣ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ୧୯୯୭ ସେପ୍ଟେମ୍ବର ୨୭ରେ ରାଜ୍ୟ ସରକାର ଗହୀରମଥାକୁ ସାମୁଦ୍ରିକ ଅଭୟାରଣ୍ୟ ଘୋଷଣା କରିଥିଲେ। ଏହାପରେ ଗହୀରମଥା ସମୁଦ୍ର ଉପକୂଳଠାରୁ ୨୦ କିମି ଯାଏ ଟ୍ରଲରରେ ମାଛ ମାରିବା ନିଷେଧ କରାଯାଇଛି।



## ଶିମିଳିପାଳରେ ନିଆଁ ନିୟନ୍ତ୍ରଣରେ ନାହିଁ: କଂଗ୍ରେସ

**ଭୁବନେଶ୍ୱର, ୧୦।୩(ବ୍ୟୁରୋ):** ପ୍ରଦେଶ କଂଗ୍ରେସ କମିଟି(ପିସିସି) ଦ୍ୱାରା ଗଠିତ ତଥ୍ୟ ଅନୁସନ୍ଧାନକାରୀ ଦଳ ଶିମିଳିପାଳ ଜଙ୍ଗଲର ନିଆଁକୁ ଅନୁଧ୍ୟାନକରି ଆସିବା ପରେ ପିସିସି ସଭାପତିଙ୍କୁ ରିପୋର୍ଟ ପ୍ରଦାନ କରିଛି। ଏନେଇ ବୁଧବାର କଂଗ୍ରେସ ଭବନଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଦଳର ନେତା ସୁଦର୍ଶନ ଦାସ ବନ ବିଭାଗ ବିରୋଧରେ ଅଭିଯୋଗ ଆଣିଛନ୍ତି। ସୁଦର୍ଶନ କହିଛନ୍ତି, ନିଆଁ ନିୟନ୍ତ୍ରଣାଧୀନ ଅଛି ବୋଲି ବନ ବିଭାଗ ଯେଉଁ ଦାବି ବାରମ୍ବାର କରି ଆସୁଛି ତାହା ସତ୍ୟ ଉପରେ ଆଧାରିତ ନୁହେଁ। ନାସାର ସାଟେଲାଇଟ୍ ରିପୋର୍ଟ ଯେତେବେଳେ ସମସ୍ତଙ୍କୁ ଚକିତ କଲାଭଳି ଶିମିଳିପାଳ ଜଙ୍ଗଲ ନିଆଁର ଦୃଶ୍ୟ ଦେଖାଉଥିଲା ସେତେବେଳେ ଜଙ୍ଗଲ ବିଭାଗର ପ୍ରମୁଖ ଶାସନ ସଚିବ, ପିସିସିଏଫ୍ ଓ ଜଙ୍ଗଲ ଓ ପରିବେଶ ବିଭାଗ ଭିତରେ ସମନ୍ୱୟର ଅଭାବକୁ ପଦାରେ ପକାଇଛି। ଶିମିଳିପାଳ ଜଙ୍ଗଲ ନିଆଁକୁ ପ୍ରଶମିତ କରିବା କ୍ଷେତ୍ରରେ ସରକାରଙ୍କ ପଦକ୍ଷେପ ଯଥେଷ୍ଟ ନୁହେଁ ବୋଲି ସୁଦର୍ଶନ କହିଛନ୍ତି।

## ନେଭା ସେଲ୍ ଉଦ୍‌ଘାଟନ କଲେ ବାଚସ୍ପତି

**ଭୁବନେଶ୍ୱର,୧୦।୩(ବ୍ୟୁରୋ):** ଓଡ଼ିଶା ବିଧାନସଭାକୁ ଇ-ବିଧାନସଭାରେ ପରିଣତ କରିବା ପାଇଁ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ବିଧାନସଭାର ଚଳିତ ଷଷ୍ଠ ଅଧିବେଶନରେ ରାଜ୍ୟପାଳଙ୍କ ଅଭିଭାଷଣ ସହ ଅର୍ଥମନ୍ତ୍ରୀଙ୍କ ବଜେଟ ଭାଷଣ ମଧ୍ୟ ଇ-ମୋଡ୍‌ରେ କାର୍ଯ୍ୟକାରୀ ହୋଇଥିଲା। ତେବେ ବିଧାନସଭାର ନିୟମିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମକୁ ମଧ ଇ-ମୋଡ୍‌ରେ କାର୍ଯ୍ୟକାରୀ କରିବା ପାଇଁ ବ୍ୟବସ୍ଥା ଆରମ୍ଭ ହୋଇଛି। ଏଥିପାଇଁ ବୁଧବାର ନେଭା ସେଲ୍‌କୁ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଉଦ୍‌ଘାଟନ କରିଛନ୍ତି। ଏଥିରେ ୧୦ ଜଣ ବୈଷୟିକ ତାଲିମ ପ୍ରାପ୍ତ କର୍ମଚାରୀ ନିୟୋଜିତ ଅଛନ୍ତି। ସେମାନେ ଇ-ବିଧାନସଭା ଅନ୍ତର୍ଗତ ବିଭିନ୍ନ ଆପ୍‌ର ବିକାଶ କରିବେ ଏବଂ ଜନସାଧାରଣ ବିଧାନସଭାରେ ହେଉଥିବା ବିଭିନ୍ନ ଆଲୋଚନାର ବିବରଣୀ ପାଇପାରିବେ। ବାଚସ୍ପତି ପାତ୍ର ଏହାଦ୍ୱାରା ବିଧାନସଭା ଜନସାଧାରଣଙ୍କ ମଧ୍ୟରେ ସମ୍ପର୍କର ସେତୁ ଯୋଡ଼ିହୋଇପାରିବ ବୋଲି ଆଶା ପ୍ରକାଶ କରିବା ସହ ନିଷ୍ଠାପର ଭାବେ କାର୍ଯ୍ୟ କରିବାକୁ ଏନ୍‌ଆଇସି କର୍ମକର୍ତ୍ତାମାନଙ୍କୁ ଆହ୍ୱାନ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ବିଧାନସଭା ସଚିବ ଦାଶରଥି ଶତପଥୀ, ଏନ୍‌ଆଇସି ପ୍ରାନ୍ତୀୟ ମୁଖ୍ୟ ଏବଂ ବିଧାନସଭା କର୍ମଚାରୀମାନେ ଯୋଗ ଦେଇଛନ୍ତି।

# ନିଆଁ ଲିଭାରେ ସାମିଲ ହେଲେ ଜିଲାବାସୀ

**ବାରିପଦା ଅଫିସ,୧୦।୩**

ଶିମିଳିପାଳ ଅଭୟାରଣ୍ୟରେ ଲାଗିଥିବା ନିଆଁକୁ ନେଇ ଚିନ୍ତା ବଢ଼ିଥିବା ବେଳେ ବନାଗ୍ନିକୁ ରୋକିବା ପାଇଁ ଜିଲାବାସୀ ଅଣ୍ଟା ଭିଡ଼ିଛନ୍ତି। ବନବିଭାଗ, ଓଡ୍ରାଫ ଟିମ୍, ଦମକଳବାହିନୀ, ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ, ଇକୋ କ୍ଲବ ସଦସ୍ୟ, ଜଙ୍ଗଲ ସୁରକ୍ଷା ସମିତି ଓ ଅଞ୍ଚଳବାସୀଙ୍କ ସମେତ ବିଜେଡି କର୍ମକର୍ତ୍ତା ମିଳିତ ଭାବେ ନିଆଁ ଲିଭା କାର୍ଯ୍ୟରେ ସାମିଲ ହୋଇଛନ୍ତି।

୧୫ଦିନ ହେଲା ନିଆଁ ଜଳୁଥିବା ବେଳେ ଶିମିଳିପାଳ ଜୈବ ମଣ୍ଡଳ ଓ ବନଖଣ୍ଡର ହଜାର ହଜାର ହେକ୍ଟର ଜଙ୍ଗଲ ପୋଡ଼ିପାଉଁଶ ହୋଇଯାଇଛି। ଭଞ୍ଜବସା, ପୋଡ଼ାଡ଼ିହା, ଢୁକୁରା, ପିଠାବଟା, ବଡ଼ଗାଁ, ବାଙ୍ଗିରିପୋଷି, ଚହଲା, ବରେହିପାଣି, ଉଷକି, ନଆଁଣା ସାଉଥ୍ ଆଦି ରେଞ୍ଜରେ ନିଆଁ ଜଳୁଥିବା ବେଳେ ଶିମିଳିପାଳ ସାଉଥ୍‌ରେ ଥିବା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ବୋକୁଆ, ଖେଜୁରୀ, କବାଟଘାଇ, ବୁରାନଡ଼ିହା ଆଦି କୋର୍ ଅଞ୍ଚଳରେ ନିଆଁ ଲାଗିଥିବା ଜଣାପଡ଼ିଛି। ପୂର୍ବାପେକ୍ଷା ନିଆଁକୁ ଆୟତ୍ତ କରାଯାଇଥିବା ବେଳେ ପରିସ୍ଥିତି ସୁଧାରିବାରେ ଲାଗିଛି। ଧିରେ ଧିରେ ନିଆଁ ଆୟତ୍ତ ହେଉଥିବା ବେଳେ କିଛି ଖଳ ପ୍ରକୃତିର ଲୋକ ମନ୍ଦ ଉଦ୍ଦେଶ୍ୟ ରଖି ପୁନର୍ବାର ନିଆଁ ଲଗାଉଥିବା ସୂଚନା ମିଳିଛି। ଏପରି କାର୍ଯ୍ୟ କରୁଥିବା ଲୋକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି। ସ୍ଥାନୀୟ ଲୋକଙ୍କ ବିନା ସହଯୋଗରେ ଜଙ୍ଗଲ ସୁରକ୍ଷା ସମ୍ଭବ ନୁହେଁ। ଲୋକଙ୍କ ସହିତ ବନବିଭାଗ ସମନ୍ୱୟ ରଖି କାମ କଲେ ଶିମିଳିପାଳକୁ ନିଶ୍ଚିତ ରୂପେ ସୁରକ୍ଷା ଦିଆଯାଇପାରିବ ବୋଲି ପରିବେଶବିତ୍ ସଂଯୁକ୍ତା ବଶା କହିଛନ୍ତି। ପ୍ରଶାସନ ପକ୍ଷରୁ ଜଙ୍ଗଲ ପାଦଦେଶରେ ଥିବା ଜଙ୍ଗଲ କମିଟି, ବନ ସୁରକ୍ଷା ସମିତି, ଏସ୍‌ଏଚ୍‌ଜି ଗ୍ରୁପର ମହିଳାମାନଙ୍କୁ ସଚେତନ କରାଯାଉଛି। ତେବେ ଶିମିଳିପାଳ ଶୀତଳୀକରଣ ପାଇଁ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ ବୋଲି ପରିବେଶବିତ ଭାନୁମିତ୍ର ଅଚାର୍ଯ୍ୟ ଦାବି କରିଛନ୍ତି।

# ଅଧିକ ୪ ଓଡ୍ରାଫ ଟିମ୍ ମୁତୟନ କରାଯାଉ

## ଶିମିଳିପାଳରେ ନିଆଁ ଲିଭାଇବା ପ୍ରସଙ୍ଗ

## ଏସ୍‌ଆର୍‌ସିଙ୍କୁ ଚିଠି ଲେଖିଲେ ଅତିରିକ୍ତ ମୁଖ୍ୟ ଶାସନ ସଚିବ

**ଭୁବନେଶ୍ୱର, ୧୦।୩(ବ୍ୟୁରୋ)**

ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳରେ ନିଆଁ ଲିଭାଇବା ପାଇଁ ଅଧିକ ୪ଟି ଓଡ୍ରାଫ ଟିମ୍ ମୁତୟନ କରିବା ପାଇଁ ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୋନା ଶର୍ମା ବୁଧବାର ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍‌ଆର୍‌ସି)ଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି। ଏଥିସହ ରାୟଗଡ଼ା, ନୂଆପଡ଼ା, ଦେଓଗଡ଼ ଓ ଭଞ୍ଜନଗର ବନ ଉପଖଣ୍ଡରେ ନିଆଁ ଲିଭାଇବା ପାଇଁ ଓଡ୍ରାଫ ଟିମ୍ ମୁତୟନ କରିବା ପାଇଁ ମଧ୍ୟ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କୁ ଅନୁରୋଧ ଜଣାଇଛନ୍ତି।

ଦୀର୍ଘ ସମୟ ଧରି ଶୁଷ୍କ ପାଗ ଯୋଗୁ ରାଜ୍ୟରେ ବନାଗ୍ନି ଘଟଣା ବୃଦ୍ଧି ପାଇଛି। ବିଭାଗୀୟ ସ୍ୱତନ୍ତ୍ର ସ୍କ୍ୱାଡ୍, ବନ ସୁରକ୍ଷା ସମିତି, ପରିବେଶ ବିକାଶ କମିଟି ସହାୟତାରେ ଜଙ୍ଗଲ ବିଭାଗର କ୍ଷେତ୍ର ଅଧିକାରୀ ଓ କର୍ମଚାରୀମାନେ ନିଆଁ ଲିଭାଇବା ପାଇଁ ପଦକ୍ଷେପ ନେଉଛନ୍ତି। କିନ୍ତୁ ନିଆଁର ବ୍ୟାପକତା, ବାୟୁମଣ୍ଡଳ ଉତ୍ତାପରେ ବୃଦ୍ଧି ଓ ଶୁଷ୍କ ପାଗ ଯୋଗୁ ଏହି ନିଆଁ ଲିଭା କାର୍ଯ୍ୟରେ ଅଧିକ ଲୋକଙ୍କ ସମ୍ପୃକ୍ତି ଜରୁରୀ ହୋଇପଡ଼ିଛି। ଶିମିଳିପାଳ ଜାତୀୟ ଉଦ୍ୟାନରେ ମୁତୟନ ଓଡ୍ରାଫ ଟିମ୍ ନିଆଁକୁ ଆୟତ୍ତ କରିବାରେ ସମର୍ଥ ହୋଇପାରିଛନ୍ତି। ତେଣୁ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳ ସହିତ ରାୟଗଡ଼ା, ନୂଆପଡ଼ା, ଦେଓଗଡ଼ ଓ ଭଞ୍ଜନଗର ଉପଖଣ୍ଡରେ ଅଧିକ ଓଡ୍ରାଫ୍ ଦଳ ମୁତୟନ ଜରୁରୀ ବୋଲି ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶର୍ମା ପ୍ରକାଶ କରିଛନ୍ତି। ସମ୍ପୃକ୍ତ ଜିଲାର ଜିଲାପାଳଙ୍କ ନିର୍ଦ୍ଦେଶରେ ଓ ବନଖଣ୍ଡ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅଧିକ ଓଡ୍ରାଫ ଦଳ ମୁତୟନ ହେଲେ ଅଗ୍ନି ନିର୍ବାପନ କାର୍ଯ୍ୟକୁ ତ୍ୱରାନ୍ୱିତ କରିପାରିବେ ବୋଲି ଶର୍ମା ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କୁ ଜଣାଇଛନ୍ତି।

ସୂଚନାଯୋଗ୍ୟ, ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ ୨୭୫୦ ବର୍ଗକିମି ଅଞ୍ଚଳ ପରିବ୍ୟାପ୍ତ। ଏଥିରୁ ୨୩୦୬.୬ ବର୍ଗକିମି ଶିମିଳିପାଳ ଅଭୟାରଣ୍ୟର ଅନ୍ତର୍ଭୁକ୍ତ। ନିଆଁ ଲିଭା କାର୍ଯ୍ୟରେ ୭୫୦ ନିୟମିତ ଓ ସୁରକ୍ଷା ସହାୟକ ଦଳ ସହ ଅଧିକ ୮୦୦ ୱାଚରଙ୍କୁ ବନାଗ୍ନି ନିର୍ବାପନ କାର୍ଯ୍ୟରେ ନିୟୋଜିତ କରାଯାଇଛି। ୨୫ଜଣିଆ ବିଶିଷ୍ଟ ୨ଟି ଓଡ୍ରାଫ୍ ଟିମ୍ ସହ ୨୦ ଜଣ ଅଗ୍ନିଶମ କର୍ମଚାରୀ ଏହି କାର୍ଯ୍ୟରେ ନିୟୋଜିତ ଅଛନ୍ତି। ପାଖାପାଖି ୪୦୦ ସଂଖ୍ୟକ ବ୍ଲୋୟର ଶିମିଳିପାଳ ବ୍ୟାଘ୍ରପ୍ରକଳ୍ପ ଇଲାକାରେ ନିଆଁଲିଭା କାର୍ଯ୍ୟରେ ଲଗାଯାଇଛି। ବ୍ୟାପକ ସଚେତନତା ଲାଗି ଭିଏସ୍‌ଏସ୍, ଇଡିସି, ପିଆର୍‌ଆଇ, ମିଶନ ଶକ୍ତି, ସ୍ଥାନୀୟ ଆଦିବାସୀ ମୁଖିଆ ଏବଂ ସାମାଜିକକର୍ମୀଙ୍କୁ ନେଇ ୬୦୦ଟି ବୈଠକ ଆୟୋଜନ ବ୍ୟବସ୍ଥା ହେଉଛି। ସ୍ଥାନୀୟ ଉପଜିଲାପାଳ, ବିଡିଓ, ତହସିଲଦାର, ଆରକ୍ଷୀ କର୍ମଚାରୀ, ବନାଗ୍ନି ପ୍ରାବଲ୍ୟ ଇଲାକାରେ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏହି ସାମୂହିକ ପ୍ରଚେଷ୍ଟା ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପର ସଂଲଗ୍ନ ଇଲାକାରେ ବନାଗ୍ନି ନିର୍ବାପନରେ ସାହାଯ୍ୟ କରୁଛି ବୋଲି ପିସିସିଏଫ୍ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।




# ଧରିତ୍ରୀ
DHARITRI

ଢେଙ୍କାନାଳ, ଗୁରୁବାର, ମାର୍ଚ୍ଚ ୧୧/୨୦୨୧ | Dhenkanal, Thursday, March 11/2021 | ପୃଷ୍ଠା-୧




**ଟ୍ରାନ୍ସପରେଣ୍ଟ ଡ୍ରେସ୍‌ରେ ପ୍ରିୟଙ୍କା**

ପତ୍ରିକା ପାଇଁ ଫଟୋଶୁଟ୍ କରି ଚର୍ଚ୍ଚାରେ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା। ଯେଉଁଥିରେ ସେ ଟ୍ରାନ୍ସପରେଣ୍ଟ ପୋଷାକରେ ନଜର ଆସିଛନ୍ତି।

୧୨

୦୭

**ଫିଟ୍‌ନେସ୍ ଟେଷ୍ଟରେ ବରୁଣ ବିଫଳ**

ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ ପୂର୍ବରୁ ଫିଟ୍‌ନେସ୍ ଟେଷ୍ଟରେ ବିଫଳ ହୋଇଛନ୍ତି ଭାରତୀୟ ଲେଗ୍ ସ୍ପିନର ବରୁଣ ଚକ୍ରବର୍ତ୍ତୀ।



# ନୂଆପଡ଼ା ଆଙ୍କିଛି ବିକାଶର ଚିତ୍ର

## ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ଲୋକାର୍ପିତ

- ୨୩୩୭.୧୫ କୋଟି ଟଙ୍କାର ପ୍ରକଳ୍ପ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ
- ୨୦୨୨ ସୁଦ୍ଧା ଜିଲାର ସବୁ ପରିବାରକୁ ବିଶୁଦ୍ଧ ପାଇପ ପାଣି





ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରୁଛନ୍ତି। ନିକଟରେ ଅଛନ୍ତି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ୫-ଟି ସଚିବ ଭି.କେ. ପାଣ୍ଡିଆନ ।

**ଭୁବନେଶ୍ୱର(ବ୍ୟୁରୋ)/ନୂଆପଡ଼ା ଅଫିସ୍/ଖଡ଼ିଆଳ,୧୦।୩ (ଡି.ଏନ.ଏ.)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ନୂଆପଡା ଗସ୍ତରେ ଆସି ବହୁ ପ୍ରତୀକ୍ଷିତ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପକୁ ଲୋକାର୍ପିତ କରିଛନ୍ତି। ଏହାକୁ ରାଜ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଭାବେ ମୁଖ୍ୟମନ୍ତ୍ରୀ ବର୍ଣ୍ଣନା କରିବା ସହ ୨୩୩୭ କୋଟି ୧୫ ଲକ୍ଷ ଟଙ୍କାର ବିଭିନ୍ନ ପ୍ରକଳ୍ପକୁ ଉଦ୍‌ଘାଟନ କରିଛନ୍ତି। ସେଥିମଧ୍ୟରେ ବିଭିନ୍ନ ପିଇବା ପାଣି ପ୍ରକଳ୍ପ ରହିଛି।

ଖଡିଆଳସ୍ଥିତ ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟଠାରେ ଏକ ବିରାଟ ଜନସଭାକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଚିର ମରୁଡ଼ି ପ୍ରପୀଡ଼ିତ ନୂଆପଡ଼ାରେ ବର୍ତ୍ତମାନ ନୂଆ ସବୁଜିମା ସୃଷ୍ଟି ହୋଇଛି। ନୂଆପଡ଼ା ଆଜି ବିକାଶର ନୂଆ ଇତିହାସ ଲେଖିଛି। ଜିଲାରେ ଗତ ଦଶବର୍ଷ ମଧ୍ୟରେ ଜଳସେଚନ ସୁବିଧା ୫୪% ବଢ଼ିଛି। ଦେଢ଼ଲକ୍ଷ ଏକର ଜମିକୁ ପାଣି ସୁବିଧା ମିଳିଛି। ନୂଆପଡ଼ାର ଚାଷୀ ବର୍ତ୍ତମାନ ଧାନ ଉତ୍ପାଦନ ସହ ମକା ଓ କପା ଚାଷ କରିପାରୁଛି। ଲୋୟର ଇନ୍ଦ୍ର ଜଳସଚେନ ପ୍ରକଳ୍ପ ଚାଷୀମାନଙ୍କ ଭିତରେ ଆତ୍ମପ୍ରତ୍ୟୟ ସୃଷ୍ଟି କରିବ। ଏହି ପ୍ରକଳ୍ପ ଦ୍ୱାରା ନୂଆପଡ଼ାର କୋମନା, ଖଡ଼ିଆଳ ଓ ବଲାଙ୍ଗୀରର ବଙ୍ଗୋମୁଣ୍ଡା, ମୁରିବାହାଲ ଏବଂ ଟିଟିଲାଗଡ଼ ବ୍ଲକର ୨୦୦ ଗାଁର ୧,୮୦,୦୦୦ ଲୋକ ☞ପୃଷ୍ଠା-୨

### ସାନପିଲା ଆଜି ସଶକ୍ତ

ନୂଆପଡ଼ା ଜିଲାର ବିକାଶ କଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖଡ଼ିଆଳ ଜନସଭାରେ ବର୍ଣ୍ଣନା କରିଛନ୍ତି। ନୂଆପଡ଼ାକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ସ୍ୱତନ୍ତ୍ର ଜିଲା ଘୋଷଣା କରିଥିଲେ। ଏତେ ଛୋଟ ଅଞ୍ଚଳକୁ କାହିଁକି ଜିଲା ଘୋଷଣା କଲେ ବୋଲି ତାଙ୍କୁ ସେତେବେଳେ ପ୍ରଶ୍ନ କରାଯାଇଥିଲା। ଏହାର ଉତ୍ତରରେ ବିଜୁବାବୁ କହିଥିଲେ, ନୂଆପଡ଼ା ଓଡ଼ିଶା ମା'ର ସବୁଠାରୁ ସାନପିଲା। ସେ ପୁଣି ଦୂରରେ ରହିଛି। ସବୁ ବାପା, ମା' ଯେପରି ଦୂରରେ ଥିବା ପିଲାଙ୍କୁ ବେଶି ଭଲ ପାଆନ୍ତି, ସେ ମଧ୍ୟ ସେପରି ନୂଆପଡ଼ାକୁ ସ୍ୱତନ୍ତ୍ର ଧ୍ୟାନ ଦେଉଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ଆଜି ନୂଆପଡ଼ା ଓଡ଼ିଶାର ବିକାଶ ଧାରାରେ ରୂପାନ୍ତରିତ। ବର୍ତ୍ତମାନ ସମସ୍ତେ ଅନୁଭବ କରିପାରୁଛନ୍ତି, ସେଦିନର ସାନପିଲା ଏବେ ବଡ଼ ଏବଂ ସଶକ୍ତ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ମମତାଙ୍କୁ ଆକ୍ରମଣ



ଆକ୍ରମଣର ଶିକାର ହେବା ପରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ।

**କୋଲକାତା,୧୦।୩(ପି.ଟି.)**

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବୁଧବାର ନନ୍ଦିଗ୍ରାମରୁ ପ୍ରାର୍ଥୀ ହେବା ପରେ ତାଙ୍କୁ ଆକ୍ରମଣ କରାଯାଇଛି। ଏଥିରେ ସେ ଆହତ ହୋଇଥିବା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ତେବେ ଏହାକୁ ମମତାଙ୍କ ଡ୍ରାମା ବୋଲି ଭାଜପା ଅଭିହିତ କରିଛି।

ପଶ୍ଚିମବଙ୍ଗରେ ମାର୍ଚ୍ଚ ୨୭ରୁ ନିର୍ବାଚନ ଆରମ୍ଭ ହେବ। ତୃଣମୂଳ କଂଗ୍ରେସ (ଟିଏମ୍‌ସି)

**ନନ୍ଦିଗ୍ରାମରେ ନାମାଙ୍କନ କଲେ ଦିଦି**

ସୁପ୍ରିମୋ ମମତା ବାନାର୍ଜୀ ଏଥିପାଇଁ ବୁଧବାର ପୂର୍ବ ମେଦିନୀପୁର ଜିଲା ଅଧୀନ ନନ୍ଦିଗ୍ରାମ ଆସନରୁ ନାମାଙ୍କନପତ୍ର ଦାଖଲ କରିବା ପାଇଁ ହଳଦିଆ ଯାଇଥିଲେ। ୨ କି.ମି. ରୋଡ୍ ଶୋ' କରିବା ପରେ ହଳଦିଆ ☞ପୃଷ୍ଠା-୨

# ଏପ୍ରିଲରୁ ରବିବାର ହେବନି କ୍ଲାସ୍

**ଭୁବନେଶ୍ୱର, ୧୦।୩(ବ୍ୟୁରୋ)**

ଛାତ୍ରୀଛାତ୍ରଙ୍କ ପାଇଁ ଖୁସି ଖବର। ଆସନ୍ତା ଏପ୍ରିଲ ପହିଲାରୁ ଆଉ ରବିବାର କ୍ଲାସ୍ ହେବ ନାହିଁ। ସ୍କୁଲରେ କେବଳ ରିଭିଜନ କ୍ଲାସ୍ ଚାଲିବ। ବୁଧବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, କୋର୍ସ ଶେଷ ହୋଇ ଆସିଲାଣି। ତେଣୁ ରେଗୁଲାର କ୍ଲାସ୍‌ର ଆବଶ୍ୟକ ନାହିଁ। ସ୍କୁଲରେ ପିଲାଙ୍କ ସଂଖ୍ୟା ମଧ୍ୟ ଧୀରେ ଧୀରେ କମିବାକୁ ଲାଗିଲାଣି। ଏବେ ସେଲ୍ଫ ଷ୍ଟଡି ଉପରେ ପିଲାମାନେ ଗୁରୁତ୍ୱ ଦେଉଛନ୍ତି। ☞ପୃଷ୍ଠା-୨

# ୯ ଘଣ୍ଟିଆ ମୟୂରଭଞ୍ଜ ବନ୍ଦ




ବାରିପଦାଠାରେ ବନ୍ଦ ପାଳନରେ ସାମିଲ ହୋଇଥିବା ଭଞ୍ଜସେନାର କର୍ମକର୍ତ୍ତାମାନେ।

**ଶିମିଳିପାଳରେ ନିଆଁ**

**ବାରିପଦା ଅଫିସ/ଉଦଳା/ଖୁଣ୍ଟା/କୁଆମରା,୧୦।୩(ଡି.ଏନ.ଏ.)**

ଶିମିଳିପାଳ ଅଭୟାରଣ୍ୟରେ ଲାଗିଥିବା ନିଆଁକୁ ଆୟତ୍ତ କରିବା ଓ ଅବହେଳା ପ୍ରଦର୍ଶନ କରିଥିବା ଅଧିକାରୀଙ୍କୁ ବହିଷ୍କାର ଆଦି ବିଭିନ୍ନ ଦାବି ନେଇ ଭଞ୍ଜସେନା ପକ୍ଷରୁ ବୁଧବାର ୯ଘଣ୍ଟିଆ ମୟୂରଭଞ୍ଜ ବନ୍ଦ ପାଳନ କରାଯାଇଥିଲା। ସେନାର ସଭାପତି ପିଣ୍ଟୁ ମାଇତିଙ୍କ ନେତୃତ୍ୱରେ କର୍ମୀମାନେ ସକାଳ ୬ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ବାରିପଦା ସହର ଏବଂ ୧୮ ଓ ୪୯ନଂ. ଜାତୀୟ ରାଜପଥକୁ ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଫଳରେ ହଜାର ହଜାର ଯାନବାହାନ ଦୀର୍ଘ ସମୟ ଧରି ରାଜପଥରେ ଅଟକି ରହିଥିଲା। ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ ବନ୍ଦ ରହିଥିଲା। ଦିନତମାମ ସେନାର କର୍ମକର୍ତ୍ତାମାନେ ବିଭିନ୍ନ ଅଞ୍ଚଳ ବୁଲି ପିକେଟିଂ କରିଥିଲେ। ☞ପୃଷ୍ଠା-୨

## କେନ୍ଦ୍ରରୁ ଆସିବେ ଟାସ୍କଫୋର୍ସ କମିଟି

**ଜାଭଡେକରଙ୍କୁ ଭେଟି ଭାଜପା ରାଜ୍ୟ ଏମ୍‌ପିଙ୍କ ଦାବିପତ୍ର**

**ଭୁବନେଶ୍ୱର,୧୦।୩(ବ୍ୟୁରୋ)**

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ବୁଧବାର ରାଜ୍ୟ ଭାଜପା ପାର୍ଲାମେଣ୍ଟର ଏକ ପ୍ରତିନିଧି ମଣ୍ଡଳୀ ନୂଆଦିଲ୍ଲୀଠାରେ କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକରଙ୍କୁ ଭେଟିଛନ୍ତି। ଶିମିଳିପାଳ ଜାତୀୟ ଅଭୟାରଣ୍ୟ ସମେତ ଓଡ଼ିଶାର ବିଭିନ୍ନ ଜଙ୍ଗଲରେ ନିଆଁକୁ ଆୟତ୍ତ କରିବା ପାଇଁ ତୁରନ୍ତ ପଦକ୍ଷେପ ନେବା ଜରୁରୀ। ଆଗକୁ ଏଭଳି ପରିସ୍ଥିତି କିଭଳି ଏଡାଇ ଦିଆଯାଇପାରିବ ସେନେଇ କେନ୍ଦ୍ର ଏବଂ ରାଜ୍ୟ ସରକାର ଦୀର୍ଘକାଳୀନ ଯୋଜନା ପ୍ରସ୍ତୁତ କରି ଏହାସହ ଏକ ଏମ୍‌ପାୱାର୍ଡ କମିଟି ☞ପୃଷ୍ଠା-୨

## ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ତିରଥ

**ଡେରାଡୁନ,୧୦।୩**

ଉତ୍ତରାଖଣ୍ଡ ବିଧାନସଭା ନିର୍ବାଚନକୁ ଆଉ ବର୍ଷେ ବାକି ଥିବାବେଳେ ନୂଆ ମୁଖ୍ୟମନ୍ତ୍ରୀ ଭାବେ ତିରଥ ସିଂ ରାୱତ୍ ବୁଧବାର ଶପଥ ଗ୍ରହଣ କରିଛନ୍ତି। ତ୍ରିବେନ୍ଦ୍ର ସିଂ ରାୱତ୍ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା



ତିରଥ ସିଂ ରାୱତ୍

ଦେଇଥିଲେ। ଉତ୍ତରାଖଣ୍ଡ ଭାଜପାରେ କିଛିଦିନ ହେଲା ଗୋଷ୍ଠୀକନ୍ଦଳ ଲାଗି ରହିଥିବାବେଳେ କେନ୍ଦ୍ରୀୟ ନେତୃତ୍ୱଙ୍କ ହସ୍ତକ୍ଷେପରେ ମୁଖ୍ୟମନ୍ତ୍ରୀ ପରିବର୍ତ୍ତନ କରାଯାଇଛି। ୫୬ ବର୍ଷୀୟ ତିରଥ ପୌରୀ ନିର୍ବାଚନମଣ୍ଡଳୀରୁ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

### ପ୍ରାଣୀ ଓ ପରିବେଶ ଉପଯୋଗୀ ନିବେଶ







# ପ୍ରତି ୩ରେ ଜଣେ ମହିଳା ପୀଡ଼ିତା

**ପୁରୁଷ ପ୍ରଧାନ ସମାଜରେ ନିର୍ଯାତନାରୁ ନିସ୍ତାର ପାଇନାହାନ୍ତି ମହିଳା। ଗୋଟିଏ କି ଦୁଇଟି ଦେଶ ନୁହେଁ, ସାରା ବିଶ୍ୱରେ ମହିଳାଙ୍କ ବିରୋଧରେ ହିଂସା ବଢ଼ିବାରେ ଲାଗିଛି। ପ୍ରତି ୩ ଜଣରେ ଜଣେ ମହିଳା ବା ଝିଅ ହିଂସା ଅଥବା ଯୌନ ନିର୍ଯାତନାର ଶିକାର ହେଉଛନ୍ତି। ବିଶେଷକରି ୧୫ ବର୍ଷ ବୟସ୍କାଙ୍କ ଜୀବନରେ ଆରମ୍ଭ ହୋଇଯାଉଛି ଅତ୍ୟାଚାରର କଳଙ୍କିତ ଅଧ୍ୟାୟ। ଅଧିକାଂଶ କ୍ଷେତ୍ରରେ ଅନ୍ତରଙ୍ଗ ସାଥୀ ବା ସ୍ୱାମୀଙ୍କ ଉତ୍ପୀଡ଼ନକୁ ସହ୍ୟ କରିବାକୁ ପଡୁଛି। ସଭ୍ୟ ସମାଜର ମୁଣ୍ଡ ତଳକୁ କରିଦେବା ଭଳି ଏହି ଚାଞ୍ଚଲ୍ୟକର ରିପୋର୍ଟ ପ୍ରକାଶ କରିଛି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ)।**

**ଡବ୍ଲ୍ୟୁଏଚ୍‌ଓ ରିପୋର୍ଟ**



**ନୂଆଦିଲ୍ଲୀ, ୧୦।୩**

ନିକଟରେ ବିଶ୍ୱ ପାଳିଛି ଅନ୍ତର୍ଜାତୀୟ ମହିଳା ଦିବସ। ମହିଳା ନିର୍ଯାତନାରେ ରୋକ ଲଗାଇବା ପାଇଁ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ସୋମବାର ପାଳିତ ଏହି ସ୍ୱତନ୍ତ୍ର ଦିବସର ତାତ୍ପର୍ଯ୍ୟ ଅବୁଝା ହୋଇରହିଯାଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ସଦ୍ୟ ପ୍ରକାଶିତ ଅଧ୍ୟୟନ ରିପୋର୍ଟ ବିଶ୍ୱବ୍ୟାପୀ ବଢ଼ିଚାଲିଥିବା ମହିଳା ବିରୋଧୀ ହିଂସାର ବିକଳ ଚିତ୍ର ଆଙ୍କିଛି। ରିପୋର୍ଟ ଅନୁଯାୟୀ, ସମଗ୍ର ବିଶ୍ୱରେ ପ୍ରତି ୩ ଜଣରେ ଜଣେ ମହିଳା ସେମାନଙ୍କ ଜୀବନ କାଳ ମଧ୍ୟରେ ଶାରୀରିକ କିମ୍ବା ଯୌନ ନିର୍ଯାତନାର ଶିକାର ହେଉଛନ୍ତି। ବିଶେଷକରି ୧୫ରୁ ୨୪ ବର୍ଷ ବୟସ ବର୍ଗର କିଶୋରୀ ତଥା ଯୁବତୀଙ୍କ କ୍ଷେତ୍ରରେ ଏହି ସମସ୍ୟା ଉତ୍କଟ। ଡବ୍ଲ୍ୟୁଏଚ୍‌ଓର ୨୦୧୩ ରିପୋର୍ଟକୁ ଦେଖିଲେ ସଦ୍ୟ ପ୍ରକାଶିତ ତଥ୍ୟରେ ଏହି ମହିଳା ହିଂସା ହାର ପରିବର୍ତ୍ତନ ହୋଇ ☞ପୃଷ୍ଠା-୨

**ଆଜିର ମନ୍ତବ୍ୟ**

“କଂଗ୍ରେସରେ ଗଣତନ୍ତ୍ର ନାହିଁ। ଗଣତାନ୍ତ୍ରିକ ଆଲୋଚନା ବିନା ଦଳ ମୃତ । **-ପି.ସି. ଚାକୋ, ପୂର୍ବତନ କଂଗ୍ରେସ ନେତା**




## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ଜ୍ୟୋତିର୍ମୟୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପ୍ରଥମ ପୃଷ୍ଠାରୁ...

## କେନ୍ଦ୍ରରୁ ଆସିବେ...

ଗଠନ ପାଇଁ ଭାଜପା ଟିମ୍ ଦାବିପତ୍ର ପ୍ରଦାନ କରିଛି। ସେହିପରି ଓଡ଼ିଶାରେ ଜଙ୍ଗଲ ନିଆଁକୁ ଲିଭାଇବା, ଜମିର କ୍ଷୟକ୍ଷତିର ଆକଳନ କରିବା ତଥା ଜଙ୍ଗଲ ଉପରେ ନିଜର ଜୀବନ ଜୀବିକା ପାଇଁ ନିର୍ଭର କରୁଥିବା ସମୁଦାୟଙ୍କ ଲାଗି ଆବଶ୍ୟକ ପଦକ୍ଷେପ ନେବାକୁ ବିଭାଗୀୟ ମନ୍ତ୍ରଣାଳୟର ଅଧିକାରୀ ଏବଂ ରାଜ୍ୟ ସରକାରଙ୍କ ସହ ବୈଠକ କରିବାକୁ ବ୍ୟକ୍ତିଗତ ହସ୍ତକ୍ଷେପ କରିବାକୁ ଭାଜପା ଏମ୍‌ପିମାନେ ଜାଭଡେକରଙ୍କୁ ଅନୁରୋଧ କରିଛନ୍ତି। ଏହାପରେ କେନ୍ଦ୍ରମନ୍ତ୍ରୀ ଜାଭଡେକର ଟୁଇଟ୍‌କରି କହିଛନ୍ତି, ଧର୍ମେନ୍ଦ୍ର ପ୍ରଧାନ ଏବଂ ଓଡ଼ିଶାର ଅନ୍ୟ ଏମ୍‌ପିମାନଙ୍କ ସହ ଶିମିଳିପାଳରେ ନିଆଁ ଲଗିବା ସମ୍ପର୍କରେ ଆଲୋଚନା କରିଛି। ମନ୍ତ୍ରଣାଳୟର ଏକ କମିଟି ଓଡ଼ିଶା ଯାଇ କିଛି ଟେକ୍ନିକାଲ ପରାମର୍ଶ ସହ ଓଡ଼ିଶା ବନ ବିଭାଗକୁ ସମସ୍ୟା ସୁଧାରିବାରେ ସହାୟତା କରିବେ। ଏହାସହ ଉକ୍ତ ଏକ୍ସପର୍ଟ ଟିମ୍ ସେଠାରେ ନିୟୋଜିତ ଥିବା ଟିମ୍ ସହ ସହଯୋଗ ରଖି କାର୍ଯ୍ୟ କରିବେ। ପ୍ରତ୍ୟେକ ଦିନ କେନ୍ଦ୍ର ଏକ୍ସପର୍ଟ ଟିମ୍ ସହ ଏ ବାବଦରେ ସମୀକ୍ଷା ବୈଠକ କରିବେ ବୋଲି ଜାଭେଡକର ଉଲ୍ଲେଖ କରିଛନ୍ତି। ଅନ୍ୟପଟେ ବିଜେଡି ଏମ୍‌ପି ସସ୍ମିତ ପାତ୍ର ଟୁଇଟ୍‌କରି କହିଛନ୍ତି, ଶିମିଳିପାଳ ନିଆଁ ଲିଭାଇବାକୁ ଓଡ଼ିଶାର ଟାକ୍ସଫୋର୍ସ ଟିମ୍ ୨୪ ଘଣ୍ଟା ପରିଶ୍ରମ କରୁଛନ୍ତି। ବିଜେଡିର ସ୍ୱେଚ୍ଛାସେବୀମାନେ ତୃଣମୂଳ ସ୍ତରରେ ଅଛନ୍ତି ଏବଂ ନିଆଁକୁ ଲିଭାଇବା କାମରେ ସାହାଯ୍ୟ କରୁଛନ୍ତି। ହଜାରରୁ ଊର୍ଦ୍ଧ୍ୱ ଓଡ୍ରାଫ ଓ ବନ କର୍ମଚାରୀ ଅଗ୍ନିସେବା କାମରେ ନିୟୋଜିତ ଥିବା ସେ ଉଲ୍ଲେଖ କରିଛନ୍ତି।

ଅନ୍ୟପଟେ ଭାଜପା ଏମ୍‌ପିମାନେ ଜାଭେଡକରଙ୍କୁ ପ୍ରଦାନ କରିଥିବା ଦାବିପତ୍ରରେ ଉଲ୍ଲେଖ କରିଛନ୍ତି, ଓଡ଼ିଶାର ଜଙ୍ଗଲରେ ନିଆଁ ଲାଗିବା ଘଟଣାର ପୁନରାବୃତ୍ତି ରୋକିବା ଏବଂ ଏହାର ମୁକାବିଲା ଲାଗି ଦୀର୍ଘକାଳୀନ ଯୋଜନା ରାଜ୍ୟ ଏବଂ କେନ୍ଦ୍ର ସରକାର ପ୍ରସ୍ତୁତ କରନ୍ତୁ। ଜଙ୍ଗଲ ବିଭାଗ ପ୍ରତିନିଧି, ପରିବେଶବିତ, ଜଙ୍ଗଲ ସୁରକ୍ଷା ଦେଉଥିବା ଲୋକଙ୍କୁ ନେଇ ଏକ ଏମ୍‌ପାୱାର୍ଡ କମିଟି ଗଠନ କରାଯାଉ । ବିଷୟର ଗମ୍ଭୀରତାକୁ ଆଖିରେ ରଖି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଏକ ଉଚ୍ଚସ୍ତରୀୟ ବିଶେଷଜ୍ଞ କମିଟି ପଠାଇବାକୁ କେନ୍ଦ୍ରମନ୍ତ୍ରୀ ଜାଭଡେକର ପ୍ରତିଶ୍ରୁତି ଦେଇଛନ୍ତି। ମୟୂରଭଞ୍ଜ ଜିଲାର ଶିମିଳିପାଳ ତଥା କରଞ୍ଜିଆ ଡିଭିଜନ୍, ନୀଳଗିରିର କୁଲଡିହା ଅଭୟାରଣ୍ୟ, ବୌଦ୍ଧ ବନଖଣ୍ଡ, ଅନୁଗୋଳର ମାଲ୍ୟଗିରି, ଭୁବନେଶ୍ୱରର ଖଣ୍ଡଗିରି ପାହାଡ଼, ସୁନାବେଡା ଏବଂ ଏହାର ଆଖପାଖ ଅଞ୍ଚଳରେ ଜଙ୍ଗଲ ନିଆଁ ବ୍ୟାପିଛି। ସେହିପରି ଠାକୁରମୁଣ୍ଡା, କେନ୍ଦୁମୁଣ୍ଡି, ନାଓନା, ଗୁଡ଼ଗୁଡିଆ, ବରେହିପାଣି, ଦୁଧିଆଣି ଏବଂ ସାତକୋଶିଆ ଜଙ୍ଗଲରେ ନିଆଁ ବ୍ୟାପିଥିବା ଭାରତର ଜଙ୍ଗଲ ସର୍ବେକ୍ଷଣ ବିଭାଗ(ଏଫ୍‌ଏସ୍‌ଆଇ) ଏବଂ ନାସାର ଫାୟାର ଇନ୍‌ଫରମେସନ୍ ଫର୍ ରିସୋର୍ସ ମ୍ୟାନେଜମେଣ୍ଟ ସିଷ୍ଟମ ପକ୍ଷରୁ ସୂଚନା ଦିଆଯାଇଛି । ଦେଶରେ ଗ୍ରୀଷ୍ମ ପ୍ରବାହ ପୂର୍ବରୁ ଓଡ଼ିଶାରେ ଭୀଷଣ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ତାପମାତ୍ରା ୪୦ ଡିଗ୍ରୀ ସେଲସିୟସରେ ପହଞ୍ଚିଛି। ରାଜ୍ୟ ପ୍ରଶାସନ ଏବଂ ଜନଜାତି ସମୁଦାୟ ମଧ୍ୟରେ ବିଶ୍ୱାସର ଅଭାବ ଯୋଗୁ ଏଭଳି ପରିସ୍ଥିତି ବିଗିଡ଼ିବାରେ ଲାଗିଛି। ଓଡ଼ିଶାରେ ୫ ହଜାର ୬୧୯ ବର୍ଗ କି.ମି. ଜଙ୍ଗଲ ଥିବାବେଳେ ଏଥିମଧ୍ୟରୁ ୨.୮୨ ପ୍ରତିଶତକୁ ‘ଉଚ୍ଚ ଅଗ୍ନିପ୍ରବଣ ଅଞ୍ଚଳ’ରେ ବିଭକ୍ତ କରାଯାଇଛି । ଏହି ଉଦ୍ୟାନରେ ୩୦୪ ପ୍ରଜାତିର ପକ୍ଷୀ, ୬୨ ପ୍ରଜାତିର ସରୀସୃପ, ୩୭ ପ୍ରଜାତିର ମାଛ ଏବଂ ବିଲୁପ୍ତପ୍ରାୟ ମହାବଳ ବାଘ, ହାତୀ, ଗୟଳ, ଚାଉସିଂଘା ଭଳି ୫୫ ପ୍ରଜାତିର ପଶୁ ବିଚରଣ କରିଥାନ୍ତି। ତେଣୁ ଏହା ଉପରେ ଦୃଷ୍ଟିଦେବା ସହ ତୁରନ୍ତ ପଦକ୍ଷେପ ନେବା ତଥା ଆଗାମୀ ଦିନରେ ଏଭଳି ପରିସ୍ଥିତି ନ ଉପୁଜିବା ପାଇଁ ବ୍ୟବସ୍ଥା କରିବାକୁ ଜାଭଡେକରଙ୍କୁ ଦାବିରେ ଜଣାଇଛନ୍ତି ।

## ଏପ୍ରିଲରୁ ରବିବାର ...

ସେଥିପାଇଁ ରବିବାର କ୍ଲାସର ଆବଶ୍ୟକ ନାହିଁ। ଆସନ୍ତା ଏପ୍ରିଲ ୧ତାରିଖରୁ ରବିବାର ଦଶମ ଓ ଦ୍ୱାଦଶ ଶ୍ରେଣୀର କ୍ଲାସ୍ ହେବ ନାହିଁ ବୋଲି ବିଭାଗ ପକ୍ଷରୁ ବୁଧବାର ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଅଧ୍ୟକ୍ଷ ଏବଂ ମାଧ୍ୟମିକ ଶିକ୍ଷା ବୋର୍ଡ ସଭାପତିଙ୍କୁ ଚିଠି ଲେଖି ଜଣାଇ ଦିଆଯାଇଛି। ସୂଚନାଯୋଗ୍ୟ, କୋଭିଡ୍ ଯୋଗୁ ରାଜ୍ୟରେ ଗତ ବର୍ଷ ମାର୍ଚ୍ଚରୁ ଶିକ୍ଷାନୁଷ୍ଠାନ ବନ୍ଦ ରହିଥିଲା। ସଂକ୍ରମଣ କମିବା ପରେ ପାଠପଢ଼ାକୁ ଗୁରୁତ୍ୱ ଦେଇ ଏବଂ ବୋର୍ଡ ପରୀକ୍ଷା ପାଇଁ ପ୍ରଥମେ ଦଶମ ଓ ଦ୍ୱାଦଶ ଶ୍ରେଣୀ ପିଲାଙ୍କ ନିମନ୍ତେ ସ୍କୁଲ ଖୋଲିଥିଲା। ଗତ ଜାନୁୟାରୀ ୮ତାରିଖରୁ ଏହି ଦୁଇ ଶ୍ରେଣୀର କ୍ଲାସ୍ ଆରମ୍ଭ ହୋଇଥିଲା। ରବିବାର ମଧ୍ୟ ଶିକ୍ଷାଦାନ ଦିବସ ଥିଲା। ଯାହାକୁ ନେଇ ଶିକ୍ଷକମାନେ ଅସନ୍ତୋଷ ପ୍ରକାଶ କରିବା ସହ ରବିବାର କ୍ଲାସ୍ ବନ୍ଦ କରିବାକୁ ଦାବି କରିଆସୁଥିଲେ।





ଖଡିଆଳସ୍ଥିତ ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟଠାରେ ଏକ ବିରାଟ ଜନସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଉପସ୍ଥିତ ଜନସାଧାରଣ।

## ନୂଆପଡ଼ା ଆଙ୍କିଛି ...

ଉପକାର ପାଇବେ। ଏହି ପ୍ରକଳ୍ପ ପାଇଁ ଜମି ଦେଇଥିବା ଲୋକମାନଙ୍କୁ ମୁଖ୍ୟମନ୍ତ୍ରୀ କୃତଜ୍ଞତା ଜଣାଇଛନ୍ତି। ନୂଆପଡ଼ାରେ ଚାଲିଥିବା ୨୨୦ କୋଟି ଟଙ୍କାର ମେଗା ଲିଫ୍ଟ ଇରିଗେଶନ ପ୍ରୋଜେକ୍ଟ ଏବର୍ଷ ଡିସେମ୍ବର ସୁଦ୍ଧା ଶେଷ ହେବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ଏହାଦ୍ୱାରା କୋମନା, ନୂଆପଡ଼ା, ସିନାପାଲୀ ଓ ବୋଡେନ ଅଞ୍ଚଳର ୧୮ହଜାର ଏକରରୁ ଅଧିକ ଜମିକୁ ପାଣି ମିଳିପାରିବ। ଲୋୟର ଇନ୍ଦ୍ର ପ୍ରୋଜେକ୍ଟ ଅଣ୍ଡରଗ୍ରାଉଣ୍ଡ ପାଇପଲାଇନ ଟେକ୍ନୋଲୋଜିରେ ନିର୍ମିତ ହୋଇଥିବାରୁ ଏହି ପ୍ରକଳ୍ପରୁ ଆଉ ୭୫୦୦ ଏକର ଜମିକୁ ପାଣି ଯୋଗାଇବା ପାଇଁ କାମ ଆରମ୍ଭ କରାଯିବ। ସେହିପରି ଲୋୟର ଇନ୍ଦ୍ର ପ୍ରୋଜେକ୍ଟ ସାଇଟ୍‌ରେ ୩ କୋଟି ଟଙ୍କା ବ୍ୟୟରେ ଏକ ସାଇନ୍ସ ପାର୍କ ଓ ମ୍ୟୁଜିୟମ ଏବଂ ନୂଆପଡ଼ା ଓ ଖଡ଼ିଆଳ ଏନ୍‌ଏସିରେ ଦୁଇଟି ଇନ୍‌ଡୋର ଷ୍ଟାଡିୟମ ସହିତ ଖଡ଼ିଆଳ ଅଟୋନୋମସ କଲେଜରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

ନୂଆପଡ଼ାର ବିକାଶ ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଜିଲାରେ ଶିଶୁ ମୃତ୍ୟୁହାର କମିଛି। ମା’ମାନଙ୍କ ଜୀବନ ରକ୍ଷା କରିବାରେ ଜିଲାକୁ ଭଲ ସଫଳତା ମିଳିଛି। ଜିଲା ମୁଖ୍ୟ ଚିକିତ୍ସାଳୟର ଭିତ୍ତିଭୂମି ରାଜ୍ୟର ବଡ଼ ସହରର ହସ୍ପିଟାଲ ସହ ସମକକ୍ଷ ହୋଇପାରିଛି। ‘ବିଜୁ ଏକ୍ସପ୍ରେସ୍ ୱେ’ରେ ନୂଆପଡ଼ା ସବୁଠୁ ଲାଭବାନ ହୋଇଛି। ଏଠାରେ ୬୮୦ କୋଟି ଟଙ୍କା ବ୍ୟୟରେ ୧୩୨ କି.ମି. ରାସ୍ତା ହୋଇପାରିଛି। ନୂଆପଡ଼ା ଜିଲାରେ ପିଇବାପାଣି, ଜଳସେଚନ ଏବଂ ଯୋଗାଯୋଗ ୩ ମୁଖ୍ୟ ସମସ୍ୟା ରହିଥିଲା। ଲୋକେ ଫ୍ଲୋରାଇଡ୍‌ଯୁକ୍ତ ପାଣି ଯୋଗୁ ନାନା ରୋଗର ଶିକାର ହେଉଥିଲେ। ଜଳସେଚନ ଅଭାବରୁ ଚାଷବାସରେ ମଧ୍ୟ ଅସୁବିଧା ହେଉଥିଲା। ଯୋଗାଯୋଗ ବ୍ୟବସ୍ଥା ଉନ୍ନତ ନ ଥିବାରୁ ଆର୍ଥିକ ଉନ୍ନତି ସାଧିତ ହୋଇପାରୁ ନ ଥିଲା। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଏହି ୩ ମୁଖ୍ୟ ସମସ୍ୟାର ସମାଧାନ ହୋଇପାରିଛି। ଫଳରେ ଓଡ଼ିଶାର ବିକାଶ ଇତିହାସରେ ନୂଆପଡ଼ା ନିଜର ସ୍ଥାନ ସୁଦୃଢ଼ କରିବାରେ ସକ୍ଷମ ହୋଇଛି। ମୁଖ୍ୟମନ୍ତ୍ରୀ ଜନସଭାରେ କହିଛନ୍ତି ଯେ, ଭଲ ପିଇବା ପାଣି ପାଇଁ ମା’ମାନଙ୍କୁ ମାଇଲ ମାଇଲ ବାଟ ଯିବାକୁ ପଡୁଥିଲା। ଏବେ ଆଉ ସେହି ସମସ୍ୟା ନାହିଁ। ନୂଆପଡ଼ାର ଏକ ଲକ୍ଷ ପରିବାର ପାଖରେ ବର୍ତ୍ତମାନ ପାଇପ ପାଣି ପହଞ୍ଚି ପାରିଛି। ପାଣିରୁ ଫ୍ଲୋରାଇଡ୍ ଦୂର ପାଇଁ ୧୧୦୦ରୁ ଅଧିକ ଫ୍ଲୋରାଇଡ୍ ରିମୁଭାଲ ପ୍ଲାଣ୍ଟ ସ୍ଥାପନ କରାଯାଇଛି। ୯୦୦ରୁ ଅଧିକ ଗାଁକୁ ସମ୍ପୂର୍ଣ୍ଣ ଭାବେ ଫ୍ଲୋରାଇଡ୍ ସମସ୍ୟାରୁ ମୁକ୍ତ କରାଯାଇପାରିଛି। ୨୦୨୨ ସୁଦ୍ଧା ନୂଆପଡ଼ାର ସବୁ ପରିବାରକୁ ଶତ ପ୍ରତିଶତ ପାଇପ ପାଣି ଯୋଗାଇଦିଆଯିବ। ଏଥିପାଇଁ ୭୦୦କୋଟି ଟଙ୍କାରେ ୨୦୫ଟି ପାଇପ୍ ୱାଟର ସପ୍ଲାଏ ପ୍ରୋଜେକ୍ଟ ଏବଂ ଗୋଟିଏ ମେଗା ପାଇପ୍ ୱାଟର ସପ୍ଲାଏ ପ୍ରୋଜେକ୍ଟ କାର୍ଯ୍ୟ ଚାଲୁ ରହିଛି।

ସଭା ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀ ନୂଆପଡ଼ା ଜିଲାର ଭେଲା ଗାଁର ସ୍ୱାଧୀନତା ସଂଗ୍ରାମୀମାନଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଭେଲାର ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସମ୍ମାନ ଜଣାଇ ସେଠାରେ ଏକ ସ୍ମାରକୀ ନିର୍ମାଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ(୫-ଟି) ଭି.କେ. ପାଣ୍ଡିଆନ, ଜଳ ସମ୍ପଦ ବିଭାଗ ସଚିବ ଅନୁ ଗର୍ଗଙ୍କ ସମେତ ନୂଆପଡ଼ା ଜିଲାର ବିଧାୟକମାନେ ଯୋଗଦେଇଥିଲେ।

## ମମତାଙ୍କୁ ଆକ୍ରମଣ...

ସବ୍-ଡିଭିଜନାଲ ଅଫିସରେ ନାମାଙ୍କନପତ୍ର ଦାଖଲ କଲେ। ତାଙ୍କ ସହ ଟିଏମ୍‌ସି ରାଜ୍ୟ ସଭାପତି ସୁବ୍ରତ ବକ୍ସି ଓ ଅନ୍ୟ ନେତାମାନେ ଥିଲେ। ନନ୍ଦିଗ୍ରାମରୁ ପ୍ରାର୍ଥୀ ହେବା ପରେ ସେ ସେଠାରେ ରାତିରେ ରହିଆସନ୍ତେ। କିନ୍ତୁ ଆକ୍ରମଣର ଶିକାର ହୋଇ କୋଲକାତା ଫେରିଯାଇଥିବା ଜଣାପଡ଼ିଛି। ମମତାଙ୍କ ଅଭିଯୋଗ ହେଲା ସନ୍ଧ୍ୟାରେ ସେ ରେୟାପାରା ଅଞ୍ଚଳର ଏକ ମନ୍ଦିର ବାହାରେ ନିଜ କାର୍‌ର ଡୋର୍ ଖୋଲି ନିକଟରେ ଛିଡ଼ା ହୋଇଥିଲେ। ମନ୍ଦିରକୁ ଦର୍ଶନ ପାଇଁ ଯିବା ପୂର୍ବରୁ କେତେଜଣ ବ୍ୟକ୍ତି ହଠାତ୍ ଆସି ଜୋର୍‌ଜବରଦସ୍ତି ଡୋର୍ ବନ୍ଦ କରିବାକୁ ଉଦ୍ୟମ କରିଥିଲେ। ଡୋର୍ ବାଜିଯିବାରୁ ତାଙ୍କର ଗୋଟିଏ ଗୋଡ଼ ଖଣ୍ଡିଆ ହୋଇ ଫୁଲିଯାଇଛି। ସେ ଛାତିରେ ଯନ୍ତ୍ରଣା ଅନୁଭବ କରୁଥିବା ମମତା ଅଭିଯୋଗ ଆଣିଛନ୍ତି। ଘଟଣାସ୍ଥଳରେ କୌଣସି ସୁରକ୍ଷା କର୍ମୀ ଉପସ୍ଥିତ ନ ଥିଲେ। ଏହା ଏକ ଷଡ଼ଯନ୍ତ୍ର ବୋଲି ମମତା ଅଭିହିତ କରିଛନ୍ତି। ଏହାସହ ସେ କୋଲକାତା ଫେରୁଥିବା ସୂଚନା ଦେଇଛନ୍ତି। ନନ୍ଦିଗ୍ରାମର ଟିଏମ୍‌ସି ପ୍ରାର୍ଥୀଙ୍କୁ ହୋଇଥିବା ଆକ୍ରମଣ ନେଇ ଦଳ ପକ୍ଷରୁ ନିର୍ବାଚନ କମିଶନଙ୍କ ନିକଟରେ ଅଭିଯୋଗ କରାଯିବ ବୋଲି ଜଣାପଡ଼ିଛି। ଜେଡ୍ ପ୍ଲସ୍ ସୁରକ୍ଷା ପାଉଥିବା ମୁଖ୍ୟମନ୍ତ୍ରୀଙ୍କୁ କିପରି ଆକ୍ରମଣ ହେଲା ବୋଲି କେତେକ ମହଲରେ ପ୍ରଶ୍ନ ଉଠିଛି। ଇତିମଧ୍ୟରେ ପଶ୍ଚିମବଙ୍ଗ ଭାଜପା ସଭାପତି ଦିଲୀପ ଘୋଷ କହିଛନ୍ତି, ମମତା ଡ୍ରାମା କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଉପରକୁ ହୋଇଥିବା ଆକ୍ରମଣର ସେ ସିବିଆଇ ତଦନ୍ତ ଦାବି କରିବେ। ପ୍ରକାଶ ଯେ, ଏହି ଆସନରେ ମମତାଙ୍କ ପୂର୍ବତନ ସହଯୋଗୀ ତଥା ବର୍ତ୍ତମାନର ଭାଜପା ନେତା ଶୁଭେନ୍ଦୁ ଅଧିକାରୀ ଲଢୁଛନ୍ତି। ଏହି ହାଇପ୍ରୋଫାଇଲ୍ ଆସନରେ ମମତାଙ୍କୁ ୫୦ ହଜାରରୁ ଊର୍ଦ୍ଧ୍ୱ ଭୋଟରେ ହରାଇବେ ବୋଲି ଶୁଭେନ୍ଦୁ ଦୃଢ଼ୋକ୍ତି ପ୍ରକାଶ କରିବା ପରେ ଭାଜପା ତାଙ୍କୁ ପ୍ରାର୍ଥୀ କରିଛି।


# classifieds

**Everyday**
**0674-2580101, 2549302**





**SALE**

**Ready to move 2BHK flat 2nd floor @25lakhs near MOUNT LITERA ZEE School, Kateni, Bhubaneswar. 9937162220.** D-20186

**Bhubaneswar Baliantaର ସାଇଫନ୍ ଛକ ନିକଟରେ residential plot sqft.900/- ବିକ୍ରିହେବ। 8018242542, 6370621085.** D-70808

2400sqft. Compound wall, Electricity supply, 3.5km from DN Regalia shopping mall, Kashipur, Bhubaneswar. 8249217336. D-69698

**3200 Sqft. sthitiban Gharabari corner plot with Boundary Wall near ITER, Panchasakha Nagar, Bhubaneswar. 9958003695, 9861805658.** D-19996

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,76,000/-, ଅରଗୁଳ IIT ପାଖରେ 1200sqft. 1,44,000/-, 9668344479. D-70198

**Demarcated ପ୍ଲଟ୍ KEC, ଗୁଡ଼ିଆପୋଖରୀ ପାଖରେ immediate registration & possession ଅଗ୍ରିମ boundarywall, electricity, with 30ft. road, sqft.650/-ରେ ମିଳୁଛି। Contact: 7008045582, 7749800648.** D-20177

**2000sqft. & 1500sqft. plots with fully developed @750/- per sqft. is for SALE. Contact: 9937847725.** D-20187

3BHK Flat near Lingaraj Station,, Bhubaneswar, immediate sale 56 Lakh. 7008005490. D-59983





**4400 Sqft. Hall in First and Second Floor for Office or Commercial on 100ft. Bhimatangi Main Road, Bhubaneswar. 9958003695, 9861805658.** D-19997

3BR Drawing, Dining, Groundfloor, Jagannath Colony, Brahmeswarpatna, Bhubaneswar - 9777662687. D-63997





New opening Saikrupa Panchakarma and SPA jointpain, fullbody massage, 8984068077. D-65913

Swarna SPA newly open positively health benefits with expert therapist. 9556978408. D-70551

Zen SPA positively health benefits with experts therapeutic genuinely massage. 7205084157. D-70554

**AFFIDAVIT**

I, Summit Bhue, S/o. Manabodha Bhue resident of Bargaon, P.O.- Ainlapali, District - Bargarh have changed my name to Sumit Padhan vide affidavit dated 08.03.2021 before Notary, Gangaram Behera, Bhubaneswar. Henceforth I will be known as Sumit Padhan for all purpsoes. D-20185

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ୯ ଘଣ୍ଟିଆ ମୟୂରଭଞ୍ଜ ...

ସହରରେ ଥିବା ଦୋକାନ ବଜାର ସମ୍ପୂର୍ଣ୍ଣ ବନ୍ଦ ଥିବା ବେଳେ ବନ୍ଦକୁ ସହରବାସୀ ସମର୍ଥନ ଜଣାଇଥିଲେ। ଜିଲାର ଉଦଳା, ବାଙ୍ଗିରିପୋଷି, ରାଇରଙ୍ଗପୁର, କରଞ୍ଜିଆ, ଯଶିପୁର ଆଦି ଅଞ୍ଚଳରେ ବନ୍ଦକୁ ସମର୍ଥନ ମିଳିଥିବା ସୂଚନା ମିଳିଛି। ସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ଅଧ୍ୟକ୍ଷ ସତ୍ୟସ୍ୱରୂପ ଦାଶ, କାର୍ଯ୍ୟକାରୀ ଅଧ୍ୟକ୍ଷ ରାକେଶ ସିଂ, ରାକେଶ ବେହେରା, ଉପାଧ୍ୟକ୍ଷ ନିମାଇଁ ତ୍ରିପାଠୀଙ୍କ ସମେତ ସିପିଆଇ ଓ ସିପିଆଇଏମ୍‌ର କର୍ମକର୍ତ୍ତାମାନେ ମଧ୍ୟ ବନ୍ଦ ପାଳନରେ ସାମିଲ ହୋଇଥିଲେ। ଉଦଳାରେ ବନ୍ଦର ପ୍ରଭାବ ପଡ଼ିଥିଲା। ଦୋକାନ ବଜାର, କଚେରି, ଉପଜିଲାପାଳଙ୍କ କାର୍ଯ୍ୟାଳୟ, ତହସିଲ, ବ୍ୟାଙ୍କ, ବସ୍ ଚଳାଚଳ ଆଦି ବନ୍ଦ ରହିଥିଲା । ଭଞ୍ଜସେନାର କପ୍ତିପଦା ଉପଖଣ୍ଡ ସଭାପତି ରବିନ୍ ମହାନ୍ତିଙ୍କ ସମେତ ସଦସ୍ୟ ଜିତେନ୍ଦ୍ର ହେମ୍ବ୍ରମ୍,ସଞ୍ଜୀବ ସାଇବାବୁ ଏବଂ ଅନ୍ୟ ସଦସ୍ୟମାନେ ଏହି ବନ୍ଦ ଡାକରାରେ ସାମିଲ ହୋଇଥିଲେ । ଖୁଣ୍ଟା ବ୍ଲକରେ ବନ୍ଦ ପାଳନର ମିଶ୍ରିତ ପ୍ରଭାବ ପଡ଼ିଥିଲା। ଡୁକୁରା ଅଞ୍ଚଳବାସୀ ବନ୍ଦ ଡାକରାକୁ ପୂର୍ଣ୍ଣ ସମର୍ଥନ କରିଥିଲେ। ଦୋକାନ ବଜାର, କଲେଜ,ବ୍ୟାଙ୍କ ଓ ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟ ଗୁଡ଼ିକ ବନ୍ଦ ରହିଥିଲା। ଗୋପବନ୍ଧୁନଗର ବ୍ଲକ କାର୍ଯ୍ୟାଳୟ, ଡାକଘର, ସ୍କୁଲ, କଲେଜ ଖୋଲାଥିଲା। ବସ୍ ଚଳାଚଳ ବନ୍ଦ ରହିଥିବା ବେଳେ ଅନ୍ୟାନ୍ୟ ଯାନବାହାନ ଚଳାଚଳ କରୁଥିବା ଦେଖିବାକୁ ମିଳିଥିଲା।

## ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ...

ଭାଜପା ଏମ୍‌ପି ଅଛନ୍ତି। ୨୦୧୩ରୁ ୨୦୧୫ ସେ ଉତ୍ତରାଖଣ୍ଡରେ ଭାଜପା ସଭାପତି ଥିଲେ। ଭାଜପା କେନ୍ଦ୍ରୀୟ ନେତୃତ୍ୱ ତାଙ୍କୁ ମୁଖ୍ୟମନ୍ତ୍ରୀ ପଦ ପାଇଁ ଚୟନ କରିବା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅନୁମୋଦନ କ୍ରମେ ତିରଥଙ୍କୁ ମୁଖ୍ୟମନ୍ତ୍ରୀ କରିବା ପାଇଁ ଦଳ ନିଷ୍ପତ୍ତି ନେଇଥିବା ଏକ ସୂତ୍ରରୁ ଜଣାପଡ଼ିଛି। ତିରଥ ଶପଥ ନେବା ପରେ ପ୍ରଧାନମନ୍ତ୍ରୀ ଟୁଇଟ୍ କରି ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ତାଙ୍କର ଯଥେଷ୍ଟ ପ୍ରଶାସନିକ ଏବଂ ସାଂଗଠନିକ ଅଭିଜ୍ଞତା ରହିଛି। ତାଙ୍କ ନେତୃତ୍ୱରେ ଉତ୍ତରାଖଣ୍ଡ ବିକାଶର ଉଚ୍ଚ ସୋପାନକୁ ଯିବା ନେଇ ପ୍ରଧାନମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ତିରଥ ଏକଦା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆର୍‌ଏସ୍‌ଏସ୍)ର ପ୍ରଚାରକ ଥିଲେ। ତ୍ରିବେନ୍ଦ୍ର ସିଂ ରାଓତ୍‌ଙ୍କ ସରକାରରେ ସେ ମନ୍ତ୍ରୀ ହୋଇଥିଲେ। ସେ ଦିନେ ମୁଖ୍ୟମନ୍ତ୍ରୀ ହେବେ ବୋଲି କଦାପି କଳ୍ପନା କରି ନ ଥିଲେ। ଏଥିପାଇଁ ସେ ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଏବଂ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କୁ କୃତଜ୍ଞତା ଜଣାଇଛନ୍ତି। ପୂର୍ବରୁ ତିରଥ ଭାଜପା ବିଧାୟକ ଏବଂ ଏମ୍‌ପିମାନଙ୍କ ସହ ଯାଇ ରାଜ୍ୟପାଳ ବେବିରାଣୀ ମୌର୍ଯ୍ୟଙ୍କୁ ସାକ୍ଷାତ କରିବା ସହ ସରକାର ଗଠନ ଲାଗି ଦାବି ଉପସ୍ଥାପନ କରିଥିଲେ। ୭୦ ସଦସ୍ୟ ବିଶିଷ୍ଟ ଉତ୍ତରାଖଣ୍ଡ ବିଧାନସଭାରେ ଭାଜପାର ୫୬ ବିଧାୟକ ରହିଛନ୍ତି।

## ପ୍ରତି ୩ରେ ଜଣେ ...

ନଥିବାଜଣାଯାଇଛି।ଏହାବେଶ୍‌ଚିନ୍ତାଜନକଓଉଦ୍‌ବେଗର ବିଷୟ। ଏ ଦିଗରେ ପ୍ରତ୍ୟେକ ଦେଶର ସରକାର ଗମ୍ଭୀର ଭାବେ ଚିନ୍ତା କରିବା ଜରୁରୀ ବୋଲି ଡବ୍ଲ୍ୟୁଏଚ୍‌ଓ ପରାମର୍ଶ ଦେଇଛି। କୋଭିଡ୍ ମହାମାରୀ ତୁଳନାରେ ମହିଳା ନିର୍ଯାତନା ବଡ଼ଧରଣର ବିଶ୍ୱ ଜନସ୍ୱାସ୍ଥ୍ୟ ସମସ୍ୟା ବୋଲି ଅଧ୍ୟୟନର ନେତୃତ୍ୱ ନେଇଥିବା ଡ. କ୍ଲାଉଡିଆ ଗାର୍ସିଆ ମୋରେନୋ କହିଛନ୍ତି। କରୋନା ଯୋଗୁ ଅନେକ ଦେଶରେ ଜାରି ଲକ୍‌ଡାଉନ୍ ଏବଂ ଏହା ପରବର୍ତ୍ତୀ ସ୍ଥିତି ମହିଳାଙ୍କ ସମସ୍ୟାକୁ ବହୁଗୁଣିତ କରିଛି। ଲୋକେ ଘରେ ରହିବା ଯୋଗୁ ନିର୍ଯାତନା ହାର ଯଥେଷ୍ଟ ବୃଦ୍ଧି ପାଇଛି। ମହିଳାମାନେ ସବୁ ପ୍ରକାରର ଘରୋଇ ହିଂସାର ଶିକାର ହୋଇଛନ୍ତି। ସେମାନଙ୍କ ପାଇଁ ଏହା କୌଣସି ମହାମାରୀ ଭଳି ଯନ୍ତ୍ରଣାଠାରୁ କମ୍ ନୁହେଁ। ଏହି ତଥ୍ୟକୁ ଅଧ୍ୟୟନରେ ସାମିଲ କରାଗଲେ ହିଂସା ହାର ଆହୁରି ଅଧିକ ରହିବ। କରୋନା ପାଇଁ ସିନା ଟିକା ବାହାରିଛି, କିନ୍ତୁ ମହିଳା ବିରୋଧୀ ବୈଶ୍ୱିକ ଅପରାଧକୁ ନିୟନ୍ତ୍ରଣ କରିବା ପାଇଁ ଏ ଯାଏ ଭାକ୍ସିନ ଆସି ନାହିଁ ବୋଲି ମାରୋନା କହିଛନ୍ତି। କୋଟି କୋଟି ମହିଳା ଏଥିଯୋଗୁ ସେମାନଙ୍କ ଅଧିକାରରୁ ବଞ୍ଚିତ ହେଉଛନ୍ତି। ଏ ଦିଗରେ ଗଭୀର ଭାବେ ଚିନ୍ତା କରିବାର ସମୟ ଆସିଛି ବୋଲି ସେ ପ୍ରକାଶ କରିଛନ୍ତି।

> ପ୍ରତି ୩ ଜଣରେ ଜଣେ ମହିଳା ନିଜ ଜୀବନକାଳରେ ଯୌନ ହିଂସାର ଶିକାର ହେଉଛନ୍ତି। ବିଶେଷକରି ସେମାନଙ୍କ ଅନ୍ତରଙ୍ଗ ସାଥୀ କିମ୍ବା ସ୍ୱାମୀଙ୍କ ଦ୍ୱାରା ନିର୍ଯାତନା ଭୋଗୁଛନ୍ତି ବୋଲି ୬୪୧ ନିୟୁତ ମହିଳା ମୁହଁ ଖୋଲିଛନ୍ତି। ଆଉ ୬ ପ୍ରତିଶତ ଅନ୍ୟମାନଙ୍କ ଦ୍ୱାରା ଶୋଷଣର ଶିକାର ହେଉଥିବା କହିଛନ୍ତି। ୧୬୧ ଦେଶକୁ ନେଇ ଡବ୍ଲ୍ୟୁଏଚ୍‌ଓ ପକ୍ଷରୁ କରାଯାଇଥିବା ଏହି ସର୍ଭେରେ ୨୦୦୦ରୁ ୨୦୧୮ ମସିହା ପର୍ଯ୍ୟନ୍ତ ଉପଲବ୍ଧ ତଥ୍ୟ ଅନ୍ତର୍ଭୁକ୍ତ। ତେବେ ଲୋକଲଜ୍ଜା କାରଣରୁ ଅନେକ ଯୁବତୀ ଓ ମହିଳା ଥାନାରେ ଯୌନ ହିଂସା ସମ୍ପର୍କିତ ଅଭିଯୋଗ କରୁ ନ ଥିବାରୁ ବାସ୍ତବ ଚିତ୍ର ଆହୁରି ଭୟାନକ ହୋଇଥାଇପାରେ ବୋଲି ଜାତିସଂଘର ଏହି ସ୍ୱାସ୍ଥ୍ୟ ସଂସ୍ଥା ଉଦ୍‌ବେଗ ପ୍ରକାଶ କରିଛି।

### ସ୍ୱଳ୍ପ ଆୟକାରୀ ଦେଶରେ ଅଧିକ

ଡବ୍ଲ୍ୟୁଏଚ୍‌ଓ ରିପୋର୍ଟରେ ଦର୍ଶାଯାଇଛି ଯେ ଫିଜି, ଦକ୍ଷିଣ ଏସିଆ ଏବଂ ଉପସାହରୀୟ ଆଫ୍ରିକା ପରି ସମେତ ସ୍ୱଳ୍ପ ଆୟକାରୀ ଦେଶରେ ରହୁଥିବା ମହିଳାମାନେ ସେମାନଙ୍କ ଜୀବନରେ ବ୍ୟାପକ ଶାରୀରିକ, ଯୌନ ତଥା ଘରୋଇ ହିଂସାର ଶିକାର ହେଉଛନ୍ତି। ଏଭଳି ଦେଶଗୁଡ଼ିକରେ ପ୍ରତି ୪ ଜଣରେ ଜଣେ ମହିଳା ପ୍ରଭାବିତ। ତେବେ ୟୁରୋପିଆନ ଏବଂ ମଧ୍ୟ ଏସିଆ ଦେଶଗୁଡ଼ିକରେ ଏହି ହାର ସାମାନ୍ୟ କମ୍ ରହିଛି। ଏଠାରେ ପ୍ରତି ୫ ଜଣରେ ଜଣେ ନିର୍ଯାତିତ ବୋଲି ଅଧ୍ୟୟନରୁ ଜଣାପଡ଼ିଛି। ଡବ୍ଲ୍ୟୁଏଚ୍‌ଓ ରିପୋର୍ଟରେ ଜାତିସଂଘର ସଦସ୍ୟ ରାଷ୍ଟ୍ରମାନଙ୍କୁ ସୁସ୍ଥ ସମାଜ ଗଠନରେ ସହଭାଗୀ ହେବାକୁ ଆହ୍ୱାନ ଦିଆଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଆନୁଷ୍ଠାନିକ କାମ, ପରିବାର, ଯାନବାହନ, ସଭାସମିତିରେ ସଫଳତା ପାଇବାରେ କୌଣସି ଅସୁବିଧା ହେବ ନାହିଁ। ସ୍ୱାସ୍ଥ୍ୟ ପ୍ରତି ସଚେତନ ରହିବା ଜରୁରୀ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ବାଧାପ୍ରାପ୍ତ ହୋଇପାରେ। ଯାତ୍ରାରେ କାର୍ଯ୍ୟସିଦ୍ଧି ହେବ ଓ ଆଶା ନିଶ୍ଚିତ ପୂରଣ ହୋଇଯିବ।

**ବୃଷ** କାର୍ଯ୍ୟ ହାସଲ ପରିପ୍ରେକ୍ଷୀରେ ଅନ୍ୟମାନଙ୍କୁ ମନେଇବାରେ ସଫଳ ହେବେ, କିନ୍ତୁ ଖର୍ଚ୍ଚାନ୍ତ ମଧ ହେବାକୁ ପଡ଼ିବ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରୁ ଭଲ ଲାଭ ପାଇବେ। ମାଙ୍ଗଳିକ କାମ ସକାଶେ କୌଣସି ଉପକରଣ କ୍ରୟ କରିପାରନ୍ତି। ବକେୟା ଅର୍ଥ ଆଦାୟ ସକାଶେ ଅନ୍ୟର ସାହାଯ୍ୟ ନେବାର ସମ୍ଭାବନା ରହିଛି।

**ମିଥୁନ** ପ୍ରତିବନ୍ଧକ କାରଣରୁ ଅଟକି ରହିଥିବା କାମ ସକାଶେ ଅନୁତାପ କରିବାକୁ ବାଧ ହେବେ। ଆକସ୍ମିକ ଭାବରେ ଆଗନ୍ତୁକ ଅତିଥିଙ୍କ ଚର୍ଚ୍ଚାକୁ ନେଇ ମନ ଖୁସି ରହିବ। ଆଗାମୀ ମାଙ୍ଗଳିକ କର୍ମ ସକାଶେ ଘର ସାଜସଜ୍ଜା କରିପାରନ୍ତି। ଭ୍ରମଣ, ରାଜନୀତି, ପ୍ରଶାସନ, ସଭାସମିତି, ଲେଖାପଢ଼ା ପାଇଁ ଦିନଟି ବହୁତ ଭଲ।

**କର୍କଟ** ଆପଣ ଯାହା ଓ ଯେପରି ଭାବୁଛନ୍ତି ତାହା ହିଁ ହେବ ଓ ପାଇବେ, କିନ୍ତୁ ପରିଣତ ସମୟକୁ ଅପେକ୍ଷା କରିବାକୁ ପଡ଼ିବ। ଅନ୍ୟଦ୍ୱାରା ପ୍ରଭାବିତ ହୋଇ କୌଣସି ଭୁଲ୍‌କାମ କରିପାରନ୍ତି। କର୍ମକ୍ଷେତ୍ରରେ ସାଧାରଣ କଥାରୁ କଳହର ସମ୍ମୁଖୀନ ହେବାକୁ ପଡ଼ିବ। ଟିକିଏ ଟିକିଏ କଥାରେ ବିରକ୍ତି ପ୍ରକାଶ କରନ୍ତୁ ନାହିଁ, ଯାହାକି ସମସ୍ୟା ସୃଷ୍ଟି କରିବ।

**ସିଂହ** ପାରିବାରିକ ସମସ୍ୟାର ସରଳ ସମାଧାନ ସକାଶେ ବନ୍ଧୁଙ୍କୁ ନେହୁରା ହେବାକୁ ପଡ଼ିପାରେ। ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି, ଏଣୁ ସାବଧାନ ରହିବା ଭଲ। ଆନୁଷ୍ଠାନିକ କ୍ଷେତ୍ରରେ ଈର୍ଷାପରାୟଣ ବ୍ୟକ୍ତିଙ୍କ ଦ୍ୱାରା ଅସମ୍ମାନିତ ହୋଇପାରନ୍ତି। ଜମି କିଣାବିକା ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ।

**କନ୍ୟା** ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ପ୍ରତ୍ୟେକ କ୍ଷେତ୍ରରେ ନୀରବଦ୍ରଷ୍ଟା ଭଳି କାମ କରି ପରେ ଚିନ୍ତିତ ହେବେ। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହେବ। ବନ୍ଧୁଙ୍କ ସ୍ୱାସ୍ଥ୍ୟହାନି କାରଣରୁ ଡାକ୍ତରଙ୍କ ପରାମର୍ଶ ପାଇଁ ଆପଣଙ୍କୁ ଦୌଡ଼ିବାକୁ ପଡ଼ିପାରେ।

**ତୁଳା** ଆଜି ଯେଉଁ କାମଟିକୁ ଆରମ୍ଭ କରିବାକୁ ଯାଉଛନ୍ତି ତାହା ନିର୍ବିଘ୍ନରେ ସମାପନ ହୋଇଯିବ। ବିଶେଷ ଭ୍ରମଣ କାରଣରୁ ସାମୟିକ ଭାବରେ ଶାରୀରିକ ଆଶ୍ୱସ୍ତି ଅନୁଭବ କରିବେ। ହଠାତ୍ କୌଣସି କ୍ଷେତ୍ରରେ ପ୍ରତିକ୍ରିୟାଶୀଳ ହେବା ଶତ୍ରୁତାର କାରଣ ହୋଇପାରେ। କୌଣସି କାମ ହାସଲ ପାଇଁ ବହୁତ ଟଙ୍କା ଖର୍ଚ୍ଚ କରି ଦୁଃଖିତ ହେବେ।

**ବିଛା** କାମ ହାସଲର ଖୁସି କାରଣରୁ ପ୍ରବଣତାବଶତଃ ଏଣୁତେଣୁ କହିବା ସମସ୍ୟାର କାରଣ ହେବ। ଅଟକି ରହିଥିବା କାମରେ ଅଳ୍ପ ସମୟ ଅପେକ୍ଷା କରନ୍ତୁ, ଦେଖିବେ ସବୁଠିକ୍ ହୋଇଯିବ। ଈର୍ଷାପରାୟଣ ବ୍ୟକ୍ତିଙ୍କ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।

**ଧନୁ** ଆଜି ବନ୍ଧୁମାନଙ୍କ କଥାରେ ପଡ଼ି ମନୋରଞ୍ଜନ କାର୍ଯ୍ୟରେ ରୁଚି ବଳିବ, କିନ୍ତୁ ଶାନ୍ତି କିମ୍ବା ସନ୍ତୋଷ ପାଇ ପାରିବେ ନାହିଁ। ଫେରିବା ରାସ୍ତାରେ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। କର୍ମକ୍ଷେତ୍ରରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ସାଂଗଠନିକ ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**ମକର** ସବୁ ସମୟରେ ନିଜ ପାଖରେ ରହୁଥିବା କୌଣସି ବ୍ୟକ୍ତି ଦ୍ୱାରା କାମ ହାସଲ କରିବେ। ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହେବ। କଳା ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହୋଇଯିବ। ଭାବୁଥିବା କାମଟି ସକାଶେ କିଛି ସହଯୋଗ ଆଶା ରଖି ବନ୍ଧୁଙ୍କ ଆଗରେ ପ୍ରକାଶ କରିପାରିବେ ନାହିଁ।

**କୁମ୍ଭ** ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ପାଇବା କାରଣରୁ ଚିନ୍ତା ପ୍ରକଟ କରିବେ। ବିଭିନ୍ନ ପ୍ରକାର ସମସ୍ୟାମୂଳକ କାମରେ ପ୍ରବେଶ କରି ବ୍ୟସ୍ତତା ଅନୁଭବ କରି ପାରନ୍ତି। ଅବଶ୍ୟ ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇପାରନ୍ତି। ପାରିବାରିକ ସୁଖ ସ୍ୱାଚ୍ଛନ୍ଦ୍ୟ କାରଣରୁ କିମ୍ବା ହସଖୁସିର ବାତାବରଣରୁ ମନ ପ୍ରଫୁଲ୍ଲ ରହିବ।

**ମୀନ** ଆଜି ନୂତନ ବନ୍ଧୁ ସମ୍ପର୍କ ସ୍ଥାପନ କରିବା କ୍ଷେତ୍ରରେ ବନ୍ଧୁଙ୍କ ଅବଦାନ ସ୍ମରଣୀୟ ରହିବ। ବୁଝାମଣା ମାଧ୍ୟମରେ ପାରିବାରିକ ଅଶାନ୍ତିର ସମାପ୍ତି ଘଟାଇବେ। ବଡ଼ ଭାଇଙ୍କ ସ୍ୱାସ୍ଥ୍ୟ ଓ ସମ୍ପର୍କୀୟଙ୍କ ଅନୁଚିତ ଚିନ୍ତାଧାରା ମନକୁ ବ୍ୟଥିତ କରିପାରେ। ବ୍ୟବସାୟ, ବାଣିଜ୍ୟ, ପରିବହନ ମାନ୍ଦା ହେବ ନାହିଁ।

ଆଜି ମହାଶିବରାତ୍ରି, ସ୍ମାର୍ତ୍ତସମ୍ମତ ଜାଗର, ଶିବ ଚତୁର୍ଦ୍ଦଶୀ ଓ ବେଢ଼ା ପରିକ୍ରମା, ମାର୍ଚ୍ଚ ୧୧ ତାରିଖ, ବିଶ୍ୱ ବୃକ୍‌କ ଦିବସ, (ମାର୍ଚ୍ଚ ୨ୟ ଦିବସ ଗୁରୁବାର), ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ, ଦିବା ଘ.୦୨।୪୦ ଗତେ ଚତୁର୍ଦ୍ଦଶୀ, ରାଶିନକ୍ଷତ୍ର-ଧନିଷ୍ଠା/ମକର, ଦିବା ଘ. ୦୯।୨୧ ଗତେ କୁମ୍ଭ, ସିଂହ ରାଶିର ଘାତଚନ୍ଦ୍ର, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୦୨ ଗତେ ଘ.୦୭।୩୬ ମଧ୍ୟେ, ଘ.୧୦।୪୫ ଗତେ ଘ.୦୧।୦୭ ମଧ୍ୟେ ମାହେନ୍ଦ୍ରବେଳା। ରାତ୍ରି ଘ.୦୨।୪୬ ଗତେ ଘ.୦୩।୪୫ମଧ୍ୟେ ଅମୃତ ବେଳା। ଦିବା ଘ.୦୧।୨୫ ଗତେ ଘ.୦୨।୫୪ ମଧ୍ୟେ ରାହୁକାଳ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୧,୮୩,୭୪,୧୭୬ | ୨୬,୨୫,୭୭୧ | ୯,୪୦,୨୦,୮୨୪ |
| ଭାରତ | ୧,୧୨,୮୪,୨୮୪ | ୧,୫୮,୨୧୩ | ୧,୦୯,୩୫,୭୦୯ |
| ଓଡ଼ିଶା | ୩,୩୭,୯୨୯ | ୧୯୧୭(+୫୩) | ୩,୩୫,୩୨୨ |

ବୁଧବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ମାନସିକତା ବଦଳାଇଛି ମହାମାରୀ

**ସର୍ବୋତ୍ତମ ଗହଣା ଲାଗି ଖିମ୍‌ଜୀ ଜୁଏଲର୍ସ ଜଣାଶୁଣା। ଗ୍ରାହକଙ୍କୁ ଧ୍ୟାନରେ ରଖି ପାରମ୍ପରିକ ଓ ଆଧୁନିକ ଡିଜାଇନ୍‌ର ଅଳଙ୍କାର ତିଆରି କରୁଥିବା ଏହି ବ୍ୟବସାୟିକ ପ୍ରତିଷ୍ଠାନ ହେଉଛି ୮୫ ବର୍ଷ ପୁରୁଣା ଜୁଏଲାରୀ ବ୍ରାଣ୍ଡ୍। କରୋନା ମହାମାରୀ ଅନେକ ଚାଲେଞ୍ଜ ଆଣିଥିଲେ ବି ସେବାରେ କୌଣସି ପ୍ରକାର ବୁଝାମଣା କରି ନ ଥିଲା ଓଡ଼ିଶାର ସର୍ବପୁରାତନ ଜୁଏଲାରି ସମୂହ। ଜୟଯାତ୍ରା ସମ୍ପର୍କରେ ଧରିତ୍ରୀ ସହ ଖିମ୍‌ଜୀ ଗ୍ରୁପ୍ ନିର୍ଦ୍ଦେଶକ ମିତେଶ ଖିମ୍‌ଜୀଙ୍କର ଅନ୍ତରଙ୍ଗ ଆଳାପ।**



ଧରିତ୍ରୀ | OrissaPOST
BUSINESS EMINENCE AWARDS

**➪ମହାମାରୀ ସମୟରେ ଓଡ଼ିଶାରେ ଗହଣା କିଣାବିକା ବଜାର କିପରି ଥିଲା?**
କରୋନା ଲକ୍‌ଡାଉନ୍ ଯୋଗୁ ବଜାର ଖରାପ ଥିଲା। ଲକ୍‌ଡାଉନ୍ ପରେ କିଛି ଅଭିବୃଦ୍ଧି ହୋଇଛି। ଓଡ଼ିଶାର ଗହଣା ବଜାର ମୁଖ୍ୟତଃ ବିବାହ ଉପରେ ଆଧାରିତ। ଯେଉଁ ବାହାଘରଗୁଡ଼ିକ ଘୁଞ୍ଚାଇ ଦିଆଯାଇଥିଲା, ସେସବୁ ଏବେ ଧୀରେ ଧୀରେ ହେଉଥିବାରୁ ବିକ୍ରି ବଢ଼ୁଛି।

**➪ଗ୍ରାହକଙ୍କ ବ୍ୟବହାରରେ କୌଣସି ପରିବର୍ତ୍ତନ ଲକ୍ଷ୍ୟ କଲେ କି ?**
ଦେଖନ୍ତୁ, ଆମ ଦେଶରେ ସଞ୍ଚୟ ମାନସିକତା ରହିଛି। କିନ୍ତୁ ମହାମାରୀ ଲୋକଙ୍କ ମାନସିକତାରେ ପରିବର୍ତ୍ତନ ଆଣିଛି। ଲକ୍‌ଡାଉନ୍ ପରେ ଲୋକେ ନିଜ ଖର୍ଚ୍ଚ ବଢ଼ାଇଛନ୍ତି। ଏବେ ସଞ୍ଚୟ ବଦଳରେ ଜୀବନକୁ ଉପଭୋଗ କରିବାକୁ ପସନ୍ଦ କରୁଛନ୍ତି। ଏହି ସ୍ଥିତିରେ ସୁନା ଭଲ ବ୍ୟବସାୟ ଦେଇଥାଏ। ସୁନା ପାଖରେ ଥିଲେ ଏହା ମହାମାରୀରେ ରକ୍ଷାକାରୀ ସାବ୍ୟସ୍ତ ହୋଇଥାଏ।

**➪ଗହଣା ବ୍ୟବସାୟର ଭବିଷ୍ୟତକୁ କିପରି ଦେଖୁଛନ୍ତି ?**
ହଁ, ସୁନା ଦର ବହୁତ ବଢ଼ିଥିଲା, ଏବେ କମିଯାଇଛି। ଆପଣ ଜାଣନ୍ତି ଆମ ଚାରିପାଖେ ଘଟୁଥିବା ଘଟଣା ଦ୍ୱାରା ସୁନା ଦର ପ୍ରଭାବିତ ହୁଏ। ଏବେ ଟିକା ଆସିବା ଫଳରେ ଦର କମିଛି। ଆଗକୁ ମଧ୍ୟ ସାମାନ୍ୟ କମିପାରେ।

**➪ଅନ୍‌ଲାଇନ୍ ବିକ୍ରି ଅଧିକ ଉପଯୋଗୀ ହେବ ବୋଲି ଭାବୁଛନ୍ତି କି?**
ଗହଣା ବଜାରରେ ଅନ୍‌ଲାଇନ୍ ବିକ୍ରି ଅତି କମ୍ ହୋଇଥାଏ। କାରଣ ଗ୍ରାହକମାନେ ସୁନାକୁ ଦେଖି ପରଖିବା ନୀତିରେ ବିଶ୍ୱାସ ରଖନ୍ତି। କିନ୍ତୁ ଆମେ ସମସ୍ତେ ଏବେ ଅନ୍‌ଲାଇନ୍ ପ୍ଲାଟ୍‌ଫର୍ମରେ ଅଛୁ। ସୁନା ଦର ଅଧିକ ହୋଇଥିବାରୁ ଗ୍ରାହକମାନେ କିଣିବା ପୂର୍ବରୁ ଦୋକାନକୁ ଯାଇ ତାକୁ ଦେଖନ୍ତି ଓ ପରଖିବାକୁ ପସନ୍ଦ କରିଥାନ୍ତି। ଅନ୍‌ଲାଇନ୍‌ରେ ବିକ୍ରି ହେଉଥିବା ଅନ୍ୟ ଜିନିଷ ତୁଳନାରେ ସୁନା ବିକ୍ରି ସେତେଟା ବଢୁଥିବା ଜଣାପଡୁନି। ତେବେ ଏହା ଧୀରେ ଧୀରେ ହେଉଛି।

**➪ବଜେଟ ଉପରେ ଆପଣଙ୍କ ପ୍ରତିକ୍ରିୟା?**
ଗତ ୫ ବର୍ଷ ହେବ ସୀମା ଶୁଳ୍କ କମାଇବା ପାଇଁ ଆମେ ସରକାରଙ୍କ ପାଖରେ ଦାବି କରି ଆସୁଥିଲୁ। ସୀମା ଶୁଳ୍କ ଏବେ କମିଯାଇଛି। ଏହା ଚାହିଦା ବୃଦ୍ଧି କରିବ, ଯାହାଦ୍ୱାରା ସବୁ ବର୍ଗର ଅଂଶୀଦାରମାନଙ୍କୁ ଆଶ୍ୱସ୍ତି ମିଳିବ। ତେବେ ନୂଆ ସୀମା ଶୁଳ୍କ ନୂଆ ଷ୍ଟକ୍ ବା କନ୍‌ସାଇନମେଣ୍ଟ ଉପରେ ଲାଗୁ ହେବ। ଏବେକାର ମହଜୁଦ ପାଇଁ ଏହି ନୀତି ଲାଗୁ ହେବ ନାହିଁ।

**➪ଓଡ଼ିଶାରେ ଆପଣଙ୍କ ଭବିଷ୍ୟତ ଯୋଜନା ?**
ଝାରସୁଗୁଡ଼ାରେ ନୂଆ ଶୋ ରୁମ୍ ଖୋଲିବାକୁ ଯାଉଛୁ। ୧୦,୦୦୦ ବର୍ଗଫୁଟ ଜାଗାରେ ଏହି ନୂଆ ଶୋରୁମ୍ ପଶ୍ଚିମ ଓଡ଼ିଶାର ସବୁଠୁ ବଡ଼ ଶୋରୁମ୍ ହେବ। ଏଥିରେ ୮୦ ରୁ ଅଧିକ ଲୋକ ସିଧାସଳଖ ନିଯୁକ୍ତି ପାଇବେ। ଗ୍ୟାରେଣ୍ଟି ସହିତ ଗୋଟିଏ ଛାତ ତଳେ ସବୁ ଜିନିଷ ମିଳିବ। ଆଗକୁ ରାଜ୍ୟର ଅନ୍ୟ ଅଞ୍ଚଳରେ ମଧ୍ୟ ଆମେ ଶୋରୁମ୍ ଖୋଲିବାକୁ ଯାଉଛୁ।

**➪ବ୍ୟବସାୟ ପାଇଁ ଭୁବନେଶ୍ୱର ଏକ ଅନୁକୂଳ ପରିବେଶ କି?**
ହଁ, ନିଶ୍ଚିତ। ବ୍ୟବସାୟ କରିବା ପାଇଁ ସାରା ଭାରତରେ ଭୁବନେଶ୍ୱର ହେଉଛି ସବୁଠୁ ସୁରକ୍ଷିତ ସ୍ଥାନ। ରାଜ୍ୟ ସରକାର ସମସ୍ତ ସହଯୋଗ କରୁଛନ୍ତି। ଗହଣା ଶିଳ୍ପ ସରକାରଙ୍କଠାରୁ ଏକ ସୁସ୍ଥ ଓ ସୁରକ୍ଷିତ ବାତାବରଣ ଆବଶ୍ୟକ କରେ। ଏଠାରେ ଥିବା ପୋଲିସ କର୍ମୀମାନେ ଅତି ସକ୍ରିୟ।




# କୃଷି ଯନ୍ତ୍ରାଂଶ ସବ୍‌ସିଡି ନାଁରେ ହଡ଼ପ

## ଲୋକାୟୁକ୍ତଙ୍କ ନିକଟରେ ମାମଲା

- ଜାଲିଆତି କରି ଏସ୍‌ସି,ଏସ୍‌ଟି ହିତାଧିକାରୀଙ୍କ ନାମରେ ଚଞ୍ଚକତା
- ରେମୁଣା ବିଧାୟକଙ୍କ ମାଲିକାନାରେ ରହିଛି ନିଗମାନନ୍ଦ ଆସୋସିଏଟ୍ସ



ଭୁବନେଶ୍ୱର,୧୦।୩(ବ୍ୟୁରୋ)

ଅନୁସୂଚିତ ଜାତି(ଏସ୍‌ସି) ଓ ଜନଜାତି(ଏସ୍‌ଟି) ଚାଷୀଙ୍କ ଆର୍ଥିକ ଅଭିବୃଦ୍ଧି ଏବଂ ବୈଜ୍ଞାନିକ ପଦ୍ଧତିରେ ଉନ୍ନତ ମାନର ଚାଷ ପାଇଁ କୃଷି ଯନ୍ତ୍ରାଂଶ କିଣାରେ ରାଜ୍ୟ ସରକାର ସବ୍‌ସିଡି ବା ରିହାତି ଦେଉଛନ୍ତି। ବିଶେଷକରି ହାର୍ଭେଷ୍ଟର (ଧାନକଟା ମେଶିନ) କିଣିବା ପାଇଁ ୬ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି। ହେଲେ କେତେକ କ୍ଷେତ୍ରରେ ଚାଷୀଙ୍କୁ ଯନ୍ତ୍ରାଂଶ ଯୋଗାଣ କରା ନ ଯାଇ ଉକ୍ତ ଅର୍ଥକୁ ହଡ଼ପ କରାଯାଉଛି। ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାରେ ବହୁ ସଂଖ୍ୟକ ଭୂମିହୀନ ଏସ୍‌ସି,ଏସ୍‌ଟି ବର୍ଗର ଚାଷୀଙ୍କ ନାମରେ ଜାଲିଆତି କରାଯାଇ ୨୦୧୭ ରୁ ୨୦୨୦ ମଧ୍ୟରେ ବହୁ କୋଟି ଟଙ୍କାର ସବ୍‌ସିଡି ଅର୍ଥ ହଡ଼ପ କରାଯାଇଥିବା ଜଣାପଡ଼ିଛି। ଏହି ଜାଲିଆତିରେ ବାଲେଶ୍ୱର ତାମୁଲିଆ ଉଡ଼ନ୍ତା ପୋଲ ତଳସ୍ଥିତ ନିଗମାନନ୍ଦ ଆସୋସିଏଟ୍ସ ସମ୍ପୃକ୍ତ ଥିବା ଅଭିଯୋଗ ହେଉଛି। ଉକ୍ତ ସଂସ୍ଥାର ପ୍ରୋପ୍ରାଇଟର ହେଉଛନ୍ତି ସୁଧାଂଶୁ ଶେଖର ପରିଡ଼ା, ଯିଏକି ଏବେ ରେମୁଣାର ବିଧାୟକ। ଲୋକାୟୁକ୍ତଙ୍କ ନିକଟରେ ଏନେଇ ଗତ ଫେବୃୟାରୀ ୪ ତାରିଖରେ ବାଲେଶ୍ୱର ରଣାସାହିର ତନୟ କୁମାର ମହାନ୍ତି ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଗ୍ରହଣ କରି ଲୋକାୟୁକ୍ତ ନିଗମାନନ୍ଦ ଆସୋସିଏଟ୍ସର ପ୍ରୋପ୍ରାଇଟର ସୁଧାଂଶୁ ଶେଖର ପରିଡ଼ାଙ୍କ ସମେତ କୃଷି ନିର୍ଦ୍ଦେଶାଳୟକୁ ନୋଟିସ ଜାରି କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୩୦କୁ ଧାର୍ଯ୍ୟ ହୋଇଛି।

ଲୋକାୟୁକ୍ତଙ୍କ ନିକଟରେ ହୋଇଥିବା ଅଭିଯୋଗ ଅନୁସାରେ ବିଧାୟକ ସୁଧାଂଶୁଙ୍କ ମାଲିକାନାରେ ନିଗମାନନ୍ଦ ଆସୋସିଏଟ୍ସ ନାମରେ ଏକ କୃଷି ଫାର୍ମ ରହିଛି। ଏହି ଫାର୍ମ ଧାନକଟା ଯନ୍ତ୍ର, ଟ୍ରାକ୍ଟର ଓ ପାୱାରଟିଲର ଆଦି କୃଷି ଯନ୍ତ୍ରାଂଶ ବିକ୍ରୟ କରିଥାଏ। ତେବେ ଏହି କୃଷି ଯନ୍ତ୍ରାଂଶଗୁଡ଼ିକ ସରକାରଙ୍କ ପକ୍ଷରୁ ଡିବିଟି(ଡାଇରେକ୍ଟ ବେନିଫିଟ ଟ୍ରାନ୍ସଫର) ସ୍କିମ୍ ଜରିଆରେ ସବସିଡିରେ ପ୍ରଦାନ କରାଯାଇଥାଏ। ଏହି ସବ୍‌ସିଡି ଅର୍ଥକୁ ହଡ଼ପ କରିବା ପାଇଁ ନିଗମାନନ୍ଦ ଆସୋସିଏଟ୍ସ ନିରୀହ ଆଦିବାସୀଙ୍କ ନାଁରେ ଚଞ୍ଚକତା କରି କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ହାତେଇ ନେଇଥିବା ଅଭିଯୋଗ ହୋଇଛି। ବିଶେଷକରି ଧାନକଟା ମେଶିନରେ ସର୍ବାଧିକ ୬ ଲକ୍ଷ ଟଙ୍କା ସବ୍‌ସିଡି ମିଳୁଥିବାରୁ ନିଗମାନନ୍ଦ ଆସୋସିଏଟ୍ସ ଏହାର ଫାଇଦା ଉଠାଇବାକୁ ଉଦ୍ୟମ କରିଛି। ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାର ଆଦିବାସୀଙ୍କ ନାଁରେ ଉକ୍ତ ଅର୍ଥ ହଡ଼ପ ହୋଇଥିବା ଅଭିଯୋଗ ହୋଇଛି। ମୟୂରଭଞ୍ଜ ଜିଲା ଯଶିପୁର ଅଞ୍ଚଳର ନାରନ ମାଝି, ମଣ୍ଡୁଡିଆ ପଞ୍ଚାୟତର ଭାକୁରାମ ଟୁଡୁ, ଚୁଆପାଣି ପଞ୍ଚାୟତର ସମୟ ମୁର୍ମୁ, କୁଳିଆଣା ପଞ୍ଚାୟତର ଦୁଷ୍ମନ୍ତ ସୋରେନ୍, ତଳଗାଁ ପଞ୍ଚାୟତର ଜଗନ୍ନାଥ ପିଙ୍ଗୁଆ, ବାଲେଶ୍ୱର ଜିଲା ରେମୁଣାର ନିରଞ୍ଜନ ସିଂହ ଓ ରାଜେନ୍ଦ୍ର ପୁହାଣ, ସଦର ବ୍ଲକର ପ୍ରଦୀପ ମହାଳିକ, ଔପଦା ବ୍ଲକର ଗୟାଧର ମଳିକ ଓ ଜଳେଶ୍ୱର ଅଞ୍ଚଳର ସଞ୍ଜୟ ଜେନାଙ୍କ ସମେତ ଅନେକଙ୍କ ନାମରେ ଏହି ସବ୍‌ସିଡି ଅର୍ଥ ହଡପ କରାଯାଇଥିବା ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ ହୋଇଛି।

ମୁଖ୍ୟ କଥା ହେଉଛି ଗରିବ ଓ ଦିନମଜୁରିଆ ଆଦିବାସୀ ଲୋକମାନେ ବ୍ୟାଙ୍କ ଋଣ ନ ନେଇ ନଗଦ ୨୫ ଲକ୍ଷ ଟଙ୍କା ଦେଇ ଏହି ଧାନକଟା ଯନ୍ତ୍ର କିଣିଥିବା କାଗଜପତ୍ରରେ ଦର୍ଶାଯାଇଛି। ହିତାଧିକାରୀଙ୍କ ବ୍ୟାଙ୍କ ଜମାଖାତାରେ କୃଷି ଯନ୍ତ୍ରାଂଶ ଯୋଗାଣକାରୀ ସଂସ୍ଥା ନିଗମାନନ୍ଦ ଆସୋସିଏଟ୍ସ ବିଭିନ୍ନ ପର୍ଯ୍ୟାୟରେ ପ୍ରାୟ ୨୫ ଲକ୍ଷ ଟଙ୍କା ଜମା କରି ପୁଣି ସେହି ଅର୍ଥକୁ ନିଜ ଫାର୍ମ ଜମାଖାତାକୁ ଟ୍ରାନ୍ସଫର କରିଛି। ପରେ କାଗଜପତ୍ରରେ ଚଞ୍ଚକତା କରାଯାଇ ହିତାଧିକାରୀଙ୍କୁ ଧାନକଟା ଯନ୍ତ୍ର ବିକ୍ରୟ କରାଯାଇଥିବା ଦର୍ଶାଯାଇଛି। ପରବର୍ତ୍ତୀ ସମୟରେ ଉକ୍ତ ହିତାଧିକାରୀମାନଙ୍କୁ ସରକାରଙ୍କ ସ୍କିମ୍ ଅନୁଯାୟୀ ସବ୍‌ସିଡିରେ ମିଳୁଥିବା ୬ ଲକ୍ଷ ଟଙ୍କାକୁ ମଧ୍ୟ ନିର୍ଦ୍ଦିଷ୍ଟ ମଧ୍ୟସ୍ଥଙ୍କ ମାଧ୍ୟମରେ ନିଗମାନନ୍ଦ ଆସୋସିଏଟ୍ସ ହଡ଼ପ କରିଥିବା ଅଭିଯୋଗ ହୋଇଛି। ଏହିପରି ଭାବେ ନିଗମାନନ୍ଦ ଆସୋସିଏଟ୍ସ ୨୦୧୭-୧୮,୨୦୧୮-୧୯,୨୦୧୯-୨୦ରେ ବହୁ ହିତାଧିକାରୀଙ୍କ ଜରିଆରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ସବ୍‌ସିଡି ବାବଦ ଅର୍ଥ ହଡ଼ପ କରିଥିବା ନେଇ ଅଭିଯୋଗ ହୋଇଛି। ତେବେ ଉପରୋକ୍ତ କୌଣସି ହିତାଧିକାରୀଙ୍କ ନିକଟରେ ଧାନକଟା ମେଶିନ ନ ଥିବା କୁହାଯାଉଛି। ଏପରି କି ଚଞ୍ଚକତା କରି ତାଙ୍କ ନାମରେ ଧାନକଟା ମେଶିନ୍ କିଣାଯାଇଛି ଏବଂ ସବ୍‌ସିଡି ଅର୍ଥ ହଡ଼ପ କରାଯାଇଛି ବୋଲି ଯଶିପୁର ଅଞ୍ଚଳର ନାରନ୍ ମାଝି ନାମକ ଜଣେ ହିତାଧିକାରୀ ଏକ ସତ୍ୟପାଠରେ ମଧ୍ୟ ଉଲ୍ଲେଖ କରିଛନ୍ତି। ଲୋକାୟୁକ୍ତଙ୍କ ଦ୍ୱାରା ଏହି ଜାଲିଆତି ଘଟଣାର ନିରପେକ୍ଷ ତଦନ୍ତ କରାଗଲେ ପ୍ରକୃତ ସତ୍ୟ ପଦାକୁ ଆସିବ ବୋଲି ଆବେଦନକାରୀ ଦର୍ଶାଇଛନ୍ତି। କେବଳ ବାଲେଶ୍ୱର କିମ୍ବା ମୟୂରଭଞ୍ଜ ନୁହେଁ, ସବ୍‌ସିଡି ଅର୍ଥ ହଡ଼ପ ପାଇଁ ଅନ୍ୟାନ୍ୟ ଜିଲାରେ ମଧ୍ୟ ଏହିଭଳି ଚଞ୍ଚକତା କରାଯାଇଥିବା ଅନୁମାନ କରାଯାଉଛି। ଗତ ୫ ବର୍ଷ ମଧ୍ୟରେ ରାଜ୍ୟ ଓ କେନ୍ଦ୍ର ସରକାର କୃଷି ଯନ୍ତ୍ରାଂଶରେ ବହୁ କୋଟି ଟଙ୍କାର ରିହାତି ଦେଇଥିବାବେଳେ ଏହି ଅର୍ଥ ଦୁର୍ନୀତିଗ୍ରସ୍ତ ସରକାରୀ ଅଧିକାରୀଙ୍କ ଜରିଆରେ କେତେକ ସଂସ୍ଥା ହଡ଼ପ କରିଥିବା ଜଣାପଡିଛି। ଅପରପକ୍ଷରେ ସବ୍‌ସିଡି ବାବଦ ଅର୍ଥ ହଡ଼ପ କରିବାରେ ରେମୁଣାର ବିଜେଡି ବିଧାୟକ ସୁଧାଂଶୁ ଶେଖର ପରିଡ଼ାଙ୍କ ନାଁ ସାମ୍ନାକୁ ଆସିବା ପରେ ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିଛି। ଏ ସମ୍ପର୍କରେ ବିଧାୟକ ସୁଧାଂଶୁଙ୍କୁ ପଚାରିବାରେ ସେ ଏନେଇ କିଛି ଜାଣି ନ ଥିବା ପ୍ରକାଶ କରିଛନ୍ତି। ଏପରି କି ହିତାଧିକାରୀଙ୍କ ଆକାଉଣ୍ଟକୁ ଟଙ୍କା କାରବାର ହୋଇଥିବା ନେଇ ପ୍ରଶ୍ନ କରିବାରୁ ଯଦି କେହି ଭୁଲ୍‌ରେ ଟଙ୍କା ପଠାଇଥିବେ , ତେବେ ତାଙ୍କୁ ଟଙ୍କା ଦିଆଯାଇଥିବ ବୋଲି କହିଛନ୍ତି। ଲୋକାୟୁକ୍ତଙ୍କ ନିକଟରେ ହୋଇଥିବା ଅଭିଯୋଗ ସମ୍ପର୍କରେ ପଚାରିବାରେ ତାଙ୍କ ନିକଟକୁ କୌଣସି ନୋଟିସ ଆସି ନାହିଁ, ଆସିବା ପରେ ଯାହା ମତାମତ ଦେବେ ବୋଲି କହିଛନ୍ତି।




## ଏଭଳି ଆଡମ୍ବରପୂର୍ଣ୍ଣ ଜିଲା ଗସ୍ତ ଆଉ କେହି କରିନାହାନ୍ତି: ପ୍ରଦୀପ

ଭୁବନେଶ୍ୱର, ୧୦।୩(ବ୍ୟୁରୋ)

ରାଜ୍ୟ ସରକାରଙ୍କ ନୂଆପଡ଼ା କାର୍ଯ୍ୟକ୍ରମକୁ ନେଇ ଟାର୍ଗେଟ କରିଛି ଭାଜପା। ଦଳର କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ପ୍ରଦୀପ ପୁରୋହିତ କହିଛନ୍ତି, ଅତୀତରେ କୌଣସି ମୁଖ୍ୟମନ୍ତ୍ରୀ ଏଭଳି ଆଡମ୍ବରପୂର୍ଣ୍ଣ ଜିଲା ଗସ୍ତ କରୁ ନ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ଆଜିର ଗସ୍ତ ପୂର୍ବରୁ ସରକାରୀ କଳକୁ ଅପବ୍ୟବହାର କରି ଶାସକ ବିଜେଡିର ମନ୍ତ୍ରୀ, ଏମ୍‌ପି, ବିଧାୟକଙ୍କଠାରୁ ଆରମ୍ଭକରି ଛାମୁଆ ନେତା ନୂଆପଡ଼ାରେ ଡେରା ପକାଇଛନ୍ତି। ଏପରିକି ସମ୍ପୂର୍ଣ୍ଣ ଶାସନ ବ୍ୟବସ୍ଥା ନୂଆପଡ଼ାକୁ ସ୍ଥାନାନ୍ତର ହୋଇଯାଇଛି। ପଞ୍ଚାୟତ ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ବିଭିନ୍ନ ଜିଲା ଗସ୍ତ କରି ନିଜ ଭାବମୂର୍ତ୍ତିକୁ ସଜାଡିବାର କେବଳ ପ୍ରହସନ କରୁଛନ୍ତି। କେନ୍ଦ୍ରୀୟ ଅନୁଦାନ ଅର୍ଥରେ ରାଜ୍ୟରେ ପ୍ରତିଷ୍ଠିତ ହେଉଥିବା ବିଭିନ୍ନ ପ୍ରକଳ୍ପର ନାଲିଫିତା କାଟିବାରେ ମୁଖ୍ୟମନ୍ତ୍ରୀ ବ୍ୟସ୍ତ ବୋଲି ପ୍ରଦୀପ ତାଚ୍ଛଲ୍ୟ କରି କହିଛନ୍ତି। ସେ ଆହୁରି କହିଛନ୍ତି, ୨୦ ବର୍ଷ ତଳରୁ ଶୁଭାରମ୍ଭ ଦିଆଯାଇଥିବା ଏବଂ ଆଜିର ଉଦ୍‌ଘାଟନ ହୋଇଥିବା ଲୋୟର ଇନ୍ଦ୍ର ଜଳ ପ୍ରକଳ୍ପ ଅଧୀନରେ ଥିବା କେନାଲଗୁଡିକର ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବା ଯୋଗୁ ପାଣି ଯାଇପାରିବ ନାହିଁ। ଏହି ଉଦ୍‌ଘାଟନର ଉଦ୍ଦେଶ୍ୟ କ'ଣ ବୋଲି ପୁରୋହିତ ପ୍ରଶ୍ନ କରିଛନ୍ତି। କେନ୍ଦ୍ର ସରକାରଙ୍କ ଅର୍ଥରେ ନିର୍ମିତ ହୋଇଥିବା ଏହି ପ୍ରକଳ୍ପକୁ ଦଳୀୟ ଭିତ୍ତିରେ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ସଂଘୀୟ ବ୍ୟବସ୍ଥାକୁ ଅବମାନନା କରିଛନ୍ତି।



❝ ଈଶ୍ୱରଙ୍କର କୃପା ପାଇଁ କେବଳ ପ୍ରାର୍ଥନା କର । କାରଣ, ଯଦି ନ୍ୟାୟର ସମ୍ମୁଖୀନ ହେବାକୁ ପଡେ, ତେବେ ଖୁବ୍ କମ ଲୋକ ନ୍ୟାୟ ସମ୍ମୁଖରେ ଠିଆ ହୋଇ ପାରିବେ । -ଶ୍ରୀମା





# ପ୍ରାଣୀ ଓ ପରିବେଶ ଉପଯୋଗୀ ନିବେଶ

ମାନେକା ଗାନ୍ଧୀ

ଭାରତର ସବୁଠୁ ସମୃଦ୍ଧ ସମୁଦାୟ (ଜୈନମାନେ) ଏବଂ ଅମ୍ବାନୀ, ବିର୍ଲା, ଜିନ୍ଦଲ, ଓସ୍ୱାଲ, ମୁଞ୍ଜାଲ, ହିନ୍ଦୁଜା, ଅଦାନୀ ଭଳି ପ୍ରତିଷ୍ଠିତ ବିଜ୍‌ନେସ ପରିବାରଗୁଡ଼ିକ ସମସ୍ତେ ଶାକାହାରୀ-ଏହା ଏକ ସଂଯୋଗ ହୋଇ ନ ପାରେ ବୋଲି ମୁଁ ସବୁବେଳେ ମାନି ଆସିଛି। ସ୍ପଷ୍ଟତଃ କର୍ମର ନିୟମ ହିଁ କାମ କରେ। ତୁମେ ଯେତେ କମ୍ କ୍ଷତି କରିବ, ସେତେ ଅଧିକ ପାଇବ। ମୁଁ ଗୋଟିଏ କଥାରେ ସବୁବେଳେ ନୈରାଶ୍ୟ ଭାବ ଅନୁଭବ କରେ। ତାହା ହେଉଛି ସେମାନଙ୍କ ନିକଟରେ ପର୍ଯ୍ୟାପ୍ତ ଅର୍ଥ ରହିଥିଲେ ବି ଅର୍ଥବଳକୁ ସେମାନଙ୍କ ବିଶ୍ୱାସର ମୂଳ ସିଦ୍ଧାନ୍ତର ମୁଖ୍ୟ ଧାରା କୁହାଯାଉଥିବା ଅହିଂସା କ୍ଷେତ୍ରରେ ବ୍ୟବହାର କରିନାହାନ୍ତି। ଆମେରିକାର ଇହୁଦୀମାନେ କିନ୍ତୁ ଏ କ୍ଷେତ୍ରରେ ସମ୍ପୂର୍ଣ୍ଣ ଭିନ୍ନ। ସେମାନେ ଧନବଳରେ ସେମାନଙ୍କ କର୍ମ ଓ ସିଦ୍ଧାନ୍ତକୁ ଆଗକୁ ବଢ଼ାଇଛନ୍ତି ଓ ଏହାକୁ ବିଶ୍ୱରେ ବିଧିସମ୍ମତ କରିବା ସହ ଚର୍ଚ୍ଚାକୁ ମଧ୍ୟ ଆଣିପାରିଛି। ଜୈନମାନେ ସମାଜର ଭଲ ଲାଗି ଏକ ସଶକ୍ତ ବଳ ହୋଇପାରିଥାଆନ୍ତେ, କିନ୍ତୁ ସେମାନେ ସେମାନଙ୍କ ବିଶ୍ୱାସରୁ ବ୍ୟବସାୟକୁ ସମ୍ପୂର୍ଣ୍ଣ ଅଲଗା କରି ରଖିଛନ୍ତି। ଆବଶ୍ୟକତାଠାରୁ ଅଧିକ ଦାନର ଲୋଡ଼ାନାହିଁ। ସେମାନେ କେତେ ଦାନୀ ବା କେତେ ପରିମାଣ ଦାନ କରୁଛନ୍ତି ସେଥିରେ କିଛି ନାହିଁ, ବରଂ ଦରକାର ସବୁ ବ୍ୟବସାୟିକ କାରବାର ଏବଂ ନିଷ୍ପତ୍ତିରେ ଅହିଂସା ନୀତିର ଏକ ସ୍ଥିର, ସାର୍ଥକ ଏବଂ ସଂଗଠିତ ସମାୟୋଜନ। ଏହା ଇନଭେଷ୍ଟିଂ ଇନ୍ ଏଥିକ୍ସ ବା ନୈତିକତାରେ ନିବେଶ ନୁହେଁ,କିନ୍ତୁ ନିବେଶରେ ନୈତିକତାର କଥା। ଏଥିକାଲ ଇନଭେଷ୍ଟିଂ ବା ପ୍ରାଣୀ, ସମାଜ ତଥା ପରବେଶ ଉପରେ ସକାରାତ୍ମକ ପ୍ରଭାବ ପକାଉଥିବା କମ୍ପାନୀ, ସଂସ୍ଥା କିମ୍ବା ଫଣ୍ଡ୍‌ରେ ନିବେଶ ହିଁ ଆମ ପୃଥିବୀକୁ ସମସ୍ତଙ୍କ ପାଇଁ ଦୟାଳୁ, ସ୍ୱଚ୍ଛ, ସୁସ୍ଥ କରିପାରିବ।

ସ୍ୱାଧୀନତା ପ୍ରାପ୍ତିର ଠିକ୍ ପରେ ଜୈନମାନେ ଷ୍ଟକ୍ ମାର୍କେଟ ଦଖଲ କରିନେଲେ। ସେମାନେ ମାଂସ କିମ୍ବା ମାଂସଜାତୀୟ ଉତ୍ପାଦ କିମ୍ବା କୌଣସି ପ୍ରାଣୀ ହିଂସା ସହ ଜଡ଼ିତ କମ୍ପାନୀରେ ନିବେଶ ନ କରିବା ଲାଗି ସ୍ଥିର କଲେ। କିନ୍ତୁ ସେମାନଙ୍କର ଏଭଳି ଚିନ୍ତାଧାରା ମାତ୍ର କିଛି ବର୍ଷ ରହିଲା ଏବଂ ଜୈନମାନେ ଜିଲେଟିନ ଏବଂ ବୋନ୍ କମ୍ପାନୀ ଓ ପୋରସେଲେନ କିମ୍ବା ବୋନ ଚାଇନା ଭଳି ପ୍ରାଣିଜ ଉତ୍ପାଦ ଉପଯୋଗ କରୁଥିବା କମ୍ପାନୀଗୁଡ଼ିକର ମାଲିକ ହୋଇଗଲେ। ସେମାନଙ୍କ ମଧ୍ୟରୁ ଅନେକ ଖଣି ଏବଂ ଖଣି ସହ ସମ୍ବନ୍ଧିତ ଜୁଏଲେରୀ କମ୍ପାନୀଗୁଡ଼ିକର ମାଲିକ ହୋଇ ବସିଗଲେ। ବହୁ ବର୍ଷ ତଳେ ହେମନ୍ତ କୋଠାରି ଏକ ଏଥିକାଲ ଇନଭେଷ୍ଟମେଣ୍ଟ ଫଣ୍ଡ୍ ଆରମ୍ଭ କରିବାକୁ ଚାହିଁଥିଲେ। କିନ୍ତୁ ତାହା ପରାମର୍ଶଦାତା ପର୍ଯ୍ୟାୟରେ ସୀମିତ ରହିଗଲା। ଏଥିକ୍ସକୁ ନେଇ ଜଟିଳ ସମସ୍ୟା ଦେଖାଦେଲା। ଦେଖିବାକୁ ଗଲେ ପୃଥିବୀରେ ସବୁ ବିଜ୍‌ନେସ କ୍ଷତିକାରକ। ନିର୍ମାଣ କାର୍ଯ୍ୟ, ରେଳ ଲାଇନ ବିଛାଇବା, ସିମେଣ୍ଟ, ରାସାୟନିକ କିମ୍ବା କାଗଜ ତିଆରି ଆଦି କାର୍ଯ୍ୟରେ ପୃଥିବୀର କ୍ଷତି ହେଉଛି। ମୋତେ ଏହି ଫଣ୍ଡ୍‌ରେ ରହିବାକୁ କୁହାଯାଇଥିଲା। ପରିବେଶ ଉପରେ ଗଭୀର ଅନୁଧ୍ୟାନ କରିବା ସହ ଏଥିରେ ଥିବା ଜଟିଳତା ଦୂର କରି ଲେକମାନଙ୍କ ପାଇଁ ନିବେଶ କରିବାକୁ ଏକ ମୌଳିକ ନିୟମ ଗଢ଼ିବା ନିମନ୍ତେ ଏହା ଏକ ଉପଯୁକ୍ତ କ୍ଷେତ୍ର ଥିବାରୁ ଏଥିରେ କାମ କରିବାକୁ ମୁଁ ଭାରି ଆଗ୍ରହୀ ଥିଲି। କିନ୍ତୁ ଦୁଃଖର କଥା ନିବେଶ ପାଣ୍ଠି ଗଢ଼ାଯାଇ ପାରିଲା ନାହିଁ। ବିଗତ ବର୍ଷଗୁଡ଼ିକରୁ ଏବେ ଯାଏ ମୁଁ ବିଶ୍ୱର ପ୍ରଥମ ନିର୍ଯାତନା ମୁକ୍ତ ଏବଂ ଜଳବାୟୁ ସଚେତନାଭିତ୍ତିକ ଏକ୍ସଚେଞ୍ଜ ଟ୍ରେଡ୍ ଫଣ୍ଡ୍ (ଇଟିଏଫ୍) ବିଷୟରେ କହିଆସୁଛି। ଏହା ଭାରତୀୟମାନଙ୍କ ପାଇଁ ଏକ ମଡେଲ ଭଳି କାମ କରିବ ବୋଲି ମୋର ଆଶା।

କିଛି ପରିବର୍ତ୍ତନ ବି ହୋଇଛି। ୨୦୧୭ରେ ତିନିଜଣ ସ୍ମାର୍ଟ ଏବଂ ଶୁଦ୍ଧଶାକାହାର ଉପରେ ନିବେଶ କରୁଥିବା ବ୍ୟବସାୟୀ ତଥା ବିଶେଷଜ୍ଞ 'ବିୟଣ୍ଡ ଇନଭେଷ୍ଟମେଣ୍ଟ' ଗଠନ କରିଥିଲେ। ଏହା ଆମେରିକାର ଏକ ପଞ୍ଜୀକୃତ ନିବେଶ ପରାମର୍ଶଦାତା ପ୍ଲାଟଫର୍ମ। ଏହାର ସିଇଓ କ୍ଲାରି ସ୍ମିଥ୍। ଅଷ୍ଟ୍ରେଲିଆରେ 'କ୍ରୁଏଲିଟି ଫ୍ରି ସୁପର'ର ପ୍ରତିଷ୍ଠାତା ତଥା ଇଂଲଣ୍ଡର ଅର୍ଥ ପରାମର୍ଶଦାତା ଓ ଏଥିକାଲ ଇନ୍‌ଭେଷ୍ଟର ଲି କୋଏଟସ ଏବଂ ଲଣ୍ଡନସ୍ଥିତ 'ଅରିଏଲ ଇନ୍‌ଭେଷ୍ଟର୍ସ'ର ପ୍ରତିଷ୍ଠାତା ଲାରି ଆବେଲଙ୍କର ଇମ୍ପାକ୍ଟ ଇନଭେଷ୍ଟମେଣ୍ଟ ବା ପ୍ରାଣୀ ଓ ପରିବେଶ ତଥା ସାମାଜିକ ଏବଂ ଅର୍ଥନୈତିକ କ୍ଷେତ୍ର ପାଇଁ ଉପଯୋଗୀ କମ୍ପାନୀର ନେତୃତ୍ୱ ନେବାରେ ଦକ୍ଷତା ଓ ଅଭିଜ୍ଞତା ରହିଛି। ଏହି ତିନି ଜଣ ଏଥିକାଲ ଇନଭେଷ୍ଟମେଣ୍ଟ ପାଇଁ ଯେଉଁ ମାର୍ଗ ଦେଖାଇଛନ୍ତି ତାହାକୁ ଏକ ଆର୍ଥିକ କ୍ରାନ୍ତି କୁହାଯାଇପାରେ। ବିୟଣ୍ଡ ଇନ୍‌ଭେଷ୍ଟିଂ ପ୍ରାଣୀ, ମଣିଷ ଓ ପୃଥିବୀ ପ୍ରତି କ୍ଷତିକାରକ ତଥା ଅନୀତି କାର୍ଯ୍ୟରେ ଲିପ୍ତ କମ୍ପାନୀଗୁଡ଼ିକୁ ଦୂରେଇ ରଖେ। ପ୍ରାଣୀ ନିର୍ଯାତନା, ଶିଶୁ ଶ୍ରମିକ, ଅଧିକ କାର୍ବନ ନିର୍ଗମନ କରୁଥିବା ଜୈବ ଇନ୍ଧନ, ଏକକ ବ୍ୟବହୃତ ପ୍ଲାଷ୍ଟିକ ଏବଂ ପରିବେଶ ଉପରେ ନକାରାତ୍ମକ ପ୍ରଭାବ ପକାଉଥିବା ଅନ୍ୟ ସବୁ କାର୍ଯ୍ୟ ବା ବ୍ୟବସାୟକୁ ବନ୍ଦ କରିବା ଲାଗି ଏହାର କଠୋର ଚୟନ ପଦ୍ଧତି କାର୍ଯ୍ୟ କରୁଛି। ପରିବେଶ ଓ ପ୍ରାଣୀମାନଙ୍କୁ କ୍ଷତି ପହଞ୍ଚାଉଥିବା କମ୍ପାନୀଗୁଡ଼ିକର କାର୍ଯ୍ୟ କମ୍ କରିବା ସହ ତାହାକୁ ସକାରାତ୍ମକ ଦିଗକୁ ଆଣିବା ବିୟଣ୍ଡ ଇନ୍‌ଭେଷ୍ଟ ଚାପ ପକାଏ। କମ୍ପାନୀଗୁଡ଼ିକର କାର୍ଯ୍ୟରେ କିଛି ପରିବର୍ତ୍ତନ ଲାଗି ଏଥିରେ ଯେ କୌଣସି ପ୍ରକାର ଇନ୍‌ଭେଷ୍ଟରକୁ ନିଯୁକ୍ତିର ସୁବିଧା କରାଯାଇଛି । ଅନ୍ୟ ଇନଭେଷ୍ଟରମାନେ ବି କମ୍ପାନୀଗୁଡ଼ିକୁ ସାହାଯ୍ୟ କରିବା ଲାଗି ଏଥିରେ ସେମାନଙ୍କ ଅଂଶ ଲଗାଇ ପାରିବେ। ଏସବୁ କମ୍ପାନୀ ସେମାନଙ୍କ ଅଂଶ ଡଲାରରେ କରିପାରିବେ। ସେମାନଙ୍କ ଅଭିଯାନର କେତୋଟି ଦୃଷ୍ଟାନ୍ତରୁ ଏହା ସ୍ପଷ୍ଟ ହୋଇଛି। ଆପଲ ଆଣ୍ଡ୍ ଭରିଜୋନକୁ ସେମାନଙ୍କ ଷ୍ଟୋରଗୁଡ଼ିକରେ ଚମଡ଼ା ସାମଗ୍ରୀ ବିକ୍ରି ବନ୍ଦ କରିବାକୁ ଓ ଫୋର୍ଡ ଏବଂ ଜେନେରାଲ ମୋଟର୍ସକୁ ସେମାନଙ୍କ କାରର ଇଣ୍ଟିରିୟର ପାଇଁ ଚମଡ଼ା ଜିନିଷ ଉପଯୋଗ ବନ୍ଦ କରିବାକୁ କୁହାଯାଇଛି।

ଗୋଟିଏ ବର୍ଷ ତଳେ ବିୟଣ୍ଡ ଇନ୍‌ଭେଷ୍ଟିଂ ନ୍ୟୁୟର୍କ ଷ୍ଟକ୍ ଏକ୍ସଚେଞ୍ଜରେ ୟୁଏସ୍ ଭିଗନ କ୍ଲାଇମେଟ ଇଟିଏଫ୍( ଭିଗନ) ଆରମ୍ଭ କରିଛି। ଏଥିରେ ନିବେଶକଙ୍କ ପାଇଁ ଏକ ଏଥିକାଲ ବିତ୍ତୀୟ ବିକଳ୍ପ ରଖାଯାଇଛି। ଭିଗନ ବା ଶୁଦ୍ଧଶାକାହାର ଏବଂ ପରିବେଶ ସଚେତନତା ନୀତିକୁ ନେଇ ଯାଞ୍ଚ କରି ବିଭିନ୍ନ ବର୍ଗରେ ଥିବା କମ୍ପାନୀଗୁଡ଼ିକୁ ବାହାର କରିଦେଉଛି। ନିବେଶ ବର୍ଗରେ ଜୈବ ଇନ୍ଧନ ଏବଂ ଅନ୍ୟ କାର୍ଯ୍ୟଦ୍ୱାରା ପରିବେଶକୁ କ୍ଷତି କରୁଥିବା କମ୍ପାନୀଗୁଡ଼ିକୁ ବାଦ୍ ଦେଉଛି। ପ୍ରାଣୀମାନଙ୍କୁ ନେଇ ପରୀକ୍ଷା କରୁଥିବା କମ୍ପାନୀ, ପ୍ରାଣୀମାନଙ୍କ ଉତ୍ପାଦ ପ୍ରସ୍ତୁତିରେ ଜଡ଼ିତ କମ୍ପାନୀ, ପ୍ରାଣୀମାନଙ୍କୁ ପ୍ରଶିକ୍ଷଣ ଦେଇ ଖେଳ ଓ ମନୋରଞ୍ଜନରେ ବ୍ୟବହାର କରୁଥିବା କିମ୍ବା ଅଧିକ ସଂଖ୍ୟାରେ ପ୍ରାଣୀମାନଙ୍କୁ ପୋଷୁଥିବା କମ୍ପାନୀ, ଜୈବ ଇନ୍ଧନ ଉପଯୋଗ କରି ଶକ୍ତି ଉତ୍ପାଦନ କରୁଥିବା ଓ ଜୈବ ଇନ୍ଧନ ଅନ୍ୱେଷଣ,ଉତ୍ପାଦନ ଏବଂ ରିଫାଇନିଂ କାର୍ଯ୍ୟରେ ଜଡ଼ିତଥିବା କମ୍ପାନୀ, ଅଧିକ କାର୍ବନ ନିର୍ଗମନର କାରଣ ପାଲଟୁଥିବା, ମାନବ ଅଧକାର ଉଲ୍ଲଂଘନ , ଯୁଦ୍ଧାସ୍ତ୍ର ନିର୍ମାଣ, ଟବାକୋ ଏବଂ ଅନ୍ୟ ଉପାୟରେ ପରିବେଶକୁ କ୍ଷତି କରିବା ଭଳି କାର୍ଯ୍ୟ କରୁଥିବା କମ୍ପାନୀଗୁଡ଼ିକୁ ବାଦ୍ ଦିଆଯାଇଛି। ଏଭଳି ଚୟନ ପ୍ରକ୍ରିୟା ଶିଳ୍ପଗୁଡ଼ିକର ଭବିଷ୍ୟତ ଗଢିବାରେ ବାଟ କଢାଇ ନେଇଛି। ଏହାର ଫଳାଫଳ ବି ସନ୍ତୋଷଜନକ ଓ ଉତ୍ସାହପ୍ରଦ ରହିଛି। ଭିଗନ ବା ଇଟିଏଫ୍ ଆରମ୍ଭ ହେବା ପରଠାରୁ ୨୦୨୦ ଅଗଷ୍ଟ ଶେଷସୁଦ୍ଧା ଏସଆଣ୍ଡ୍‌ପି୫୦୦ ଇଣ୍ଡେକ୍ସ ତୁଳନାରେ ମୋଟ ମାର୍କେଟ ପ୍ରାଇସ୍‌ରେ ଭିଗନ ରହିଥିଲା ୨୭.୬୯%। ପରିବେଶକୁ କ୍ଷତି କରୁଥିବା କମ୍ପାନୀଗୁଡ଼ିକୁ ବାଦ୍ ଦେବା କାର୍ଯ୍ୟ ବି ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ ଥିଲା। ଏସ୍‌ଆଣ୍ଡପି୫୦୦ ଏବଂ ଅନ୍ୟ ସବୁ ଇଏସ୍‌ଜି ଇଣ୍ଡେକ୍ସ ଠାରୁ ପ୍ରତି ୟୁନିଟ ରେଭିନ୍ୟୁରେ କାର୍ବନ, ୱେଷ୍ଟ ଏବଂ ୱାଟର ଫୁଟପ୍ରଣ୍ଟ୍ କମ୍ ରହିଥିଲା। କମ୍ପାନୀଗୁଡ଼ିକର ଜଳ ଉପଯୋଗ ଏବଂ କାର୍ବନ ନିର୍ଗମନ ହ୍ରାସ ବି ଇଣ୍ଡେକ୍ସରେ ଉଲ୍ଲେଖନୀୟ ରହିଥିଲା।

ଗତ ବର୍ଷ ଭିଗନର ଆସେଟ ଧୀରେ ଧୀରେ ବଢ଼ି ଏବେ ୨୫ ମିଲିୟନ ଡଲାରକୁ ଟପିଯାଇଛି। ଏହା ଉପରେ ବିୟଣ୍ଡ ଇନ୍‌ଭେଷ୍ଟିଂର ସିଇଓ କ୍ଲାରି ସ୍ମିଥ୍ ପ୍ରତିକ୍ରିୟାରେ ଖୁସି ଜାହିର କରିଛନ୍ତି। ଅଧିକରୁ ଅଧିକ ନିବେଶକ ଇଣ୍ଡେକ୍ସ ଫଣ୍ଡ୍ ଯାହା ବିଗତ ଦିନରେ ଧ୍ୱଂସର କାରଣ ପାଲଟିଥିଲା, ସେଥିରୁ ବାହାରି ପରିବେଶକୁ ଲାଭକାରୀ ତଥା ସ୍ଥାୟୀ ବିକଳ୍ପ ଆଡକୁ ମୁହାଁଇଛନ୍ତି ବୋଲି ସ୍ମିଥ୍ କହିଛନ୍ତି। ବ୍ୟକ୍ତିଗତ ଭାବେ ମୁଁ ଭାବୁଛି ଏହି ପଥପ୍ରଦର୍ଶକ ପଦକ୍ଷେପକୁ ସମର୍ଥନ ଏବଂ ଅନୁକରଣ କରିବା ପାଇଁ ଭାରତ ଭଳି ଏକ ସମୃଦ୍ଧ ତଥା ଶୁଦ୍ଧଶାକାହାରୀ କିମ୍ବା ଶାକାହାରୀ ଭରା ଦେଶଠାରୁ ଦେଶ ଆଉ ନାହିଁ । ମହାମାରୀ ପରିପେକ୍ଷୀରେ ପ୍ରାଣୀମାନଙ୍କୁ ଖାଇବାର ପ୍ରଳୟଙ୍କରୀ ପରିଣାମ ପଦାକୁ ଆସିଥିବା ସମୟଠାରୁ ବି ଭଲ ସମୟ ଆଉ କିଛି ନାହିଁ। ଏଣୁ ଭଲ ହୁଅ, ଭଲ କାମ କର। ଏହାଠାରୁ ଆଉ କ'ଣ ବା ଭଲ ହୋଇପାରେ।

Email: gandhim@nic.in

## ଏଇ ଭାରତରେ

ପ୍ରଶାସନିକ କାର୍ଯ୍ୟର ବ୍ୟସ୍ତତା ମଧ୍ୟରେ ଅଦରକାରୀ ପ୍ଲାଷ୍ଟିକ ବୋତଲରେ ଏକ ପାଇଖାନା ନିର୍ମାଣ କରିବାରେ ଆସାମର ଆଇଏଏସ୍ ଅଧିକାରୀ ଲକ୍ଷ୍ମୀପ୍ରିୟା ଏମ.ଏସ୍ ଏକ ଉଦାହରଣ ସୃଷ୍ଟି କରିଛନ୍ତି। ପାଇଖାନା ନିର୍ମାଣ ହୋଇଛି ୫୦୦ ଏବଂ ୧ ଲିଟର ବିଶିଷ୍ଟ ୮,୦୦୦ରୁ ଅଧିକ ପ୍ଲାଷ୍ଟିକ ବୋତଲରେ। ବେଙ୍ଗାଇଗାଁ ଜିଲାର ଡେପୁଟି କମିଶନର ତଥା ୨୦୧୪ ବ୍ୟାଚ୍ ଆଇଏଏସ ଅଧିକାରୀ ଲକ୍ଷ୍ମୀପ୍ରିୟା ପବ୍ଲିକ ହେଲ୍‌ଥ ଇଞ୍ଜିନିୟରିଂ ଡିପାର୍ଟମେଣ୍ଟ( ପିଏଚ୍‌ଇଡି)ର ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ଶାନ୍ତନୁ ସୂତ୍ରଧରଙ୍କ ସହଯୋଗରେ ଏହା ନିର୍ମାଣ କରିଛନ୍ତି। ଏହି ବୋତଲଗୁଡ଼ିକରେ ବାଲି, ସିମେଣ୍ଟ, ପୁଟି ଏବଂ ମୋର୍ଟାର ଭର୍ତ୍ତି କରି ତାହା ଟାଣହେବା ପରେ ବ୍ୟବହାର କରାଯାଇଛି। ଏହା ଇଟାର ବିକଳ୍ପ ହୋଇପାରିଛି। ୧୭ ଫୁଟ ଲମ୍ବା ଓ ୯ ଫୁଟ ଚଉଡ଼ାରେ ନିର୍ମିତ ଏହି ପାଇଖାନାର କାନ୍ଥ ଏବଂ ସିଲିଂ ପ୍ଲାଷ୍ଟିକ ବୋତଲରେ ଗଢ଼ାହୋଇଛି। ଏହାକୁ ଦୁଇଭାଗରେ ବିଭକ୍ତ କରାଯାଇଛି ଏବଂ ଏଥିରେ ପୁରୁଷ ଓ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ୧୦ଫୁଟରେ ୮ଫୁଟର ଏକ ପାଇଖାନା ନିର୍ମାଣ କରିବା ପାଇଁ ୪ ହଜାର ପ୍ଲାଷ୍ଟିକ ବୋତଲ ଆବଶ୍ୟକ ଓ ଏହାକୁ ନିର୍ମାଣ କରିବା ପାଇଁ ଦେଢ଼ରୁ ଦୁଇ ମାସ ସମୟ ଲାଗିବ ବୋଲି କହିଛନ୍ତି ଲକ୍ଷ୍ମୀପ୍ରିୟା। ଏହାବାଦ୍ ଲକ୍ଷ୍ମୀପ୍ରିୟା ବେଙ୍ଗାଇଗାଁ ଟାଉନ ରାସ୍ତାରେ ୧,୫୦୦ ସୋଲାର ଲାଇଟ୍ ଲଗାଇଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୧ ମାର୍ଚ୍ଚ ୧୯୯୬

- ସୈନ୍ୟବାହିନୀର ସୁରକ୍ଷା ବଳୟ ମଧ୍ୟରେ ଯାଉଥିବା ବସ୍ ଓ ଅନ୍ୟ ଯାନ ଉପରେ ଆକ୍ରମଣ କରି ଉଗାଣ୍ଡାଜ୍ ଖ୍ରୀଷ୍ଟିଆନ୍ ମୌଳିକବାଦୀ ବିଦ୍ରୋହୀମାନେ ଉତ୍ତର ଉଗାଣ୍ଡାରେ ୨୧ ଜଣ ବ୍ୟକ୍ତିଙ୍କୁ ହତ୍ୟା କରିବା ସହ ୫୨ ଜଣଙ୍କୁ ଅପହରଣ କରି ନେଇଛନ୍ତି।
- ଆମେରିକାର ବିଖ୍ୟାତ ହାସ୍ୟାଭିନେତା ତଥା ଓସ୍କାର ପୁରସ୍କାର ବିଜେତା ଜର୍ଜ ବର୍ଣ୍ଣ ସ'ଙ୍କର ୯୦ ବର୍ଷ ବୟସରେ ପରଲୋକ।
- ଚୌଧୁରୀ ରଣଧୀର ସିଂହ ସିକିମ୍‌ର ରାଜ୍ୟପାଳ ଭାବେ ଶପଥ ଗ୍ରହଣ କରିଛନ୍ତି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 2 | 6 | 8 | | | D | | | | 5 | | A | |
| | 1 | | | 0 | | B | | | | A | | 8 | D | 2 |
| | E | | 4 | | 1 | | | | | | | | C | |
| 9 | | | | D | 2 | | 5 | | | | 6 | 3 | | |
| 3 | | | E | | | | | | 4 | | | | | 7 |
| | | 0 | A | | | | | 6 | 9 | | | | | |
| 1 | | 4 | 8 | | | A | | | 6 | 7 | | | | |
| | | | | | 5 | | C | | | | | D | | 1 |
| 2 | D | | C | | | | 0 | 4 | 8 | | | | | |
| 8 | | 3 | | | D | | | 2 | | B | | 0 | | |
| 0 | 7 | | 5 | | | | | | | | B | | 2 | |
| | | | 7 | | | C | E | | 2 | | | | 1 | 8 |
| D | | | | | | 8 | | | | 3 | 7 | | | 6 |
| A | 9 | | | | | | | | | 4 | | | | 0 |
| | | 5 | 1 | | 6 | 9 | | | | | 0 | | | E |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | 2 | 9 | C | B | 3 | 5 | D | 1 | 8 | 0 | 7 | A | 4 | E |
| 3 | 0 | 1 | A | D | 7 | 2 | 8 | 4 | E | 5 | 6 | 9 | B | C |
| C | 8 | B | E | 1 | 5 | 7 | 0 | 3 | A | 9 | 4 | 2 | D | 6 |
| E | 7 | 5 | 6 | 4 | 9 | C | A | B | 1 | D | 2 | 3 | 8 | 0 |
| 4 | D | A | 8 | 2 | 0 | 9 | 6 | E | 3 | C | B | 1 | 7 | 5 |
| A | C | 4 | 9 | 6 | 1 | B | 5 | 8 | D | 7 | 3 | 0 | E | 2 |
| 8 | E | 0 | D | 3 | B | A | C | 7 | 6 | 2 | 5 | 4 | 9 | 1 |
| 5 | 9 | 7 | 4 | 8 | E | 0 | 2 | 6 | C | 1 | A | B | 3 | D |
| D | 6 | 3 | 0 | A | 2 | 1 | E | 9 | B | 4 | 8 | 5 | C | 7 |
| 1 | B | 2 | 7 | 5 | C | 4 | 3 | D | 9 | E | 0 | 6 | A | 8 |
| 7 | A | 6 | 1 | 9 | 4 | E | B | 5 | 2 | 8 | D | C | 0 | 3 |
| 9 | 1 | C | 3 | 0 | 8 | D | 4 | A | 5 | 6 | E | 7 | 2 | B |
| B | 5 | D | 2 | E | 6 | 3 | 7 | 0 | 4 | A | C | 8 | 1 | 9 |
| 0 | 3 | E | 5 | C | A | 8 | 1 | 2 | 7 | B | 9 | D | 6 | 4 |
| 2 | 4 | 8 | B | 7 | D | 6 | 9 | C | 0 | 3 | 1 | E | 5 | A |

ଗତକାଲିର ଉତ୍ତର



# ସୋସିଆଲ ମିଡିଆ ପାଇଁ ଲକ୍ଷ୍ମଣରେଖା

ବିଜନ କୁମାର ମହାପାତ୍ର

କେନ୍ଦ୍ର ସରକାର ସୋସିଆଲ ମିଡିଆ ପ୍ଲାଟଫର୍ମର ଦୁରୁପଯୋଗ ରୋକିବା ପାଇଁ ଜାରି କରିଛନ୍ତି ନୂଆ ମାର୍ଗଦର୍ଶିକା। ଫେବୃୟାରୀ ୨୫ ତାରିଖରେ ଭାରତ ସରକାର ସୂଚନା ପ୍ରଯୁକ୍ତି (ଗାଇଡଲାଇନ୍ସ ଫର୍ ଇଣ୍ଟରମିଡିଆରିଜ୍ ଓ ଡିଜିଟାଲ ମିଡିଆ ଏଥିକ୍ସ କୋଡ୍) ନିୟମ ୨୦୨୧ ଜାରି କରିଛନ୍ତି। ଜାନୁୟାରୀ ୨୬ ଲାଲକିଲ୍ଲା ହିଂସା ପରେ କେନ୍ଦ୍ର ସରକାର ଓ ସୋସିଆଲ ମିଡିଆ ପ୍ଲାଟଫର୍ମ ମଧ୍ୟରେ ବିବାଦ ଓ ମତଭେଦ ଦେଖାଦେଇଥିଲା। ସୋସିଆଲ ମିଡିଆ ପ୍ଲାଟଫର୍ମଗୁଡ଼ିକ ପାଇଁ କିଛି ନୂଆ ନିୟମ ଲାଗୁ କରିବା ଲାଗି ଚିନ୍ତା କରୁଥିଲେ କେନ୍ଦ୍ର ସରକାର। ଏକ ସୁସ୍ଥ ଗଣତନ୍ତ୍ରରେ ବୈଚାରିକ ସହମତି ଓ ଅସହମତି ଅଭିବ୍ୟକ୍ତ କରିବାର ସ୍ୱାଧୀନତା ନିଶ୍ଚିତ ଭାବେ ନାଗରିକର ଏକ ପ୍ରମୁଖ ଅଧିକାର। କିନ୍ତୁ ମୁକ୍ତ ଅଭିବ୍ୟକ୍ତିର ସ୍ୱତନ୍ତ୍ରତା ନିରଙ୍କୁଶ ନୁହେଁ। ସୋସିଆଲ ମିଡିଆର ଲୋକପ୍ରିୟତା ବୃଦ୍ଧି ପାଇବା ସହ ନିଜ ନିଜର ମତାମତ ଜାହିର କରିବା ପାଇଁ ସମସ୍ତଙ୍କୁ ସହଜ ସୁବିଧା ଉପଲବ୍ଧ ହୋଇଛି। କିନ୍ତୁ ସୋସିଆଲ ମିଡିଆ ହିଂସା, ଦ୍ୱେଷ, ଘୃଣାକୁ ପ୍ରୋତ୍ସାହନ ଦେଉଥିବା ଅସାମାଜିକ ଲୋକଙ୍କ ପାଇଁ ସୁରକ୍ଷିତ ମାଧ୍ୟମ ପାଲଟିଛି। କିଛି ଲୋକଙ୍କ ଅସୁସ୍ଥ ଚିନ୍ତାଧାରାର ମଞ୍ଚ ବି ପାଲଟିଛି ସୋସିଆଲ ମିଡିଆ। ଭ୍ରମାତ୍ମକ ସୂଚନା, ଫେକ୍ ନ୍ୟୁଜ ଓ ଅର୍ଦ୍ଧସତ୍ୟ ଅବାଧ ଭାବେ ସୋସିଆଲ ମିଡିଆ ପ୍ଲାଟଫର୍ମ ଜରିଆରେ ପ୍ରସାରିତ ହେଉଛି। ଆଉ ଏହାର କୁପରିଣାମ ମଧ୍ୟ ସାମ୍ନାକୁ ଆସିଛି। ସୋସିଆଲ ମିଡିଆ ପାଇଁ ଏକ ଲକ୍ଷ୍ମଣରେଖା ଟାଣିବା ନେଇ ବେଶ୍ କିଛି ଦିନ ଧରି ଦେଶରେ ଚର୍ଚ୍ଚା ହେଉଥିଲା । ଉଭୟ ସପକ୍ଷରେ ଓ ବିପକ୍ଷରେ ମତ ପ୍ରକାଶ ପାଉଥିଲା। ଶେଷରେ କେନ୍ଦ୍ର ସରକାର ସୋସିଆଲ ମିଡିଆ ପ୍ଲାଟଫର୍ମ ପାଇଁ ମାର୍ଗଦର୍ଶିକା ଜାରି କରି ଲକ୍ଷ୍ମଣରେଖା ଟାଣିଛନ୍ତି। ସୋସିଆଲ ମିଡିଆ ପ୍ଲାଟଫର୍ମର ଦୁରୁପଯୋଗ ରୋକିବା ପାଇଁ ଫେବୃୟାରୀ ୨୫ ତାରିଖରେ ଭାରତ ସରକାର ସୂଚନା ପ୍ରଯୁକ୍ତି (ଗାଇଡଲାଇନ୍ସ ଫର୍ ଇଣ୍ଟରମିଡିଆରିଜ୍ ଓ ଡିଜିଟାଲ ମିଡିଆ ଏଥିକ୍ସ କୋଡ୍) ନିୟମ ୨୦୨୧ ଜାରି କରିଛନ୍ତି।

କେନ୍ଦ୍ର ଦୂରସଞ୍ଚାର ମନ୍ତ୍ରୀ ରବିଶଙ୍କର ପ୍ରସାଦ କହିଛନ୍ତି ଯେ, ଫେକ୍ ନ୍ୟୁଜ ପ୍ରସାର, ସୋସିଆଲ ମିଡିଆର ଦୁରୁପଯୋଗ ନେଇ ଦେଶରେ ବାରମ୍ବାର ଚିନ୍ତା ପ୍ରକାଶ ପାଇଛି। ଏହାକୁ ଦୃଷ୍ଟିରେ ରଖି ସରକାର କିଛି ଗୁରୁତ୍ୱପୂର୍ଣ୍ଣ ମାର୍ଗଦର୍ଶିକା ପ୍ରସ୍ତୁତ କରିଛନ୍ତି। ଏବେ ସରକାର ବା କୋର୍ଟ ଯଦି ନିର୍ଦ୍ଦେଶ ଦିଅନ୍ତି, ତାହା ହେଲେ ସୋସିଆଲ ମିଡିଆ ପ୍ଲାଟଫର୍ମରେ ମିଥ୍ୟା ଓ ଭ୍ରମାତ୍ମକ ସୂଚନା ପ୍ରଥମେ ପ୍ରଦାନ କରିଥିବା ବ୍ୟକ୍ତିଙ୍କ ସମ୍ପର୍କରେ ସୂଚନା ଦେବା ଅନିବାର୍ଯ୍ୟ କରାଯାଇଛି।

ସୋସିଆଲ ମିଡିଆ ଉପରେ ଅଙ୍କୁଶ ଲଗାଇବା ପାଇଁ କେନ୍ଦ୍ର ସରକାରଙ୍କ ନୂଆ ନିୟମ ଉପରେ ବିତର୍କ ତ ନିଶ୍ଚିତ ହେବ। ହେବା ବି ଜରୁରୀ। ଏହି ପଦକ୍ଷେପ ଦ୍ୱାରା ଅଭିବ୍ୟକ୍ତିର ସ୍ୱତନ୍ତ୍ରତା କ୍ଷୁଣ୍ଣ ହେବ ବୋଲି ଅନେକେ କହିଲେଣି। କିନ୍ତୁ ଏଠାରେ ଗୋଟିଏ କଥା ଗମ୍ଭୀରତାର ସହ ବିଚାର କରିବା ଆବଶ୍ୟକ ଯେ, କୃଷକ ଆନ୍ଦୋଳନ ବେଳେ କୃଷକ ନରସଂହାର (ଫାର୍ମର ଜେନୋସାଇଡ୍) ଭଳି ହାସ୍‌ଟାଗ୍, ଟ୍ରେଣ୍ଡିଂ କରି ଟୁଇଟରରେ ଭାରତ ବିରୋଧୀ ଅଭିଯାନ ଚଳାଇବା, ହିଂସାକୁ ପ୍ରଶ୍ରୟ ଦେବା, ଭ୍ରମର ମାୟାଜାଲ ବୁଣି ଦେଶ ବିରୋଧରେ ବିଦ୍ୱେଷକୁ ପ୍ରୋତ୍ସାହିତ କରିବା ଅଭିଯୋଗ ଉପରେ ସରକାର ଭିନ୍ନ ବିଚାର ଉପସ୍ଥାପନ କରିଛନ୍ତି। ସୋସିଆଲ ମିଡିଆ କଟକଣା ଅନ୍ୟ ପକ୍ଷରେ ନାଗରିକ ଅଧିକାରକୁ କ୍ଷୁଣ୍ଣ କରିବା ମନେହେଉଛି। ନିକଟରେ ଘଟିଥିବା କିଛି ଘଟଣାରେ ଭାରତର ଏକତା ଓ ଅଖଣ୍ଡତା ସମ୍ପର୍କରେ ପ୍ରମୁଖ ସୋସିଆଲ ମିଡିଆ କମ୍ପାନୀଗୁଡ଼ିକର ଭୂମିକା ରହିଛି ବୋଲି ନିଶ୍ଚିତ ଭାବେ କୁହାଯାଇପାରିବ ନାହିଁ। କାରଣ ସୋସିଆଲ ମିଡିଆ କମ୍ପାନୀଗୁଡ଼ିକ ବିରୋଧରେ ଅତୀତରେ ଅନେକ ଅନୈତିକ କାର୍ଯ୍ୟକଳାପର ଅଭିଯୋଗ ଆସିଛି।

କେବଳ ସାଧାରଣ ଲୋକେ କାହିଁକି, ସୋସିଆଲ ମିଡିଆର ବ୍ୟବହାର ଛୋଟବଡ଼ ନେତା ଓ ରାଜନୈତିକ ଦଳ ବି ବହୁଳ ଭାବେ କରୁଛନ୍ତି। ସମସ୍ତେ ନିଜ ନିଜର ରାଜନୈତିକ ଏଜେଣ୍ଡାର ପ୍ରସାର ପାଇଁ ଏସବୁ ପ୍ଲାଟଫର୍ମ ବ୍ୟବହାର କରୁଛନ୍ତି। ଟୁଇଟର ତ ରାଜନୀତିଜ୍ଞଙ୍କ ଲୋକପ୍ରିୟ ମଞ୍ଚ ପାଲଟିଛି। ତେବେ ସମସ୍ୟା ସେତେବେଳେ ସୃଷ୍ଟି ହୁଏ, ଯେତେବେଳେ ସୋସିଆଲ ମିଡିଆ ପ୍ଲାଟଫର୍ମ ଲୋକଙ୍କ ଧାରଣା ଓ ମତ ବଦଳାଇବା ଏବଂ ସେମାନଙ୍କର ଜୀବନଶୈଳୀକୁ ପ୍ରଭାବିତ କରିବା ଉଦ୍ୟମ ଆରମ୍ଭ କରନ୍ତି।

ଡୋନାଲ୍ଡ ଟ୍ରମ୍ପ ୨୦୧୬ରେ ଯେତେବେଳେ ପ୍ରଥମ ଥର ପାଇଁ ଆମେରିକାର ରାଷ୍ଟ୍ରପତି ନିର୍ବାଚନ ଲଢ଼ିଲେ, ସେତେବେଳେ କ୍ୟାମ୍ବ୍ରିଜ ଆନାଲିଟିକା ନାମକ ଏକ ସଂସ୍ଥା ଆମେରିକା ଲୋକଙ୍କ ଫେସ୍‌ବୁକ୍ ଡାଟା ଆଧାରରେ ନିର୍ବାଚନ ଅଭିଯାନରେ ସହାୟତା କରିଥିଲା ଓ ଟ୍ରମ୍ପଙ୍କ ଅପ୍ରତ୍ୟାଶିତ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ସୋସିଆଲ ମିଡିଆ କମ୍ପାନୀଗୁଡିକର ଭାରତରେ ବି କୋଟି କୋଟି ୟୁଜର ଅଛନ୍ତି। ଆଉ ସୋସିଆଲ ମିଡିଆଗୁଡ଼ିକ ୟୁଜରଙ୍କ ବ୍ୟକ୍ତିଗତ ସୂଚନା ଉପରେ ନିୟନ୍ତ୍ରଣ ରଖନ୍ତି। ତେଣୁ ସାମାଜିକ ଓ ରାଜନୈତିକ ପ୍ରସଙ୍ଗକୁ ସୋସିଆଲ ମିଡିଆ କମ୍ପାନୀଗୁଡିକ ପ୍ରଭାବିତ କରିବାର କ୍ଷମତା ରହିଛି। ସୋସିଆଲ ମିଡିଆରେ ଅନେକ 'ଫେକ୍ ହିରୋ' ବି ସକ୍ରିୟ ରହନ୍ତି। ସେମାନେ ଭ୍ରମାତ୍ମକ ଓ ଅର୍ଦ୍ଧସତ୍ୟ ଉପରେ ଆଧାରିତ ସୂଚନାର ପ୍ରଚାର ପ୍ରସାର କରନ୍ତି। ଆଉ ଏସବୁର ପରିଣାମ କେତେ ଭୟଙ୍କର, ତାହା ଦେଶବାସୀ ଅଙ୍ଗେ ନିଭାଇ ସାରିଛନ୍ତି। ହିଂସାକାଣ୍ଡ, ଦଙ୍ଗା ହୋଇଯାଉଛି। ଲୋକଙ୍କର ଜୀବନ ଚାଲିଯାଉଛି। କୋଟି କୋଟି ସର୍ବସାଧାରଣଙ୍କ ସମ୍ପତ୍ତି ନଷ୍ଟ ହେଉଛି। ଏସବୁ ପାଇଁ କିଏ ଦାୟୀ ରହିବ? ସୋସିଆଲ ମିଡିଆ ପ୍ଲାଟଫର୍ମରେ ଆତଙ୍କବାଦୀ ସଂଗଠନ ନିଜର ବିଷାକ୍ତ ବିଚାରଧାରା ପ୍ରସାର କରନ୍ତି। ମୌଳବାଦୀ ଚିନ୍ତାଧାରାରେ ଯୁବକଙ୍କୁ ବିପଥଗାମୀ କରନ୍ତି।

ଭାରତ ସରକାର ଏବେ ଏହି ସୋସିଆଲ ମିଡିଆ କମ୍ପାନୀଗୁଡିକୁ ସେଲ୍‌ଫ ରେଗୁଲେଶନ ବା ସ୍ୱ-ନିୟନ୍ତ୍ରଣ ବ୍ୟବସ୍ଥା କରିବାକୁ ଆଗରୁ ଦୁଇ ଦୁଇ ଥର ସୁଯୋଗ ଦେଇସାରିଛନ୍ତି। କିନ୍ତୁ ସେମାନେ ଏଥିପ୍ରତି ଆଦୌ ଗୁରୁତ୍ୱ ଦେଇ ନ ଥିଲେ। ଓଟିଟି ପ୍ଲାଟଫର୍ମଗୁଡ଼ିକ ସୃଜନଶୀଳତା ନାଁରେ ଅଶ୍ଳୀଳତାକୁ ପ୍ରଶ୍ରୟ ଦେଉଛନ୍ତି । ବିଷୟବସ୍ତୁ ସହ ସମ୍ପର୍କ ନ ଥିବା ଅଶ୍ଳୀଳତାକୁ ସୃଜନଶୀଳତା ବୋଲି କହିହେବ ନାହିଁ। ଏସବୁ ରୋକିବା ପାଇଁ ସରକାର ପ୍ରସ୍ତୁତ କରିଥିବା ଗାଇଡଲାଇନରେ ସୋସିଆଲ ମିଡିଆ କମ୍ପାନୀ ବିରୋଧରେ ଆସୁଥିବା ଅଭିଯୋଗର ଶୁଣାଣି ପାଇଁ ଅଧିକାରୀଙ୍କୁ ନିଯୁକ୍ତି କରିବାକୁ କୁହାଯାଇଛି । ଆପତ୍ତିଜନକ ବିଷୟବସ୍ତୁକୁ ୨୪ ଘଣ୍ଟା ମଧ୍ୟରେ ହଟାଇବାକୁ ପଡ଼ିବ। ଗୁଜବ ଓ ଫେକ୍ ନ୍ୟୁଜ ପ୍ରଚାରପ୍ରସାର କରୁଥିବା ଲୋକଙ୍କୁ ଚିହ୍ନଟ କରି ସରକାରଙ୍କୁ ସୂଚନା ଦେବେ ସୋସିଆଲ ମିଡିଆ ପ୍ଲାଟଫର୍ମ । ଗାଇଡଲାଇନର ତିନି ମାସ ମଧ୍ୟରେ ଏକ ଆଇନ ପ୍ରଣୟନ କରାଯିବ। ସେହି ଆଇନ ଜରିଆରେ ଡିଜିଟାଲ ମିଡିଆରେ ବିଷୟବସ୍ତୁକୁ ନିୟନ୍ତ୍ରଣ କରାଯିବ।

ରାଜନୀତିରେ ମୁକ୍ତ ଓ ସୁସ୍ଥ ଆଲୋଚନା ଏବଂ ବିଚାରବିମର୍ଶ ବେଶ୍ ମହତ୍ତ୍ୱ ରଖେ। ତେଣୁ କେଉଁଟା ଭୁଲ୍ ଓ କେଉଁଟା ଠିକ୍, ତାହା ପରିଭାଷିତ କଲାବେଳେ ଲୋକଙ୍କ ଅଭିବ୍ୟକ୍ତିର ସ୍ୱତନ୍ତ୍ରତା ଯେମିତି କ୍ଷୁଣ୍ଣ ନ ହୁଏ, ସେଥିପାଇଁ ଦୃଷ୍ଟି ଦେବାକୁ ପଡିବ। ଲକ୍ଷ୍ମଣରେଖା ଦ୍ୱାରା ଦେଶର ଗଣତନ୍ତ୍ର ପାଇଁ ଯେପରି ପ୍ରତିବନ୍ଧକ ସୃଷ୍ଟି ନ ହୁଏ,ସେଥିପ୍ରତି ବି ଧ୍ୟାନ ଦେବାକୁ ପଡ଼ିବ । ଗଣତନ୍ତ୍ରରେ ବୈଚାରିକ ମତଭେଦ, ଭିନ୍ନମତ ଓ ଅସହମତି ରହିବା ସ୍ୱାଭାବିକ। କାରଣ ଏସବୁର ଅନୁପସ୍ଥିତିରେ ଗଣତନ୍ତ୍ର ନିରର୍ଥକ। ଏସବୁ ପ୍ରତି ସହନଶୀଳ ମନୋଭାବ ରହିବା ଏକାନ୍ତ ଆବଶ୍ୟକ। ବେଳେ ବେଳେ ଆବଶ୍ୟକତାଠାରୁ ଅଧିକ ନିୟନ୍ତ୍ରଣ ବା କଟକଣା ସମାଜ ଉପରେ ପ୍ରତିକୂଳ ପ୍ରଭାବ ପକାଏ। ଏଭଳି ସ୍ଥିତିରୁ ମଧ୍ୟ ଅରାଜକତା ଓ ବିଶୃଙ୍ଖଳା ସୃଷ୍ଟି ହୋଇପାରେ। ସୋସିଆଲ ମିଡିଆ ପ୍ଲାଟଫର୍ମରେ ଅସାମାଜିକଙ୍କ କାର୍ଯ୍ୟକଳାପ ଉପରେ ଅଙ୍କୁଶ ଜରୁରୀ। କିନ୍ତୁ ଏହା ଦ୍ୱାରା ଅଭିବ୍ୟକ୍ତିର ସ୍ୱତନ୍ତ୍ରତା ଯେମିତି କ୍ଷୁଣ୍ଣ ନ ହୁଏ, ସେଥିପ୍ରତି ବି ଧ୍ୟାନ ଦେବା ବାଞ୍ଛନୀୟ।

ଚାଣକ୍ୟ ନଗର, ଲାଞ୍ଜିପଲ୍ଲି,
ବ୍ରହ୍ମପୁର, ମୋ- ୯୭୦୩୭୯୦୮୪୭

## ପାଠକ ଶ୍ରେଷ୍ଠ ବିଚାରକ

### ବୈମାତୃକ ମନୋଭାବ କାହିଁକି

ମହାଶୟ,

୨୦୧୯ ଜୁନ୍ ପରଠାରୁ ସରକାରୀ ଚାକିରିର ଅବସର ଦିନରେ ପେନ୍‌ସନ ମଞ୍ଜୁର କରିବା ରାଜ୍ୟ ସରକାରଙ୍କ ଏକ ବଳିଷ୍ଠ ପଦକ୍ଷେପ। ତେଣୁ ରାଜ୍ୟ ସରକାରଙ୍କୁ ଧନ୍ୟବାଦ। କିନ୍ତୁ ପୂର୍ବରୁ ଅବସର ନେଇଥିବା ଚାକିରିଆ ପ୍ରତି ବୈମାତୃକ ମନୋଭାବ କାହିଁକି ? ପୂର୍ବରୁ ଅବସର ଗ୍ରହଣ କରିଥିବା ଚାକିରିଆଙ୍କ ମଧ୍ୟରୁ ଅଧିକାଂଶଙ୍କ ପେନ୍‌ସନ ଆଜି ପର୍ଯ୍ୟନ୍ତ ମଞ୍ଜୁର ହୋଇନାହିଁ ; ଫଳରେ ସେମାନେ ଆର୍ଥିକ ଅନଟନରେ କାଳାତିପାତ କରୁଛନ୍ତି। ତେଣୁ ପୁରୁଣା ପେନ୍‌ସନଗୁଡ଼ିକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ମଞ୍ଜୁର କରିବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ।

-ଡି. ସୁରେଶ, ନୟାପଲ୍ଲୀ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଶିବରାତ୍ରିର ରହସ୍ୟ

ଜଗଦାନନ୍ଦ ଜୀ

ଶିବ ପୁରାଣର କୋଟିରୁଦ୍ର ସଂହିତାରେ ଉଲ୍ଲେଖ କରାଯାଇଛି ଶିବରାତ୍ରି ବ୍ରତ ଭକ୍ତ, ସାଧକ, ଉପାସକ ପୂଜା ଅନୁଷ୍ଠାନ କରିବା ଦ୍ୱାରା ଭୋଗ ଓ ମୋକ୍ଷ ପ୍ରାପ୍ତିର ଅଧିକାରୀ ହୋଇଥାଏ। ଏକଦା ବ୍ରହ୍ମା,ବିଷ୍ଣୁ ତଥା ପାର୍ବତୀ ମହାନ୍ ଶିବରାତ୍ରିର ପୁଣ୍ୟଫଳ ବିଷୟରେ ଜାଣିବାର ଆଗ୍ରହ କରି ମହାଦେବଙ୍କୁ ପ୍ରଶ୍ନ ପଚାରିଥିଲେ। ଉତ୍ତରରେ ମହାଦେବ କହିଥିଲେ, ମୋକ୍ଷାର୍ଥ ମୋକ୍ଷକୁ ପ୍ରାପ୍ତ କରିବା ପାଇଁ ଚାରୋଟି ବ୍ରତ ନିୟମପୂର୍ବକ ପାଳନ କଲେ ମଙ୍ଗଳ ହୋଇଥାଏ। ଯଥା ଭଗବାନ ଶିବଙ୍କର ପୂଜା, ରୁଦ୍ର ମନ୍ତ୍ର ଜପ, ଶିବ ମନ୍ଦିରରେ ଜାଗର ଉପବାସ, କାଶୀ କ୍ଷେତ୍ରରେ ଶରୀର ତ୍ୟାଗ। ଶିବ ପୁରାଣରେ ମୋକ୍ଷାର୍ଥର ମୋକ୍ଷ ଏହି ଚାରୋଟି ସନାତନ ମାର୍ଗ ଭାବରେ କୁହାଯାଇଛି। ଏହି ଚାରୋଟି ମଧ୍ୟରେ ଶିବ ମନ୍ଦିରରେ ଜାଗର ଉପବାସର ବିଶେଷ ମହତ୍ତ୍ୱ ରହିଛି। ନିଷ୍କାମ ଓ ସକାମ ଭାବରେ ସମସ୍ତ ମନୁଷ୍ୟ ବର୍ଣ୍ଣ ଆଶ୍ରମ, ସ୍ତ୍ରୀ, ବାଳକ ତଥା ଦେବତାଙ୍କ ପାଇଁ ସର୍ବଶ୍ରେଷ୍ଠ ମଙ୍ଗଳମୟ ଭାବରେ ଗ୍ରହଣ କରାଯାଇଛି। ପ୍ରାୟତଃ ସମସ୍ତ ଦେବଦେବୀଙ୍କ ପୂଜା, ବ୍ରତ, ଅନୁଷ୍ଠାନ ଦିନରେ ହିଁ ଅନୁଷ୍ଠିତ ହେବା କ୍ଷେତ୍ରେ ଭଗବାନ ଶିବଙ୍କ ରାତ୍ରି ପୂଜା କାହିଁକି ପ୍ରିୟ ? ଏହା ମଧ୍ୟ ଫାଲ୍‌ଗୁନ ଚତୁର୍ଦ୍ଦଶୀ ତିଥିରେ ? ଏହାକୁ ନେଇ ଅନେକ ବିଦ୍ୱାନ୍ ଗୁଣୀ, ଜ୍ଞାନୀ ମତ ପ୍ରକାଶକରି କୁହନ୍ତି, ମହାଦେବ ଶିବ ସଂହାର ଶକ୍ତି, ତମଗୁଣର ଅଧିଷ୍ଠାତା ଅଟନ୍ତି, ଅତଃ ତମୋମୟୀ ରାତ୍ରି ତାଙ୍କର ପ୍ରିୟ ହେବା ସ୍ୱାଭାବିକ। ରାତ୍ରି ସଂହାର କାଳର ପ୍ରତିନିଧି ଓ ରାତ୍ରିର ଆଗମନରେ ସର୍ବପ୍ରଥମେ ପ୍ରକାଶର ସଂହାର ଏବଂ ଶେଷରେ ନିଦ୍ରା ଦ୍ୱାରା ଚେତନାର ସଂହାର ହୋଇ ସମ୍ପୂର୍ଣ୍ଣ ବିଶ୍ୱ ସଂହାରିଣୀ ରାତ୍ରିର କୋଳରେ ଅଚେତ ହୋଇଯାଆନ୍ତି। ଏହି ବିଶେଷ କାରଣ ଯୋଗୁ ପ୍ରାକୃତିକ ଦୃଷ୍ଟିରୁ ଶିବଙ୍କର ରାତ୍ରି ଅତିପ୍ରିୟ ହୋଇଥାଏ। ସେଥିପାଇଁ ଶଙ୍କରଙ୍କର ଆରାଧନା କେବଳ ରାତ୍ରିର ପ୍ରାରମ୍ଭରେ କରାଯାଏ।

ଶିବରାତ୍ରି କୃଷ୍ଣପକ୍ଷରେ ହେବା ସ୍ୱାଭାବିକ। ଶୁକ୍ଳପକ୍ଷରେ ଚନ୍ଦ୍ରମା ସବଳ ହୋଇ କୃଷ୍ଣପକ୍ଷରେ କ୍ଷୀଣ ହୁଅନ୍ତି। ତାଙ୍କରି ଅଭିବୃଦ୍ଧି ହେବା ସଙ୍ଗେ ସଙ୍ଗେ ସଂସାରରେ ସମ୍ପୂର୍ଣ୍ଣ ରସମାନ ପଦାର୍ଥ ବୃଦ୍ଧି ଓ କ୍ଷୟ ହେବା ସ୍ୱାଭାବିକ ଓ ପ୍ରତ୍ୟକ୍ଷ । କ୍ରମଶଃ ଚନ୍ଦ୍ର ଅମାବାସ୍ୟା ବେଳକୁ ସମ୍ପୂର୍ଣ୍ଣ କ୍ଷୀଣ ହୋଇ ଯାଆନ୍ତି। ସଚରାଚର ଜଗତର ମନର ଅଧିଷ୍ଠାତା ଚନ୍ଦ୍ରମା କ୍ଷୀଣ ହେବାମାତ୍ରେ ତା'ର ପ୍ରଭାବ ଅଣ୍ଡ, ପିଣ୍ଡ, ବାଧ ଅନୁଯାୟୀ ସମ୍ପୂର୍ଣ୍ଣ ଭୂମଣ୍ଡଳ ଉପରେ ପଡ଼ିଥାଏ ଏବଂ ଜୀବର ଅନ୍ତକରଣରେ ତାମସୀ ଶକ୍ତି ପ୍ରବୃଦ୍ଧ ହୋଇ ଅନେକ ପ୍ରକାର ନୈତିକ ଓ ସାମାଜିକ ଅପରାଧର କାରଣ ହୋଇଥାଏ। ଏହି ଶକ୍ତିଗୁଡ଼ିକର ଆଧ୍ୟାତ୍ମିକ ଶବ୍ଦ ବା ଭାଷାରେ ଭୂତ ପ୍ରେତାଦି କୁହାଯାଏ। ତେଣୁ ଶିବଙ୍କୁ ଏମାନଙ୍କର ନିୟନ୍ତ୍ରକ ଭାବେ ଗ୍ରହଣ କରାଯାଇଛି। ଦିନରେ ଯଦ୍ୟପି ଜଗଦାତ୍ମା ସୂର୍ଯ୍ୟ ସ୍ଥିତିରେ ଆତ୍ମତତ୍ତ୍ୱର ଜାଗୁରକତା। ସେହି କାରଣ ଯୋଗୁ ଏହି ତାମସୀ ଶକ୍ତି ନିଜର ବିଶେଷ ପ୍ରଭାବ ଦେଖାଇ ନ ଥାଏ। କିନ୍ତୁ ଚନ୍ଦ୍ର ବିହୀନ ଅନ୍ଧକାର ରାତ୍ରିର ଆଗମନ ହେବା ସଙ୍ଗେ ସଙ୍ଗେ ନିଜର ପ୍ରଭାବ ଦେଖାଇଥାଏ। ସେଥିପାଇଁ ଚନ୍ଦ୍ରକ୍ଷୟ ଅମାବାସ୍ୟା ତିଥି ଆସିବା ପୂର୍ବରୁ ସମ୍ପୂର୍ଣ୍ଣ ତାମସୀ ବୃତ୍ତି ଉପାସନାର୍ଥେ ଏହି ବୃତ୍ତିର ଏକମାତ୍ର ଅଧିଷ୍ଠାତା ଭଗବାନ ଆଶୁତୋଷଙ୍କ ଆରାଧନା କରିବାର ବିଧାନ ଶାସ୍ତ୍ରକାରମାନେ ନିର୍ଣ୍ଣୟ କରିଛନ୍ତି। ତେଣୁ ଶିବ ଚତୁର୍ଦ୍ଦଶୀ ରାତ୍ରିରେ ଶିବ ଉପାସନାର ସ୍ୱତନ୍ତ୍ରତା ରହିଛି।

ଆଉ ଏକ ରହସ୍ୟମୟ ଗାଥା ଅନୁସାରେ କଳ୍ପର ପ୍ରାରମ୍ଭରେ ଭଗବାନ ବ୍ରହ୍ମା କ୍ଷୀରସାଗରରେ ପହଞ୍ଚି ସେଠାରେ ସେ ଦେଖିଲେ ଭଗବାନ ନାରାୟଣ ଶେଷନାଗଙ୍କ ଉପରେ ବିଶ୍ରାମ କରୁଛନ୍ତି। ଭୂମିଦେବୀ, ଶ୍ରୀଦେବୀ, ମହାଲକ୍ଷ୍ମୀ ଭଗବାନଙ୍କ ଶ୍ରୀଚରଣ ସେବା କରୁଛନ୍ତି। ବ୍ରହ୍ମା ଏଭଳି ଦୃଶ୍ୟ ଦେଖି କ୍ରୋଧକୁ ସମ୍ଭାଳି ନ ପାରି ନାରାୟଣଙ୍କ ସମ୍ମୁଖକୁ ଯାଇ ପଚାରିଲେ କିଏ ତୁମେ ? ଉଠ ଦେଖ ମୁଁ ତୁମର ସ୍ୱାମୀ, ଜଗତପିତା ସମ୍ମୁଖରେ ଉପସ୍ଥିତ ହୋଇଛି। ଭଗବାନ ନାରାୟଣ କହିଲେ, ତୁମେ ସ୍ୱୟଂ ମୋ ନାଭିକମଳରୁ ଜାତ ହୋଇଛ, ଏଣୁ ତୁମେ ମୋର ପୁତ୍ର। ଦୁହିଁଙ୍କ ମଧ୍ୟରେ ବାଦବିବାଦ ଆରମ୍ଭ ହୋଇ ମହା ବିନାଶକାରୀ ଯୁଦ୍ଧରେ ପରିଣତ ହୋଇଥିଲା। ଦେବଗଣ ଏହା ଦେଖି ମହାଦେବଙ୍କ ନିକଟକୁ ଯାଇ ସୃଷ୍ଟି ରକ୍ଷା ନିମନ୍ତେ ପ୍ରାର୍ଥନା କରିଥିଲେ। ମହାଦେବ ସେହି ସମୟରେ ଉଭୟ ଯୁଦ୍ଧ କରୁଥିବା ସ୍ଥାନ ମଧ୍ୟରେ ଜ୍ୟୋତିର୍ମୟ ସ୍ତମ୍ଭରୂପେ ପ୍ରକଟିତ ହୋଇଥିଲେ। ବ୍ରହ୍ମା ଓ ବିଷ୍ଣୁଙ୍କ ଦ୍ୱାରା ପ୍ରୟୋଗ ହୋଇଥିବା ମହେଶ୍ୱର ଓ ପାଶୁପତ ଅସ୍ତ୍ର ଧୀରେ ଧୀରେ ସେହି ଜ୍ୟୋତିର୍ମୟ ଲିଙ୍ଗରେ ଲୀନ ହୋଇଥିଲା। ବ୍ରହ୍ମା ଓ ବିଷ୍ଣୁ ଉଭୟେ ସେହି ସ୍ତମ୍ଭ ବା ଲିଙ୍ଗର ପୂଜାର୍ଚ୍ଚନା ଆରମ୍ଭ କଲେ। ଏହି ଲିଙ୍ଗ ଫାଲ୍‌ଗୁନ କୃଷ୍ଣ ଚତୁର୍ଦ୍ଦଶୀରେ ପ୍ରକଟ ହୋଇଥିବା ଯୋଗୁ ସେଦିନରୁ ଲିଙ୍ଗ ପୂଜା ହୋଇ ଆସୁଛି। ବ୍ରହ୍ମା ଓ ବିଷ୍ଣୁ ଉଭୟେ ପଚାରିଲେ ମହାଭାଗ ଆମେ ଲିଙ୍ଗର ଆଦିଅନ୍ତ ପ୍ରାପ୍ତ କରିପାରିଲୁ ନାହିଁ, ମନୁଷ୍ୟ କେମିତି ପୂଜାର୍ଚ୍ଚନା କରିବ। ମହାଦେବ ଏହି ଲିଙ୍ଗକୁ ଦ୍ୱାଦଶ ଜ୍ୟୋତି ଲିଙ୍ଗରେ ବିଭକ୍ତ କଲେ। ଏହି ଦିନକୁ ମହାଶିବରାତ୍ରି ଭାବରେ ଆମେ ସମସ୍ତେ ପାଳନ କରି ଆସୁଅଛୁ।

ସଂସ୍କୃତି ଗବେଷକ,ଜୟପୁର, କୋରାପୁଟ

## ଚିରନ୍ତନୀ

ତଥାପି ନମଇଁ ତୋରେ ହେ ନିର୍ଜୀବ କର୍କଶ ପାଷାଣ !
ଘନୀଭୂତ ଏଥି ଯେଣୁ କେତେ ପୁଣ୍ୟ ଶିଳ୍ପୀର ପରାଣ,
ଯେ ରାଜନ ଗଢ଼ିଲା ଏ ପାଷାଣର ଗିରି,
ଯେ ବିରାଟ କଳ୍ପନାରୁ ଉଦ୍ଭୁତ ଏ ଶିରୀ,
ବିଶ୍ୱ ପାଇଁ କରିଲା ଦାଦନ
ଅନ୍ତରର ବିପୁଳ ବେଦନ,
ହେବାକୁ ନିବଂଶ
ଲୋଡ଼ିଲା ଅଯଶ
ବଂଶ ଗର୍ବ
କରି ଖର୍ବ! -(ପୁରୀ-ମନ୍ଦିର)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଆମେରିକାରୁ ୩୦ ସଶସ୍ତ୍ର ଡ୍ରୋନ୍ କିଣିବ ଭାରତ

ପଡୋଶୀ ଚାଇନା ଏବଂ ପାକିସ୍ତାନର ମୁକାବିଲା ପାଇଁ ଭାରତ ଆମେରିକାଠାରୁ ୩୦ ସଶସ୍ତ୍ର ଡ୍ରୋନ୍ କିଣିବା ଲାଗି ଯୋଜନା କରିଛି। ୩୦୦ କୋଟି ଡଲାରର ଏହି ପ୍ରତିରକ୍ଷା ଚୁକ୍ତିନାମା ଆସନ୍ତା ମାସରେ ଅନୁମୋଦନ ହେବାକୁ ଯାଉଥିବା ଜଣେ ଅଧିକାରୀ କହିଛନ୍ତି। ସାନ୍ ଡିଏଗୋର ଜେନେରାଲ ଆଟମିକ୍ସ ନିର୍ମାଣ କରୁଥିବା ଏମ୍‌କ୍ୟୁ-୯ବି ପ୍ରେଡାଟର ଡ୍ରୋନ୍ ଭାରତର ଉଭୟ ସ୍ଥଳ ସେନା ଓ ନୌସେନାର ସାମର୍ଥ୍ୟ ବୃଦ୍ଧି କରିବାରେ ସହାୟକ ହେବ।

**ସଂକ୍ଷେପରେ**

## ଅନୁରାଗ ଠାକୁର ଟିଏ କ୍ୟାପ୍ଟେନ



**ନୂଆଦିଲ୍ଲୀ,୧୦।୩ :** କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ବୁଧବାର ଟେରିଟୋରିଆଲ୍ ଆର୍ମି (ଟିଏ) କ୍ୟାପ୍ଟେନ ନିଯୁକ୍ତ ହୋଇଛନ୍ତି। ଟେରିଟୋରିଆଲ ଆର୍ମିରେ ସ୍ୱେଚ୍ଛାସେବୀମାନେ ଭାଗ ନେବା ସହ ବର୍ଷରେ ଗୋଟିଏ ମାସ ସାମରିକ ତାଲିମ ନେଇଥାନ୍ତି। ହିମାଚଳପ୍ରଦେଶର ହମିରପୁରରୁ ୪ ଥର ଭାଜପା ଏମ୍‌ପି ଥିବା ଅନୁରାଗଙ୍କୁ ୨୦୧୬ରେ ଉକ୍ତ ଆର୍ମିର ୧୨୪ ଶିଖ୍ ରେଜିମେଣ୍ଟରେ ଲ୍ୟୁଟନାଣ୍ଟ ପଦବୀରେ ଅବସ୍ଥାପିତ କରାଯାଇଥିଲା। ଏବେ କ୍ୟାପ୍ଟେନ୍ ପଦବୀକୁ ତାଙ୍କର ପଦୋନ୍ନତି ହୋଇଛି।

## ଭାଜପାରେ ମିଶିଲେ ଟିଏମ୍‌ସି ମନ୍ତ୍ରୀ, ବିଧାୟକ

**କୋଲକାତା,୧୦।୩ :** ପଶ୍ଚିମବଙ୍ଗ ନିର୍ବାଚନ ଲଢ଼ିବା ଲାଗି ଟିକେଟ ନ ମିଳିବାରୁ ଟିଏମ୍‌ସିର ଜଣେ ମନ୍ତ୍ରୀ ଓ ଅନ୍ୟ ଜଣେ ବିଧାୟକ ବୁଧବାର ଦଳ ତ୍ୟାଗ କରି ଭାଜପାରେ ସାମିଲ ହୋଇଛନ୍ତି। ଫଳରେ ଶାସକ ଟିଏମ୍‌ସିକୁ ଶକ୍ତ ଧକ୍କା ଲାଗିଛି। ମମତା ବାନାର୍ଜୀଙ୍କ କ୍ୟାବିନେଟରେ ମନ୍ତ୍ରୀ ଥିବା ବଚ୍ଚୁ ହାଁସଦା ଏବଂ ଟିଏମ୍‌ସି ବିଧାୟକ ଗୌରୀଶଙ୍କର ଦତ୍ତ ଭାଜପାରେ ଯୋଗ ଦେଇଛନ୍ତି। ଏମାନଙ୍କ ବ୍ୟତୀତ ଟିଏମ୍‌ସି ଏମ୍‌ପି ପ୍ରତିମା ମଣ୍ଡଳଙ୍କ ଭଉଣୀ ଜୟଶ୍ରୀ ମଣ୍ଡଳ, ବେଙ୍ଗଲୀ ଚଳଚ୍ଚିତ୍ର ଅଭିନେତା ବୋନି ସେନ୍‌ଗୁପ୍ତାଙ୍କ ସମେତ ଅନ୍ୟ କେତେଜଣ ତୃଣମୂଳ କଂଗ୍ରେସ ନେତା ବୁଧବାର ପଦ୍ମ ଧରିଛନ୍ତି।

## କଂଗ୍ରେସ ଛାଡ଼ିଲେ ପି.ସି. ଚାକୋ



**ନୂଆଦିଲ୍ଲୀ,୧୦।୩ :** କେରଳ ନିର୍ବାଚନ ପୂର୍ବରୁ ବରିଷ୍ଠ କଂଗ୍ରେସ ନେତା ପି.ସି. ଚାକୋ ବୁଧବାର ଦଳ ଛାଡ଼ିଛନ୍ତି। ଥ୍ରିସୁର୍ ନିର୍ବାଚନମଣ୍ଡଳୀର ପୂର୍ବତନ ଏମ୍‌ପି ଚାକୋ ତାଙ୍କ ଇସ୍ତଫାପତ୍ର ଦଳ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ପାଖକୁ ପଠାଇ ଦେଇଥିବା ଦିଲ୍ଲୀରେ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। କେରଳ ବିଧାନସଭା ନିର୍ବାଚନ ଏପ୍ରିଲ୍ ୬ରେ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ପ୍ରାର୍ଥୀ ଚୟନରେ କଂଗ୍ରେସ ରାଜ୍ୟ ନେତୃବୃନ୍ଦଙ୍କୁ ଅଣଦେଖା କରୁଥିବା ସେ ଅଭିଯୋଗ କରିଛନ୍ତି।

## ପରିବେଶ ପାଇଁ ୧୦ ବିଲିୟନ ଡଲାର



ଇ-କମର୍ସ କମ୍ପାନୀ ଆମାଜନର ସିଇଓ ଜେଫ୍ ବେଜୋସ୍‌ଙ୍କ ଅର୍ଥ ନିବେଶ ଥିବା ଆର୍ଥ ଫଣ୍ଡ ଜଳବାୟୁ ପରିବର୍ତ୍ତନ ତଥା ପରିବେଶ ସୁରକ୍ଷା ପାଇଁ ୧୦ ବିଲିୟନ ଡଲାର ଖର୍ଚ୍ଚ କରିବ। ୨୦୩୦ ସୁଦ୍ଧା ଏହି ଅର୍ଥ ବିନିଯୋଗ କରାଯିବାକୁ ଯୋଜନା ଥିବା ଆର୍ଥ ଫଣ୍ଡ ସିଇଓ ଆଣ୍ଡ୍ରୁ ଷ୍ଟିର୍ କହିଛନ୍ତି। ବୈଜ୍ଞାନିକ, ସାମାଜିକ ସଙ୍ଗଠନ, ଘରୋଇ ସେକ୍ଟରରେ ଆର୍ଥ ଫଣ୍ଡର ଅର୍ଥ ଲଗାଯାଇ ନୂଆ ଟେକ୍ନୋଲୋଜି ବ୍ୟବହାର ସହ ଓ କିଛି ନୀତିରେ ପରିବର୍ତ୍ତନ ଅଣାଯିବ। ଯଦି ସୃଜନଶୀଳ, ବୁଦ୍ଧିମାନ ଉପାୟରେ ଏହି ପାଣ୍ଠିର ଉପଯୋଗ କରାଯାଏ ତେବେ କ୍ଷତିକାରକ ପରିବର୍ତ୍ତନ ଉପରେ ରୋକ ଲଗାଯାଇପାରିବ ବୋଲି ଷ୍ଟିର୍ କହିଛନ୍ତି।

## ବାଇଡେନ୍‌ଙ୍କ କୁକୁର ହ୍ୱାଇଟ୍ ହାଉସ୍‌ରୁ ବିଦା



ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନଙ୍କ ୨ କୁକୁର 'ମେଜର' ଓ 'ଚାମ୍ପ'ଙ୍କୁ ହ୍ୱାଇଟ୍ ହାଉସ୍‌ରୁ ବାହାର କରାଯାଇଛି। ଜଣେ ସିକ୍ୟୁରିଟି ଏଜେଣ୍ଟଙ୍କୁ ମେଜର କାମୁଡ଼ି ଦେବା ପରେ କୁକୁର ଦୁଇଟିକୁ ବାଇଡେନ୍‌ଙ୍କ ଘରକୁ ପଠାଇ ଦିଆଯାଇଛି। ୨୦୧୮ରେ ବାଇଡେନ୍ ମେଜରକୁ ଘରକୁ ଆଣିଥିଲେ। ପଶୁ ଆଶ୍ରୟସ୍ଥଳୀରୁ ଆସି ହ୍ୱାଇଟ ହାଉସ୍‌ରେ ରହିବାରେ ମେଜର ହେଉଛି ପ୍ରଥମ କୁକୁର। ପୋଷା କୁକୁର ରଖିବାରେ ଆମେରିକା ରାଷ୍ଟ୍ରପତିଙ୍କ ଲମ୍ବା ତାଲିକା ରହିଛି। ଶହେ ବର୍ଷରୁ ଅଧିକ ସମୟ ପରେ ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କୌଣସି କୁକୁର ପାଳି ନ ଥିଲେ।

# ଖେଳ ଆରମ୍ଭ



କୋଲକାତା,୧୦।୩

ନନ୍ଦିଗ୍ରାମ ବିଧାନସଭା ଆସନରୁ ମୋ ବିଜୟ ନେଇ ମୁଁ ଦୃଢ଼ ନିଶ୍ଚିତ। ମୁଁ ଭବାନୀପୁର ନିର୍ବାଚନମଣ୍ଡଳୀରୁ ସହଜରେ ଜିତିପାରିଥାଆନ୍ତି। କିନ୍ତୁ ଗତ ଜାନୁୟାରୀରେ ନନ୍ଦିଗ୍ରାମ ଆସିଥିବାବେଳେ ସ୍ଥାନୀୟ ବିଧାୟକ ଇସ୍ତଫା ଦେଇଥିବାରୁ ଏହି ଆସନ ବିଧାୟକଶୂନ୍ୟ ହୋଇଯାଇଥିଲା। ସାଧାରଣ ଲୋକଙ୍କ ମୁହଁକୁ ଦେଖିଲି ଏବଂ ଏଠାରୁ ନିର୍ବାଚନ ଲଢ଼ିବା ପାଇଁ ନିଷ୍ପତ୍ତି ନେଲି। ଦେଶବାସୀଙ୍କ ଧ୍ୟାନ କେନ୍ଦ୍ରୀଭୂତ ହୋଇଥିବା ପଶ୍ଚିମବଙ୍ଗର ହାଇପ୍ରୋଫାଇଲ୍ ସିଟ୍ ନନ୍ଦିଗ୍ରାମରୁ ବୁଧବାର ନାମାଙ୍କନପତ୍ର ଦାଖଲ କରି ତୃଣମୂଳ କଂଗ୍ରେସ (ଟିଏମ୍‌ସି) ପକ୍ଷରୁ ପ୍ରାର୍ଥୀ ହେବା ପରେ ଭାଜପାକୁ ଏଭଳି ଭାଷାରେ ଟାର୍ଗେଟ କରିଛନ୍ତି ଶାସକ ଦଳର ନେତ୍ରୀ ମମତା ବାନାର୍ଜୀ।

ମମତା କହିଛନ୍ତି, ମୁଁ ଏଠାରୁ କେବେ ଖାଲିହାତରେ ଫେରିନାହିଁ। ନନ୍ଦିଗ୍ରାମ କେବଳ ଏକ ନାମ ନୁହେଁ। ଏହା ଏକ ଆନ୍ଦୋଳନର ନାଁ। ମୁଁ ସମସ୍ତଙ୍କ ନାମ ଭୁଲିଯାଇପାରେ, କିନ୍ତୁ ନନ୍ଦିଗ୍ରାମ ସବୁବେଳେ ମନେରହିବ। ଏହା ମୋ ପାଇଁ ଗୁରୁତ୍ୱପୂର୍ଣ୍ଣ ସ୍ଥାନ, ଯାହାକୁ କେହି ଧର୍ମୀୟ ଆଧାରରେ ବିଭାଜିତ କରିପାରିବେ ନାହିଁ। ନନ୍ଦିଗ୍ରାମ ଆନ୍ଦୋଳନ ବେଳେ ସବୁ ସମ୍ପ୍ରଦାୟର ଲୋକେ ଲଢ଼େଇ କରିଥିଲେ। ଯେଉଁମାନେ ଏହାର ଲିଗାସିକୁ ନେଇ ଭାଷଣ ଦେଉଛନ୍ତି, ଏଠାରେ ହିଂସା ବେଳେ ସେମାନେ କେଉଁଠି ଥିଲେ?



ଶୁଭେନ୍ଦୁ ଅଧିକାରୀ

ସେତେବେଳେ ମୁଁ ହିଁ ଏଠାରେ ଉପସ୍ଥିତ ଥିଲି ବୋଲି ମମତା କହିଛନ୍ତି। ପ୍ରକାଶ ଯେ ମମତା ନନ୍ଦିଗ୍ରାମରେ ନିର୍ବାଚନ ପ୍ରଚାର ସୁବିଧା ଦୃଷ୍ଟିରୁ ଏକ ଘର ଭଡ଼ାରେ ନେଇଛନ୍ତି। ମମତାଙ୍କୁ ତାଙ୍କ ପୂର୍ବ ସେନାପତି ଶୁଭେନ୍ଦୁ ଅଧିକାରୀ ବାହାର ଲୋକ ବୋଲି ଟାର୍ଗେଟ କରି ନିଜକୁ ଭୂମିପୁତ୍ର ଅଭିହିତ କରିଥିବାରୁ ମମତା କଡ଼ା ସମାଲୋଚନା କରିଛନ୍ତି।

## ୫ ଆସନ ଛଡ଼ାଇପାରିବେ କି ଓୱାଇସି

**ଦୀର୍ଘ ଅର୍ଦ୍ଧଶତାବ୍ଦୀ ଧରି ପଶ୍ଚିମବଙ୍ଗର ପ୍ରାୟ ସବୁ ନିର୍ବାଚନରେ ସଂଖ୍ୟାଲଘୁଙ୍କ ଭୂମିକାର ଗୁରୁତ୍ୱ ରହିଆସିଛି। ଏମାନେ ନିଷ୍ପତ୍ତି ନେଇଥାଆନ୍ତି କାହା ମୁଣ୍ଡରେ ମୁକୁଟ ବନ୍ଧାହେବ। ପ୍ରଥମେ ବାମ ସାମ୍ମୁଖ୍ୟକୁ ମୁସଲମାନ ଭୋଟର ସମର୍ଥନ କରିଆସୁଥିଲେ। କିଛି ବର୍ଷ ହେଲା ଟିଏମ୍‌ସି ଏହି ବର୍ଗର ଭୋଟରଙ୍କ ଉପରେ ପ୍ରଭାବ ବିସ୍ତାର କରିଛି। କିନ୍ତୁ ଏଥର ବିଧାନସଭା ନିର୍ବାଚନ ପୂର୍ବରୁ ଏଆଇଏମ୍‌ଆଇଏମ୍ ଏବଂ ଆଇଏସ୍‌ଏଫ୍ ଯୋଗୁ ଟିଏମ୍‌ସିର ଭୋଟ ବ୍ୟାଙ୍କ ଉପରକୁ ବିପଦ ମାଡ଼ିଆସିଛି।**

୨୦୦୬ ପର୍ଯ୍ୟନ୍ତ ପଶ୍ଚିମବଙ୍ଗର ମୁସଲମାନ ଭୋଟ ବ୍ୟାଙ୍କ ଉପରେ ବାମ ସାମ୍ମୁଖ୍ୟର ଦଖଲ ଥିଲା। ଧୀରେ ଧୀରେ ଏହି ବର୍ଗର ଭୋଟର ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଆଡ଼କୁ ଆକର୍ଷିତ ହେଲେ। ୨୦୧୧ ଓ ୨୦୧୬ ନିର୍ବାଚନରେ ଏହି ଭୋଟ ବ୍ୟାଙ୍କ ଯୋଗୁ ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀ କ୍ଷମତାକୁ ଆସିଥିଲେ। ତେବେ ରାଜ୍ୟର ବିଧାନସଭା ନିର୍ବାଚନରେ ପ୍ରଥମ ଥର ପାଇଁ ୨୭ରୁ ୩୦% ମୁସଲମାନ ଭୋଟରଙ୍କୁ ନେଇ ଏଥର ବେଶି ଟଣାଓଟରା ଚାଲିଛି। ହାଇଦ୍ରାବାଦ ଏମ୍‌ପି ଅସାଦୁଦ୍ଦିନ ଓୱାଇସିଙ୍କ ଅଲ୍ ଇଣ୍ଡିଆ ମଜଲିସ୍-ଏ-ଇତ୍ତେହାଦୁଲ ମୁସ୍‌ଲିମୀନ(ଏଆଇଏମ୍‌ଆଇଏମ୍) ଏବଂ ଫୁରଫୁରା ଶରିଫ ପୀରଜାଦା ଅବ୍ବାସ ସିଦ୍ଦିକିଙ୍କ ପାର୍ଟି ଇଣ୍ଡିଆନ୍ ସେକୁଲାର ଫ୍ରଣ୍ଟ(ଆଇଏସ୍‌ଏଫ୍) ପ୍ରଥମ ଥର ମଇଦାନକୁ ଓହ୍ଲାଇଥିବାରୁ ଦ୍ୱନ୍ଦ୍ୱରେ ସଂଖ୍ୟାଲଘୁ ମତଦାତା। ଅଧିକାଂଶ ଲୋକଙ୍କ କହିବା ହେଲା, ଏହି ଦୁଇଜଣଙ୍କ ଦଳ ନିର୍ବାଚନ ଲଢ଼ିଲେ ମଧ୍ୟ ବିଶେଷ ଫରକ ପଡ଼ିବ ନାହିଁ। କିନ୍ତୁ ପଶ୍ଚିମବଙ୍ଗ ରାଜନୀତିରେ ଦୁଇ ମୁସ୍‌ଲିମ ନେତାଙ୍କ ଆବିର୍ଭାବ ଫଳରେ ଭୋଟବ୍ୟାଙ୍କ ଭାଙ୍ଗିରୁଜି ଯାଇପାରେ ବୋଲି କେତେଜଣ ମତ ଦେଉଛନ୍ତି। ତେବେ ସେଥିରୁ ଓୱାଇସିଙ୍କ ଭାଗରେ ପଡ଼ିବାକୁ ଥିବା ଭୋଟ ତାଙ୍କୁ ବିହାର ଭଳି ଖୁସି ଆଣିଦେବ? ସେ କ'ଣ ଏଠାରେ ୫ଟି ଆସନ ଦଖଲ କରିପାରବେ? ଏହି ପ୍ରଶ୍ନକୁ ନେଇ ହିସାବ କିତାବ କରିବାରେ ଲାଗିଛନ୍ତି ବିଶ୍ଳେଷକ।



ଅସାଦୁଦ୍ଦିନ ଓୱାଇସି



ଅବ୍ବାସ ସିଦ୍ଦିକି

- ହୁଗୁଳି ଜିଲା ଫୁରଫୁରା ଶରିଫ ସଂଖ୍ୟାଲଘୁଙ୍କ ପବିତ୍ର ଉପସନାସ୍ଥଳ। ପଶ୍ଚିମବଙ୍ଗର ଦକ୍ଷିଣ ଭାଗରେ ଥିବା ପ୍ରାୟ ଅଢ଼େଇ ହଜାର ମସ୍‌ଜିଦ ଉପରେ ଏହାର ନିୟନ୍ତ୍ରଣ ରହିଛି। ନିର୍ବାଚନ ସମୟରେ ଫୁରଫୁରା ଶରିଫର ମହତ୍ତ୍ୱ ବଢ଼ିଯାଇଥାଏ। ଲେଫ୍ଟଠାରୁ ନେଇ ଟିଏମ୍‌ସି ଏବଂ କଂଗ୍ରେସ ପର୍ଯ୍ୟନ୍ତ ଦଳର ନେତା ସମର୍ଥନ ପାଇଁ ଏଠାକୁ ଆସନ୍ତି।
- ଓୱାଇସି ନିର୍ବାଚନରେ କେତେ ପ୍ରଭାବ ପକାଇପାରିବେ, ଏହି ପ୍ରଶ୍ନର ଉତ୍ତର ମେ' ୨ରେ ମିଳିବ। କିନ୍ତୁ ରାଜ୍ୟର ଜାତିଗତ ସମୀକରଣକୁ ଧ୍ୟାନରେ ରଖି ଏଆଇଏମ୍‌ଆଇଏମ୍ ମଇଦାନକୁ ଓହ୍ଲାଇବା ମଧ୍ୟ ତାତ୍ପର୍ଯ୍ୟପୂର୍ଣ୍ଣ।
- ବାଂଲାଦେଶ ସୀମା ସଂଲଗ୍ନ ମୁର୍ଶିଦାବାଦ ଓ ମାଲଦା ଜିଲାରେ ୩୪ ନିର୍ବାଚନମଣ୍ଡଳୀ ଅଛି। ବିଧାନସଭାର ୨୯୪ ଆସନ ମଧ୍ୟରୁ ୧୦୦-୧୧୦ ନିର୍ବାଚନମଣ୍ଡଳୀରେ ମୁସଲମାନ ଭୋଟରଙ୍କ ଜୋର୍ ରହିଛି।
- ୨୦୧୧ ଜନଗଣନା ଅନୁସାରେ ପଶ୍ଚିମବଙ୍ଗର ମୋଟ ଜନସଂଖ୍ୟାର ୨୭.୩% ମୁସଲମାନ ଥିଲେ। ଏବେ ଏହି ସଂଖ୍ୟା ୩୦% ପାଖାପାଖି ହେଲାଣି।
- ମୁର୍ଶିଦାବାଦ, ମାଲଦା, ଉତ୍ତର ଦିନାଜପୁର, ଦକ୍ଷିଣ ଦିନାଜପୁର ଓ ଦକ୍ଷିଣ ୨୪ ପ୍ରଗଣା ଜିଲାରେ ମୁସଲମାନ ମତଦାତାଙ୍କ ସଂଖ୍ୟା ୪୦%ରୁ ଅଧିକ।
- ମାଲଦାରେ ୫୭% ଓ କେତେକ ଅଞ୍ଚଳରେ ପ୍ରାୟ ୭୦% ମୁସଲିମ୍ ଭୋଟର। ଏଠାରେ ହିନ୍ଦୁମାନେ ସଂଖ୍ୟାଲଘୁ।

## ମୀନାକ୍ଷୀ ମହାମେଣ୍ଟ ପ୍ରାର୍ଥୀ



ପଶ୍ଚିମବଙ୍ଗରେ ବାମ ନେତୃତ୍ୱାଧୀନ ମହାମେଣ୍ଟ ପକ୍ଷରୁ ସିପିଆଇଏମ୍‌ର ମୀନାକ୍ଷୀ ମୁଖାର୍ଜୀଙ୍କୁ ହାଇପ୍ରୋଫାଇଲ୍ ନନ୍ଦିଗ୍ରାମ ଆସନରୁ ପ୍ରାର୍ଥୀ କରାଯାଇଛି। ସେ ଏଠାରେ ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀ ଓ ଭାଜପାର ଶୁଭେନ୍ଦୁ ଅଧିକାରୀଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବେ। ବାମ-କଂଗ୍ରେସ-ଆଇଏସ୍‌ଏଫ୍ ପକ୍ଷରୁ ତାଙ୍କୁ ପ୍ରାର୍ଥୀ କରାଯାଇଥିବା ବାମ ସାମ୍ମୁଖ୍ୟ ଅଧ୍ୟକ୍ଷ ବିମାନ ଘୋଷ ସୂଚନା ଦେଇଛନ୍ତି।



## ତ୍ରିମୁଖୀ ଲଢ଼େଇରେ ଲାଭ କାହାର

ପଶ୍ଚିମବଙ୍ଗରେ ମୁସଲମାନ ଭୋଟରଙ୍କୁ ଅସନ୍ତୁଷ୍ଟ କରି ନିର୍ବାଚନ ଲଢ଼ାଯାଇ ନ ପାରେ। ସଂଖ୍ୟାଲଘୁଙ୍କ ସଂଖ୍ୟାକୁ ଦେଖି ବାମପନ୍ଥୀ, ଭାଜପା ଏବଂ ଟିଏମ୍‌ସି ଏହି ଭୋଟରଙ୍କ ସମର୍ଥନ ଯୋଗାଡ଼ରେ ବ୍ୟସ୍ତ। କଂଗ୍ରେସ ଓ ବାମଦଳ ମେଣ୍ଟ ପୂର୍ବରୁ ହୋଇଥିଲା। କିନ୍ତୁ ପ୍ରତ୍ୟକ୍ଷ ରାଜନୀତିକୁ ଅବ୍ବାସ ସିଦ୍ଦିକିଙ୍କ ପ୍ରଥମ ପ୍ରବେଶ ଖେଳ ବିଗାଡ଼ି ଦେଇଛି। ତିନି ଦଳର ମିଳିତ ସଭା ପରେ କଂଗ୍ରେସରେ ଏହି ମେଣ୍ଟକୁ ନେଇ ବିଦ୍ରୋହର ସ୍ୱର ମଧ୍ୟ ଉଠିଛି। ଏଆଇଏମ୍‌ଆଇଏମ୍ ଏହି ଲଢ଼େଇରେ ଯୋଡ଼ିହେବା ପରେ ପ୍ରତିଦ୍ୱନ୍ଦ୍ୱିତା କେବଳ ମମତା ବନାମ ମୋଦି ନ ହୋଇ ବହୁମୁଖୀ ହୋଇଛି। ଟିଏମ୍‌ସିର କ୍ଷତିରୁ ଭାଜପା କେତେ ଫାଇଦା ନେଇପାରିବ ତାହା ହିଁ ବଡ଼ ପ୍ରଶ୍ନ।

## କୃଷି ଆଇନକୁ ନେଇ ବିରୋଧୀଙ୍କ ହଙ୍ଗାମା

**ନୂଆଦିଲ୍ଲୀ,୧୦।୩ :** କୃଷି ଆଇନ ପ୍ରତ୍ୟାହାର ଦାବିରେ ପାର୍ଲାମେଣ୍ଟର ଉଭୟ ଗୃହରେ ବିରୋଧୀ ଦଳ ସଦସ୍ୟମାନେ ହଙ୍ଗାମା ସୃଷ୍ଟି କରିବାରୁ ବୁଧବାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ତୈଳ ଏବଂ ରନ୍ଧନ ଗ୍ୟାସ୍ ଦର ବୃଦ୍ଧି ପ୍ରତିବାଦରେ ବିରୋଧୀ ଦଳ ନାରାବାଜି ଜାରି ରଖିବା ସହ ଚାଷୀ ଆନ୍ଦୋଳନ ଉପରେ ଆଲୋଚନା ଦାବି କରିଥିଲେ। ହଟ୍ଟଗୋଳ ଯୋଗୁ ଉଭୟ ଗୃହକୁ ଏକାଧିକ ଥର ମୁଲତବୀ ରଖାଯାଇଥିଲା। ଅଚଳାବସ୍ଥା ଜାରି ରହିବାରୁ ଉଭୟ ଗୃହକୁ ମାର୍ଚ୍ଚ ୧୫ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଛି। ଗୁରୁବାର ମହାଶିବରାତ୍ରି ଛୁଟି ଥିବାବେଳେ ଶୁକ୍ରବାର ଅଣକାର୍ଯ୍ୟଦିବସ ଘୋଷିତ ହୋଇଛି। ଶନିବାର ଓ ରବିବାର ଛୁଟି ଥିବାରୁ ସୋମବାର ଗୃହକାର୍ଯ୍ୟ ଆରମ୍ଭ ହେବ।

**୧୫ ଯାଏ ଉଭୟ ଗୃହ ମୁଲତବୀ**

## ମଧ୍ୟସ୍ଥତା ଆଇନ ସଂଶୋଧନ ବିଲ୍ ପାର୍ଲାମେଣ୍ଟରେ ଗୃହୀତ

**ନୂଆଦିଲ୍ଲୀ,୧୦।୩ (ପି.ଟି.):** ମଧ୍ୟସ୍ଥତା ଆଇନ ସଂଶୋଧନ ବିଲ୍‌କୁ ବୁଧବାର ପାର୍ଲାମେଣ୍ଟ ଅନୁମୋଦନ କରିଛି। ରାଜ୍ୟ ସଭାରେ ଧ୍ୱନି ମତରେ ଆର୍ବିଟ୍ରେଶନ ଆଣ୍ଡ କନ୍‌ସିଲିଏଶନ (ସଂଶୋଧନ) ବିଲ୍, ୨୦୨୧ ଗୃହୀତ ହୋଇଥିଲା। ଉକ୍ତ ବିଲ୍ ଫେବୃୟାରୀ ୧୨ରେ ଲୋକ ସଭାର ଅନୁମୋଦନ ଲାଭ କରିଥିଲା। ଏହା ଆଇନରେ ପରିଣତ ହେଲେ ଗତବର୍ଷ ନଭେମ୍ବର ୪ରେ ଲାଗୁ ହୋଇଥିବା ଅଧ୍ୟାଦେଶ ସ୍ଥାନରେ କାର୍ଯ୍ୟକାରୀ ହେବ।

## କୋକେନ ମାମଲା: ମଡେଲ ଗିରଫ

କୋଲକାତା,୧୦।୩

ନ୍ୟୁ ଆଲିପୁର କୋକେନ୍ ମାମଲାରେ କୋଲକାତା ନ୍ୟୁ ଟାଉନ୍‌ର ଜଣେ ମଡେଲଙ୍କୁ ଗିରଫ କରାଯାଇଛି। ଏହି ମାମଲାରେ ଗିରଫ ହେବାରେ ମଡେଲ ଅମ୍ରିତା ସିଂ ଓରଫ ସ୍ୱିଟି ହେଉଛନ୍ତି ଅଷ୍ଟମ ଅଭିଯୁକ୍ତ। ପୂର୍ବରୁ ଭାଜପା ନେତା ରାକେଶ ସିଂ ଏବଂ ପାମେଲା ଗୋସ୍ୱାମୀଙ୍କୁ ଉକ୍ତ ମାମଲାରେ ଗିରଫ କରାଯାଇଥିଲା। ନିଶା ଚୋରାବେପାରୀଙ୍କଠାରୁ କୋକେନ୍ ସଂଗ୍ରହ କରିବା ଲାଗି ରାକେଶ ତାଙ୍କୁ ନିଯୁକ୍ତ କରିଥିଲେ ବୋଲି ମଡେଲ ଜଣକ କହିଛନ୍ତି। ସେ ଗ୍ରାମ ପିଛା ୯,୫୦୦ରୁ ୧୦ ହଜାର ଟଙ୍କାରେ କୋକେନ କିଣି ରାକେଶଙ୍କୁ ଦେଉଥିଲେ ବୋଲି ଜେସିପି(କ୍ରାଇମ୍) ମୁରଲୀଧର ଶର୍ମା କହିଛନ୍ତି। ନାର୍କୋଟିକ୍ ସେଲ୍‌ର ଅଫିସରମାନଙ୍କ କହିବା ଅନୁଯାୟୀ ଅମ୍ରିତା ସହରର ନାଇଟ୍ କ୍ଲବ ଏବଂ ବାର୍ ସହ ସକ୍ରିୟ ଭାବେ ସମ୍ପୃକ୍ତ ଥିଲେ। ସେ ରାକେଶଙ୍କ ସହ ବିଭିନ୍ନ ରାଜନୈତିକ ନେତାଙ୍କୁ ବାଇପାସ୍‌ର ଏକ ହୋଟେଲରେ ଭେଟୁଥିଲେ। ରାକେଶଙ୍କ ସହ ତାଙ୍କର ସମ୍ପର୍କ ବଢ଼ିବା ପରେ ସେ ତାଙ୍କୁ ଡ୍ରଗ୍ସ ସଂଗ୍ରହ କାର୍ଯ୍ୟରେ ନିୟୋଜିତ କରିଥିଲେ। କୋକେନ୍‌ର ଗ୍ରାହକ କିଏ ଥିଲେ ତାହା ଜାଣିବା ପାଇଁ ଅମ୍ରିତାଙ୍କୁ ଜେରା କରାଯିବ ବୋଲି ପୋଲିସ କହିଛି।



## ଆସ୍ଥା ଜିତିଲେ ଖଟ୍ଟାର ସରକାର

ଚଣ୍ଡିଗଡ଼,୧୦।୩

ହରିୟାଣା ବିଧାନସଭାରେ ମନୋହାର ଲାଲ୍ ଖଟ୍ଟାର ସରକାରଙ୍କ ବିରୋଧରେ କଂଗ୍ରେସ ଆଣିଥିବା ଅନାସ୍ଥା ପ୍ରସ୍ତାବ କାଟ୍ ଖାଇଯାଇଛି। ଅନାସ୍ଥା ପ୍ରସ୍ତାବ ସପକ୍ଷରେ ୩୨ ଭୋଟ ପଡ଼ିଥିବାବେଳେ ବିରୋଧରେ ୫୫ ଜଣ ଭୋଟ ଦେଇଥିଲେ। ୯୦ ଆସନ ବିଶିଷ୍ଟ ହରିୟାଣା ବିଧାନସଭାରେ ୨ଟି ଆସନ ଖାଲିଥିବାରୁ ମୋଟ ବିଧାୟକ ସଂଖ୍ୟା ୮୮ ରହିଛି। ଭାଜପାର ୪୦ ସଦସ୍ୟ ଥିବାବେଳେ ସହଯୋଗୀ ଜେଜେପିର ୧୦ ବିଧାୟକ ରହିଛନ୍ତି। ଏହା ବ୍ୟତୀତ ୫ ଜଣ ସ୍ୱାଧୀନ ବିଧାୟକ ଖଟ୍ଟାର ସରକାରଙ୍କୁ ସମର୍ଥନ ଦେଉଛନ୍ତି। ତେବେ ସେମାନଙ୍କ ମଧ୍ୟରୁ ଦୁଇଜଣ ସମର୍ଥନ ପ୍ରତ୍ୟାହାର କରିନେଇଥିବା ଦାବି କରି କଂଗ୍ରେସ ଖଟ୍ଟାର ସରକାରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଅଣିଥିଲା। ସ୍ୱାଧୀନ ବିଧାୟକ ସମର୍ଥନ ପ୍ରତ୍ୟାହାର କରିବା ନେଇ ମେଣ୍ଟ ସରକାରର ସହଯୋଗୀ ଦଳ ସୂଚନା ଦେଇଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପିନ୍ଦର ସିଂ ହୁଡା ଅଭିଯୋଗ କରିଥିଲେ। ପ୍ରକୃତରେ ଉକ୍ତ ସ୍ୱାଧୀନ ବିଧାୟକ କାହା ସହିତ ରହିଛନ୍ତି, ତାହା ସ୍ପଷ୍ଟ କରିବା ଲାଗି ଅନାସ୍ଥା ପ୍ରସ୍ତାବ ଅଣାଯାଇଥିବା ସେ କହିଥିଲେ। ସରକାରଙ୍କ ପ୍ରତି କୌଣସି ବିପଦ ନାହିଁ। ସରକାରଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ କାଟ୍ ଖାଇବା ନିଶ୍ଚିତ ବୋଲି ପୂର୍ବରୁ ମୁଖ୍ୟମନ୍ତ୍ରୀ ଖଟ୍ଟାର କହିଥିଲେ। ସରକାରଙ୍କ ବିରୋଧରେ କହୁଥିବା ଜେଜେପିର ଦୁଇ ବିଧାୟକ ରାମକୁମାର ଗୌତମ, ଦେବେନ୍ଦର ବବ୍‌ଲି ଏବଂ ସ୍ୱାଧୀନ ବିଧାୟକ ଗୋପାଳ କାଣ୍ଡା ଅନାସ୍ଥା ପ୍ରସ୍ତାବ ବିରୋଧରେ ଭୋଟ ଦେଇଥିଲେ।



ମନୋହାର ଲାଲ୍ ଖଟ୍ଟାର

## ୨୬ରେ ଭାରତ ବନ୍ଦ ଡାକରା ଦେଲା କୃଷକ ସଂଗଠନ

ନୂଆଦିଲ୍ଲୀ,୧୦।୩

କେନ୍ଦ୍ର ସରକାରଙ୍କ ୩ ବିବାଦୀୟ କୃଷି ଆଇନ ବିରୋଧରେ ଆନ୍ଦୋଳନ ଚଳାଇଥିବା କୃଷକ ସଂଗଠନଗୁଡ଼ିକ ପକ୍ଷରୁ ମାର୍ଚ୍ଚ ୨୬ରେ ଭାରତ ବନ୍ଦ ଡାକରା ଦିଆଯାଇଛି। ବନ୍ଦରେ ଚାଷୀଙ୍କ ସମେତ ଟ୍ରେଡ୍ ୟୁନିୟନଗୁଡ଼ିକ ମଧ୍ୟ ସାମିଲ ହେବେ। ଦିଲ୍ଲୀ ସୀମାରେ ଚାଷୀ ଆନ୍ଦୋଳନକୁ ୪ ମାସ ପୂରିବା ଅବସରରେ ସେହିଦିନ ଦେଶବ୍ୟାପୀ ବନ୍ଦ ପାଳନ କରାଯିବ। ଏହା ବ୍ୟତୀତ ମାର୍ଚ୍ଚ ୧୫ରେ ଘରୋଇକରଣ ଏବଂ ତୈଳ ଦର ବୃଦ୍ଧି ପ୍ରତିବାଦରେ କୃଷକ ସଂଗଠନ ଓ ଟ୍ରେଡ୍ ୟୁନିୟନ ପକ୍ଷରୁ ବିକ୍ଷୋଭ କରାଯିବ ବୋଲି ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଘୋଷଣା କରାଯାଇଛି।



ରାକେଶ ଟିକାଏତ୍

ଅନ୍ୟପକ୍ଷରେ ଭାରତୀୟ କିଷାନ ୟୁନିୟନ(ବିକେୟୁ) ନେତା ରାକେଶ ଟିକାଏତ୍ କୋଲକାତାରୁ ନିର୍ଣ୍ଣାୟକ ଲଢ଼େଇ ଆରମ୍ଭ ହେବ ବୋଲି କହିଛନ୍ତି। ସେ ଆସନ୍ତା ୧୩ ତାରିଖରେ କୋଲକାତା ଯାଇ ପଶ୍ଚିମବଙ୍ଗର ଚାଷୀମାନଙ୍କୁ ଭାଜପାକୁ ପରାଜିତ କରିବା ନିମନ୍ତେ ଆହ୍ୱାନ ଦେବେ। ଉତ୍ତରପ୍ରଦେଶର ବାଲିଆଠାରେ କୃଷକ ମହାପଞ୍ଚାୟତକୁ ଉଦ୍‌ବୋଧନ ଦେଇ ବିକେୟୁ ନେତା କହିଛନ୍ତି, ପଶ୍ଚିମବଙ୍ଗରେ ଭାଜପାକୁ ପରାଜିତ କରିବା ତାଙ୍କର ଲକ୍ଷ୍ୟ ହେବ। ତେବେ ଅନ୍ୟ କୌଣସି ଦଳକୁ ସମର୍ଥନ ଦେବା ଲାଗି ସେ ଚାଷୀ ସଂଗଠନଗୁଡ଼ିକୁ କହିବେ ନାହିଁ। ରାସ୍‌ଦାଠାରେ ଅନ୍ୟ ଏକ ସମାବେଶକୁ ସମ୍ବୋଧିତ କରି ଟିକାଏତ୍ କହିଥିଲେ, ଦୀର୍ଘ ଲଢ଼େଇ ଜାରି ରହିବ ଓ ସଫଳତା ନିଶ୍ଚୟ ମିଳିବ। ଦିଲ୍ଲୀରୁ ଡକାୟତମାନଙ୍କୁ ତଡ଼ିଦିଆଯିବ ବୋଲି ସେ କହିଥିଲେ। ୨୦୨୧ ଆନ୍ଦୋଳନର ବର୍ଷ ହେବ। ଭାରତରେ ଚାଷୀ ଆନ୍ଦୋଳନର ସ୍ୱର ସାରା ବିଶ୍ୱରେ ପ୍ରତିଧ୍ୱନିତ ହେଉଛି। ଯେକୌଣସି ସମୟରେ ଦିଲ୍ଲୀ ଚାଲ ପାଇଁ ଡାକରା ଦିଆଯାଇପାରେ। ସେଥିପାଇଁ ଚାଷୀ ସେମାନଙ୍କ ଟ୍ରାକ୍ଟର, ଟ୍ରଲି ମରାମତି କରି ପ୍ରସ୍ତୁତ ରହିବାକୁ ବିକେୟୁ ନେତା ଆହ୍ୱାନ ଦେଇଥିଲେ।

**ଭାଜପାକୁ ହରାଇବା ପାଇଁ ପଶ୍ଚିମବଙ୍ଗ ଚାଷୀଙ୍କୁ ଆହ୍ୱାନ ଦେବେ ଟିକାଏତ୍**

# କବିତା

## ମଙ୍ଗଳାଚରଣ

**ନିରାକାର ଦାସ**

ଅନ୍ଧକାରକୁ ଡରୁଥିବା
ହେ ମୋର ଭାଇମାନେ, ଅପେକ୍ଷାକର!
ମୁଁ ଫେରୁଛି ଖୁବ୍‌ଶୀଘ୍ର
ଏକ ନୂଆ ଆଲୋକର ଆଞ୍ଜୁଳା ଧରି
ତୁମକୁ ନବଯୁଗର ନୂଆ ସକାଳର ସ୍ପର୍ଶରେ
ସମ୍ମୋହିତ କରିବା ପାଇଁ।

ତୁମ ପିଠିରେ ପିନ୍ଧେଇଥିବା ପୁଳାପୁଳା
ରୋଗ, ଶୋକ, ଭୋକର ପୋଷାକକୁ,
ଦେହସାରା ବୋଳି ହୋଇଥିବା
କ୍ରୀତଦାସର କାଦୁଅକୁ ସଫା କରିବା ପାଇଁ।

ପ୍ରତାରଣାର ପ୍ରହାରରେ
ଭାଙ୍ଗିଯାଇଥିବା ତୁମ ହୃଦୟକୁ
ଯୋଡ଼ି ଦେବା ପାଇଁ।
ସମୟର ସ୍ରୋତରେ
ଭାସିଯାଉଥିବା ତୁମ ବିବେକକୁ
ଉଦ୍ଧାରିବା ପାଇଁ।

ତୁମେ ବ୍ୟସ୍ତ ହୁଅନା ଜମା
ମୁଁ ଦେଖେଇଦେବି ତୁମକୁ
ତୁମ ସୁଖର ଠିକଣା,
ଖୋଜି ଆଣିବି କେବେଠୁଁ ହଜିଥିବା
ତୁମ ଶାନ୍ତିର ପସରା।
ଯୋଡ଼ିଦେବି କଟିଯାଇଥିବା
ତୁମ ସଦ୍‌ଭାବନାର ଡେଣା।
ହେ ମୋର ଭାଇମାନେ!
ତୁମ ସବୁ ପ୍ରତୀକ୍ଷାର ଅନ୍ତ ଘଟାଇ
ମୁଁ ଫେରୁଛି
ମାଟିର ମଙ୍ଗଳାଚରଣ ପଢ଼ିବାକୁ
ସବୁ ବନ୍ଧନର ଦଉଡ଼ି ଛିଣ୍ଡେଇ,
ଯେତେ ମୁକ୍ତିଗ୍ରନ୍ଥର ପୃଷ୍ଠା ଓଲଟାଇ।

ମୋ: ୮୪୫୫୮୮୫୦୧୩

## କିଛି ନ ମାଗୁଣ୍ଡୁ

**ଡ. ଦୁର୍ଯ୍ୟୋଧନ ଦାସ**

ନ ମାଗୁଁ ମୟୂର ଦେଇ ତା' ଚନ୍ଦ୍ରିକା
କହିଲା ଗୋପନେ କାନେ
ଘନ ମେଘ ଦେଖି ନାଚିଲେ ପ୍ରେମିକା
ରହିପାରିବନି କ୍ଷଣେ।

ଚକ୍ରବାକ ଦେଇ ପ୍ରତୀକ୍ଷାର ରାଣ
କହିଲା ମାଉନି ମନ
ରାତିଏ ବିତିଲେ ବିରହର ବ୍ୟଥା
ପ୍ରେମ ହେବ ଦୁଇଗୁଣ।

ଚାତକ କହିଲା ଶୋଷ ମାରିଦିଅ
ପିଅନି ଅସନା ପାଣି
ଭରସା ରଖିଲେ ସ୍ୱଚ୍ଛ ସୁଶୀତଳ
ଜଳ ଦେବ ବର୍ଷା ଆଣି।

ମେଘ ଦେଖି ନାଚେ ପୁଚ୍ଛ ଟେକି ନିତି
ଏକା ବିତେ ଜହ୍ନ ରାତି
ବରଷା ମାରେନି ପ୍ରୀତି-ଶୋଷ ତାତି
ଏ କି ବିପରୀତ ରୀତି!

ମୋ: ୯୪୩୭୨୧୪୦୨୧

## ଗାଉଁଲି ଝିଅ

**ସୁଦିପା ସାହୁ**

ନିଇତି ସକାଳୁ ଉଠି
ସର୍ବଗିଳା ବୁଲିଚାରୁ
ଅଗଣା ଛିଟା ଲିଭାଏ ବୋଲି
ରାତିରେ କଳିଆ କରୁଥିବା
ବାସନକୁସନ ମୁଁ ପଖାଳେ ବୋଲି
ତୁମେ ମତେ କୁହ ଗାଉଁଲି ଝିଅଟେ।

ଆଲୁଡ଼ ବାଲୁଡ଼ ଡାଣ୍ଡଟାରେ
ପବିତ୍ର ପାଣି ଛିଞ୍ଚେ ବୋଲି
ଦାଣ୍ଡଦୁଆରେ ଗୋବର ପାଣିରେ
ମୁଣ୍ଡଳା ବୁଲାଏ ବୋଲି
ପଦ୍ମକ, ଡାଆଁଶ ରୋକିବାକୁ
ନିମପତ୍ର ଧୂଆଁ ଦିଏ ବୋଲି
ତୁମେ କୁହ ମୁଁ ଗାଉଁଲି ଝିଅଟେ।

ମୋ: ୯୭୭୭୪୨୨୦୨୨

# ବିଶେଷ ଗପ



ମଧୁସୂଦନ ଦାଶ

# ବାପା କାନ୍ଦନ୍ତିନି

ମଧୁସୂଦନ ଦାଶଙ୍କ ଜନ୍ମ ୨ ଜାନୁୟାରୀ ୧୯୬୭ରେ, କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଜମ୍ବୁମୂଳ ଖଣ୍ଡୋଳ ଗାଁରେ। ପ୍ରକାଶିତ ପୁସ୍ତକ 'ଚିତ୍ରିତ ଅକ୍ଷର' (୨୦୦୩), 'ବୋଉ' (୨୦୧୩) ଓ 'ତ୍ରିଭଙ୍ଗୀ' (୨୦୧୬)। କଥା ହେଉ କି କବିତା, ଓଡ଼ିଆ ସଂସ୍କୃତି ଓ ପରମ୍ପରାର ଉତ୍ସ ଆଡ଼କୁ ସତତଃ ମୁହାଁଇଥାଏ ତାଙ୍କ ଲେଖନୀ। ସମାଜର ଛୋଟ ଛୋଟ ଘଟଣା ଅଭିନବ ରୂପ ପାଏ ତାଙ୍କ ଗଳ୍ପରେ। ତାଙ୍କ ଭାଷା-ବିଧାନରୁ ରହୁଥିଏ ଜୀବନକୁ ଦେଖିବାର ଏକ ଭିନ୍ନ ଚାହାଣି। ପୁରସ୍କାର-ସମ୍ମାନ ଏହି ଲେଖକଙ୍କୁ ଉଚ୍ଚାପି ଲୋଡ଼ିବସିଛି ବହୁ ସାରସ୍ୱତ-ସମ୍ମାନ, ଯେଉଁରେ ଗଣା 'ବୃନ୍ଦକ୍ଷେତ୍ର ସମ୍ମାନ', 'ସାହିତ୍ୟ ଦର୍ପଣ ସମ୍ମାନ', 'କୁଶଳେଶ୍ୱର ସମ୍ମାନ', 'କୋଣାର୍କ ସମ୍ମାନ' ଓ 'ଗୋକର୍ଣ୍ଣିକା ସମ୍ମାନ'।



୧୯୮୫ ମସିହା ଶୀତୁଆ ସକାଳ। ଆମ ପେଟକୁ ଦାନା ଯୋଗାଡ଼ କରିବାକୁ ବାପା ମାଟିରେ ମାଟି ହେଉଥା'ନ୍ତି। ତାଙ୍କ ସ୍ୱପ୍ନ ସବୁ ପକ୍ଷୀ ହୋଇ ଉଡ଼ୁଥା'ନ୍ତି ଆକାଶରେ। ମୁଁ ଆଉ ପାଞ୍ଚବର୍ଷର ସାନ ଭାଇ ଦୁଲା। ମୁଁ ପିଣ୍ଡାରେ ମସିଣା ପାରି ରସାୟନ ବିଜ୍ଞାନ ପଢ଼ୁଥାଏ। ସାନଭାଇ ଦୁଲା ଖରା ପୁଉଁଥାଏ। ହଠାତ୍ ଦେଖିଲି ଦୁଲା ପିଣ୍ଡା ତଳକୁ ଖସିପଡ଼ିଲା। ବାପାଙ୍କୁ ବିଲରୁ ଡକାଗଲା। ମୁଁ ଓ ବାପା ମିଶି ତାକୁ ଗାଁରୁ ସାତ ଶହ ମିଟର ଦୂର ହୋମିଓପାଥିକ ଚିକିତ୍ସା କରୁଥିବା ବାକ୍ତିଙ୍କ ପାଖକୁ ନେଇ ଦେଖେଇଲୁ। ନିରାଶାର ବାଣୀ ଶୁଣି ଧାଇଁଲୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଡାକ୍ତରଖାନାକୁ। ବାପା ବୋଧେ ଅନୁମାନ କରିନେଲେ ଆସ୍ତେ ଆସ୍ତେ ନିଜ ଭିତରେ ପଥର ପାଲଟୁଥିଲେ ସବୁ ନ ଥିବା ରାସ୍ତାକୁ ପିଟିକରି। ମୋ' ମନରେ ଶ୍ମଶାନର ନୀରବତା। ହୃଦୟରେ ଜମାଟବନ୍ଧା କୋହ। ବାପାଙ୍କ ଆଖିକୁ ଚାହିଁପାରୁ ନ ଥାଏ ମୁଁ। ସାନଭାଇର ଶରୀର ଆସ୍ତେଆସ୍ତେ ଶୋଥା ପଡ଼ିଯାଉଥାଏ। ତଥାପି ଶେଷ ସମ୍ବଳ ଡାକ୍ତରଙ୍କ କଥା। ଅଛିନ୍ନ ସାନ୍ତ୍ୱନା ତାଙ୍କ ପରୀକ୍ଷାର ପରିଭାଷା। ଡାକ୍ତର ମହୋଦୟ ଦୁଲାକୁ ଏପଟ ସେପଟ କରି ଦେଖିଲେ। ଆଖି ଓ ଛାତିକୁ ପରୀକ୍ଷା କଲେ। ପଡ଼ିଯାଇଥିବା ପାଟିକୁ ଖୋଲିବାକୁ ଚେଷ୍ଟା କଲେ। ସବୁ ପରୀକ୍ଷାର ଅନ୍ତ ଘଟାଇ ଦୁଲା ପୁର୍ବପରି ପିଣ୍ଡାରେ ବସି ଖରା ପୁଉଁବ ନାହିଁ ବୋଲି କହି ତାଙ୍କ ସ୍ୱଭାବସୁଲଭ ଡାକ୍ତରୀ ଢଙ୍ଗରେ ଆଉ ଜଣେ ରୋଗୀକୁ ଦେଖିବା ଆରମ୍ଭ କଲେ। ବାପା ବୋଧେ ଆଗରୁ ଜାଣିପାରିଥିଲେ ସବୁକିଛି। ଭରସା କରି ତାଙ୍କ ମୁହଁ ଆଉ ଆଖିକୁ ଚାହିଁଲି। ପ୍ରକୃତିସ୍ଥ ହେଲି ଯେତେବେଳେ ସେ କହିଲେ, "ଚାଲ୍‌ଗାଁକୁ ପଳାଇଯିବା।"

ଦୁଲାକୁ କୋଳରେ ଧରି ବାପା ଯେମିତି ବସିଥା'ନ୍ତି ସରକାରୀ ନାଳିଆ ବସ୍‌ରେ। ମୁଁ ବି କାନ୍ଦୁଥାଏ ହୋଇ ଥରେ ବାପାଙ୍କୁ, ଥରେ ମୋ' ପ୍ରିୟ ସାନଭାଇକୁ ଦେଖି ଆଖିରୁ ଲୁହ ଝରୁଥାଏ। ହେଲେ ମଶାଣି ପର୍ଯ୍ୟନ୍ତ ବାପା ସେମିତି ନିର୍ବାକ ଓ ନିଃଶ୍ଚଳ ଥାଆନ୍ତି। ମୁଁ ମନେମନେ ଭାବୁଥାଏ ବାପାମାନେ ବୋଧେ କାନ୍ଦନ୍ତିନି।

୧୯୯୮ ମସିହା ବର୍ଷଦିନ। ମୁଁ ସେତେବେଳେ ଓଡ଼ିଶା ପ୍ରଶାସନିକ ସେବାର ତାଲିମ ସାରି ସହକାରୀ ବନ୍ଦୋବସ୍ତ ଅଧିକାରୀ ଭାବେ ପୁଲବାଣୀରେ ଯୋଗ ଦେଇଥାଏ। ଈର୍ଷା, ଦ୍ୱେଷ ଓ ହୀନମନ୍ୟତା କେମିତି ମଣିଷକୁ ପଶୁ କରିଦିଏ, ତା'ର ଜ୍ୱଳନ୍ତ ଉଦାହରଣ ଆମ ଗାଁର କିଛି ଲୋକ। ଗାଁରେ ବାସକଲେ ବି କିଛି ନିରୀହ ଲୋକ କପିପଡ଼ କୁଟିଳ ଲୋକଙ୍କ

କୋପଦୃଷ୍ଟିରେ ପଡ଼ନ୍ତି। ନିଜ ଜୀବନରେ ସବୁ ଠିକ୍‌ଠାକ୍ ଚାଲିଥିଲେ ବି ଜୀବନ ପରିଧି ଭିତରକୁ କିଛି ଖଳ ପ୍ରକୃତିର ଲୋକ ଜବରଦସ୍ତ ପଶିଆସନ୍ତି। ପୁଅ ଓଏଏସ୍ ପାଇଗଲା ବୋଲି ବାପର ବହୁତ ପ୍ରତିଷ୍ଠା। ଇନ୍ଦ୍ରଦେବ ମାନୁନି ଉପରକୁ ମୁହଁ କରି ଚାଲୁଛି ତା' ମୁହଁ ତଳକୁ କରିବାକୁ ହେବ। ଗାଁରେ ଚାଲିଲା ମନ୍ତ୍ରଣା। ମଙ୍କନ ବି! ତିଆରି ହେଲା ଯୋଜନା। ନହ୍ନା ବି! କ'ଣ କଲେ ବାପା ମୋର ଠେକିଏ ପାଣି ପିଇବ। ପୁଅ ତ' ବାପକୁ ଘୃଣା ଦୃଷ୍ଟିରେ ଦେଖୁଛ ତ ବାପରୁ ପୁଅ ଅଲଗା ହୋଇଯିବ। ବାପ ଲଜ୍ଜାରେ ଆତ୍ମହତ୍ୟା କରିବ। ଏ ବାବଦରେ ଗାଁମେଳ ବୈଠକ ପରେ ବୈଠକ ବସିଲା।

ରାତି ଆଠଟାରେ ବାପା ସ୍ଥାନୀୟ ବଜାରରୁ ଫେରୁଥା'ନ୍ତି। ଆମ ଘର ଆଉ ପ୍ରାୟ ଦୁଇଶହ ମିଟର ଥାଏ। ଠିକ୍ ଆମ ଗାଁ ମଠ ପାଖରେ କିଛି ଦୁର୍ବୃତ୍ତ ବାପାଙ୍କୁ ଘେରିନେଲେ। ଗୋଟେ ଘରେ ରଖି ବାଡ଼ି ପକାଇ ତାଙ୍କ ପକାଇ କହିଲେ, ହେଉ ତା ବେଶ ମଧୁର ବାପା ପର ଘରେ ଗଳିଛି ବୋଲି ତାଙ୍କ ପକାଇବା ପୂର୍ବରୁ ସମ୍ପୂର୍ଣ୍ଣ ବିବସ୍ତ୍ର କରିଦେଇଥା'ନ୍ତି। ଯାହାକୁ ସମାଜର ତଥାକଥିତ ଶିକ୍ଷିତ ବୋଲି କୁହାଯାଏ, ସେମାନେ ସବୁ ରୁଣ୍ଡ ହେଲେ। ବାପା ସେମିତି ସେ ଘରେ ପାଣି ପାଣି ବୋଲି ଆକୁଳ ପ୍ରାର୍ଥନା କରୁଥା'ନ୍ତି। ଚଣ୍ଡାଳ ପାଣିଦେବା ତ ଦୂରର କଥା, ଯେତେବେଳେ ଗାଳି ଥାଏ ସମସ୍ତେ ମିଶି ଦେଉଥା'ନ୍ତି। ବାକି ଥାଏ କେବଳ ହାତ ଉଠେଇ ମାରିବା। ଶେଷରେ ମନସ୍ଥ କଲେ ପୋଲିସ ଡାକିବାକୁ। ପୋଲିସ ଆସିଲେ। ବାପାଙ୍କ ବିରୁଦ୍ଧରେ ଏଫ୍‌ଆଇଆର୍ ରୁଜୁ ହେଲା। ଯାହାକୁ ବିପଦ ସମୟରେ ଗାଁ ଲୋକଙ୍କ ଅପେକ୍ଷିତ ବାପା ରକ୍ଷା କରିଥିଲେ, ସେଇ ସମ୍ପର୍କୀୟା ଭଉଣୀ ପୂର୍ବ ଯୋଜନା ମୁତାବକ ଏଫ୍‌ଆଇଆର୍ ରୁଜୁ କଲା। ସଙ୍ଗୀନ୍ ବଳାତ୍କାର ଦଫା ଲାଗିଲା ବାପାଙ୍କ ବିରୋଧରେ। ବାପାଙ୍କୁ ରାତାରାତି ବାନ୍ଧିନେଲା ପୋଲିସ। ତା' ପରଦିନ

କୋର୍ଟରେ ହାଜର ହେଲେ ବାପା। ମୋ' ସହପାଠୀ ଓକିଲର ଅକାଟ୍ୟ ଯୁକ୍ତି ବଳରେ ୬୦ ବର୍ଷର ବୃଦ୍ଧ ଜାମିନ ପାଇଲେ। ଜାମିନ ତୁଟିଲେ, ବରଂ କହି ରଖେ ଜୀବନ ପାଇଲେ। ଏପଟରେ ଗାଁସାରା ରାଷ୍ଟ୍ର ହୋଇଥାଏ ବାପା ମୋର ଚୋର୍ ବୋଲି। ମୋ କିଛି କହିବାର ବାଟ ବି ନ ଥାଏ। ଏସବୁ କଥା ଜାଣୁଜାଣୁ ମୋତେ ପ୍ରାୟ ଚାରିଦିନ ଲାଗିଯାଇଥିଲା। ଭାଙ୍ଗିବା ବିନ ହିଁ ପୁଲବାଣୀରୁ ଗାଁକୁ ବାହାରିଥିଲି। ଗାଁରେ ପହଞ୍ଚି ବାପାଙ୍କୁ ଭେଟିଲି। ବାପା ଯୋଇ କାନ୍ଦିଦିଆଲେ। କହିଲି ବାପା-- କେବିନ ଭାଲିଲେ ନାହିଁ, ମୁଁ ତ ଜାଣିଛି ସତକୁ। ଏଥର ଶ୍ରେଷ୍ଠକ ଦେଲେ ମୋ' ପାଇଁ। ମୋ' କାନ୍ଦବୋଲାଳି ଦେଖି ବାପା ନା ଭାବପ୍ରବଣ ହେଲେ, ନା ତାଙ୍କ ଆଖିରୁ ଟୋପେ ବି ଲୁହ ବହିଲା। ମୋତେ ଆଶ୍ୱାସନା ଦେଇ କହିଲେ-- ତୁ ମୋ' ପୁଅ। ତୋ' ପ୍ରତି ମୋର ଗଭୀର ଆସ୍ଥା ଅଛି, ଥିଲା ଓ ରହିବ। ପୁଣି ଥରେ ଭାବିଲି ବାପାମାନେ ବୋଧେ କାନ୍ଦନ୍ତିନି।

୨୦୧୬ ମସିହା ଜୁନ୍ ମାସ। ପୁରୀରେ ରଥ ମାସ। ରଥ ସମୀକ୍ଷା ବୈଠକ ଚାଲିଥାଏ। ହଠାତ୍ ସାନଭଉଣୀଠାରୁ ଫୋନ୍ ପାଇଲି ପିଞ୍ଜୁ ଆଉ ନାହାନ୍ତି। ତା' ପୂର୍ବରୁ ଭଉଣୀ କହୁଥିଲା ରାୟଗଡ଼ାରୁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ପିଞ୍ଜୁଙ୍କୁ ନେଇଯାଉଛୁ। କିଛି ପାଇଁ। ତାଙ୍କ ପେଟ ଫମ୍ପେଇ ଦେଇଛି। ପରିସ୍ଥିତି ହେଉନାହିଁ। ମୁଁ ଆଶ୍ୱାସନା ଦେଉଥିଲି ଭଉଣୀକୁ ଶୀଘ୍ର ଶୀଘ୍ର ଡାକ୍ତରଖାନାକୁ ନେଇ ଆସିବା ପାଇଁ। ବାଟସାରା ଭଉଣୀ ମୋର କାନ୍ଦୁଥିଲା। ମୋ' ପାଖରେ ଭାଷାର ଅଭାବ ଥିଲା ତାକୁ ସାନ୍ତ୍ୱନା ଦେବାକୁ। ପିଞ୍ଜୁଙ୍କ ଦେହାନ୍ତ ଖବର ସର୍ବପ୍ରଥମେ ବାପାଙ୍କୁ ଜଣାଇଲି। ଭାବୁଥିଲି ଜ୍ୱାଇଁଙ୍କ ଅକାଳ ବିୟୋଗ ଖବର ଶୁଣି ବାପା ଗଛ କାଟିଲା ପରିଥିକି ପଡ଼ିବେ। ତାହା ହେଲା ନାହିଁ। କେମିତି ଚାଲିଗଲେ, କାହିଁକି ଚାଲିଗଲେ ଓ କିପରି ଚାଲିଗଲେ ସେ ପ୍ରଶ୍ନ ମୋତେ ନ ପଚାରି କହିଲେ-- ତୋ'

ସାଙ୍ଗମାନଙ୍କୁ କହ, ଶୀଘ୍ର କେମିତି ତା'ର ଶବ ବ୍ୟବସ୍ଥିତ କରିହେବ। ଆଉ ତୁ ତା' ଦେହରୁଭକୁ ପଚାର ପିଞ୍ଜୁକୁ ପୁରୀ ସ୍ୱର୍ଗଦ୍ୱାରକୁ ଆଣିବେ ନା ଗାଁକୁ ନେବେ। ଭାଗିପଡ଼ୁଥିଲେ ବି ଭଉଣୀର ଦେହରୁଭଙ୍କ ସହ କଥା ହେଲି। ଗାଁକୁ ମରଶରୀର ଆଣିବା ପାଇଁ ସେ କହିଲେ।

ବନ୍ଧୁମାନଙ୍କ ସହଯୋଗରେ ବ୍ୟବସ୍ଥିତ ପରେ ପେଟିକ୍ସ ଗାଁ ଅଭିମୁଖେ ଆସିଲା ଶବ। ଆମେ ପୁରୀରୁ ତାଙ୍କ ଗାଁକୁ ବାହାରିଲୁ। ସେମିତି ଆମ ସାଙ୍ଗେ ବାପା ଦୃଢ଼ ଚିତ୍ତରେ ଗାଡ଼ିରେ ବସିଥା'ନ୍ତି। ମୋତେ ମନ୍ଦିରେ ମନ୍ଦିରେ ପଚାରୁଥା'ନ୍ତି ସେମାନେ କେଉଁଠି ପହଞ୍ଚିଲେଣି। କେତେବେଳେ ଗାଁରେ ପହଞ୍ଚିବେ। ଆମେ ପ୍ରାୟ ଅପରାହ୍ଣ ତିନିଟାରେ ତାଙ୍କ ଗାଁରେ ପହଞ୍ଚିଲୁ। ସେ ପର୍ଯ୍ୟନ୍ତ ପିଞ୍ଜୁ ଶବ ଗାଁରେ ପହଞ୍ଚି ନ ଥାଏ। ଶୋକାକୁଳ ପରିବେଶ। ବାପା ସେମିତି ଗଛ ତଳେ ଗଛଟିଏ ପରି ବସିଥା'ନ୍ତି। ପ୍ରାୟ ଅପରାହ୍ଣ ୫ଟାବେଳକୁ ପିଞ୍ଜୁର ଶବକୁ ନେଇ ରେଡ୍‌କ୍ରସ୍ ଗାଡ଼ି ତାଙ୍କ ଗାଁରେ ପହଞ୍ଚିଲା। କାନ୍ଦୁଥିଲେ ଗଛପତ୍ର। କାନ୍ଦୁଥିଲା ମାଟି ମାଆ। ଆମକୁ କାନ୍ଦୁଥିଲା ତ୍ରିଗୋପୋଳ। କାନ୍ଦୁଥିଲା ମାଟି ମାଆ। ଆମକୁ ଅପେକ୍ଷା କରିବାକୁ ପଡ଼ିଲା ପାଞ୍ଚବର୍ଷର ଭାଣିଜାକୁ। ସେ ରାୟଗଡ଼ାରୁ ଆସିଲା ପରେ ହିଁ ଶବ ସତ୍କାର କରାଯିବ ବୋଲି ଗାଁ ଲୋକ କହିଲେ। ଶେଷଥରକ ପାଇଁ ଝିଅ ତା' ବାପାଙ୍କୁ ଆଖି ପୁରେଇ ଦେଖିବ।

ମୋ' ବୋଉ ତା' ଝିଅକୁ ଓ ଜ୍ୱାଇଁଙ୍କ ଶବକୁ ଧରି ତୁହାକୁ ତୁହା ମୂର୍ଚ୍ଛା ଯାଉଥାଏ। ଭଉଣୀ କଥା ବର୍ଣ୍ଣନା କରିବା ପାଇଁ ମୋ' ପାଖରେ ଶବ୍ଦର ଅଭାବ ଥାଏ। କାରୁଣ୍ୟର କଷାଘାତରେ ମୁଁ ବାପାଙ୍କ ପାଖରେ ଜୀବନ ନ ଥିଲା ଭଳି ଛିଡ଼ା ହୋଇଥାଏ। ପ୍ରାୟ ସାତଟା ବେଳକୁ ମୋ' ଭାଣିଜୀ ତା' ବଡ଼ ମାଆ ସହ ଗାଁରେ ପହଞ୍ଚିଲା। ଛୋଟ ଝୁଅ। ସେ ବା କାହୁଁ ଜାଣିବ ଜୀବନ ଓ ମରଣ ଭିତରେ ଥିବା ପାର୍ଥକ୍ୟ। ବାପ ଓ ବାପର ଶବ ମଧ୍ୟରେ ଥିବା ଯୋଜନ ଯୋଜନ ଦୂରତ୍ୱ।


କିଛି ସମୟ ପାଇଁ ତୁନି ପଡ଼ିଥିବା ଶୋକାକୁଳ ପରିବେଶ ପୁଣି ଚେଇଁ ଉଠିଲା। ଭାଣିଜୀ ମୋର କୋଳିପଡ଼ିଲା ତା' ପ୍ରିୟ ବାପାର ଶବ ଉପରେ। ମଥା ପିଟି କାନ୍ଦି କାନ୍ଦି କହୁଥାଏ-- ଉଠ ବାପା, ଉଠ! ହେଇ ଦେଖ ବୋଉ କେମିତି କାନ୍ଦିକାନ୍ଦି ବେହୋସ୍ ହୋଇଯାଉଛି। ସତ କହୁଛି ବାପା, ମୁଁ ଆଉ ଜମା ଦୁଷ୍ଟ ହେବିନି। ମନଦେଇ ପାଠ ପଢ଼ିବି। କିନ୍ତୁ ଯିଏ ଥରେ ଗଲା ସେ କ'ଣ ଆଉ ଫେରିବ ସକଳ ପ୍ରାର୍ଥନା ଓ ଯାବତୀୟ ଆକୁଳତା ସତ୍ତ୍ୱେ!

କୋଳେଇ ବନ୍ଧାହେଲା ପିଞ୍ଜୁ। ଫୁଲ ଚନ୍ଦନରେ ପୋତି ହୋଇପଡ଼ିଲା ତା'ର ଅଷ୍ଟାଙ୍ଗ ଶରୀର। ଭଉଣୀ ହାତରୁ କାଚ କାଢ଼ିବାର ସମୟ ଆସିଲା। ସଧବାଙ୍କୁ ବିଧବା ସଜାଇବାର ସାମାଜିକ ରୀତିନୀତି ଏ ରାତି ଏତେ କଷ୍ଟ, ଏ ନୀତି ଏତେ ହୃଦୟ ବିଦାରକ ଯେ, ଅନୁଭୂତିହୀନ ପ୍ରତ୍ୟକ୍ଷଦର୍ଶୀ ହିଁ କେବଳ ତାହା ଅନୁଭବ କରିପାରିବେ। ଶବ ଉପରେ ଗୋଟେ ପଟେ ମୋ' ଭାଣିଜୀ ଓ ଭଉଣୀ, ଅନ୍ୟପଟେ ଛାତିକୁଟୁ ଓ ମଥିରେ ମୋ' ବୋଉ। ଭଉଣୀ ହାତରୁ କାଚ କାଢ଼ିବାର ଦୃଶ୍ୟ ମୋତେ ମର୍ମାହତ ଓ ବ୍ୟଥିତ କରୁଥିଲା। ମୋ' ଲୁହ ସବୁ ସେତେବେଳକୁ ବାଷ୍ପୀଭୂତ ହୋଇ ସାରିଥିଲେ। ଭଉଣୀ ମୋର ଅତୁଟ ସମ୍ପର୍କର ବନ୍ଧନ ହେଲେ ବି ବାକୁରୁଦ୍ଧ ହୋଇ ଆସୁଥିଲା।

ଭାଣିଜୀ ଭଉଣୀ ବେକରେ ଝୁଲୁଥିଲା ବଡ଼ୁଆ ପରି ଓହଳି କାନ୍ଦବୋବାଳି ଛାଡୁଥିଲା। ରାମ ନାମ ସତ୍ୟ ହେ, ହରିନାମ ସତ୍ୟ ହେ ଭିତରେ କୋଳେଇ ଉଠିଲା ଗାଁ ଶ୍ମଶାନକୁ ବାପା କାନ୍ଧ ଦେଇ ବସିଥା'ନ୍ତି ନୀରବ ମୁଦ୍ରାରେ। ଅନ୍ତୁଟିଏ ସାହସ ସଞ୍ଚ ବାପାଙ୍କ ଆଡ଼େ ଆଖି ପକାଇଲେ ଆଣିଲି। ଆଉ ଥରେ ଅନୁଭବ କଲି, ବାପାମାନେ ବୋଧେ କାନ୍ଦନ୍ତି!

ମୋ: ୯୪୩୭୦୭୩୭୧୨୪୮

# କାଳକାଳକୁ



"ଜୀବନର ଅତି ଦରକାରୀ ଗୁଣ ଜିଇବା, ଜିଇବାର ଅତି ଦରକାରୀ ଗୁଣ ବଦଳିବା, ବଦଳିବା ହିଁ ବିବର୍ତ୍ତନ; ଯାହାର ଆମେ ଅଂଶବିଶେଷ।"
- ଜନ୍ ଉଇନ୍‌ଡମ୍

**ଜନ୍ ଉଇନ୍‌ଡମ୍** (John Wyndham)ଙ୍କ ଜନ୍ମ ୧୦ ଜୁଲାଇ ୧୯୦୩ରେ ଓ ପରଲୋକ ୧୧ ମାର୍ଚ୍ଚ ୧୯୬୯ରେ। ସେ ଇଂଲିଶ୍ ବିଜ୍ଞାନ-ସାହିତ୍ୟର ଜଣେ ପ୍ରମୁଖ ଲେଖକ। ଏହି ନାମ ବ୍ୟତୀତ ଜନ୍ ବେନନ୍ ଓ ଲୁକାସ୍ ପର୍କସ ଛଦ୍ମନାମରେ ମଧ୍ୟ ତାଙ୍କର ଅନେକ ରଚନା ପ୍ରକାଶିତ। 'ଦ ଡେ ଅଫ୍ ଦ ଟ୍ରିଫିଡ୍‌ସ', 'କନ୍ସିଡର ହର୍ ୱେଜ୍ ଆଣ୍ଡ ଅଦର୍ସ', 'ୱ୍ୟାଣ୍ଡମ୍ କ୍ରେକ୍ସ' ଓ 'ସ୍ଲିପର୍ସ ଅଫ୍ ମ୍ୟାର୍' ଆଦି ଉଲ୍ଲେଖନୀୟ ଗ୍ରନ୍ଥର ସେ ରଚୟିତା।

# ଫରକ

**ଅଲେଖ ଚନ୍ଦ୍ର ମିଶ୍ର**

ଅଣୁ ଗଳ୍ପ

ବିବାହର ପ୍ରଥମ ବାର୍ଷିକୀ ପାଳନ ଅବସରରେ ପତ୍ନୀକୁ କହିଲେ ପତି, "ଆଜି ଟିକେ ଭଲକରି ରୋଷେଇବାସ କର। ଖାଇବାଟା ଯେମିତି ଜମାଣିଆ ହେବ। କ'ଣ ଯଦି ଦରକାର ଅଛି କୁହ, ବଜାରରୁ ନେଇଆସିବି।"

ପତ୍ନୀ କହିଲେ, "ବର୍ଷେ ହେଲାଣି ତ ସେୟା କରୁଛି। ଆଜି ଚାଲୁନା ଟିକେ ବାହାରେ ଖିଆପିଆ କରିଆସିବା। ବାହାଘର ପୂର୍ବରୁ ତ ଆକାଶ ପାତାଳ କେତେ କ'ଣ ସ୍ୱପ୍ନ ଦେଖାଉଥିଲ। ପାର୍କରେ ବୁଲିବା, ସିନେମା ଥିଏଟର ଦେଖିବା, ପିକ୍‌ନିକ୍‌ରେ ଯିବା, ବଜାର ବୁଲିବା, ହୋଟେଲରେ ଖାଇବା ଏମିତି କେତେ କ'ଣ! ହେଲେ ବର୍ଷେ ହେଲାଣି ସେଥିରୁ ଗୋଟିକର ବି ଦେଖାନାହିଁ। କଥା କ'ଣ? ତୁମେ ସେଇ ମଣିଷଟି?"

"ମଣିଷ ତ ସେଇ। ହେଲେ ସେତେବେଳେ ଥିଲି ପ୍ରେମିକ, ଏବେ ପତି। ଉଭୟ ମଧ୍ୟରେ ଫରକ ତ ରହିବ!" ପତିଙ୍କର କଥାର ଢଙ୍ଗରେ ବି ଫରକ ବାରି ହୋଇ ପଡୁଥିଲା।

ମୋ: ୯୪୩୮୬୭୩୩୮୯

# ପୁସ୍ତକ ପରିଚୟ

## ନୈବେଦ୍ୟ



**କବି:** ଶମ୍ଭୁନାଥ ରାଉଳ
**ପ୍ରକାଶକ:** ଦେବବ୍ରତ ରାଉଳ, ଡ. ଅନୁପମା ରାଉଳ
କ୍ଲିଙ୍ଗାଲ୍ୟାଣ୍ଡ, ଯୁଏସ୍‌ଏ
**ପ୍ରଥମ ପ୍ରକାଶ:** ୨୦୨୦, **ମୂଲ୍ୟ:** ଟ.୧୪୧/-

ମୋଟ ୧୦୯ଟି କବିତା ଆଲୋଚ୍ୟ କାବ୍ୟଗ୍ରନ୍ଥରେ ସ୍ଥାନିତ, ଯହିଁରୁ ଅଧିକାଂଶ ଆଧ୍ୟାତ୍ମିକ-ଭାବନା ବିଜଡ଼ିତ। ଗ୍ରନ୍ଥାରମ୍ଭରେ କବି ଲେଖିଛନ୍ତି: "ମୋର କବିତା ପୁସ୍ତକ 'ନୈବେଦ୍ୟ' ଈଶ୍ୱରଙ୍କ ପ୍ରତି ଏକ ନୈବେଦ୍ୟର ଭାବ ନେଇ ହିଁ ରଚନା କରିଛି।" (ନୈବେଦ୍ୟର ପରିଭାଷା)। କିନ୍ତୁ ଈଶ୍ୱର-ବିହ୍ୱଳତା ସତ୍ତ୍ୱେ ଜୀବନାନୁଭୂତିର ଅନ୍ୟ ଅନେକ ଦିଗ ପ୍ରତି ତାଙ୍କର ଉତ୍କଣ୍ଠତା ଗ୍ରନ୍ଥସ୍ଥ କବିତାଗୁଡ଼ିକୁ ବିବିଧ ରସରେ ରସାଣିତ କରିଛି। କ୍ଷୁଧା ଓ ପ୍ରେମ ଜେତକେ କବିତାର ଆଧାର ହୋଇଛି। ଅବଶିଷ୍ଟ ବୟସକୁ ସେ ସମର୍ପଣ କରିଦେବାକୁ ଚାହିଁଛନ୍ତି ପରମଙ୍କଠାରେ, ଯହିଁରେ ସେ ସମ୍ଭାବନା ଦେଖୁଛନ୍ତି ନିଜର ଓ କବିତାର ସିଦ୍ଧି। (ସିଦ୍ଧି ଲାଭ, ପୃ: ୯୦)। 'ଜନାଦେଶ' ଓ 'ଋଣ' ଭଳି କବିତାରେ କବିଙ୍କର ରୁଚିଗତ ଭିନ୍ନତା ଓ ପ୍ରଖର ସମାଜଦୃଷ୍ଟିର ଚିହ୍ନଟୁଏ। କବିତାଗୁଡ଼ିକର ଭାଷା ସରଳ ଓ ଆବେଦନଧର୍ମୀ। ସମଗ୍ର ଗ୍ରନ୍ଥଟି ଜୀବନର ଏକ ଅନ୍ତହୀନ ଅନ୍ୱେଷଣ। ଆର୍ଦ୍ରତୁ ଆନନ୍ଦ ଆଡ଼କୁ ଯାତ୍ରା। 'ଘଡ଼ିମାରି ଆସୁଥିବା ଜହ୍ନ' ଓ 'ଜୀବନ କୁହୁର'- ଉଭୟ ମୂଲ୍ୟ ରଖନ୍ତି ରାଉଳଙ୍କ କବିତାରେ। ଆଶା, ବହିଟି ପାଠକୀୟ ଆଦୃତି ଲାଭ କରିବ।

## ଏକା ଏକା ଜୀବନ



**ଲେଖିକା:** ବନ୍ଦନା ମିଶ୍ର
**ପ୍ରକାଶକ:** ଟାଇଗରେସ୍, ଚନ୍ଦକା ଶିଳ୍ପାଞ୍ଚଳ, ଭୁବନେଶ୍ୱର-୨୪
**ପ୍ରଥମ ପ୍ରକାଶ:** ୨୦୧୯, **ମୂଲ୍ୟ:** ଟ.୧୨୦/-

ଆଲୋଚ୍ୟ ଗଳ୍ପଗ୍ରନ୍ଥରେ ପରିବେଷିତ ମୋଟ ୧୧ଟି ଗଳ୍ପ। ଚିରଞ୍ଜନ ଚିରଞ୍ଜିତ ଗ୍ରନ୍ଥ ସମ୍ପର୍କରେ ଏକ ଆକଳନ ଲେଖି କହିଛନ୍ତି: "ଗଳ୍ପଗୁଡ଼ିକ ଗୋଟିଏ ସମୟ ପାଇଁ ନୁହେଁ, ବରଂ ପ୍ରତିଟି ସମୟ ପାଇଁ ନିର୍ଦ୍ଧାରିତ ଅନୁଭବିତ ଆହ୍ୱାନ। x x ଜୀବନ ଯନ୍ତ୍ରଣା, ଜୀବନ ଅନୁଭବର ଗୋଟିଏ ଗୋଟିଏ ବ୍ୟାଖ୍ୟାନ।" ଗଳ୍ପଗୁଡ଼ିକୁ ପଢ଼ି ମନେହେଲା, ଓଡ଼ିଆ ଗଳ୍ପର ପୁରୁଣା ବଗିଚାରେ ବନ୍ଦନା ଜଣେ ନୂଆ ମାଳୀ। ଗଳ୍ପ ନିହିତ ପ୍ରତ୍ୟେକଟି ଚରିତ୍ର ଓ ଘଟଣାର ସେ ଏପରି ଯତ୍ନ ନେଇଛନ୍ତି, ଯେପରି ନବଜନ୍ମିତ ଶିଶୁର ଯତ୍ନ ନିଏ ତା'ର ମାଆ। ଗଳ୍ପର ଭାଷା ସରଳ ଓ ବେଗାତ୍ମକ, ଯାହା ସାଧାରଣ ଘଟଣାକୁ ଘଟଣାତୀତ କରି ଚାଲିଥାଏ ଆମ୍ଭଳକୁ। ଗ୍ରନ୍ଥର ଶେଷ ଗଳ୍ପ 'ଦୁର୍ଗା'। ଜନଗିରରେ ଭଲ ପୋଲିସ୍ କର୍ମଚାରୀ ଭାବେ ନିଜର ଏକ ଭାବମୂର୍ତ୍ତି ଗଢ଼ିଥିବା ଇନିସ୍‌ପେକ୍ଟର ବିଜୟ ଜେନାଙ୍କ କୁତ୍ସିତ ସ୍ୱରୂପ ଉଦ୍‌ଘାଟିତ ହୋଇଛି ଗଳ୍ପଟିରେ। ବିଜୟଙ୍କ କାମଲାଳସାକୁ ପ୍ରତିହତ କରିବାରେ ସଫଳ ହୋଇଛି ସୁନୀତା। ଏକାକିନୀ ତରୁଣୀଟି ଭିତରୁ ସଂହାର-ମୂର୍ତ୍ତିରେ ଜାଗି ଉଠିଛନ୍ତି ଦୁର୍ଗା। ସମସ୍ତ ଓ ଜେନାଙ୍କ ମଧ୍ୟରେ ହୋଇଥିବା ବାକ୍ୟ ବିନିମୟ ଭିତରେ ଯଦିଓ ଫୁଟି ଉଠିଛି ଶାଣିତିକୁ ଶାସନର ବିଦ୍ରୂପ, କିନ୍ତୁ ଶେଷରେ ହୋଇ ରହିଛି ଆସନ୍ନ ବିଦ୍ରୋହ। 'ସ୍ମୃତି ଚନ୍ଦନ', 'ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି', 'ବାବାଙ୍କ ଡେଲି ରୁଟିନ୍', 'ଏକା ଏକା ଜୀବନ', 'କୁମାର ଝୁଅ' ଓ 'ଆଗ୍ନେୟଗିରିରେ ବିନ' ପ୍ରଭୃତି ଗଳ୍ପ ପାଠକଙ୍କୁ ଝୁଲେଇ ରଖେ ବେଶ୍ କ୍ଷଣ।

# ବିଶ୍ୱାସ

**ସ୍ୱରୂପା ପ୍ରିୟଦର୍ଶିନୀ ସାମନ୍ତ**

ଲଘୁ ଗଳ୍ପ

ହାବଭାବରୁ ଜଣାପଡୁଥିଲା ଭଦ୍ରମହିଳା ଜଣକ ଖୁବ୍ ଆଧୁନିକା। ବେଶପୋଷାକ ଏବଂ ଆଚରଣରେ ତାଙ୍କର ଥିଲା ଆଧୁନିକତାର ସ୍ପର୍ଶ। ସେ ମୋର ପଡ଼ୋଶୀ ଥିଲେ। ଅତଏବ ତାଙ୍କ ଉପରେ ନଜର ପଡ଼ିଲେ ମୁଁ ସାମାନ୍ୟ ବିଭୋର ହେଉଥିଲି। ଯଦିଓ ଆଧୁନିକତା ବା ମୁକ୍ତ ଚିନ୍ତାଧାରା ଆମେରିକାରେ ନିହାତି ସାଧାରଣ କଥା। ତଥାପି ଭଦ୍ରମହିଳାଙ୍କୁ ଦେଖିଲେ ବିଶେଷତ୍ୱ ଥିଲା ଭଳି ମନେହେଉଥିଲା। ମାର୍ଜିତ କଥାବାର୍ତ୍ତା ସାଙ୍ଗକୁ ଦେଶବିଦେଶର ସଂସ୍କୃତି ମଧ୍ୟ ତାଙ୍କୁ ବେଶ୍ ଜଣାଥିଲା। ବିଭିନ୍ନ ଭାଷା ଶିଖିବାରେ ସେ ରୁଚି ରଖୁଥିଲେ। ତାଙ୍କ ସହ ଗପ କରିବାକୁ ମୁଁ ଭଲ ପାଉଥିଲି ଏଣିକି ମୋ' ସହ ଦେଖାହେଲେ ହାଏ, ବାଏ ବଦଳରେ ସେ ନମସ୍କାର ଏବଂ ପୁଣି ଦେଖାହେବ କହୁଥିଲେ। ତାଙ୍କ ଇଂରାଜୀ ଅଭ୍ୟସ୍ତ ପାଟିରେ ଓଡ଼ିଆ ଶୁଣି ମୁଁ ଗର୍ବ ଅନୁଭବ କରୁଥିଲି। ଭଦ୍ରମହିଳାଙ୍କ ନାଁ ଥିଲା ଏଭୋନୀ ବେଲ୍। ତାଙ୍କୁ ମୁଁ ପସନ୍ଦ କରୁଥିଲି।

ନଭେମ୍ବର ପ୍ରଥମ ସପ୍ତାହ। ତାପମାତ୍ରା ପାଖାପାଖି ଛତିଶ ଫାରେନହାଇଟ୍। ଗଛଗୁଡ଼ିକ ଶରତ ଋତୁର ପ୍ରଭାବରେ କେବେଠୁଁ ପତ୍ରଝଡ଼ା ଦେଇ ସାରିଥା'ନ୍ତି। ମୋ' ଘର ଆଗର କପର ବିଚେସ୍ ଗଛକୁ ବାଦ୍ ଦେଲେ, ଅନ୍ୟ ଥୁଣ୍ଟା ଗଛଗୁଡ଼ିକ ଶୋକ କଲା ଭଳି ମନେହେଉଥା'ନ୍ତି। ସେଦିନ ଥାଏ ନିର୍ବାଚନ। ମୁଁ ଭାରତୀୟ ହେଲେ ମଧ୍ୟ ଆମେରିକାର ନାଗରିକ। ଅତଏବ ମତଦାନ କେନ୍ଦ୍ର ଯିବା ଉଦ୍ଦେଶ୍ୟରେ ମୁଁ ଘରୁ ବାହାରିଲି। ପାର୍କରେ ଏଭୋନୀଙ୍କ ସହ ଦେଖାହେଲା। ସେ ଅଭିବାଦନ ଜଣାଇଲେ। ମୁଁ ମଧ୍ୟ ପ୍ରତି ଅଭିବାଦନ ଜଣାଇଲି। ସେ ପଚାରିଲେ, କୁଆଡ଼େ ଯାଉଚନ୍ତି?

ଅନ୍ତରରେ ମୁଁ ଉତ୍ତର ଫେରାଇଲି, ମତଦାନ କେନ୍ଦ୍ର। ଆପଣ ବି ଯାଉଛନ୍ତି ବୋଧେ! ସେ ନାହିଁ କଲେ। ଆମେ ମତଦାନ କରୁନା।

ମାନେ? କୌତୂହଳ ଚାପି ନ ପାରି ମୁଁ ପ୍ରଶ୍ନ କଲି।

ସେ କହିଲେ, ଆମେ ବିଶ୍ୱାସ କରୁ ଯେ ସମଗ୍ର ବିଶ୍ୱ ଈଶ୍ୱରଙ୍କ ଦ୍ୱାରା ଶାସିତ। ଅତଏବ ଆମ ପ୍ରତିନିଧି ହେଉଛନ୍ତି ଈଶ୍ୱର। ସୁତରାଂ ଆମେ ମଣିଷଙ୍କୁ ପ୍ରତିନିଧି ହିସାବରେ ବାଛୁନା ବା ସେଭଳି ପ୍ରକ୍ରିୟାରେ ବିଶ୍ୱାସ ରଖୁନା।

କିନ୍ତୁ କର୍ତ୍ତବ୍ୟ ନ କରି କେବଳ ବିଶ୍ୱାସରେ କ'ଣ କେବେ ଉନ୍ନତି ହୁଏ? ମୁଁ ବୁଝିପାରୁଥିଲି ସେ କୌଣସି ଧର୍ମସଂସ୍ଥା ସହ ଜଡ଼ିତ।

ଆମେ ମତଦାନ ପ୍ରକ୍ରିୟାକୁ ପ୍ରତ୍ୟାଖ୍ୟାନ କରୁ- ସେ ଦୃଢ଼ କଣ୍ଠରେ କହିଲେ।

ପ୍ରଶ୍ନିଳ ଦୃଷ୍ଟିରେ ମୁଁ ତାଙ୍କୁ ଚାହିଁଲି। ତଡ଼ିତ୍ ବେଗରେ ସେ ହାତ ବ୍ୟାଗରୁ ଆଇ ପ୍ୟାଡ୍ ବାହାର କରି ଏକ ସ୍ୱତନ୍ତ୍ର ଆପ୍ ଦ୍ୱାରା ଅନେକ ଛୋଟଛୋଟ ଭିଡିଓ ଏବଂ ଛପା ଦେଖାଇଲେ। ନିଜ ଇଚ୍ଛା ଅନୁଯାୟୀ ଭିଡିଓଗୁଡ଼ିକର ଭାଷା ପରିବର୍ତ୍ତନର ବିକଳ୍ପ ମଧ୍ୟ ଥିଲା। ମତେ ସୂଚନା ଦେବା ଉଦ୍ଦେଶ୍ୟରେ ଏକ ଭାରତୀୟ ଭାଷାରେ ସେ ଭିଡିଓଟିଏ ଚଲାଇଲେ। ଆଉ ଦୁଇ ଚାରି ପଦ ଈଶ୍ୱରଙ୍କ ବିଷୟରେ କହି ଚାଲିଗଲେ। ମୋ' ଅନୁମାନ ସତ ଥିଲା।

ଆଧୁନିକା ଏଭୋନୀଙ୍କ ଏଭଳି ବିଶ୍ୱାସ ମୋତେ ମର୍ମାହତ କଲା। ମନେମନେ କହିଲି- ଆପଣ ଯାହାକୁ ବିଶ୍ୱାସ ବୋଲି ଗର୍ବରେ କହୁଛନ୍ତି, ତାହା ଅସଲରେ ହେଉଛି ଅନ୍ଧବିଶ୍ୱାସ।



ଯୁକ୍ତରାଷ୍ଟ୍ର ଆମେରିକା
E-mail: swarupa.sitansu@gmail.com

# ବରୁଣ ଅନ୍‌ଫିଟ୍, ଏନ୍‌ସିଏରେ ନଟରାଜନ

**ଅହମଦାବାଦ, ୧୦।୩(ପି.ଟି.)**

ଶୁକ୍ରବାରଠାରୁ ଭାରତ ଓ ଭ୍ରମଣକାରୀ ଇଂଲଣ୍ଡ ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ ଆରମ୍ଭ ହେବାକୁ ଯାଉଥିବାବେଳେ ଲେଗ୍ ସ୍ପିନର ବରୁଣ ଚକ୍ରବର୍ତ୍ତୀ ପୁଣି ଥରେ ଫିଟ୍‌ନେସ ଟେଷ୍ଟରେ ବିଫଳ ହୋଇଛନ୍ତି। ଅନ୍ୟପଟେ ୟର୍କର ସ୍ପେଶାଲିଷ୍ଟ ଟି. ନଟରାଜନ ସୋଲ୍ଡର ନିଗଲ ଅର୍ଥାତ୍ କାନ୍ଧରେ ଦେଖାଦେଇଥିବା ଆଘାତ ସମସ୍ୟା ପାଇଁ ବେଙ୍ଗାଲୁରୁସ୍ଥିତ ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ)ରେ ଚିକିତ୍ସିତ ହେଉଛନ୍ତି। ଫଳରେ ଏହି ଦୁଇ ଖେଳାଳି ସିରିଜର ପ୍ରଥମ କେତୋଟି ମ୍ୟାଚ୍‌ରୁ ବାଦ୍ ପଡିବା ନିଶ୍ଚିତ ହୋଇଛି।

ଏନ୍‌ସିଏରେ ଚକ୍ରବର୍ତ୍ତୀ ବାରମ୍ବାର ଫିଟ୍‌ନେସ ଟେଷ୍ଟରେ ବିଫଳ ହୋଇଆସୁଛନ୍ତି। ସେହିପରି ନଟରାଜନ ମଧ୍ୟ ଦଳରେ ଯୋଗଦେଇପାରି ନାହାନ୍ତି। ସୋଲ୍ଡର ଇଞ୍ଜୁରି କାରଣରୁ ବରୁଣ ଅଷ୍ଟ୍ରେଲିଆ ବିପକ୍ଷ ସିରିଜରୁ ବାଦ୍ ପଡିଥିଲେ। ତେବେ ଇଞ୍ଜୁରିରୁ ମୁକୁଳିବା ପରେ ସେ ଦଳରେ ସାମିଲ ହୋଇଥିଲେ।



ବରୁଣ ଚକ୍ରବର୍ତ୍ତୀ



ଟି. ନଟରାଜନ

ଏନ୍‌ସିଏରେ ସେ ତାଙ୍କର ରିହାବ ପ୍ରକ୍ରିୟା ଚାଲୁ ରଖିଥିଲେ ଓ ଥ୍ରୋ କରୁଥିଲେ। ତେବେ ସେ ୟୋ ୟୋ ଟେଷ୍ଟରେ ବିଫଳ ହୋଇଥିଲେ। ଅତିକମ୍‌ରେ ସେ ଦୁଇଥର ୨ କି.ମି. ଦୌଡ଼ିବାରେ ବିଫଳ ହୋଇଥିଲେ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସୂତ୍ରରୁ ପ୍ରକାଶ।

ଏପରିସ୍ଥଳେ ଚେତନ ଶର୍ମାଙ୍କ ନେତୃତ୍ୱାଧୀନ ଚୟନ କମିଟି କିପରି ବରୁଣଙ୍କୁ ଦଳରେ ଚୟନ କଲେ ସେ ନେଇ ପ୍ରଶ୍ନ ଉଠିଛି। ଅକ୍ଟୋବର ପରେ ସେ ନିଜ ରାଜ୍ୟ ତାମିଲନାଡୁ ପାଇଁ ଗୋଟିଏ ହେଲେ ବି ମ୍ୟାଚ୍ ଖେଳିନାହାନ୍ତି। ସେ ମଧ୍ୟ ଗୋଟିଏ ହେଲେ ବିଜୟ ହଜାରେ ଟ୍ରଫି ମ୍ୟାଚ୍ ଖେଳିନାହାନ୍ତି। ତେଣୁ ୫ ମାସ ପୂର୍ବରୁ ଖେଳିଥିବା ଏକ ମ୍ୟାଚ୍‌କୁ ଆଧାର କରି ତାଙ୍କ ଫିଟ୍‌ନେସ୍ କିପର ଆକଳନ କରାଯାଇପାରିବ ବୋଲି ପ୍ରଶ୍ନ ଉଠୁଛି। ତେଣୁ ବରୁଣଙ୍କର ଏହି ଘଟଣାରୁ ଚୟନକର୍ତ୍ତାମାନେ ନିଶ୍ଚିତ ଭାବେ ଶିକ୍ଷା ପାଇଥିବେ ବୋଲି କୁହାଯାଇଛି।

ଭାରତୀୟ ଦଳ ପାଇଁ ନିର୍ଦ୍ଧାରିତ ହୋଇଥିବା ମାନଦଣ୍ଡକୁ ଜଣେ ଖେଳାଳି ପୂରା କରିପାରୁ ନାହିଁ। କେବଳ ବୋଲିଂକୁ ଦୃଷ୍ଟିରେ ରଖି ତାଙ୍କୁ ଦଳରେ ସାମିଲ କିପରି କରାଯାଇପାରିବ ବୋଲି ପ୍ରଶ୍ନ ଉଠିଛି।

ରାହୁଲ ଚହରଙ୍କୁ ଦଳରେ ସାମିଲ କରାଯାଇଛି ବୋଲି ଜଣାଯାଇଛି। ଗତ ଟେଷ୍ଟ ସିରିଜ ଆରମ୍ଭରୁ ସେ ବାୟୋ–ବବଲରେ ରହିଛନ୍ତି। ଅନ୍ୟପଟେ ନଟରାଜନଙ୍କୁ ଫିଟ୍ କରିବା ପାଇଁ ଏନସିଏରେ ମେଡିକାଲ ଷ୍ଟାଫ୍ ପ୍ରୟାସ ଜାରି ରଖିଛନ୍ତି। ଅତିକମ୍‌ରେ ସେ ସିରିଜରେ ଅନ୍ତିମ ଭାଗରେ ସାମିଲ ହେବାର ସମ୍ଭାବନା ରହିଛି। ସେହିପରି ରାହୁଲ ଟେୱାଟିଆ ଅହମଦାବାଦରେ ଭାରତୀୟ ଦଳ ସହ ଟ୍ରେନିଂ ନେଉଛନ୍ତି। ସେ ତାଙ୍କ ଦ୍ୱିତୀୟ ଫିଟ୍‌ନେସ ଟେଷ୍ଟ ଦେବାକୁ ଅପେକ୍ଷା କରିଛନ୍ତି। ଟି୨୦ ସିରିଜ ପରେ ଭାରତ ଓ ଇଂଲଣ୍ଡ ଏକ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ ଖେଳିବେ। ୧୨ ତାରିଖ ଶୁକ୍ରବାର ଅହମଦାବାଦରେ ପ୍ରଥମ ଟି୨୦ ମ୍ୟାଚ୍ ଖେଳାଯିବ।

# ମୁଖ୍ୟ କାର୍ଯ୍ୟନିର୍ବାହୀ ସାହନୀଙ୍କୁ ଛୁଟିରେ ପଠାଇଲା ଆଇସିସି

**ନୂଆଦିଲ୍ଲୀ, ୧୦।୩(ପି.ଟି.)**

ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ (ଆଇସିସି) ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ମୁଖ୍ୟ କାର୍ଯନିର୍ବାହୀ (ସିଇଓ) ମନୁ ସାହନୀଙ୍କୁ ଛୁଟିରେ ଆଇସିସି ପଠାଇଛି। ଫଳରେ ସେ କାର୍ଯ୍ୟକାଳ ପୂରା ହେବା ପୂର୍ବରୁ ଇସ୍ତଫା ଦେବାର ସମ୍ଭାବନା ସୃଷ୍ଟି ହୋଇଛି। ଅଡିଟ୍ ଫାର୍ମ ପ୍ରାଇସ୍ ୱାଟରହାଉସ୍ କୁପର୍ସର ଏକ ଅନ୍ତରୀଣ ଯାଞ୍ଚରେ ତାଙ୍କର କାର୍ଯ୍ୟକଳାପ ତଦନ୍ତ ପରିସରଭୁକ୍ତ ହୋଇଛି। ସେ ସନ୍ଦେହ ଘେରକୁ ଆସିଛନ୍ତି। ୨୦୧୯ ଆଇସିସି ବିଶ୍ୱକପ୍ ପରେ ଡେଭ ରିଚାର୍ଡ୍‌ସନ ଇସ୍ତଫା ଦେବାରୁ ସାହନୀ ସିଇଓ ପଦରେ ନିଯୁକ୍ତ ହୋଇଥିଲେ। ସେ ୨୦୨୨ ପର୍ଯ୍ୟନ୍ତ କାର୍ଯ୍ୟଭାର ସମ୍ଭାଳିଥାନ୍ତେ। ବିଭିନ୍ନ ନୀତି ନିର୍ଦ୍ଧାରଣ ନେଇ ପ୍ରଭାବଶାଳୀ କ୍ରିକେଟ ବୋର୍ଡଗୁଡିକ ସହିତ ତାଙ୍କର ସେତେଟା ମଧ୍ୟ ଭଲ ସମ୍ପର୍କ ନ ଥିଲା।



ମନୁ ସାହନୀ

କେବଳ ସେତିକି ନୁହେଁ ନିଜ ସହକର୍ମୀଙ୍କ ସହ ମଧ୍ୟ ତାଙ୍କର ବ୍ୟବହାର ଭଲ ନ ଥିଲା। ସହକର୍ମୀଙ୍କ ସହ ତାଙ୍କର ବ୍ୟବହାର ମୁକାବିଲାମୂଳକ ଥିଲା ବୋଲି ଆଇସିସି ବୋର୍ଡ ସହିତ ଜଡିତ ଜଣେ ଅଧିକାରୀ କହିଛନ୍ତି। କିଛି ସମୟ ହେବ ସେ ଅଫିସ୍‌କୁ ଆସୁ ନ ଥିଲେ। ଫଳରେ ମଙ୍ଗଳବାର ୫୬ ବର୍ଷୀୟ ସାହନୀଙ୍କୁ ଛୁଟିରେ ପଠାଇବାକୁ ଆଇସିସି ନିଷ୍ପତ୍ତି ନେଇଛି। ସାହନୀଙ୍କ କାର୍ଯ୍ୟକରିବାର ଶୈଳୀ ଅଜବ ପ୍ରକାରର ଥିଲା ଓ ରିଚାର୍ଡ୍‌ସନଙ୍କଠାରୁ ଏହା ସମ୍ପୂର୍ଣ୍ଣ ଭିନ୍ନ ଥିଲା। ତାଙ୍କ କାର୍ଯ୍ୟକଳାପରେ କେତୋଟି କ୍ରିକେଟ ବୋର୍ଡ ଅସନ୍ତୁଷ୍ଟ ରହିଥିଲେ। ଅଧ୍ୟକ୍ଷ ନିର୍ବାଚନ ଅବସରରେ ଯେତେବେଳେ ସିଙ୍ଗାପୁରର ଇମ୍ରାନ ଖ୍ୱାଜା ଓ ବାର୍କଲେ ମୁହାଁମୁହିଁ ହୋଇଥିଲେ ସେତେବେଳେ ସାହନୀ ଅତ୍ୟଧିକ ଭାବେ ଏହି ପ୍ରକ୍ରିୟାରେ ନିଜକୁ ସାମିଲ କରିଥିଲେ ଓ ଏହା ଅବାଞ୍ଛିତ ଥିଲା। ପୁଣି ପରବର୍ତ୍ତୀ ସମୟରେ ବିଭିନ୍ନ ଇଭେଣ୍ଟ ଆୟୋଜନ କରିବା ନେଇ ସେ ବିଭିନ୍ନ ବୋର୍ଡ ବିଡ୍ ଦାଖଲ କରିବା ସହ ଅର୍ଥ ଦେବା ନେଇ ନିଆଯାଇଥିବା ନିଷ୍ପତ୍ତିକୁ ସେ ସମର୍ଥନ କରିଥିଲେ। ଫଳରେ ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ଓ କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ବିଭିନ୍ନ ବୋର୍ଡ ବୈଠକରେ ସମ୍ପୂର୍ଣ୍ଣ ଭାବେ ତାଙ୍କ ବିପକ୍ଷରେ ରହିଥିଲେ। ପୁଣି ୨୦୩୦–୩୧ରୁ ଆଗାମୀ ୮ ବର୍ଷ ପାଇଁ ପ୍ରତିବର୍ଷ ଅତିକମ୍‌ରେ ଗୋଟିଏ ଆଇସିସି ଇଭେଣ୍ଟ ଆୟୋଜନ କରିବା ନିଷ୍ପତ୍ତିକୁ ମଧ୍ୟ ସେ ସମର୍ଥନ କରିଥିଲେ। ଯଦି ସାହନୀ ଇସ୍ତଫା ନ ଦିଅନ୍ତି ତାହାହେଲେ ସମସ୍ତ ବୋର୍ଡ ଅଫ୍ ଡାଇରେକ୍ଟର୍ସ ମିଳିତ ଭାବେ ପଦରୁ ବହିଷ୍କାର କରିପାରନ୍ତି। ତାଙ୍କୁ ପଦରୁ ହଟାଇବାକୁ ହେଲେ ୧୭ରୁ ୧୨ଟି ଭୋଟ୍‌ର ଆବଶ୍ୟକତା ରହିଛି।

# ସେମିଫାଇନାଲରେ ଆଠମଲ୍ଲିକ

**ଅନୁଗୋଳ ଅଫିସ, ୧୦।୩**

ପ୍ରିନ୍ସ ଆଣ୍ଡ ପ୍ରିନ୍ସ କ୍ଲବ ପକ୍ଷରୁ ଅନୁଗୋଳ ଟାଉନ ହାଇସ୍କୁଲ ପଡିଆରେ ଚାଲିଥିବା ୧୦ମ ହେମସୁରପଡା ଫୁଟବଲ କପ୍‌ର ଗ୍ରୁପ ବି ପ୍ରଥମ ଲିଗ ମ୍ୟାଚ ବୁଧବାର ଅନୁଷ୍ଠିତ ହୋଇଛି। ଏହି ମ୍ୟାଚରେ କଟକର ବଡମ୍ବା ଦଳକୁ ୪–୧ ଗୋଲରେ ହରାଇ ଆଠମଲ୍ଲିକ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମରୁ ଆଠମଲ୍ଲିକ ଖେଳାଳି ମାତ୍ର ୧ ମିନିଟରେ ଗୋଲ ସ୍କୋର କରିଥିଲେ। ପରେ ବଡମ୍ବା ଦଳ ପକ୍ଷରୁ ୪ ମିନିଟରେ ଗୋଲ କରାଯାଇ ମ୍ୟାଚକୁ ୧–୧ରେ ବରାବର ରଖାଯାଇଥିଲା। ତେବେ ପ୍ରଥମାର୍ଦ୍ଧ ଶେଷରେ ଆଠମଲ୍ଲିକ ଖେଳାଳି ୪୧ ମିନିଟରେ ଦ୍ୱିତୀୟ ଗୋଲ, ଦ୍ୱିତୀୟାର୍ଦ୍ଧରେ ୬୧ ମିନିଟ ଓ ୬୪ ମିନିଟରେ ଗୋଲ ଦେଇ ୪–୧ ରେ ଦଳକୁ ବିଜୟୀ କରାଇଥିଲେ। ସଲିଳ କୁମାର ବେହେରା ମ୍ୟାଚ ପରିଚାଳନା କରିଥିବାବେଳେ ସୁରେଶ କୁମାର ଦାଶ ଓ ପ୍ରଶାନ୍ତ ପାଲ ସହଯୋଗ କରିଥିଲେ। ଚତୁର୍ଥ ଅଫିସିଆଲ ଭାବେ ଦିଲୀପ ରାଉତ ମ୍ୟାଚ ପରିଚାଳନା କରିଥିଲେ। ମୁଖ୍ୟ ଅତିଥିଭାବେ ଅନୁଗୋଳ ଜିଲା ବସ୍ ମାଲିକ ସଂଘ ସଭାପତି ମାନସ ରଞ୍ଜନ ସାମଲ, ସମ୍ମାନିତ ଅତିଥିଭାବେ ସିଦ୍ଧାର୍ଥ ରାଉତରାୟ, ସରିତା ମିଶ୍ର, ରାଜୁ ମିଶ୍ର ଯୋଗଦେଇଥିଲେ।

# ଜାତୀୟ ସିନିୟର ଟେନିସ କ୍ରିକେଟ ଉଦ୍‌ଘାଟିତ

**ଭୁବନେଶ୍ୱର, ୧୦।୩(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ରାଜ୍ୟ ଟେନିସ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ୫ମ ଜାତୀୟ ସିନିୟର ଟେନିସ କ୍ରିକେଟ ଚାମ୍ପିୟନଶିପ୍ ବୁଧବାର ଉଦ୍‌ଘାଟିତ ହୋଇଛି। ଏଥର ପ୍ରଥମଥର ପାଇଁ ଭାଗ ନେଇଥିବା ଓଡ଼ିଶା ମହିଳା ଦଳ ପ୍ରଥମ ଦିବସରେ ଆଶାନୁରୂପ ପ୍ରଦର୍ଶନ କରି ନ ପାରି ୨ଟି ଯାକ ମ୍ୟାଚ ହାରିଯାଇଛି। ନହରକଣ୍ଟାସ୍ଥିତ ଶ୍ରୀ ଜୟଦେବ କଲେଜ ଗ୍ରାଉଣ୍ଡରେ ଓଡ଼ିଶା ଏହାର ପ୍ରଥମ ମ୍ୟାଚରେ ଛତିଶଗଡ଼ ଏବଂ ଦ୍ୱିତୀୟ ମ୍ୟାଚରେ ମହାରାଷ୍ଟ୍ରଠାରୁ ପରାଜିତ ହୋଇଛି। ଅନ୍ୟ ମ୍ୟାଚଗୁଡ଼ିକ ମଧ୍ୟରେ ତାମିଲନାଡୁକୁ ୯ ଉଇକେଟରେ ମୁମ୍ବାଇ, ମହାରାଷ୍ଟ୍ର ୧୦୮ ରନରେ ଛତିଶଗଡ଼କୁ ପରାସ୍ତ କରିଛି।

ସେଞ୍ଚୁରିଆନ ଗ୍ରାଉଣ୍ଡରେ ପୁରୁଷ ବିଭାଗ ମ୍ୟାଚଗୁଡ଼ିକ ଅନୁଷ୍ଠିତ ହୋଇଥିଲା। ଏଥିରେ ପଶ୍ଚିମବଙ୍ଗ ୭ ଉଇକେଟରେ ଛତିଶଗଡ଼, ମହାରାଷ୍ଟ୍ର ୪୧ ରନରେ ଲାକ୍ଷାଦ୍ୱୀପ, ଝାଡ଼ଖଣ୍ଡ ୩୧ ରନରେ ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ ୬୧ ରନରେ ମୁମ୍ବାଇ, ଡାମନ ୮ ଉଇକେଟରେ ହରିୟାଣା, କେରଳ ୭୪ ରନରେ ବିଦର୍ଭକୁ ପରାସ୍ତ କରିଛି।

# ଏଫ୍‌ସିସି, ଗୋଲକୁଣ୍ଡା ବିଜୟୀ

**ପରଜଙ୍ଗ, ୧୦।୩(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ମିନିଷ୍ଟାଡିୟମରେ ମଙ୍ଗଳବାରଠାରୁ ପରଜଙ୍ଗ ରଘୁବୀର ଫାଉଣ୍ଡେଶନ ପକ୍ଷରୁ ଆରମ୍ଭ ହୋଇଛି ରାଜ୍ୟସ୍ତରୀୟ ବିଜୁ ପଟ୍ଟନାୟକ ମେମୋରିଆଲ କ୍ରିକେଟ ଟର୍ନାମେଣ୍ଟ। ମୁଖ୍ୟଅତିଥି ଭାବେ ବିଜେଡି ଯୁବନେତା ଅସିତ୍ ରାୟଚୌଧୁରୀ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍‌ରେ ପୁରୀ ମହାବୀର କ୍ରିକେଟ କ୍ଲବ ୫୯ ରନ୍ ସଂଗ୍ରହ କରିଥିଲା। ଜବାବରେ ତାଳଚେର ୬୧ ରନ୍ କରି ବିଜୟୀ ହୋଇଥିଲା। ନିରୋଦ ଦାସ, ପ୍ରକାଶ ସେଠୀ ଖେଳ ପରିଚାଳନା କରିଥିବାବେଳେ ଶାନ୍ତିସ୍ୱରୂପ ତ୍ରିପାଠୀ, ପ୍ରସାଦ ସେଠୀ ସହଯୋଗ କରିଥିଲେ। ବ୍ଲକ ଅଧ୍ୟକ୍ଷ ଅକ୍ଷୟ ବେହେରା, ଯୁବ ବିଜେଡି ସଭାପତି ସୁବ୍ରତ ଦାସ, ପରଜଙ୍ଗ ସରପଞ୍ଚ ପ୍ରିୟଜିତ ସାମଲ, ପ୍ରଦୀପ ବେହେରା, ଫାଉଣ୍ଡେଶନ ସଦସ୍ୟ ରଞ୍ଜନ ଦଳବେହେରା, ଅଜିତ ସାମଲ, ଗୁଡୁ ଦଳବେହେରା, ଆଲୋକ ସାମଲ, ସଲିଲ ବିକ୍ରମସିଂ ପ୍ରମୁଖ ଉପସ୍ଥିତ ଥିଲେ। ବୁଧବାର ଦ୍ୱିତୀୟ ମ୍ୟାଚ୍‌ରେ ଭଦ୍ରକ ଜେସିସିକୁ ହରାଇ ଯାଜପୁର ବିଏମ୍‌ସିସି ଗୋଲକୁଣ୍ଡା ବିଜୟୀ ହୋଇଛି। ଅଶ୍ୱିନୀ ଦାସ, ରୂପେଶ ମିଶ୍ର ଖେଳ ପରିଚାଳନା କରିଥିବାବେଳେ ଶାନ୍ତି ସ୍ୱରୂପ ତ୍ରିପାଠୀ, ସଂଗ୍ରାମ ଦଳବେହେରା ଧାରାବିବରଣୀ ଦେଇଥିଲେ।



ଉଦ୍‌ଘାଟନୀ ମ୍ୟାଚ୍‌ରେ ଅତିଥିମାନେ।

# ରୋମାଞ୍ଚକ ହେବ ସୀମିତ ଓଭର ସିରିଜ

**ଭିଭିଏସ୍ ଲକ୍ଷ୍ମଣ**

କ୍ରମାଗତ ଦୁଇଟି ସିରିଜରେ ଭାରତୀୟ କ୍ରିକେଟ ଦଳ ପ୍ରଥମ ଟେଷ୍ଟରେ ପରାସ୍ତ ହୋଇଥିଲେ ମଧ୍ୟ ଦୃଢ଼ ପ୍ରତ୍ୟାବର୍ତ୍ତନ କରି ସିରିଜ ବିଜୟୀ ହୋଇଛି। ଏଥିସହ ଭାରତୀୟ ଦଳ ନିଜର କୌଶଳ, ଧୈର୍ଯ୍ୟ ଓ ସଂକଳ୍ପର ପରିଚୟ ଦେଇଛି।

ଗତ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ଚେନ୍ନାଇରେ ଖେଳାଯାଇଥିବା ପ୍ରଥମ ଦୁଇଟି ମ୍ୟାଚ୍ ଫ୍ଲାଟ୍ ଉଇକେଟରେ ଖେଳାଯାଇଥିଲା। କଡ଼ା ନିୟମ ବିଶିଷ୍ଟ ଥିଲା ବାୟୋ–ବବଲ । ଏଥିପାଇଁ ଭାରତୀୟ ଖେଳାଳିମାନେ ଚାପରେ ରହିଥିଲେ ଓ ଏହାର ପ୍ରଭାବ ପ୍ରଥମ ମ୍ୟାଚ୍‌ରେ ପଡିଥିଲା। କିନ୍ତୁ ଏହାପରେ ଦୃଶ୍ୟପଟ ବଦଳିଥିଲା। ଇଂଲଣ୍ଡର ଦୁର୍ବଳତା ପଦାରେ ପଡିଥିଲା। ସ୍ପିନ୍‌କୁ ଖେଳିବାରେ ଇଂଲଣ୍ଡ ବ୍ୟାଟ୍ସମ୍ୟାନଙ୍କ ନିକଟରେ ଟେକ୍‌ନିକର ଅଭାବ ପରିଲକ୍ଷିତ ହୋଇଥିଲା ଓ ସେମାନେ ସହଜରେ ଭାରତୀୟ ସ୍ପିନରଙ୍କ ନିକଟରେ ଆତ୍ମସମର୍ପଣ କରିଥିଲେ। ୩–୧ରେ ବିଜୟୀ ହେବା ସହ ଭାରତ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ର ଫାଇନାଲରେ ପ୍ରବେଶ କରିଛି। ଫାଇନାଲରେ ଭାରତ ନ୍ୟୁଜିଲାଣ୍ଡକୁ ଭେଟିବ। ଯୁବ ଓ ଅଭିଜ୍ଞ ଖେଳାଳିଙ୍କୁ ନେଇ ଭାରତ ବେଶ୍ ସନ୍ତୁଳିତ ମନେ ହେଉଥିଲା। ଖାସ୍ କରି ରୋହିତ ଶର୍ମା ଓ ରବିଚନ୍ଦ୍ରନ ଅଶ୍ୱିନଙ୍କ ପ୍ରଦର୍ଶନ ଚମତ୍କାର ଥିଲା। ଭାରତୀୟ କ୍ରିକେଟ ଦୃଷ୍ଟିକୋଣରୁ ଏହା ନିଶ୍ଚିତ ଏକ ବଡ଼ କଥା।

ଏବେ ଧଳା ବଲ୍ ତଥା ସୀମିତ ଓଭର କ୍ରିକେଟ ଉପରେ ସମସ୍ତଙ୍କ ନଜର ରହିଛି। ଧଳା ବଲ୍‌ରେ କିନ୍ତୁ ଇଂଲଣ୍ଡ ବେଶ୍ ଶକ୍ତିଶାଳୀ ମନେହେଉଛି। ସୀମିତ ଓଭର କ୍ରିକେଟକୁ ନେଇ ଏବେ ଇଂଲଣ୍ଡରେ ବିଭିନ୍ନ ନୀତି ନିର୍ଦ୍ଧାରଣ ହେଉଛି। ୨୦୧୫ ବିଶ୍ୱକପ୍‌ରେ ଇଂଲଣ୍ଡ ପ୍ରାରମ୍ଭିକ ପର୍ଯ୍ୟାୟରେ ହିଁ ବିଦାୟ ନେଇଥିଲା। ଏହାପରଠାରୁ ଇଂଲଣ୍ଡ ସୀମିତ ଓଭର କ୍ରିକେଟ ଉପରେ ଅଧିକ ଧ୍ୟାନ ଦେଇଥିଲା। ବ୍ୟାଟିଂରେ ଇଂଲଣ୍ଡର ଆକ୍ରମଣାତ୍ମକ ଆଭିମୁଖ୍ୟ ଓ ଗମ୍ଭୀରତା ତଥା ନିର୍ଭୀକତା ଦେଖିବାକୁ ମିଳିଥିଲା। ସୀମିତ ଓଭରରେ ଇଂଲଣ୍ଡର ବିପର୍ଯ୍ୟୟ ଖୁବ୍ କମ୍ ଦେଖିବାକୁ ମିଳିଛି।

ଟେଷ୍ଟ ଭଳି ଟି୨୦ସିରିଜରେ ମଧ୍ୟ ଭାରତ ଆଧିପତ୍ୟ ବିସ୍ତାର କରିବାକୁ ଚାହିଁବ। ଟି୨୦ ବିଶ୍ୱକପ୍ ଆୟୋଜନ ହେବାକୁ ଆଉ ୭ ମାସ ବାକିଥିବା ବେଳେ ଏହି ମେଗା ଇଭେଣ୍ଟର ପ୍ରସ୍ତୁତି ପାଇଁ ଏହି ସିରିଜ ବେଶ୍ ସହାୟ ହେବ। ଅବଶ୍ୟ ଆଗକୁ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି। ଏହା ନିଶ୍ଚିତ ଭାବେ ଆୟୋଜକ ଭାରତ ପାଇଁ ଟି୨୦ ବିଶ୍ୱକପ୍ ଲାଗି ଦଳ ଚୟନ ଓ ପ୍ରସ୍ତୁତିରେ ସହାୟକ ହେବ। ୨୦୦୭ ପରେ ଭାରତ ପୁଣି ଥରେ ଟି୨୦ ବିଶ୍ୱକପ୍ ଟାଇଟଲ ହାସଲ କରିବାର ସୁଯୋଗ ନିଶ୍ଚିତ ଭାବେ ପାଇବ।

ସୂର୍ଯ୍ୟକୁମାର ଯାଦବ, ଇଶାନ କିଷନ ଓ ରାହୁଲ ଟେୱାଟିଆ ଘରୋଇ କ୍ରିକେଟ ଓ ଆଇପିଏଲ୍‌ରେ ଦମ୍‌ଦାର ପ୍ରଦର୍ଶନ କରି ପୁରସ୍କୃତ ହୋଇଛନ୍ତି। ତେବେ ଜାତୀୟ ଦଳ ପାଇଁ ଖେଳିବାକୁ ହେଲେ ଏମାନଙ୍କୁ ଅପେକ୍ଷା କରିବାକୁ ପଡିବ। ବିସ୍ଫୋରକ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ଦିନିକିଆ ଓ ଟି୨୦ ଦଳକୁ ପ୍ରତ୍ୟାବର୍ତ୍ତନ କରିବା ନିଶ୍ଚିତ ଭାବେ ଭଲ କଥା ଓ ଏହା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। ୨୦୨୧ରେ ପନ୍ତ ଦୃଷ୍ଟାନ୍ତମୂଳକ ପ୍ରଦର୍ଶନ କରିଛନ୍ତି। ତାଙ୍କର ଆତ୍ମବିଶ୍ୱାସ ଆକାଶଛୁଆଁ ରହିଛି। ମିଡିଲ ଅର୍ଡରରେ ତାଙ୍କ ପ୍ରଦର୍ଶନ ବେଶ୍ ଉଚ୍ଚକୋଟୀର ରହିଛି। ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ବାଦ୍ ଦେଲେ ପନ୍ତ ମଧ୍ୟ ଜଣେ ଭଲ ଫିନିସର ଭାବେ ନିଜକୁ ପ୍ରମାଣିତ କରିଛନ୍ତି। ଉଇକେଟକିପର ଭାବେ ସେ ସୀମିତ ଓଭରରେ ଆହୁରି ଭଲ ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଛି। ଲୋକେଶ ରାହୁଲ ଟି୨୦ ଓ ଦିନିକିଆରେ ଟପ୍ ଅର୍ଡରରେ ବ୍ୟାଟିଂ କରିବେ। ତେବେ ଏଥିପାଇଁ ଅଭିଜ୍ଞ ଓପନର ଶିଖର ଧାୱନଙ୍କୁ ମୂଲ୍ୟ ଦେବାକୁ ହେବ।

ଦୀର୍ଘଦିନ ପରେ ଭାରତ ସୀମିତ ଓଭର କ୍ରିକେଟ ଖେଳିବାକୁ ଯାଉଛି। ଦ୍ରୁତ ବୋଲର ଭୁବନେଶ୍ୱର କୁମାର, ପାଣ୍ଡ୍ୟା ଓ ଯୁଜବେନ୍ଦ୍ର ଚହଲଙ୍କ ସମେତ ଅନ୍ୟ କ୍ରିକେଟରମାନେ ପୁଣି ଥରେ ଆକ୍ସନକୁ ଫେରିବେ। ଫଳରେ ସୀମିତ ଓଭର କ୍ରିକେଟ ମଜାଦାର ଓ ରୋମାଞ୍ଚକ ହେବ।

–(ଗେମ୍‌ପ୍ଲାନ)

SEAGRAM'S
ROYAL STAG
PACKAGED DRINKING WATER


## ODISHA PUBLIC SERVICE COMMISSION

### ADVERTISEMENT No. 12 of 2020-21

**Recruitment to the Posts of Post Graduate Teachers under Science Stream in Group - "B" of State Service for the Higher Secondary Schools functioning under ST & SC Development Department**

**WEBSITE: http://opsc.gov.in**

No. D-191: Online applications are invited from the prospective candidates through the proforma application to be made available on the Website of the Commission (**http://opsc.gov.in**). The link for registration/ re-registration and payment of examination fee shall be available from **24.03.2021 to 23.04.2021 (Note: 30.04.2021 is the last date for submission of Registered Online Application)** for recruitment to 139 Posts in Group - B State Service under different streams as mentioned below under ST & SC Development Department in the scale of pay of Rs.44,900/- in Level - 10 of Cell-1 under ORSP Rules, 2017 with usual Dearness and other Allowances as may be sanctioned by the Government of Odisha from time to time.

2. **VACANCY POSITION:** As per requisition filed by the ST & SC Development Department, Government of Odisha, out of a total of 139 (43-w) posts, 69 (23-w) vacancies are for UR Category, 15 (4-w) are for SC Category, 54 (16-w) are for ST Category and 01 is for SEBC category. Also, there are 07 posts for PWD category.
3. **AGE:** A candidate must have attained the age of 21 (twenty one) years and must not be above the age of 32 (thrity two) years on the 1st day of January 2021 i.e. he/she must have been born not earlier than 2nd January, 1989 and not later than 1st January, 2000.
4. **EDUCATIONAL QUALIFICATION:**
   A. **Essential Qualification:**
   (i) A candidate must have a Master's Degree in the subject concerned from a recognized University with at least 50% marks in aggregate;
   OR
   must have possessed two years Integrated Post Graduate M.Sc. Course from Regional College of Education NCERT in the concerned subject with minimum 50% marks in aggregate.
   (ii) Have B.Ed. or equivalent degree recognized by the National Council for Teacher Education, New Delhi as equivalent with B.Ed. from a recognized University.
   B. **Desirable Qualification:**
   Diploma or Degree in Computer Application is desirable qualification subject to production of certificate in support of above qualification obtained from a recognized University or College or Institution.
5. **EXAMINATION FEE:** A candidate is required to pay a non-refundable and non-adjustable fee of Rs.500/- (Rupees five hundred) only. Candidates belonging to Scheduled Caste and Scheduled Tribe of Odisha and Person with Disability (whose permanent disability is 40% and more) are exempted from payment of this fee.

The link for registration/re-registration and payment of examination fees shall be available from 24.03.2021 to 23.04.2021 (Note: 30.04.2021 is the last date for submission of Registered Online Application).
The candidates are advised to visit the website of the Commission at **http://opsc.gov.in** for detailed information for applying to the above post.

**CUTTACK**
**DATE: 09.03.2021**

**Sd./- SECRETARY**
**ODISHA PUBLIC SERVICE COMMISSION, CUTTACK**
**OIPR-12002/11/0086/2021**



## NATIONAL COMPETITIVE BIDDING THROUGH e-Procurement

**Tel. No. 06752222092, e-mail id- eerwpuri@gmail.com**

**No. 2477 (Online - 24)** **Date: 08.03.2021**

No. O-1240: The Executive Engineer, Rural Works Division, Puri on behalf of Government of Odisha invites percentage rate tenders through e-procurement for 19 Nos. of work for the year 2020-21 in the district of Puri.

1. Total no. of works : 19 Nos.
2. Tender cost of packages : Amount varies from Rs.0.53 to 35.39 lakhs
3. Class of contractor : As per DTCN.
4. Period of completion : 1 (One) Calendar month & 2 (Two) Calendar months.
5. Period of availability of tenders on-line/ Date & time of bidding on-line/ last date of seeking clarification/ Date of opening of tender papers.

| Procurement Officer | Bid identification No. | Availability of tender on-line for bidding | | Last date & time of seeking tender clarification | Date, time & venue of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Puri. | Online- 24 | 12.03.2021 at 11.00 A.M. | 23 .03.2021 up to 3.00 P.M | 22.03.2021 up to 1.00 P.M | 24.03.2021 at 11.00 A.M. Office of the E.E.,R.W. Division, Puri. |

6. Other details can be seen in the bidding documents, which is available in website: **"https://tendersodisha.gov.in"**.

**Executive Engineer, R.W. Division, Puri**
**OIPR-25065/11/0028/2021**



## OFFICE OF DISTRICT MANAGER
## ODISHA STATE CIVIL SUPPLIES CORPORATION LTD. (OSCSC)

**Rayagada**
**Phone : 9438200057**
**District Web site : www.rayagada.nic.in**

Tender No. **1114** Dt-**10.03.2021**

District Manager, Odisha State Civil Supplies Corporation Ltd., **Rayagada** invites tenders in Double Cover System through **ONLINE MODE ONLY** for the works below.

| | | |
|---|---|---|
| 1 | Name of the Work | Selection and appointment of **Level-I** Transport Contractor for transportation of foodgrains from FSD, FCI to RRCs in the district of the State of Odisha |
| 2 | Availability of bid document in the portal | From **11.03.2021** |
| 3 | Last Date / Time for receipt of bids in the portal | Dt.**26.03.2021** up to **6.00 PM** |
| 4 | Date/Time of Opening of Technical bid | Dt.**30.03.2021** at **11.00 AM** |
| 5 | Name and address of the Officer Inviting Tender | District Manager, OSCSC Ltd., **Rayagada** |

Tender documents and other details can be seen from the e-procurement portal **www.oscsc.in**, **www.foododisha.in** & **www.tendersodisha.gov.in** along with district website. Amendments / corrigendum / cancellation / retenders etc. if any shall be published only in above websites.

**Sd/-**
**District Manager,**
**OSCSC Ltd, Rayagada**



अखिल भारतीय आयुर्विज्ञान संस्थान (एम्स), भुवनेश्वर
**ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR**
(A Statutory Body under aegis of Ministry of Health and Family Welfare, Govt. of India)
Engineering Branch (Civil), Sijua (Patrapada), Bhubaneswar(Odisha)-751019
www.aiimsbhubaneswar.nic.in

File No. :AIIMS/BBSR/Engg./ 593/ NIT-032 / 2020-21 Dated : 09th Mar 2021

**NOTICE INVITING E-TENDER**

The All India Institute of Medical Sciences (AIIMS), Bhubaneswar invites e-Tender for the Work(s) for **Supply, Installation, Testing and Commissioning of Fire Protection System at Hospital Building, AIIMS, Bhubaneswar**.*(NIT No. : AIIMS/BBSR/Engg./ 032 /2020-21)*. The detailed Tender Document along with Last Date & Time of Submission of Tender can be viewed & downloaded from the website **www.aiimsbhubaneswar.nic.in, www.tenderwizard.com/AIIMSBBSR & CPP Portal www.eprocure.gov.in.**

Sd/-
**Executive Engineer(Civil) I/C**
**AIIMS, Bhubaneswar**



DSPL - 247

୩ୟ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ

## "ଅକ୍ଷର"

ତା୨୬।୦୩।୨୦୨୧ରିଖ ଠାରୁ
ତା୦୪।୦୪।୨୦୨୧ରିଖ ପର୍ଯ୍ୟନ୍ତ

**ସ୍ଥାନ:**
ପ୍ରଦର୍ଶନୀ ପଡ଼ିଆ
ୟୁନିଟ୍ – ୩, ଭୁବନେଶ୍ୱର

ଆୟୋଜକ:
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର

ସହ–ଆୟୋଜକ:
ରାଜଧାନୀ ପୁସ୍ତକ ମେଳା
ଏକାମ୍ର ପୁସ୍ତକ ମହୋତ୍ସବ
ଓଡ଼ିଶା ପୁସ୍ତକ ପ୍ରକାଶକ ଓ ବିକ୍ରେତା ସଂଘ
କଳିଙ୍ଗ ପୁସ୍ତକ ମେଳା

ଆଗ୍ରହୀ ପୁସ୍ତକ ପ୍ରକାଶକ, ବିତରକ ଓ ବିକ୍ରେତା ଷ୍ଟଲ ସଂରକ୍ଷଣ ନିମନ୍ତେ ନିମ୍ନଲିଖିତ ଠିକଣାରେ ଯୋଗାଯୋଗ କରନ୍ତୁ:

ସଭାପତି
ରାଜଧାନୀ ପୁସ୍ତକ ମେଳା, ଅନସୂୟା ରେସିଡେନ୍ସି,
୭୮, ଶହୀଦ ନଗର, ଭୁବନେଶ୍ୱର – ୭୫୧୦୦୭

ଦୂରଭାଷ: ୯୪୩୭୧–୩୩୩୬୮, ୭୦୦୮୪–୫୪୨୫୧, ୭୬୫୫୮–୬୧୪୩୪
**E-mail: rajdhanibookfair@gmail.com**
**Website: www.rajdhanibookfair.com**

ଷ୍ଟଲ ସଂରକ୍ଷଣର ଶେଷ ତାରିଖ: ୧୫।୦୩।୨୦୨୧

OIPR-03023/13/0002/2021



ଖଣ୍ଡୀୟ ବନାଧିକାରୀଙ୍କ କାର୍ଯ୍ୟାଳୟ, ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ, ମୋତିଝରନ, ସମ୍ବଲପୁର, ଓଡ଼ିଶା, ପିନ୍ - ୭୬୮୦୦୧, ଦୂରଭାଷ/ଫ୍ୟାକ୍ସ-୦୬୬୩-୨୫୪୮୭୪୩
ଇମେଲ୍–dfohirakudwlod@gov.in

**Tender Notice No.796/1F-60 (Actt.)/2020-21 Date 25.2.2021**

**Tender Call Notice**

No.MM-191:- Sealed tenders are invited in two bid systems for established/ reputed/ registered/ experienced and accredited manufacturers for supply of following items for use in Hirakud Wildlife Division, Sambalpur.

| Items | Specification | Cost of tender paper | EMD to be deposited |
|---|---|---|---|
| Soil Solarization Film (Clear Plastic) | Specification (a) Minimum Thickness: 50 Microns (b) UV Resistance (to withstand the higher temperature) (c) Minimum Width: 2.4 mtrs/8 feet (d) Minimum Length: 100 mtrs. (e) Usage: for Soil Solarization | 1,000/- | 20,000/- |

Non transferable tender documents for supply of the items stated above will be available and can be available and can be collected in person from the Office of the Divisional Forest Officer, Hirakud Wildlife Division, Sambalpur on payment of tender document cost specified above. The tender document cost which is non-refundable, should be payable in shape of crossed Demand Draft drawn in favour of the Divisional Forest Officer, Hirakud Wildlife Division, Sambalpur.

1. Sale tender papers/documents will be available in the O/o the DFO, Hirakud Wildlife Division, Sambalpur from dt.01.03.2021 to dt.10.03.2021 (during office hours).
2. Receiving of tender papers will be within dt.02.03.2021 to 11.03.2021 upto 5.00 P.M.
3. Tender opening: 11.00 A.M. to 5.00 P.M. of dt.12.03.2021. (Both Technical & Financial Bid).

**Sd./- Divisional Forest Officer,**
**Hirakud Wildlife Division, Sambalpur**
OIPR-08078/11/0004/2021

## ବରଯାତ୍ରୀଙ୍କ ବାଣଫୁଟାରୁ ଅଗ୍ନିକାଣ୍ଡ

ଭୁବନ, (ଡି.ଏନ.ଏ.): ଭୁବନ ବ୍ଲକ ଏକତାଳି ପଞ୍ଚାୟତର ମଣିପୁର ଗ୍ରାମରେ ବରଯାତ୍ରୀଙ୍କ ବାଣଫୁଟାରୁ ଅଗ୍ନିକାଣ୍ଡ ଘଟି ବୁଧବାର ଗୋବର୍ଦ୍ଧନ ନାୟକଙ୍କ ବଖରାଏ ପୋଡ଼ିଯାଇଛି। ଭୁବନ ଦମକଳବାହିନୀ ପହଞ୍ଚିବା ବେଳକୁ ସ୍ଥାନୀୟ ଲୋକେ ନିଆଁକୁ ଆୟତ୍ତ କରିସାରିଥିଲେ। ଅଗ୍ନିକାଣ୍ଡରେ ଗୋବର୍ଦ୍ଧନଙ୍କ ସର୍ବସ୍ୱ ହରାଇଥିବା ଅଭିଯୋଗ କରିଛନ୍ତି। ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ସାହିବାସୀ ଦାବି କରିଛନ୍ତି।

## ଆଜି କ'ଣ କେଉଁଠି

ଢେଙ୍କାନାଳ

- ପାନୀୟଜଳ ପ୍ରକଳ୍ପ ଓ ଶୌଚାଳୟ ଲୋକାର୍ପଣ ଉତ୍ସବ, ସ୍ଥାନ: କପିଳାସସ୍ଥିତ ନିରୁପମା ହୋଟେଲ ନିକଟ, ସମୟ: ସାଢ଼େ ୧୦ଟା।

## ସଂକ୍ଷେପରେ

### ବିଡିଓଙ୍କ କ୍ୱାର୍ଟର୍ସରୁ ଚୋରି, ୩ ଗିରଫ



ପରଜଙ୍ଗ, ୧୦।୩(ଡି.ଏନ.ଏ.): ପରଜଙ୍ଗ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କ୍ୱାର୍ଟର୍ସରୁ ବୁଧବାର ଜରୁରୀ ନଥିପତ୍ର, ଟଙ୍କା, ଘଣ୍ଟା, ମୋବାଇଲ, ରୋଷେଇ ସାମଗ୍ରୀ ଚୋରି ହୋଇଛି। ଏ ନେଇ ବିଡିଓ ବସନ୍ତ କୁମାର ମଲ୍ଲିକ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ତୁରନ୍ତ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲା। ଜରି, ବୋତଲ ଭର୍ତ୍ତି ଡାଲା ଅଟୋକୁ ସନ୍ଦେହରେ ଅଟକ ରଖିଥିଲା। ୩ ଜରି ଗୋଟାଳି ଗାଡ଼ି ଛାଡ଼ି ଦୌଡ଼ି ପଳାଇଥିଲେ। ପୋଲିସ ସେମାନଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ଚୋରି ହୋଇଥିବା ରୋଷେଇ ସାମଗ୍ରୀ ଜବତ ହୋଇଛି। ୩ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟଚାଲାଣ କରାଯିବ ବୋଲି ଥାନାଧିକାରୀ ସୌଭାଗ୍ୟ ସ୍ୱାଇଁ କହିଛନ୍ତି।

### ପ୍ରଶାନ୍ତ ସଭାପତି, ପଙ୍କଜ ସାଧାରଣ ସମ୍ପାଦକ

ଢେଙ୍କାନାଳ ଅଫିସ, ୧୦।୩: ହିନ୍ଦୋଳ ବ୍ଲକ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଜନତା କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପର୍ଯ୍ୟବେକ୍ଷକ ଭାବେ ଜିଲା ସଙ୍ଗଠନର ବିଦ୍ୟୁତ୍‌ଲତା ନାୟକ, କୁର୍ସିଦା ବେଗମ ଉପସ୍ଥିତ ଥିଲେ। ସଭାପତି ଭାବେ ପ୍ରଶାନ୍ତ ସାହୁ, ଉପସଭାପତି ଭଗବାନ ସାହୁ, ମମତାମୟୀ ନାଏକ, ସାଧାରଣ ସମ୍ପାଦକ ପଙ୍କଜଲୋଚନ ସାହୁ, ଯୁଗ୍ମ ସମ୍ପାଦକ ଶିବ ପ୍ରସାଦ ସାହୁ, ପ୍ରକାଶ ସାହୁ, ଜଗଦୀଶ ମିଶ୍ର, ଅଜିତ ସାମଲ, କୋଷାଧ୍ୟକ୍ଷ ଅମିୟ ପତି, ସଂଯୋଜକ ନିର୍ମଳ ଚନ୍ଦ୍ର ସାମଲ, ସଙ୍ଗଠନ ସମ୍ପାଦକ ଭାବେ ଲୋକନାଥ ବେହେରା ନିର୍ବାଚିତ ହୋଇଛନ୍ତି। ପ୍ରଧାନ ଶିକ୍ଷକ ନିରଞ୍ଜନ ମାଝି, ଦିଲୀପ ମହାପାତ୍ର, ସୁବାସ ଚନ୍ଦ୍ର ମିଶ୍ର, ମହେଶ ସାହୁ ପ୍ରମୁଖ ଉପଦେଷ୍ଟା ମଣ୍ଡଳୀରେ ସ୍ଥାନ ପାଇଛନ୍ତି। ଶିକ୍ଷକ ସୁଶୀଲ ନାୟକ ଧନ୍ୟବାଦ ଦେଇଥିଲେ।

### ମହିଳା ଅଧିକାର ଉପରେ ଆଲୋଚନା

ଢେଙ୍କାନାଳ ଅଫିସ, ୧୦।୩: ଢେଙ୍କାନାଳ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସ୍ଥାନୀୟ ଏଡିଆର ସମ୍ମିଳନୀ କକ୍ଷରେ ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଛି। ଜିଲା ଦୌରାଜଜ୍ ତଥା ପ୍ରାଧିକରଣ ଅଧକ୍ଷ ଶରତ ଦେହୁରୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହିଳାଙ୍କ ଅଧିକାର ଉଲ୍ଲଂଘନ ଏବଂ ଏହାର ସୁରକ୍ଷା ଉପରେ ଆଲୋଚନା ହୋଇଥିଲା। ସ୍ଥାୟୀ ଲୋକଅଦାଲତ ଅଧକ୍ଷ ଅମିୟ ସାହୁ, ସୁବାସିନୀ ମହାକୁଡ, ଜେଏମ୍‌ଏଫ୍‌ସି ମୌତ୍ରୀ ସାମନ୍ତରାୟ, ନିଶା ଅଗ୍ରୱାଲ, ଶ୍ରୀମୟୀ ନନ୍ଦ ପ୍ରମୁଖ ମହିଳାଙ୍କ ସୁରକ୍ଷା ପାଇଁ ରହିଥିବା ବିଭିନ୍ନ ଆଇନ, ଘରୋଇ ହିଂସାରୁ ରକ୍ଷା ପାଇବାର ଉପାୟ ସମ୍ପର୍କରେ ଆଲୋକପାତ କରିଥିଲେ। ବିଚାରପତି ଲଳିତ ଦାସ, ଦୀପ୍ତିରଞ୍ଜନ କାନୁନ୍‌ଗୋ, ମୁକ୍ତିରଞ୍ଜନ ଶତପଥୀ, ଛାୟାକାନ୍ତ ଦାସ, ସାବିତ୍ରୀ ନାୟକ, ରାଜଶ୍ରୀ ଆର୍ଯ୍ୟବାଳା ତ୍ରିପାଠୀ, ସିଭିଲକୋର୍ଟ ରେଜିଷ୍ଟ୍ରାର ଲୋପାମୁଦ୍ରା ପଣ୍ଡା, ପ୍ରାଧିକରଣ ସଚିବ ସୁକାନ୍ତ କିଶୋର ଜେନା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

### ୫୯ଜଣଙ୍କୁ ଜଙ୍ଗଲ ଜମିପଟ୍ଟା ବଣ୍ଟନ



ପରଜଙ୍ଗ, ୧୦।୩(ଡି.ଏନ.ଏ.): ପରଜଙ୍ଗ ବ୍ଲକ ସାଆନ୍ଦା ପଞ୍ଚାୟତ ବାଇଗିଣିଆ ଗ୍ରାମର ୫୯ ହିତାଧିକାରୀଙ୍କୁ ବୁଧବାର ତହସିଲ ପ୍ରଶାସନ ପକ୍ଷରୁ ଜଙ୍ଗଲ ଜମିପଟ୍ଟା ବଣ୍ଟନ କରାଯାଇଛି। ବାଇଗିଣିଆ ଗ୍ରାମରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷ ଅକ୍ଷୟ ବେହେରା, ସମ୍ମାନିତ ଅତିଥି ଜିଲା ପରିଷଦ ସଭ୍ୟା ମମତା ପାଣି, ବ୍ଲକ ମଙ୍ଗଳ ଅଧିକାରୀ ସ୍ମିତାଶ୍ରୀ ଜେନା, ଇଓ ରବି ସାହୁ, ଆର୍‌ଆଇ ପ୍ରଦ୍ୟୁମ୍ନ ସେଠୀ, ସରପଞ୍ଚ ଗୌତମ ପାଣି ପ୍ରମୁଖ ଉପସ୍ଥିତ ଥିଲେ।

# ଅଳିଆରେ କଲବଲ କାଳୀବଜାର

ଭୁବନ, ୧୦।୩(ଡି.ଏନ.ଏ.)

- ପାଲଟିଛି ଏନ୍‌ଏସିର ଅସ୍ଥାୟୀ ଡମ୍ପିଂୟାର୍ଡ
- ଜମାହେଉଛି ସାରା ସହରର ଆବର୍ଜନା
- ଦୁର୍ଗନ୍ଧମୟ ପରିବେଶରେ ନାକ ଫାଟୁଛି
- ବଢୁଛି ଅସନ୍ତୋଷ, ହେଉନି ପ୍ରତିକାର



କାଳୀ ବଜାରରେ ଆବର୍ଜନା ଗଦା କରି ରଖାଯାଇଛି।

ସ୍ୱଚ୍ଛ ସହର ଗଢ଼ିତୋଳିବା ପାଇଁ ଅନେକ ଯୋଜନା। ସ୍ୱଚ୍ଛ ଭାରତ ଅଭିଯାନ, ସହରାଞ୍ଚଳ ବିକାଶ ପାଣ୍ଠିରୁ ଏଥିଲାଗି ପାଣି ପରି ଖର୍ଚ୍ଚ ହେଉଛି ଟଙ୍କା। କରଦାତାଙ୍କଠାରୁ ଅସୁଲ କରାଯାଉଛି ଟିକସ। ହେଲେ ପରିଚାଳନାଗତ ତ୍ରୁଟି ଏବଂ ଦୂରଦୃଷ୍ଟି ଅଭାବରୁ ସବୁ ଫସର ଫାଟୁଛି, ଯାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଢେଙ୍କାନାଳ ଜିଲା ଭୁବନରେ। ଏଠାକାର ସବୁଠାରୁ ବ୍ୟସ୍ତବହୁଳ ତଥା ବାଣିଜ୍ୟିକ ପେଣ୍ଠସ୍ଥଳୀ କାଳୀବଜାର ଏବେ ଏନ୍‌ଏସିର ଅସ୍ଥାୟୀ ଡମ୍ପିଂୟାର୍ଡ ପାଲଟିଛି। ସାରା ସହରର ବର୍ଜ୍ୟ ସିଧାସଳଖ କମ୍ପୋଷ୍ଟ ପିଟ୍‌କୁ ନେବା ପରିବର୍ତ୍ତେ ଏଠାରେ ଜମା ହେଉଛି। କାଳୀବଜାରର ବ୍ୟବସାୟୀ ଏବଂ ଏଠାକୁ ଆସୁଥିବା ଜନସାଧାରଣଙ୍କୁ ଅଳିଆ କଲବଲ କରୁଛି। ପ୍ରଶାସନିକ ଅବହେଳାରୁ ଏସିଆ ମହାଦେଶର ସବୁଠାରୁ ବଡ଼ ଗାଁର ମାନ୍ୟତା ପାଇଥିବା ଭୁବନର ଏଭଳି ଦୁରାବସ୍ଥା ହୋଇଥିବା ବୁଦ୍ଧିଜୀବୀମାନେ ଅଭିଯୋଗ କରିଛନ୍ତି।

ଭୁବନ ଏନ୍‌ଏସିର ବ୍ୟବସାୟିକ ପ୍ରାଣକେନ୍ଦ୍ର କାଳୀବଜାର ହେଉଛି ବ୍ୟସ୍ତବହୁଳ ସ୍ଥାନ। ଏଠାରେ ଗଢ଼ିଉଠିଛି ୪୫୦ରୁ ଊର୍ଦ୍ଧ୍ୱ ବ୍ୟବସାୟିକ ପ୍ରତିଷ୍ଠାନ। ଢେଙ୍କାନାଳ ସମେତ ପଡ଼ୋଶୀ ଯାଜପୁର ଜିଲାରୁ ମଧ୍ୟ ବ୍ୟବସାୟୀମାନେ ଏଠାକୁ ଆସିଥାନ୍ତି। ଏହି ଛକଦେଇ କଟକ, ଅନୁଗୋଳ, ରାଉରକେଲା, କୋଲକାତା, ବାଲେଶ୍ୱର, ଯାଜପୁରକୁ ଦିନରାତି ବସ୍ ଚଳାଚଳ କରିଥାଏ। ଯାତ୍ରୀମାନେ ବଜାରରେ ଗାଡ଼ିକୁ ଅପେକ୍ଷା କରିଥାନ୍ତି। ଯାତ୍ରୀଙ୍କ ସୁବିଧା ପାଇଁ ଏଠାରେ ବିଶ୍ରାମାଗାର କି ଶୌଚାଳୟ ସୁବିଧା ନାହିଁ। ଏପରିସ୍ଥଳେ କାଳୀବଜାର ଅଳିଆକୁଣ୍ଡରେ ପରିଣତ ହେବା ସମସ୍ୟା ବଢ଼ାଇଛି।

ଏନ୍‌ଏସି ଅନ୍ତର୍ଗତ ୧୫ ୱାର୍ଡର ସଫେଇ ଦାୟିତ୍ୱ ଠିକାସଂସ୍ଥାକୁ ଦିଆଯାଇଛି। ଏଥିଲାଗି ମାସିକ ଖର୍ଚ୍ଚ ହେଉଛି ୬ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା। ସହରର ଅଳିଆ ସଂଗ୍ରହ ଏବଂ ପରିମଳ ସଜାଡ଼ିବା କାର୍ଯ୍ୟରେ ୫୭ଜଣ ଠିକା କର୍ମଚାରୀ ନିୟୋଜିତ ହୋଇଛନ୍ତି। ଏଥିସହ ୬ଟି ଗାଡ଼ିରେ ଘର ଘର ବୁଲି ଅଳିଆ ସଂଗ୍ରହ କରାଯାଉଛି। ଏହି ଦାୟିତ୍ୱ ନେଇଛନ୍ତି ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ। ନିକଟରେ ଏନ୍‌ଏସି ପକ୍ଷରୁ ଆବର୍ଜନାର ସୁପରିଚାଳନା ପାଇଁ ସହରଠାରୁ ଦୁଇ କିଲୋମିଟର ଦୂର ମହିଳା କଲେଜ ନିକଟରେ ଡମ୍ପିଂୟାର୍ଡ ସହିତ ୨ଟି କମ୍ପୋଷ୍ଟ ପିଟ୍ ତିଆରି ହୋଇଛି। କଲେଜ ନିକଟ କମ୍ପୋଷ୍ଟ ପିଟ୍‌ରେ ୩ମାସ ହେଲା ଖତ ଉତ୍ପାଦନ ଆରମ୍ଭ ହୋଇଛି। ଏଠାରୁ ମାସିକ ୨୦୦ କେଜି ଯାଏ ଖତ ବାହାରୁଛି। ତେବେ ବିଦ୍ୟୁତ୍ ସଂଯୋଗ ହୋଇପାରି ନ ଥିବାରୁ ରଗଡ଼ି ନିକଟ କମ୍ପୋଷ୍ଟ ପିଟ୍ କାର୍ଯ୍ୟକ୍ଷମ ହୋଇନାହିଁ। ଏଭଳିସ୍ଥଳେ ସାରା ସହରର ସଂଗୃହୀତ ଆବର୍ଜନାକୁ କାଳୀବଜାର ଏବଂ କାଳୀବଜାର-ଢେଙ୍କାନାଳ ରାସ୍ତାର ଗୋଡ଼ିପୋଖରୀ ଛକ ନିକଟରେ ଗଦା କରାଯାଉଛି। ସେଠାରୁ ୨-୩ ଘଣ୍ଟା ପରେ ଡମ୍ପିଂୟାର୍ଡକୁ ନିଆଯାଉଛି। ଏହି ସମୟ ଭିତରେ କୁଢ଼ କୁଢ଼ ଆବର୍ଜନା ଜମି ରହିବା ଫଳରେ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ବିଭିନ୍ନ କାର୍ଯ୍ୟରେ ଆସୁଥିବା ଯାତ୍ରୀ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଆବର୍ଜନା ସିଧାସଳଖ ଡମ୍ପିଂୟାର୍ଡକୁ ନିଆଯିବା ବ୍ୟବସ୍ଥା କରିବା, ରଗଡ଼ିରେ ହୋଇଥିବା କମ୍ପୋଷ୍ଟ ପିଟ୍ କାର୍ଯ୍ୟକ୍ଷମ କରିବା ଦିଗରେ ପ୍ରଶାସନ ଗୁରୁତ୍ୱ ଦେଲେ ସମସ୍ୟାର ସମାଧାନ ହୋଇପାରନ୍ତା ବୋଲି ଅଞ୍ଚଳବାସୀ କହିଛନ୍ତି।

### ଅଭିଯୋଗ ସତ୍ତ୍ୱେ ଗୁରୁତ୍ୱ ଦିଆଯାଉନାହିଁ



"ଭୁବନ ଏନ୍‌ଏସିର ବାଣିଜ୍ୟିକ ପେଣ୍ଠସ୍ଥଳୀ ହେଉଛି କାଳୀବଜାର। ଏନ୍‌ଏସି ପ୍ରଶାସନର ଅପାରଗତା ଏବଂ ସଫେଇ ଦାୟିତ୍ୱରେ ଥିବା ଠିକାସଂସ୍ଥର ମନମାନି ଯୋଗୁ ସହରର ଏହି ମୁଖ୍ୟ ବଜାର ଆବର୍ଜନାକୁଣ୍ଡରେ ପରିଣତ ହୋଇଛି। ବାରମ୍ବାର ଜିଲାପାଳ, ଉପଜିଲାପାଳ, ଏନ୍‌ଏସି କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିବା ସତ୍ତ୍ୱେ ପ୍ରତିକାର ହେଉନାହିଁ।

-ସମୀର କୁମାର ସାହୁ, କାଳୀବଜାର ବଣିକ ସଂଘ ସଭାପତି

### ସ୍ୱଚ୍ଛ ସହର ଅଭିଯାନ ପ୍ରହସନ



"ପରିମଳ ବ୍ୟବସ୍ଥା ସଜାଡ଼ିବା ପାଇଁ ଅଜସ୍ର ଅର୍ଥ ଖର୍ଚ୍ଚ ହେଉଛି। ଏହାର ତଦାରଖ କରିବା ଲାଗି କର୍ମଚାରୀ ନିୟୋଜିତ ହୋଇଛନ୍ତି। ହେଲେ ବିଭାଗୀୟ ଅବହେଳା ଯୋଗୁ ଭୁବନ ଏନ୍‌ଏସିରେ ସ୍ୱଚ୍ଛ ସହର ଅଭିଯାନ ପ୍ରହସନ ପାଲଟିଛି। ଆବର୍ଜନା ଜମା ରହୁଥିବାରୁ ବିଭିନ୍ନ କାମରେ ଆସୁଥିବା ବ୍ୟକ୍ତି ତିକ୍ତ ଅନୁଭୂତି ନେଇ ଫେରୁଛନ୍ତି।

-ବିଶ୍ୱଜିତ୍ ବାରିକ, ବଣିକ ସଂଘ ସମ୍ପାଦକ

### ସରକାରୀ କଳ ଅଚଳ



"ପ୍ରଶାସନର ବିକାଶ ଧୂଆଁବାଣ ପାଲଟିଛି। ସହରର ସୌନ୍ଦର୍ଯ୍ୟକରଣ, ସଫେଇ, ଡ୍ରେନେଜ ବ୍ୟବସ୍ଥା ସଜାଡ଼ିବାକୁ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ହେଲେ କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିଙ୍କ ଲାଗି ଭୁବନ ଏନ୍‌ଏସିର ପରିମଳ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି। ସରକାରୀ କଳ ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି।

-ବାସୁଦେବ ବେହେରା, ଭୁବନ ସହର ସଙ୍ଗଠନ ସଭାପତି

### ଠିକାସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ



"ଆବର୍ଜନା ପରିଚାଳନା ପାଇଁ ସହର ଉପକଣ୍ଠରେ କମ୍ପୋଷ୍ଟ ପିଟ୍ ନିର୍ମାଣ କରାଯାଇଛି। ତଥାପି ସହରର ପ୍ରମୁଖ ସ୍ଥଳରେ ଆବର୍ଜନା ଜମା କରି ରଖାଯିବା ଏକପ୍ରକାର ଅପରାଧ। ଏହାର ତଦନ୍ତ କରାଯିବ। ଠିକାସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସହରର ମୁଖ୍ୟରାସ୍ତାରେ ଅଳିଆ ଡମ୍ପିଂ ବନ୍ଦ କରିବା ଲାଗି ନିର୍ଦ୍ଦେଶ ଦିଆଯିବ।

-ଇଂ. ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଉପଜିଲାପାଳ

## କପିଳାସରେ ପ୍ରାତଃ ୪ଟା ୨୦ରେ ଉଠିବ ମହାଦୀପ



ଢେଙ୍କାନାଳ ଅଫିସ, ୧୦।୩

ଶ୍ରୀଚନ୍ଦ୍ରଶେଖରଜୀଉଙ୍କ ପ୍ରସିଦ୍ଧ ଜାଗରଯାତ୍ରା ପାଇଁ ପ୍ରସ୍ତୁତ କପିଳାସ। ଏହାକୁ ନେଇ ପୀଠ ପରିସର ଚଳଚଞ୍ଚଳ ହୋଇଉଠିଥିବାବେଳେ ଶ୍ରଦ୍ଧାଳୁ ଏବଂ ସେବାୟତଙ୍କ ମଧ୍ୟରେ ବିପୁଳ ଉତ୍ସାହ ପରିଲକ୍ଷିତ ହୋଇଛି। ଗୁରୁବାର ରାତି ୩ଟା ୫୫ରୁ ପୂଜାପଣ୍ଡାଙ୍କ ଦ୍ୱାରା ବେଢ଼ା ପରିକ୍ରମା ପରେ ପ୍ରାତଃ ୪ଟା ୨୦ ସୁଦ୍ଧା ପାଳିଆ ସେବକଙ୍କ ଦ୍ୱାରା ମହାଦୀପ ଉଠିବ ବୋଲି ନୀତିନିର୍ଘଣ୍ଟ ସ୍ଥିର କରାଯାଇଛି। ପୀଠ ପରିସରରେ ଶାନ୍ତିଶୃଙ୍ଖଳା ଲାଗି ୧୩ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଛି। ତନ୍ମଧ୍ୟରେ ଜଣେ ଅତିରିକ୍ତ ଏସ୍‌ପି, ୪ ଡିଏସ୍‌ପି, ୧୨ ଇନ୍ସପେକ୍ଟର, ୮୫ ଏସ୍‌ଆଇ ଓ ଏଏସ୍‌ଆଇ, ୧୪୪ ହୋମ୍‌ଗାର୍ଡ, ୫୦ ଓଆର୍ କନଷ୍ଟେବଳ, ୮ ହାବିଲଦାର, ୫ ଟ୍ରାଫିକ ପୋଲିସ ସମେତ ୩୦ ମହିଳା ପୋଲିସ ଅଛନ୍ତି। ଏହାକୁ ବାଦ୍‌ଦେଲେ ବୋମା ନିଷ୍କ୍ରିୟ ସ୍କ୍ୱାଡ୍, ସନ୍ଧାନୀ କୁକୁର, ସାଦା ପୋଷାକଧାରୀ ପୋଲିସ ମଧ୍ୟ ନିୟୋଜିତ ହୋଇଥିବା ଏସ୍‌ଡିପିଓ ଶ୍ରୀହର୍ଷ ମିଶ୍ର ସୂଚନା ଦେଇଛନ୍ତି। ବୁଧବାର ସନ୍ଧ୍ୟାରେ ଏସ୍‌ପି କେ. ଶିବା ସୁବ୍ରମଣି ପୀଠରେ ପୋଲିସ ଅଧିକାରୀ ଏବଂ କର୍ମଚାରୀଙ୍କୁ ଦାୟିତ୍ୱ ବଣ୍ଟନ କରିଥିଲେ। ଚଳିତବର୍ଷ କରୋନା ସଂକ୍ରମଣ ଏଡ଼ାଇବାକୁ ଜିଲା ଏବଂ ରାଜ୍ୟ ବାହାର ଲୋକଙ୍କ ସମାଗମକୁ ବାରଣ କରାଯାଇଛି। କେବଳ ଜିଲାର କୋଭିଡ୍ ନେଗେଟିଭ୍ ରିପୋର୍ଟଧାରୀ ଶ୍ରଦ୍ଧାଳୁମାନେ ପୀଠକୁ ଆସିପାରିବେ। ମାସ୍କ ବ୍ୟବହାର ଏବଂ ସାମାଜିକ ଦୂରତ୍ୱ ନିୟମ କଡ଼ାକଡ଼ି ପାଳନ କରାଯିବ ବୋଲି ନିର୍ଦ୍ଦେଶ ଦିଆଯାଇଛି।

## ୧୪ ମହିଳା ଉଦ୍ୟୋଗୀ, ୩ ଏସ୍‌ଏଚ୍‌ଜି ସମ୍ମାନିତ



ସମ୍ମାନିତ ହୋଇଥିବା ମହିଳା ଉଦ୍ୟୋଗୀମାନେ।

### ଟାଟାଷ୍ଟିଲ୍ ବିଏସ୍‌ଏଲ୍‌ରେ ସପ୍ତାହବ୍ୟାପୀ ମହିଳା ଦିବସ

ଢେଙ୍କାନାଳ ଅଫିସ, ୧୦।୩

ଢେଙ୍କାନାଳ ଜିଲା ନରେନ୍ଦ୍ରପୁରସ୍ଥିତ ଟାଟାଷ୍ଟିଲ୍ ବିଏସ୍‌ଏଲ୍ ପକ୍ଷରୁ ସପ୍ତାହବ୍ୟାପୀ ମହିଳା ଦିବସ ପାଳିତ ହେଉଛି। ବିଶ୍ୱ ମହିଳା ଦିବସ ଉପଲକ୍ଷେ ସୋମବାର ସ୍ଥାନୀୟ ଅଞ୍ଚଳର ୧୪ଜଣ ସଫଳ ମହିଳା ଉଦ୍ୟୋଗୀ ଏବଂ ୩ ଏସ୍‌ଏଚ୍‌ଜି ସମ୍ମାନିତ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅନୁଗୋଳ ଉପଜିଲାପାଳ ମଧୁସ୍ମିତା ବିଶି, ରାଜ୍ୟ ସରକାରଙ୍କ ଜନସ୍ୱାସ୍ଥ୍ୟ ବିଭାଗର ଡା. ପାୟଲ ଦାସ, ଡା. ସୁରଞ୍ଜନା ହଜାରିକା, ଜଳବାୟୁ ସଂସଦ ରାଜ୍ୟ ସଂଯୋଜିକା ଇତିଶ୍ରୀ କାନୁନ୍‌ଗୋ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

କମ୍ପାନୀ ପକ୍ଷରୁ ଗୃହଲକ୍ଷ୍ମୀ କୋଅପରେଟିଭ୍ ଅଧୀନରେ ହିନ୍ଦୋଳ, ବଅଁରପାଳ, ଓଡ଼ାପଡ଼ା ବ୍ଲକର ଅନେକ ମହିଳା ସ୍ୱାବଲମ୍ବୀ ହୋଇପାରିଛନ୍ତି। ଛତୁଚାଷ, ବ୍ୟବସାୟିକ ପ୍ରତିଷ୍ଠାନ, ମାସ୍କ ତିଆରି, ଧୂପକାଠି ପ୍ରସ୍ତୁତି, ପରିବା ବ୍ୟବସାୟ ଏବଂ ସିଲେଇ ପ୍ରଶିକ୍ଷଣ ନେଇ ଅର୍ଥନୈତିକ ସ୍ଥିତି ସୁଦୃଢ଼ କରିପାରିଛନ୍ତି। ଏଭଳି ୧୪ଜଣ ସଫଳ ମହିଳା ଉଦ୍ୟୋଗୀଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ଫିନାଇଲ ତିଆରି କରୁଥିବା ନୂଆହାଟ ପଞ୍ଚାୟତର ମା' ତାରିଣୀ ସ୍ୱୟଂ ସହାୟକ ଗୋଷ୍ଠୀ, କୁଶପଙ୍ଗା ପଞ୍ଚାୟତର ଶକ୍ତି ମା' ଅନ୍ନପୂର୍ଣ୍ଣା ସ୍ୱୟଂ ସହାୟକ ଗୋଷ୍ଠୀ, ମାଛଚାଷ କରୁଥିବା ନୂଆଗାଁ ପଞ୍ଚାୟତର ବନଦୁର୍ଗା ସଫଳ ସ୍ୱୟଂ ସହାୟକ ଗୋଷ୍ଠୀକୁ ସମ୍ମାନିତ କରାଯାଇଛି। ଏଥିସହ ପ୍ଲାଣ୍ଟରେ କାର୍ଯ୍ୟରତ ମହିଳା କର୍ମଚାରୀଙ୍କୁ କୁଣ୍ଡ ସହିତ ଚାରା ପ୍ରଦାନ କରାଯାଇଥିଲା। କମ୍ପାନୀର ପରିବେଶ ପରିଚାଳନା ଅଧିକାରୀ ମୈତ୍ରୀ ଦେବ, ସିଏସ୍‌ଆଇ ବିଭାଗର ବରିଷ୍ଠ ପରିଚାଳନା ଅଧିକାରୀ ରେଣୁକା ସିଂ, ସ୍ୱାଗତିକା ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସିଏସ୍‌ଆର ବିଭାଗ ପକ୍ଷରୁ କୋଭିଡ୍-୧୯କୁ ଦୃଷ୍ଟିରେ ରଖି ସମସ୍ତ କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

## ଜଙ୍ଗଲରେ ନିଆଁ ଲଗାଇ ୫ ଗିରଫ

ଢେଙ୍କାନାଳ ଅଫିସ/ କାମାକ୍ଷାନଗର (ଡି.ଏନ.ଏ.), ୧୦।୩

ଢେଙ୍କାନାଳ ଜିଲାର ବିଭିନ୍ନ ଜଙ୍ଗଲରେ ନିଆଁ ଲଗାଉଥିବା ବେଳେ ବନ ବିଭାଗ ହାତରେ ଧରାପଡ଼ିଛନ୍ତି ୫ ଅଭିଯୁକ୍ତ। ଷଡଙ୍ଗୀ ରେଞ୍ଜ୍ ଅଶ୍ୱଖୋଲା ସଂରକ୍ଷିତ ଜଙ୍ଗଲରେ ନିଆଁ ଲଗାଇ ପ୍ରାଣୀ ଶିକାର ଉଦ୍ୟମ କରୁଥିବାବେଳେ ଦଳାର ଗ୍ରାମର ନବଘନ ମାଝି (୪୬), ରତ୍ନାକର ଖଟୁଆ (୨୯) ଗିରଫ ହୋଇଛନ୍ତି। ସେମାନଙ୍କଠାରୁ ଗୋଟିଏ ଦେଶୀ ବନ୍ଧୁକ ଓ ଗୋଟିଏ ସ୍ୱଚ୍ ଲାଇଟ ଜବତ କରାଯାଇଛି। ସେହିପରି କାମାକ୍ଷାନଗର ବନଖଣ୍ଡ ପୂର୍ବାଞ୍ଚଳ ରେଞ୍ଜ ଅଧୀନ ବିଭିନ୍ନ ଜଙ୍ଗଲରେ ନିଆଁ ଲଗାଇବା ଅଭିଯୋଗରେ ୩ଜଣଙ୍କୁ ଗିରଫ କରିଛି ବନ ବିଭାଗ। ସେମାନେ ହେଲେ କଙ୍କଡ଼ାହାଡ଼ ଥାନା ମାଣ୍ଡିଆପଡ଼ାର ହୃଦାନନ୍ଦ ସିଂ, କେନ୍ଦୁଝର ଜିଲା ତେଲକୋଇ ଥାନା ରେଙ୍ଗୁଟିର ସହଦେବ ବେହେରା ଏବଂ ଅନିରୁଦ୍ଧ ବେହେରା। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୂର୍ବାଞ୍ଚଳ ରେଞ୍ଜ ଅଧିକାରୀ ସତ୍ୟନାରାୟଣ ସାହୁ ସୂଚନା ଦେଇଛନ୍ତି। ଡିଏଫ୍‌ଓଙ୍କ ନିର୍ଦ୍ଦେଶରେ ବନ କର୍ମଚାରୀମାନେ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିବା ଏସିଏଫ୍ ରଶ୍ମିରଞ୍ଜନ ସ୍ୱାଇଁ କହିଛନ୍ତି।

## ଦିବ୍ୟାଙ୍ଗଙ୍କୁ ମିଳିବ ଚିକିତ୍ସା ସୁବିଧା



କାର୍ଯ୍ୟକ୍ରମରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

### ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର ଲୋକାର୍ପିତ

ଢେଙ୍କାନାଳ ଅଫିସ, ୧୦।୩

ଢେଙ୍କାନାଳ ଜିଲା ପୁରୁଣା ମୁଖ୍ୟ ଚିକିତ୍ସାଳୟ ପରିସରରେ ବୁଧବାର ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର ଲୋକାର୍ପିତ ହୋଇଛି। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଏହାକୁ ଉଦ୍‌ଘାଟନ କରି କହିଲେ, ଜିଲା ପ୍ରଶାସନ, ସାମାଜିକ ସୁରକ୍ଷା ବିଭାଗ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଐରା'ର ମିଳିତ ଉଦ୍ୟମରେ ଏହା ଆରମ୍ଭ ହୋଇଛି। ଜିଲାର ଦିବ୍ୟାଙ୍ଗମାନେ ଚିକିତ୍ସା ପାଇଁ ବାହାର ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଥିଲେ। ଏହାର ସ୍ଥାୟୀ ପ୍ରତିକାର ଲାଗି ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିଲା। ଏହି କେନ୍ଦ୍ର କାର୍ଯ୍ୟକ୍ଷମ ହେବା ଦ୍ୱାରା ପୁରୁଣା ଚିକିତ୍ସାଳୟର ଠିକ୍ ପରିଚାଳନା ହୋଇପାରିବ ବୋଲି ଜିଲାପାଳ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ପିଡି ଡିଆର୍‌ଡିଏ ନରୋତ୍ତମ ବେହେରା, ଜିଲା ଯୋଜନା ଓ ସମନ୍ୱୟ ବିଭାଗ ଉପନିର୍ଦ୍ଦେଶକ ସରୋଜ ସେଠୀ, ସିଡିଏମ୍‌ଓ ଡା. ସୁଜାତାରାଣୀ ମିଶ୍ର, ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଜ୍ୟୋତିଷ ଚନ୍ଦ୍ର ମହାପାତ୍ର, ସ୍ୱାସ୍ଥ୍ୟ ମିଶନ ପରିଚାଳିକା ସୋନାଲି ପ୍ରିୟଦର୍ଶିନୀ, ଅବନୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। 'ଐରା'ର ନିର୍ଦ୍ଦେଶକ ଡ. ସୁରେଶ ପଣ୍ଡା କହିଲେ, ଏହି ପୁନର୍ବାସ କେନ୍ଦ୍ର ମାଧ୍ୟମରେ ଦିବ୍ୟାଙ୍ଗ ଚିହ୍ନଟ, ସେମାନଙ୍କ ପାଇଁ ବସ୍ ଓ ରେଳପାସ୍, ଭତ୍ତା, ଧନ୍ଦାମୂଳକ ଶିକ୍ଷା, ଆର୍ଥିକ ସ୍ୱାବଲମ୍ବୀ ପାଇଁ ଋଣ ବ୍ୟବସ୍ଥା କରାଯିବ। ଜୀବନ ଜୀବିକା ନିର୍ବାହ ପାଇଁ କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ପ୍ରଦାନ କରାଯିବ।

## ଉପନ୍ୟାସ 'ଗୋଧୂଳି ପ୍ରୟାସ' ଲୋକାର୍ପିତ

ଢେଙ୍କାନାଳ ଅଫିସ, ୧୦।୩

ଅବସରପ୍ରାପ୍ତ ସିବିଆଇ ସ୍ୱତନ୍ତ୍ର ବିଚାରପତି ଭିକାରି ଚରଣ ରାଉତଙ୍କ ଲିଖିତ ଉପନ୍ୟାସ ପୁସ୍ତକ 'ଗୋଧୂଳି ପ୍ରୟାସ' ଓଡ଼ିଶା ବିଧାନସଭା ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ରଙ୍କ ଦ୍ୱାରା ବିଧାନସଭା ସମ୍ମିଳନୀ କକ୍ଷରେ ଉନ୍ମୋଚିତ ହୋଇଯାଇଛି। ଜୀବନଦର୍ଶନ, ଯୌବନର ଆହ୍ୱାନ, ଦେଶପ୍ରେମ, ସର୍ବଧର୍ମ ସମନ୍ୱୟ, ସାମାଜିକ ସମ୍ପର୍କର ଦାର୍ଶନିକ ତତ୍ତ୍ୱ ଉପରେ ଉପନ୍ୟାସ ଆଧାରିତ। ପ୍ରକାଶକ ସୁଧାକର ଲେଙ୍କା, ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ, ପ୍ରଫେସର ତାରାପ୍ରସନ୍ନ ଶତପଥୀ, ସରୋଜ ଶତପଥୀ, ଡ. ଅଜିତ ନାଏକ, ମନୋଜ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।



ଉପନ୍ୟାସ ପୁସ୍ତକକୁ ବାଚସ୍ପତି ଉନ୍ମୋଚନ କରୁଛନ୍ତି।

## ଟ୍ରାଫିକ୍ ଦେଉଛି ଟେନ୍‌ସନ

ଢେଙ୍କାନାଳ ଅଫିସ, ୧୦।୩

- ପ୍ରତିବାଦରେ ରାଜପଥ ଅବରୋଧ
- ମହିଷାପାଟ ଛକରେ ଅଣ୍ଡରପାସ୍ ନିର୍ମାଣ ଦାବି



ମହିଷାପାଟ ଛକରେ ଅଣ୍ଡରପାସ୍ ନିର୍ମାଣ ଦାବିନେଇ ରାସ୍ତା ଅବରୋଧ।

ଢେଙ୍କାନାଳ ସହରସ୍ଥିତ ମହିଷାପାଟ ଛକରେ ୫୫ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ ପରେ ଟ୍ରାଫିକ୍ ଟେନ୍‌ସନ ବଢ଼ିବାରେ ଲାଗିଛି। ରାଜପଥର ଉଚ୍ଚତା ହାରାହାରି ୫ ଫୁଟ ବଢ଼ିଯାଇଛି। ଫଳରେ ସପ୍ତଶଯ୍ୟା-ମହିଷାପାଟ-ଢେଙ୍କାନାଳ ପୂର୍ତ୍ତ ବିଭାଗ ରାସ୍ତାରେ ଯାତାୟାତ ବିପଦସଙ୍କୁଳ ହୋଇପଡ଼ିଛି। ବାରମ୍ବାର ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି। ଏହାର ପ୍ରତିବାଦରେ ମହିଷାପାଟ ସମେତ ଆଖପାଖ ଅଞ୍ଚଳବାସୀ ବୁଧବାର ୫୫ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ।

ଅଭିଯୋଗ ଅନୁଯାୟୀ, ରାଜପଥ ସମ୍ପ୍ରସାରଣ ପରେ ଢେଙ୍କାନାଳ-ମହିଷାପାଟ ଏବଂ ମହିଷାପାଟ-ଢେଙ୍କାନାଳକୁ ଯାତାୟାତରେ ନାହିଁ ନ ଥିବା ସମସ୍ୟା ସୃଷ୍ଟି ହୋଇଛି। ରାସ୍ତାର ଉଚ୍ଚତା ବଢ଼ିଯିବା ପରେ ଉଭୟ ପାର୍ଶ୍ୱ ଅତ୍ୟଧିକ ଉଠାଣି ହୋଇଯାଇଛି। ଦ୍ରୁତଗାମୀ ଯାନବାହନ ରାସ୍ତାପାର ହେବା ସମୟରେ ଦୁର୍ଘଟଣାର ଶିକାର ହେଉଛନ୍ତି। ମହିଷାପାଟ ଏକ ବ୍ୟସ୍ତବହୁଳ ଛକ। ଯାତ୍ରୀଙ୍କ ସୁରକ୍ଷା ପାଇଁ ଏଠାରେ ଏକ ଗୋଲେଇ ଟ୍ରାଫିକ ପୋଷ୍ଟ, ହାଇମାଷ୍ଟ ଲାଇଟ୍ ସହ ଅଣ୍ଡରପାସ୍ ନିର୍ମାଣ କରିବାକୁ ସେମାନେ ଦାବି କରିଛନ୍ତି। ଏ ଦିଗରେ ପଦକ୍ଷେପ ଗ୍ରହଣ କରା ନ ଗଲେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ କରାଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି। ରାସ୍ତା ଅବରୋଧ ଯୋଗୁ ବହୁ ଯାନବାହନ ଅଟକି ରହିଥିଲା। ତହସିଲଦାର ଲକ୍ଷ୍ମୀଧର ରାଉତ, ସଦର ଏସ୍‌ଡିପିଓ ଶ୍ରୀହର୍ଷ ମିଶ୍ର, ଟାଉନ ଥାନାଧିକାରୀ ନମିତା ନାୟକ, ଏନ୍‌ଏଚ୍‌ଏଆଇ ଅଧିକାରୀ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଏ ସମ୍ପର୍କରେ ଏନ୍‌ଏଚ୍‌ଏଆଇ ଯନ୍ତ୍ରୀ ସୌମ୍ୟଜିତ୍ ସାମଲ କୁହନ୍ତି, ଅଞ୍ଚଳବାସୀଙ୍କ ଅଭିଯୋଗ ଜିଲାପାଳଙ୍କ ଜରିଆରେ ପାଇଛୁ। ସମସ୍ୟା ସମାଧାନ ଲାଗି ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯିବ। ଟ୍ରାଫିକ ପରିଚାଳନା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ। ଅଧିକାରୀଙ୍କଠାରୁ ପ୍ରତିଶ୍ରୁତି ପାଇବା ପରେ ରାସ୍ତା ଅବରୋଧ ହଟିଥିଲା।

# କ୍ୟାରେଟଲେନ୍‌ର ନୂଆ ଷ୍ଟୋର




**ଭୁବନେଶ୍ୱର,୧୦।୩**

ତନିସ୍କର ସହଭାଗୀ କ୍ୟାରେଟଲେନ୍ ପକ୍ଷରୁ ସ୍ଥାନୀୟ ମାଷ୍ଟରକ୍ୟାଣ୍ଟିନଠାରେ ବୁଧବାର ନୂଆ ଷ୍ଟୋର ଶୁଭାରମ୍ଭ ହୋଇଛି। ବିଜ୍‌ନେସ ଆସୋସିଏଟ ଯୋଗେନ୍ଦ୍ର ହଂସ, ମାନିକ ହଂସ, କମ୍ପାନୀର ରିଟେଲ ସେଲ୍ ଉପସଭାପତି ପ୍ରଶାନ୍ତ ଚୌଧୁରୀ ଏହାକୁ ଉଦ୍‌ଘାଟନ କରିଥିଲେ। ୧୦୦୦ ବର୍ଗଫୁଟ ପରିମିତ ସ୍ଥାନରେ ଷ୍ଟୋରଟି ଅବସ୍ଥିତ। ନୂଆ ଶୋ'ରୁମ୍ ଦ୍ୱାରା କମ୍ପାନୀ ପୂର୍ବାଞ୍ଚଳରେ ଏହାର ରିଟେଲ ଉପସ୍ଥିତିକୁ ବୃଦ୍ଧି କରିଥିବା କହିଛି। ଓଡ଼ିଶାରେ ଏହା ୪ର୍ଥ ଷ୍ଟୋର ହୋଇଥିବା ବେଳେ ଭୁବନେଶ୍ୱରରେ ୩ ନମ୍ବର ଷ୍ଟୋର। ନୂଆ ଷ୍ଟୋର ଶୁଭାରମ୍ଭ ଅବସରରେ କମ୍ପାନୀ ପ୍ରଥମ ୫୦ ଜଣ ଗ୍ରାହକଙ୍କୁ ଶୋ'ରୁମ୍‌ରୁ କିଣାକିଣି କ୍ଷେତ୍ରରେ ୭% ରିହାତି ପ୍ରଦାନ କରୁଛି। ଭୁବନେଶ୍ୱରରେ ନୂଆ ଷ୍ଟୋର ଆରମ୍ଭକରି ଖୁସି ବୋଲି କମ୍ପାନୀର ପ୍ରତିଷ୍ଠାତା ମିଥୁନ ସାକେତି କହିଛନ୍ତି। ସୁନ୍ଦର ଗହଣା ଉପଲବ୍ଧ କରାଇବା ଦିଗରେ ଆମେ ପ୍ରୟାସ ଜାରି ରଖିଛୁ। ଗ୍ରାହକ ଅନ୍‌ଲାଇନରେ ଡିଜାଇନ ବ୍ରାଉଜ କରିପାରିବେ। ଜନପଥରେ ଥିବା ନୂଆ ଷ୍ଟୋରରେ ଅଳଙ୍କାରକୁ ଅନୁଭବ କରିପାରିବେ ବୋଲି ସେ ମତ ପ୍ରକାଶ କରିଛନ୍ତି। ଉପସଭାପତି ପ୍ରଶାନ୍ତ ଚୌଧୁରୀ କହିଛନ୍ତି, ଭୁବନେଶ୍ୱରରେ ନୂଆ ଷ୍ଟୋର ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଚିହ୍ନିତ କରେ। ମାଷ୍ଟରକ୍ୟାଣ୍ଟିନ ଭଳି ସ୍ଥାନରେ ନୂଆ ଷ୍ଟୋର ଖୋଲିଥିବାରୁ ଏଠାରେ ଗ୍ରାହକ ଆସି କିଣାକିଣିର ସୁଯୋଗ ପାଇପାଇବେ ବୋଲି ବିଜ୍‌ନେସ ଆସୋସିଏଟ ଯୋଗେନ୍ଦ୍ର ହଂସ କହିଛନ୍ତି।

### ୧ ହଜାରରୁ ଊର୍ଦ୍ଧ୍ୱ ଡିଜାଇନ ଉପଲବ୍ଧ

ଏଠାରେ ଗ୍ରାହକ ୧ ହଜାରରୁ ଊର୍ଦ୍ଧ୍ୱ ଅନନ୍ୟ ଡିଜାଇନ ଲାଭକରିପାରିବେ। ପ୍ରତ୍ୟେକ ଡିଜାଇନରେ କାରିଗରିର କିଛି ନା କିଛି କାହାଣୀ ଲୁଚି ରହିଛି। ଡିଜାଇନରେ କିଛି ନୂଆ ଭେଟି ଦେଉଥିବା ଏହି କମ୍ପାନୀ ଏଭରଗ୍ରୀନ୍ ବଟରଫ୍ଲାଏ କଲେକ୍ସନଠାରୁ ଆରମ୍ଭକରି ଶୋଲାପିଥ ଭଳି ଲୋକପ୍ରିୟ କଲେକ୍ସନ ଗ୍ରାହକଙ୍କୁ ଯୋଗାଇ ଦେଉଛି।

# ଓଡ଼ିଶା ବଜାରରେ ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡ

**ଭୁବନେଶ୍ୱର,୧୦।୩**

ଦେଶର ପ୍ରମୁଖ ସୁନା ଏବଂ ହୀରା ବ୍ୟବସାୟ ପ୍ରତିଷ୍ଠାନ ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡ ଓଡ଼ିଶା ବଜାରରେ ପ୍ରବେଶ କରିଛି। କମ୍ପାନୀ ଭୁବନେଶ୍ୱରରେ ଏକ ନୂଆ ଷ୍ଟୋର ସ୍ଥାପନ କରିଛି। ସ୍ଥାନୀୟ ରୂପାଲୀଛକଠାରେ ଅବସ୍ଥିତ ଏହି ଷ୍ଟୋର ମାର୍ଚ୍ଚ ୧୩ରେ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ହେବ। ଏଠାରେ ଶୁଦ୍ଧ ସୁନାରେ ପ୍ରସ୍ତୁତ କ୍ରାଫ୍ଟେଡ ଜୁଏଲେରି, ଡାଏମଣ୍ଡସ, ପ୍ଲାଟିନମ ଏବଂ ରୁପାରେ ନିର୍ମିତ ଅଳଙ୍କାର ଗ୍ରାହକଙ୍କ ଲାଗି ଉପଲବ୍ଧ ହେବ। ମାର୍ଚ୍ଚ ୧୦ରୁ ଗ୍ରାହକଙ୍କ ପାଇଁ ଏହାକୁ ପ୍ରଦର୍ଶନ କରାଯାଇଛି। ୬୭୩୬ ବର୍ଗଫୁଟ ପରିମିତ ସ୍ଥାନରେ ଗ୍ରାହକଙ୍କୁ ବିଶ୍ୱସ୍ତରୀୟ କ୍ରୟ ଅଭିଜ୍ଞତା ପ୍ରଦାନ ଦିଗରେ ଏହା ସହାୟକ ହେବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଏଠାରେ ଗୁଣବତ୍ତା ପ୍ରଡକ୍ଟ, ଅତୁଳନୀୟ ଡିଜାଇନ ଏବଂ ଉନ୍ନତ ବିକ୍ରି ପରବର୍ତ୍ତୀ ସେବା ଯୋଗାଣକୁ ଗୁରୁତ୍ୱ ଦିଆଯିବ। ଷ୍ଟୋରରେ ବ୍ୟକ୍ତିଗତ, ସ୍ପେଶାଲ ଅକେଜନ, ଦୈନନ୍ଦିନ ବ୍ୟବହାର ଲାଗି ଗହଣା ଉପଲବ୍ଧ ହେବ। ମାଲାବାର ଗ୍ରୁପ୍ ଅଧ୍ୟକ୍ଷ ଏମ୍.ପି. ଅହମ୍ମଦ କହିଛନ୍ତି, ଭୁବନେଶ୍ୱର ଭଳି ସହରକୁ ଯାତ୍ରା ସମ୍ପ୍ରସାରିତ କରି ଅତ୍ୟନ୍ତ ଆନନ୍ଦିତ। ଗ୍ରାହକଙ୍କୁ ଡିଜାଇନ, ଗୁଣବତ୍ତା, ସର୍ବୋତ୍ତମ ସେବା ସହ ଅଳଙ୍କାର କିଣିବାର ଅତୁଳନୀୟ ଅନୁଭବ ପ୍ରଦାନ କରିବୁ। ସେମାନଙ୍କୁ ସର୍ବୋତ୍କୃଷ୍ଟ ସେବା ଯୋଗାଣ ଲାଗି ମାଲାବାର ପ୍ରତିଶ୍ରୁତିବଦ୍ଧ। ଏକ ଲୋକପ୍ରିୟ ଅଳଙ୍କାର ବ୍ରାଣ୍ଡ ଭାବେ ପରିଗଣିତ ହେବା ଦିଗରେ ଉଦ୍ୟମ ଜାରି ରହିବ ବୋଲି ସେ ମତ ପ୍ରକାଶ କରିଛନ୍ତି।

# ରାଜ୍ୟଗୁଡ଼ିକୁ ୬୧୯୪ କୋଟିର ଅନୁଦାନ

**ନୂଆଦିଲ୍ଲୀ,୧୦।୩**

କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟଗୁଡିକୁ ରାଜସ୍ୱ ନିୟଣ୍ଟ ଅନୁଦାନ ଭାବେ ବୁଧବାର ୬୧୯୪ କୋଟି ଟଙ୍କା ପ୍ରଦାନ କରାଯାଇଛି। ଏହା ୧୨ ତମ ତଥା ଚୂଡାନ୍ତ ମାସିକ କିସ୍ତି ବୋଲି ଜଣାପଡିଛି। ପୋଷ୍ଟ ଡିଭଲ୍ୟୁଶନ ରେଭେନ୍ୟୁ ଡେଫିସିଟ ଗ୍ରାଣ୍ଟ (ପିଡିଆର୍‌ଡି) ଭାବେ ଚଳିତ ଆର୍ଥିକ ବର୍ଷରେ ଯୋଗ୍ୟ ବିବେଚିତ ରାଜ୍ୟଗୁଡିକୁ ମୋଟ ୭୪,୩୪୦ କୋଟି ଟଙ୍କା ଯୋଗାଇ ଦିଆଯାଇଛି ବୋଲି ସୂଚନା ମିଳିଛି। ପଞ୍ଚଦଶ ଅର୍ଥ ଆୟୋଗଙ୍କ ଶୁପାରିସ ଆଧାରରେ ମାସିକ କିସ୍ତି କେନ୍ଦ୍ର ପ୍ରଦାନ କରୁଛି। ୧୪ ରାଜ୍ୟକୁ ଏଭଳି ଅନୁଦାନ ଦେବା ଲାଗି ଆୟୋଗ ସୁପାରିଶ କରିଥିଲେ। ରାଜସ୍ୱ ଆଦାୟ ଏବଂ ଖର୍ଚ୍ଚକୁ ବିଚାର କଲେ କେଉଁ ରାଜ୍ୟ କେତେ ଅର୍ଥ ପାଇବେ ସେ ନେଇ ମଧ୍ୟ ପ୍ରସ୍ତାବ ଦିଆଯାଇଥିଲା। ୨୦୨୦-୨୧ ଆର୍ଥିକ ବର୍ଷ ଲାଗି ୧୪ ରାଜ୍ୟକୁ ୩୪,୩୪୦ କୋଟି ଟଙ୍କାର ଅର୍ଥ ରାଶି ପ୍ରଦାନ କରିବାକୁ ଶୁପାରିସ କରାଯାଇଥିଲା। ଆନ୍ଧ୍ର ପ୍ରଦେଶ, ହିମାଞ୍ଚଳ ପ୍ରଦେଶ, ଆସାମ, କେରଳ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ପଞ୍ଜାବ, ସିକିମ, ତାମିଲନାଡୁ, ତ୍ରିପୁରା, ଉତ୍ତରାଖଣ୍ଡ ଏବଂ ପଶ୍ଚିମବଙ୍ଗ ଏହା ମଧ୍ୟରେ ସାମିଲ ଅଛନ୍ତି।

# ମାସିକ ବଜେଟ ପ୍ରସ୍ତୁତି ନିହାତି ଆବଶ୍ୟକ

## ଅର୍ଥର ଅର୍ଥ



Rupkumar Pradhan
**CERTIFIED FINANCIAL PLANNER[CM], CHARTERED WEALTH MANAGER**
"Director, SmartMantra Financial Services Pvt. Ltd."

'ଧରିତ୍ରୀ' ପକ୍ଷରୁ 'ଅର୍ଥର ଅର୍ଥ' ଶୀର୍ଷକ ଫାଇନାନ୍‌ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ୍, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରିପାରିବେ।

**କାହିଁକି ଏକ ବଜେଟ ପ୍ରସ୍ତୁତ କରିବା ଆବଶ୍ୟକ? ଏହା କିପରି ପ୍ରସ୍ତୁତ କରିବାକୁ ପଡ଼ିବ? ମାସିକ ଖର୍ଚ୍ଚରେ କିଛି ଭଲ ପ୍ରଭାବ ଆସିବ କି?**

**-ବସନ୍ତ ମଞ୍ଜରୀ ମିଶ୍ର, ନୟାଗଡ଼**

▶ ଆପଣଙ୍କ ପରିବାରର ଆର୍ଥିକ ପରିସ୍ଥିତିକୁ ସୁଦୃଢ଼ କରିବା ଓ ଆୟବ୍ୟୟର ହିସାବକରି ସମସ୍ତ ଆର୍ଥିକ ଲକ୍ଷ୍ୟ ହାସଲ କରିବାକୁ ପଡ଼ିବ। ଏ କ୍ଷେତ୍ରରେ ଆପଣ ମାସିକ ବଜେଟ ପ୍ରସ୍ତୁତ କରିବା ନିହାତି ଆବଶ୍ୟକ; ଯାହାକି ଆପଣଙ୍କ ଅର୍ଥକୁ ସୁପରିଚାଳନା କରିବା କ୍ଷେତ୍ରରେ ଅନେକ ସାହାଯ୍ୟ କରିବ। ଯଦି ଆପଣଙ୍କ ଅର୍ଥ ପରିଚାଳନା ଓ ମାସିକ ଖର୍ଚ୍ଚ ସବୁ ଗୋଳମାଳ ପରିସ୍ଥିତିରେ ଅଛି ତେବେ ଆପଣ ଏକ ବଜେଟ ପ୍ରସ୍ତୁତ କରିବା ଓ ଏହାକୁ ଅନୁସରଣ କରିବା ନିହାତି ଜରୁରୀ। ବଜେଟ ପ୍ରସ୍ତୁତ କରିବା ହେଉଛି ଏକ କାର୍ଯ୍ୟଧାରା ଯାହାକି ଆପଣଙ୍କ ମାସିକ ଆୟ ଓ ବ୍ୟୟକୁ ଠିକ୍ ଉପାୟରେ ପରିଚାଳନା କରି ଆପଣ ନିଜର ମାସିକ ଆୟ ଭିତରେ ଜୀବନଶୈଳୀ ଖର୍ଚ୍ଚ କରିପାରିବା ସହିତ ଜୀବନର ବଡ଼ ଆର୍ଥିକ ଲକ୍ଷ୍ୟସବୁ ହାସଲ କରିପାରିବେ। କାହିଁକି ପ୍ରତ୍ୟେକ ବ୍ୟକ୍ତିଙ୍କ ଜୀବନରେ 'ବଜେଟ' ପ୍ରସ୍ତୁତ କରିବା ଏତେ ପ୍ରାଧାନ୍ୟ ରଖିଥାଏ। ଦେଖନ୍ତୁ, ବଜେଟ ପ୍ରସ୍ତୁତ କରିବା ଦ୍ୱାରା ଆପଣ ନିଜର ଅର୍ଥ ପାଇଁ ଏକ ମାସିକ ଖର୍ଚ୍ଚ କିପରି କରିବେ ଏହାର ଏକ ମାସିକ ଖର୍ଚ୍ଚ ଯୋଜନା ପ୍ରସ୍ତୁତ କରୁଛନ୍ତି ଓ ଏହା ଆପଣଙ୍କୁ ଅନେକ କିଛି ସାହାଯ୍ୟ କରିଥାଏ। ଏହା ଆପଣଙ୍କ ଆର୍ଥିକ ଲକ୍ଷ୍ୟସବୁ ହାସଲ କରିବା ପାଇଁ ଓ ଆପଣଙ୍କ ଆବଶ୍ୟକତା ପୂରଣ କରିବା ନିମନ୍ତେ ସୁନିଶ୍ଚିତ କରିଥାଏ। ଯଦି ଆପଣ ଏକ ବଜେଟ କିମ୍ବା ମାସିକ ଖର୍ଚ୍ଚ ଯୋଜନାକୁ ଅନୁସରଣ କରନ୍ତି ତେବେ ଏହା ଆପଣଙ୍କୁ ସମସ୍ତ ଋଣରୁ ମୁକ୍ତ କରିବାରେ ସାହାଯ୍ୟ କରିଥାଏ। ଯଦି ଆପଣ ଏବେ କିଛି ଋଣଯନ୍ତାରେ ଫସି ଯାଇଛନ୍ତି ତେବେ ଏଥିରୁ ବାହାରି ଆସିବା ପାଇଁ ସାହାଯ୍ୟ କରିବ।

**ବଜେଟ ପ୍ରସ୍ତୁତ କରିବା ଦ୍ୱାରା ୧୦ଟି ବଡ଼ ସୁବିଧା**

◆ ଏହା ଆପଣ ମାସିକ ଆୟ ଅର୍ଥ ଉପରେ ୧୦୦% ନିୟନ୍ତ୍ରଣ କରିବା କ୍ଷେତ୍ରରେ ସାହାଯ୍ୟ କରିଥାଏ।

◆ ଆପଣଙ୍କ ଆର୍ଥିକ ଲକ୍ଷ୍ୟସବୁ ହାସଲ କରିବା ସମୟରେ ଏହା ଉପରେ ନଜର ରଖିପାରିବ।

◆ ବଜେଟ ଆପଣଙ୍କ ଆର୍ଥିକ ପରିସ୍ଥିତି ବିଷୟରେ ଆପଣଙ୍କ ଆଖି ଖୋଲିଦେବ।

◆ ଏହା ଆପଣଙ୍କ ମାସିକ ଖର୍ଚ୍ଚ ସବୁକୁ ସଂଗଠିତ କରିବ।

◆ କିଛି ଆକସ୍ମିକ ଖର୍ଚ୍ଚ ସବୁ ପୂରଣ କରିବା କ୍ଷେତ୍ରରେ ସାହାଯ୍ୟ କରିବ।

◆ ବଜେଟ ପ୍ରସ୍ତୁତ କରିବା ଦ୍ୱାରା ଆପଣ ନିଜର ଅର୍ଥ ବିଷୟରେ ଅଧିକ ଜାଣିପାରିବେ ଓ ଏହାକୁ ପରିଚାଳନା କରିବା ସହଜ ହେବ।

◆ ବଜେଟକରି ଆପଣ ନିଜ ପାଇଁ ଏକ ଆକସ୍ମିକ ପାଣ୍ଠି ଗଠନ ପାଇଁ ସଞ୍ଚୟ କରିପାରିବେ।

◆ ଆପଣ ସମସ୍ତ ଋଣ ପରିଶୋଧ କରିବାରେ ସାହାଯ୍ୟ କରିବ।

◆ ବଜେଟ ପ୍ରସ୍ତୁତ ହିଁ ଆପଣଙ୍କୁ ନିବେଶ କରିବାରେ ସାହାଯ୍ୟ କରିବ।

◆ ଏହା ଆପଣଙ୍କ ସୁନ୍ଦର ଦୈନନ୍ଦିନ ଜୀବନଶୈଳୀ ସହିତ ଜୀବନକୁ ଉପଭୋଗ କରିବାରେ ସାହାଯ୍ୟ କରିବ।

ବଜେଟ ପ୍ରସ୍ତୁତ କରିବା ସମୟରେ ଅନେକ ଦିଗକୁ ଦୃଷ୍ଟିଦେବାକୁ ପଡ଼ିଥାଏ। ବଜେଟ ଆପଣଙ୍କ ସମସ୍ତ ଆର୍ଥିକ ଲକ୍ଷ୍ୟସବୁ ସହିତ ଅନେକ ସଂଯୋଗ ରଖିଥାଏ ଓ ଅନେକ ପ୍ରଭାବ ପକାଇଥାଏ। ଏହା ପ୍ରସ୍ତୁତ କରିବା ସମୟରେ ଆର୍ଥିକ ଲକ୍ଷ୍ୟସବୁର ଆବଶ୍ୟକତା ଓ ଆବଶ୍ୟକୀୟ ମାସିକ ସଞ୍ଚୟ ଇତ୍ୟାଦିକୁ ଦୃଷ୍ଟିଦେବାକୁ ପଡ଼ିବ। ଆମର ପରାମର୍ଶ ଆପଣ ଜଣେ ଚାର୍ଟାର୍ଡ ୱେଲ୍‌ଥ ମ୍ୟାନେଜର କିମ୍ବା ସାର୍ଟିଫାଏଡ୍ ଫାଇନାନ୍ସିଆଲ ପ୍ଲାନରଙ୍କ ସହ ଆଲୋଚନାକରି ପ୍ରସ୍ତୁତ କରନ୍ତୁ।

**ଆମ ଠିକଣା**
**ବିଜ୍‌ନେସ ଧରିତ୍ରୀ**
**ଧରିତ୍ରୀ, ବି-୧୫, ରସୁଲଗଡ**
**ଶିଳ୍ପାଞ୍ଚଳ, ଭୁବନେଶ୍ୱର - ୧୦**

# କ୍ୟୁଏସ୍ ର୍ୟାଙ୍କିଙ୍ଗ୍: ଭିଆଇଟିକୁ ପ୍ରଥମ ସ୍ଥାନ

**ଭେଲୋର,୧୦।୩:** କ୍ୟୁଏସ୍ ର୍ୟାଙ୍କିଙ୍ଗ୍‌ରେ ଭେଲୋର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଭିଆଇଟି) ଇଞ୍ଜିନିୟରିଂ ଏବଂ ଟେକ୍ନୋଲୋଜି କ୍ଷେତ୍ରରେ ଦେଶର ୧୨ ଶୀର୍ଷ ପ୍ରତିଷ୍ଠାନ ମଧ୍ୟରେ ପ୍ରଥମ ସ୍ଥାନରେ ରହିଛି। କ୍ୟୁଏସ୍ ସବ୍‌ଜେକ୍ଟ ର୍ୟାଙ୍କିଙ୍ଗ୍‌ରେ ବିଶ୍ୱର ୪୫୦ ବିଶ୍ୱବିଦ୍ୟାଳୟକୁ ସାମିଲ କରାଯାଇଥିଲା। ଏହି ତାଲିକାରେ ଭିଆଇଟିର ୭ ବିଷୟକୁ ସ୍ଥାନିତ କରାଯାଇଛି। କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇନ୍‌ଫରମେଶନ ସିଷ୍ଟମ, ଇଲେକ୍ଟ୍ରିକାଲ ଆଣ୍ଡ ଇଲେକ୍ଟ୍ରୋନିକ୍ସ ଇଞ୍ଜିନିୟରିଂ, ମେକାନିକାଲ ଇଞ୍ଜିନିୟରିଂ ଏବଂ କେମିଷ୍ଟ୍ରି ଗତ ବର୍ଷ ତୁଳନାରେ ୫୦ ସ୍ଥାନ ଉପରକୁ ଉଠିଛନ୍ତି। ସେହିଭଳି କମ୍ପ୍ୟୁଟର ସାଇନ୍ସ ଏବଂ ଇନ୍‌ଫରମେଶନ ସିଷ୍ଟମ, ଇଲେକ୍ଟ୍ରିକାଲ ଆଣ୍ଡ ଇଲେକ୍ଟ୍ରୋନିକ୍ସ ଇଞ୍ଜିନିୟରିଂ ଭାରତରେ ଶୀର୍ଷ ୧୦ ମଧ୍ୟରେ ରହିଛନ୍ତି। ଟପ୍ ୩୦୦ ମଧ୍ୟରେ ଇଲେକ୍ଟ୍ରିକାଲ ଆଣ୍ଡ ଇଲେକ୍ଟ୍ରୋନିକ୍ସ ଇଞ୍ଜିନିୟରିଂ, ଟପ୍ ୪୦୦ ମଧ୍ୟରେ ଉଭୟ କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇନ୍‌ଫରମେଶନ ସିଷ୍ଟମ ଓ ମେକାନିକାଲ ଇଞ୍ଜିନିୟରିଂ ରହିଛି। ର୍ୟାଙ୍କିଙ୍ଗ୍‌ରେ ପ୍ରଥମଥର ଲାଗି ମ୍ୟାଥମେଟିକ୍ସ ଏବଂ ବାୟୋଲୋଜିକାଲ ସାଇନ୍ସ ସାମିଲ ହୋଇଛି। ସାରା ବିଶ୍ୱରେ ଟପ୍ ୫୦୦ ଏବଂ ୬୦୦ ମଧ୍ୟରେ ଏହା ସାମିଲ ହୋଇଥିବା ଅନୁଷ୍ଠାନ ପକ୍ଷରୁ ସୂଚନା ରହିଛି।


## ODISHA POLICE STATE HEADQUARTERS CUTTACK

**Request for Proposal (RFP)**

**Office of the D.G & I.G. of Police, Odisha, Cuttack**

**No. D-192:-** Odisha Police invites Request for Proposal (RFP) from reputed bidders for selection of System Implementation Partner (SIP) for Computer Based Recruitment Examinations (CBRE) of
1. Constable (Communication)
2. ASI Communication
3. Group -B Posts of Odisha Police Service, Odisha Prison Service and Odisha Fire Service

**The detail schedule of the three RFP are as follows**

| RFP details | Date of issue of e-RFP document | Last date & time to accept prebid queries through email (aighdqrs@gmail.com) | *Virtual/Pre-Bid Meeting (is to be communicated to interested bidders) | Publication of Corrigendum to RFP (if any) in the website of Odisha Police | Last date & Time of Submission of Bid on MSTC | Date of Opening of General & Technical Bid |
|---|---|---|---|---|---|---|
| Constable (Communication) | 11/03/2021 | 16/03/2021, 17.00 Hrs. | 19/3/2021, 11.00 Hrs. | 24/3/2021 | 03/04/2021, 17.00 Hrs. | 05/4/2021, 11.00 Hrs. |
| ASI Communication | 11/03/2021 | 16/3/2021, 17.00 Hrs. | 19/3/2021, 11.00 Hrs. | 24/3/2021 | 03/04/2021, 17.00 Hrs. | 05/4/2021, 11.00 Hrs. |
| Group-B Posts of Odisha Police Service, Odisha Prison Service and Odisha Fire Service | 11/03/2021 | 16/3/2021, 17.00 Hrs. | 19/3/2021, 11.00 Hrs. | 24/3/2021 | 03/04/2021, 17.00 Hrs. | 05/4/2021, 11.00 Hrs. |

**The details of the RFP may be seen from the Web site of MSTC LIMITED i.e www.mstcecommerce.com/eproc/ and Odisha Police website.**

**Interested bidders are requested to register on above MSTC Portal www.mstcecommerce.com/eproc/ for details of RFP and participation.**

Any change to the above schedule shall be notified on the MSTC website. Interested parties are advised to regularly check these websites.

**A.I.G. of Police (Provisioning),**
**Odisha, Cuttack.**
**(RFP Calling Authority)**

**OIPR-12018/11/0004/2021**


# ଆକାଶ ଛାତ୍ରୀଛାତ୍ରଙ୍କ ସଫଳତା

**ଭୁବନେଶ୍ୱର,୧୦।୩:** ଚଳିତ ବର୍ଷ ଜେଇଇ ମେନ୍ ପରୀକ୍ଷାରେ ଆକାଶ ଇନ୍‌ଷ୍ଟିଚ୍ୟୁଟ୍ ଛାତ୍ରୀଛାତ୍ର ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଭୁବନେଶ୍ୱର ଆକାଶ ଆଇଆଇଟି ଜେଇଇ ଛାତ୍ର ଗୌତମ ଦାସ ୯୯.୯୯ ପରସେଣ୍ଟାଇଲ ରଖି ଓଡ଼ିଶା ଟପ୍ପର ହୋଇ ପାରିଛନ୍ତି। ଏଥିରେ ଆକାଶ ଇନ୍‌ଷ୍ଟିଚ୍ୟୁଟ୍ ଭୁବନେଶ୍ୱରର ୯ ଜଣ ଛାତ୍ରୀଛାତ୍ର ଉନ୍ନତ ପ୍ରଦର୍ଶନ କରିଛନ୍ତି। ଏମାନେ ୯୮.୫୧୭ ପରସେଣ୍ଟାଇଲରୁ ଊର୍ଦ୍ଧ୍ୱ ନମ୍ବର ରଖି ଆଶାନୁରୂପକ ସଫଳତା ହାସଲ କରିଛନ୍ତି। ଆକାଶ ଆଇଆଇଟି ଭୁବନେଶ୍ୱର ଶାଖାର ଦୀପକ ନନ୍ଦ, ଅର୍ଚ୍ଚିତା ପଟ୍ଟନାୟକ, ସୁଦୀପ ରଞ୍ଜନ ସାହୁ, ଗୌରୀ ଶଙ୍କର ସ୍ୱାଇଁ, ଆକାଶ ଗେନିରିୱାଲ, ଏନ୍.ଅନୁଷ୍କା, ପ୍ରତୀକ ଦାସ, ଓମ୍ ଅନିମେଶ ମିଶ୍ର ଓଡ଼ିଶାର ଟପ୍ପର ତାଲିକାରେ ସ୍ଥାନ ପାଇଛନ୍ତି। ଏହି ସଫଳତାକୁ ନେଇ ଭୁବନେଶ୍ୱର ଶାଖାର ନିର୍ଦ୍ଦେଶକ ଏ.ବି. ସିଂ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେ ସଫଳତାର ଶ୍ରେୟ ସଂସ୍ଥାରେ କାର୍ଯ୍ୟରତ ସମସ୍ତ ଶିକ୍ଷକଗଣ, ଅଭିଭାବକ ଏବଂ ଅନ୍ୟ କର୍ମଚାରୀଙ୍କୁ ଦେଇଛନ୍ତି।

# ପିସିଏରୁ ମୁକ୍ତ ହେଲା ଆଇଡିବିଆଇ

**ନୂଆଦିଲ୍ଲୀ,୧୦।୩:** ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ) ଆଇଡିବିଆଇ ବ୍ୟାଙ୍କକୁ ପ୍ରମ୍ପଟ କରେକ୍ଟିଭ ଆକ୍ସନ(ପିସିଏ) କଟକଣାରୁ ମୁକ୍ତ କରିଛି। ନିୟାମକ ପୁଞ୍ଜି ଉପଲବ୍ଧତା, ଏନ୍‌ପିଏ, ଅନ୍ୟ ନିୟମ ପାଳନ କରିବାକୁ ଏହି ବ୍ୟାଙ୍କ ସକ୍ଷମ ହୋଇଥିବା ଆର୍‌ବିଆଇ ଉପଲବ୍ଧି କରି ଏଭଳି ପଦକ୍ଷେପ ନେଇଛି। ଏହି ବ୍ୟାଙ୍କର ସ୍ଥିତି ପ୍ରଭାବିତ ହେବାରୁ ଆର୍‌ବିଆଇ ଏହାକୁ ପିସିଏ ପରିସରରେ ରଖିଥିଲା।


## ତହସିଲ କାର୍ଯ୍ୟାଳୟ, ଓଡ଼ଗାଁ

TAHASIL OFFICE, ODAGAON
Tel.No.06753-260050
e-mail:tahasildar.odagaon@gmail.com

ବିଜ୍ଞାପନ ପତ୍ର ସଂ. 479/ ତା4.03.2021

**ଲଘୁ ଖଣିଜ ଉତ୍ସ ଦୀର୍ଘମିଆଦୀ ଲିଜ୍ ନିମନ୍ତେ ବିଜ୍ଞାପନ**

No.F-116:- ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ, ତହସିଲଦାର ଓଡ଼ଗାଁଙ୍କ ବିଜ୍ଞାପନ ସଂଖ୍ୟା 479 ତା4.03.2021 ଅନୁଯାୟୀ ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧୀନସ୍ଥ ଓଡଗାଁ ତହସିଲ ଅନ୍ତର୍ଗତ ସଇରାତ ଉତ୍ସ (ଲଘୁ ଖଣିଜ ଦ୍ରବ୍ୟ)ଗୁଡିକ ନିମନ୍ତେ ଆଗାମୀ ପାଞ୍ଚ ବର୍ଷ ପାଇଁ (୨୦୨୦-୨୦୨୧ରୁ ୨୦୨୪-୨୦୨୫) ଦୀର୍ଘମିଆଦୀ ଲିଜ୍ ସୂତ୍ରରେ ଦେବା ପାଇଁ ଜଉମୁଦ ଟେଣ୍ଡର ଦଖାସ୍ତ ଆହ୍ୱାନ କରାଯାଉଅଛି। ଏହି ସଇରାତ ଉତ୍ସ ଲିଜ୍ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଯଥା ସଇରାତ ଉତ୍ସର ପ୍ରକାର, ମୌଜାର ନାମ, ଖାତା ନଂ. ପ୍ଲଟ ନଂ., କିସମ, ରକବା ଓ ଦରଖାସ୍ତ ଗ୍ରହଣର ସମୟ ସୀମା ଇତ୍ୟାଦିର ସୂଚନା ନୟାଗଡ ଜିଲ୍ଲା ୱେବ୍‌ସାଇଟ୍ (www.nayagarh.nic.in) ଅଧୀନରେ ଉପଲବ୍ଧ ଅଟେ। ସବିଶେଷ ବିବରଣୀ ଓ ଅନ୍ୟାନ୍ୟ ନିୟମାବଳୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଯେ କୌଣସି କାର୍ଯ୍ୟଦିବସରେ ଯୋଗାଯୋଗ କରିପାରନ୍ତି

**ସ୍ୱା./-ତହସିଲଦାର, ଓଡ଼ଗାଁ**
OIPR-24036/11/0001/2021



GOVERNMENT OF ODISHA

## DEPARTMENT OF WATER RESOURCES MAYURBHANJ IRRIGATION DIVISION, BARIPADA

**QUOTATION CALL NOTICE NO. 08MBJ / 2020-21**

No. A-676: Sealed quotations are invited from the interested reputed travel agencies/Tour operators/Service Providers or private individuals for providing one no of Commercial vehicles of Non Ac/Ac Diesel driven vehicles with specification as detailed below, which shall confirm to the terms & conditions (Annexure-II) for official use on monthly rent basis.
Details below:

| Sl. No. | Name of the Office | Type of Vehicle | Fuel Consumption Minimum average mileage in Km/Ltr. |
|---|---|---|---|
| 1 | Assistant Executive Engineer, Kalo Irrigation Sub-Division, Chuinposi, Udala | BOLERO | 12.00 Km/Ltr. |

1. The vehicle hire shall be in good condition and shall not be older than Three years & must have valid registration certificate, Insurance Certificate, fitness certificate, Valid contract carriage permit, proof of up to date tax payment, PAN & Valid GST Certificate etc. which are mandatory for plying of vehicle, will be provided along with quotation paper positively. The payment of hire charge will be made only on availability of funds.
2. The driver of the vehicle must have a valid driving licence for driving light transport passenger vehicle and should be sufficient experienced in driving transport passenger vehicle.
3. **The driver should be well behaved gentle, obedient in nature and with having non alcoholic practice.**
4. **The vehicle disengaged by this division will not be entertained further.**
5. **Vehicle Owner proposing name of the driver for the vehicle concerned having bad track record with this division will be simply rejected.**
6. A sum of Rs. 10,000/- shall be deposited by the intending bidders in shape of deposit receipt (Fixed Deposit/Term Deposit) from Nationalized bank/NSC/ KVP duly pledged in favour of the Executive Engineer, Mayurbhanj Irrigation Division, Baripada and submitted along with the quotation as security deposit after completion of quotation process the amount be refunded to un-successful bidders.
7. The monthly rate of hire charge be quoted separately including GST in the general bid information (excluding fuel & lubricant).
8. The details of the make and year of manufacture of the vehicle registration no. mileage (km. covered per litre) and name of the driver with driving license no. and period of validity should be specifically provided in the general bid information to be furnished in the quotation/(Annexure III).
9. The quotation completed in all respect should reach the undersigned through the drop boxes placed in the office of the Executive Engineer, Mayurbhanj Irrn. Division, Baripada/ Assistant Executive Engineer, Kalo Irrigation Sub-Division, Chuinposi, Udala on or before **dt. 23.03.2021 by 1.00 P.M.** and shall be opened on same day at **3.30 P.M.** in presence of the bidders or their authorized representatives at Divn.Office, Baripada.
10. The application form of quotation containing Terms & conditions and general bid information (Annexure-II & III) for hiring of vehicle etc. will be available in the office of the E.E., Mbj Irrn.Divn., Baripada/ Assistant Executive Engineer,Kalo Irrigation Sub-Division,Chuinposi, Udala on payment of Rs. 200.00 (Rupees two hundred) only from **dt.16.03.2021, 10.00 A.M. to dt.23.03.2021, 1.00 P.M.** during office hours.
11. The initial agreement period will be for one year and likely to be extended futher.
12. The Authority reserves the right to accept or reject the quotation without any reasons thereof.

**Sd./- Executive Engineer.**
**Mayurbhanj Irrigation Division, Baripada**
**OIPR-32158/11/0006/2021**



## OFFICE OF THE MUNICIPAL COUNCIL, BHADRAK

**BHADRAK**
**INVITATION FOR BIDS**
**(Through E-Procurement)**
**Tender Reference No.: 19/BHC/2020-21**
**Tender Call Notice No. 1201/BHC/dt.09.03.2021**

**No. C-634:-** **Tender ID No.**

1. Name of the Work : Individual Electrical works as per DTCN published in the website
2. No. of works put to tender : 2 No's individual Electrical works
3. Estimated cost : Varies from Rs.259352.00 to Rs.325430.00
4. Period of completion : One calendar month each
5. Date and time of availability of bid document in the portal : From 10.00 hours of Dt.12.03.21 to 17.00 hours of Dt.22.03.21
6. Mode of deposit towards cost of Bid document & EMD : Online
7. Date and time of opening of bid : 11.00 hours and onwards of Dt.23.03.21
8. Name and address of the Officer Inviting Bid : Executive Officer, Bhadrak Municipality, Bhadrak

Further details can be seen from the e-procurement portal **"https://tendersorissa.gov.in"** or **"http://tenders.ori.nic.in/nicgep/app"**

**Sd./- Executive Officer, Bhadrak Municipality**
OIPR-13071/11/0008/2021



## OFFICE OF THE NOTIFIED AREA COUNCIL, KONARK

**email: nackonark@gmail.com, Phone No.: 06758-236826**

**INVITATION FOR BID**
**E-PROCUREMENT NOTICE**
**Bid Reference No.: KNK_NAC_4(8)_2020-21**
**Bid Identification No.: 2020_ORULB_67041**
**No.530 Dated 09.03.21**

No.C-637:- The Executive Officer, Konark N.A.C. on behalf of Konark N.A.C. invites bids on percentage basis on online mode for 8 Nos. of Projects from eligible contractors having experience of equivalent grade/class registered with state on production of definite proof from the appropriate authority. Bid documents consisting of work, estimated cost, cost of tender paper, EMD, GST Registration No., Time of completion, Class of contractors and the set of terms and conditions of contract. Bids shall be received on online from Dt.11.03.2021, 10.00 A.M. upto Dt.23.03.2021-5.00 P.M. and shall be opened online on Dt.24.03.2021 at 1.00 P.M. Further details and necessary documents can be seen from the procurement Portal i.e. **www.tendersorissa.gov.in** and **www.nackonark.in**.

**Sd./- Executive Officer, KONARK N.A.C.**
OIPR-13090/11/0007/2021



## ZILLA SWASTHYA SAMITI NABARANGPUR

**OFFICE OF CDM & PHO-cum-District Mission Director NABARANGPUR**

**Advt. No. 2017** **Date: 09.03.2021**

**Tender Notice for Disposal of Out of Service EMAS Ambulance (108)-2020-21**

**No. E-621:-** Sealed tenders are invited for disposal of condemned EMAS Ambulances lying at different Blocks of Nabarangpur District. Intending bidders may obtain Tender paper containing Terms & Condition, details of vehicles and its location in the district website (**www.nabarangpur.nic.in**). Also they may inspect the said Ambulances to be disposed off in "**as is where is conditions**" on any working day during office hours at the designated locations. The filled in Formats (Annexure 1 to 4) a single sealed envelope subscribing at the top of the envelope "**TENDER FOR DISPOSAL OF CONDEMNED AMBULANCES (108) FOR 2020-21**" to the CDM&PHO, Mirganguda, Nabarangpur-764059 on or before **25.03.2021 by Regd Post/Speed post by 5 P.M.** and the same will be opened on the next day **26.03.2021 at 11 A.M.** The Authority reserves the right to accept or cancelled any or all tenders without assigning any reason thereof.

**(Dr. Ch. Shova Rani Mishra)**
**CDM & PHO-cum-District Mission Director**
**Nabarangpur**
OIPR-10081/11/0008/2021



## OFFICE OF THE ROURKELA MUNICIPAL CORPORATION

**UDITNAGAR, ROURKELA, ODISHA - 769012**
**E-mail ID: rourkelamunicipality@gmail.com**

**No. 2561** **Date: 09.03.2021**

**EXPRESSION OF INTEREST FOR GIS BASED SURVEY OF DRAINS IN ROURKELA MUNICIPAL CORPORATION AREA & PREPARATION OF DPR**

No. C-642: Rourkela Municipal Corporation proposes to undertake Preparation of GIS-based Integrated Drain survey and preparation of DPR for Rourkela Municipal Corporation Area.
Proposals are invited to conduct the assignment and submit the deliverables from Public Sector Undertakings/Autonomous Bodies/ consulting firms that have requisite experience in preparation of drainage/pipeline/sewerage network plan and infrastructure.
Details may be accessed and the EoI/application forms can be downloaded from the website: **www.rmc.nic.in**.
The completed application, as per instructions in the EoI document, should reach the following address by hand / registered post/ Speed Post/ Courier latest by **3.00 PM on 30.03.2021**.
**Commissioner**
**Rourkela Municipal Corporation**
**Udit Nagar, Rourkela – 12**
**Odisha, India.**
Rourkela Municipal Corporation reserves the sole right to accept or reject any or all proposals without assigning any reason whatsoever.

**Sd./- Commissioner**
**Rourkela Municipal Corporation**
**OIPR-13080/11/0022/2021**

## ୧୨ଟା ୧୫ରେ ଉଠିବ ମହାଦୀପ

ଆଠମଲ୍ଲିକ,(ଡି.ଏନ.ଏ.): ଆଠମଲ୍ଲିକ ବ୍ଲକର ପ୍ରସିଦ୍ଧ ଶୈବପୀଠ ଦେଉଳଝରିରେ ଗୁରୁବାର ମହାଶିବରାତ୍ରି ପାଇଁ ପ୍ରସ୍ତୁତି ଶେଷ ହୋଇଛି। କୋଭିଡ୍ କଟକଣା ମାନି ଶ୍ରଦ୍ଧାଳୁମାନେ ସିଦ୍ଧେଶ୍ୱରଙ୍କ ଦର୍ଶନ କରିବେ। ଏ ନେଇ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ରାତି ୧୨ଟା ୧୫ ମିନିଟରେ ମହାଦୀପ ଉଠିବ। ସେହିପରି ରାତ୍ର ୧୧ଟାରୁ ପୂଜା କାର୍ଯ୍ୟ ଆରମ୍ଭ ହେବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ଆଜି କ'ଣ କେଉଁଠି

**ବନ୍ତଲା**

- ମହା ଶିବରାତ୍ରି ଉତ୍ସବ ପାଳନ, ସ୍ଥାନ-ପୋକତୁଙ୍ଗା ରଣେଶ୍ୱର ମନ୍ଦିର, ସମୟ-ସକାଳୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ।

**ବଣ୍ଡରପାଳ**

- ମହା ଶିବରାତ୍ରି ଉତ୍ସବ ପାଳନ, ସ୍ଥାନ-ବଳରାମପ୍ରସାଦ ମଝିକା କାଣ୍ଡସର, ସମୟ- ରାତି ୧୦।

## ସଂକ୍ଷେପରେ

### 'ରିଅଲ ହିରୋ ଆୱାର୍ଡ' ପ୍ରଦାନ



ଅନୁଗୋଳ ଅଫିସ,୧୦।୩: ମହିଳା ଅନୁଷ୍ଠାନ ସମ୍ପୂର୍ଣ୍ଣା ପରିବାର ପକ୍ଷରୁ ମହିଳା ଦିବସ ଉପଲକ୍ଷେ 'ରିଅଲ ହିରୋ ଆୱାର୍ଡ' ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗରେ ଉଲ୍ଲେଖନୀୟ ଅବଦାନ ପାଇଁ ୩୯ ଜଣ ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଟିଟିପିଏସ୍ ହସ୍ପିଟାଲ ସିଏମ୍‌ଓ ଡା. ସସ୍ମିତା ଦାସ, ସ୍ତ୍ରୀ ରୋଗ ଓ ପ୍ରସୂତି ବିଶେଷଜ୍ଞ ଡା. ସୁସ୍ମିତା ସାହୁ, ପ୍ରଗତି ମହିଳା ମଣ୍ଡଳ ସଭାନେତ୍ରୀ ଡଲି ମିଶ୍ର, ଶ୍ରମିକ ନେତା ଶଙ୍କର ବେହେରା, ସାମାଜିକ କର୍ମୀ ବିଭୂତି ସାହୁ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦିକା କବିତା ରଣାଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିବା ବେଳେ ଝରଣା ସାହୁ, ଅମିତା ସାହୁ, ଶେଫାଳୀ ନାୟକ, ପପିୟା ମହଦାନୀ ମଞ୍ଚ ପରିଚାଳନା କରିଥିଲେ। ସମସ୍ତ ସଦସ୍ୟା ଏଥିରେ ସହଯୋଗ କରିଥିଲେ।

### ପ୍ରାର୍ଥିପତ୍ର ଯାଞ୍ଚ ଶେଷ

ଆଠମଲ୍ଲିକ,୧୦।୩(ଡି.ଏନ.ଏ.): ଆଠମଲ୍ଲିକ ବାର୍ ଆସୋସିଏଶନର ବିଭିନ୍ନ ପଦପଦବୀ ପାଇଁ ଆସନ୍ତା ମାର୍ଚ୍ଚ ୨୭ରେ ନିର୍ବାଚନ ଅନୁଷ୍ଠିତ ହେବ। ଏ ନେଇ ବୁଧବାର ଆବେଦନ କରିଥିବା ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର ଯାଞ୍ଚ ଶେଷ ହୋଇଛି। ସଭାପତି ପଦ ପାଇଁ ସୁଶାନ୍ତ କୁମାର ମହାପାତ୍ର, ଦିନେଶ କୁମାର ସିଂହ ଓ ପ୍ରମୋଦ କୁମାର ପ୍ରଧାନଙ୍କ ପ୍ରାର୍ଥିପତ୍ର କାଏମ ରହିଥିବା ନିର୍ବାଚନ ଅଧିକାରୀ ବାମନ କୁମାର ମିଶ୍ର ସୂଚନା ଦେଇଛନ୍ତି। ଉପସଭାପତି, ସମ୍ପାଦକ, ସହ ସମ୍ପାଦକ ଓ କୋଷାଧ୍ୟକ୍ଷ ପ୍ରାର୍ଥୀ ନିଦ୍ୱନ୍ଦ୍ୱରେ ନିର୍ବାଚିତ ହେବେ।

### ହାତୀ ଆକ୍ରମଣରୁ ବର୍ତ୍ତିଲେ ଦମ୍ପତି

ପାଲଲହଡ଼ା,୧୦।୩(ଡି.ଏନ.ଏ.): ପାଲଲହଡା ଥାନା ବଡିସୁଆଁ ପଞ୍ଚାୟତ ରଞ୍ଜ ଗ୍ରାମର କୁମାରୀ ବିଶ୍ୱାଳ ଓ ସ୍ୱାମୀ ରମେଶ ବିଶ୍ୱାଳ ବୁଧବାର ହାତୀ ଆକ୍ରମଣରୁ ବର୍ତ୍ତି ଯାଇଛନ୍ତି। ଦୁହେଁ ମହୁଲ ସଂଗ୍ରହ କରୁଥିବା ବେଳେ ହାତୀ ହାବୁଡ଼ରେ ପଡ଼ିଥିଲେ। ହାତୀଟି ପ୍ରଥମେ କୁମାରୀଙ୍କୁ ଆକ୍ରମଣ କରିଥିଲା। ତେବେ କୌଶଳକ୍ରମେ ରମେଶଙ୍କ ସହ କୁମାରୀ ଦୌଡ଼ି ପଳାଇ ଆସିଥିଲେ। କୁମାରୀଙ୍କ ଗୋଡରେ ଆଘାତ ଲାଗିଥିବାରୁ ତାଙ୍କୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଖବରପାଇ ବନବିଭାଗ ଅଧିକାରୀମାନେ ତଦନ୍ତ କରିବା ସହ ହାତୀ ଗତିବିଧି ଉପରେ ନଜର ରଖିଥିବା ଫରେଷ୍ଟର ଭୀମସେନ ଶତପଥୀ କହିଛନ୍ତି।

### ସମାଜସେବୀଙ୍କ ପରଲୋକ



କଣିହାଁ,୧୦।୩(ଡି.ଏନ.ଏ.): କଣିହାଁ ବ୍ଲକ ରେଙ୍ଗାଲି ଥାନା କୁଲୁମା ଗ୍ରାମର ସମାଜସେବୀ କୃଷ୍ଣଚନ୍ଦ୍ର ପ୍ରଧାନ (୯୪)ଙ୍କ ବୁଧବାର ପରଲୋକ ଘଟିଛି। କୃଷ୍ଣଚନ୍ଦ୍ରଙ୍କ ବିୟୋଗ ଖବରପାଇ ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ପାଲଲହଡ଼ା ବିଧାୟକ ମୁକେଶ ପାଲ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଭାଜପା ନେତା ଅଶୋକ ମହାନ୍ତି, ରୁଦ୍ରପାଣି ପ୍ରମୁଖ ଶୋକବାର୍ତ୍ତାରେ ଆତ୍ମାର ସଦ୍‌ଗତି କାମନା କରିଛନ୍ତି। କୃଷ୍ଣଚନ୍ଦ୍ରଙ୍କ ଉଦ୍ୟମରେ କୁଲୁମ ପଞ୍ଚାୟତ ଗଠନ ସହିତ, କଲେଜ, ହାଇସ୍କୁଲ, ଡାକ୍ତରଖାନା ସୁବିଧା ପଞ୍ଚାୟତବାସୀ ପାଇପାରୁଛନ୍ତି। କୃଷ୍ଣଚନ୍ଦ୍ରଙ୍କ ବିୟୋଗ ଏକ ବଡ଼ କ୍ଷତି ବୋଲି ଧନେଶ୍ୱର ସାହୁ, ସିଦ୍ଧିପ୍ରସାଦ ସାହୁ, ବିଜେଡି ବ୍ଲକ ସଭାପତି କୈଳାସ ସାହୁ ପ୍ରମୁଖ କହିଛନ୍ତି। ତାଙ୍କ ପାର୍ଥିବ ଶରୀରକୁ ବିଭିନ୍ନ ଅନୁଷ୍ଠାନକୁ ନିଆଯାଇ ଶେଷ ସମ୍ମାନ ପ୍ରଦର୍ଶନ ପରେ ଗ୍ରାମ ନଦୀକୂଳରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

# ପହଞ୍ଚିପାରୁନି ପାଇପ୍ ପାଣି

- ୧୦ ବର୍ଷ ତଳୁ ପାଇପ୍ ବିଛାଯାଇଛି
- ଉପକୃତ ହେଉନାହାନ୍ତି ୩ଶହ ଲୋକ
- କନ୍ୟାବେଡ଼ା ହରିଜନସାହିରେ ଜଳ ସଙ୍କଟ



ସାହିରେ ଥିବା ଏକ ଅଚଳ ନଳକୂଅ।

ବଣ୍ଡରପାଳ,୧୦।୩(ଡି.ଏନ.ଏ.)

ଗ୍ରାମାଞ୍ଚଳର ପ୍ରତି ଘରକୁ ପାଇପ୍ ପାଣି ସଂଯୋଗ ପାଇଁ ସରକାରଙ୍କ ପକ୍ଷରୁ ଉଦ୍ୟମ ଚାଲିଛି। ସେଥିପାଇଁ ପଞ୍ଚାୟତଗୁଡ଼ିକରେ ବହୁ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ବଡ଼ ବଡ଼ ପ୍ରକଳ୍ପମାନ କରାଯାଉଛି। କିନ୍ତୁ ଅନୁଗୋଳ ଜିଲା ବଣ୍ଡରପାଳ ବ୍ଲକ କାଣ୍ଡସର ପଞ୍ଚାୟତ କନ୍ୟାବେଡ଼ା ହରିଜନ ସାହିବାସୀ ସରକାରୀ ଯୋଜନାରେ ଏଯାଏ ଉପକୃତ ହୋଇନାହାନ୍ତି। ଗତ ୧୦ ବର୍ଷ ହେଲା ସାହିକୁ ପାଇପ୍ ପାଣି ଯୋଗାଣ ପାଇଁ ପାଇପ୍ ବିଛାଯାଇଥିଲେ ମଧ୍ୟ ଏଯାଏ ପାଣି ପହଞ୍ଚିପାରିନି। ଫଳରେ ନଳକୂଅ ଉପରେ ସାହିର ୩ଶହ ଲୋକ ନିର୍ଭର କରିଆସୁଛନ୍ତି। ତେବେ ୨ଟି ନଳକୂଅ ମଧ୍ୟରୁ ଗୋଟିଏ ଅଚଳ ହୋଇପଡ଼ିଥିବାରୁ ସମସ୍ୟା ବଢ଼ିଯାଇଛି।

କାଣ୍ଡସର ପଞ୍ଚାୟତରେ ପାଇପ୍ ଜଳ ପ୍ରକଳ୍ପ ରହିଛି। କିନ୍ତୁ କନ୍ୟାବେଡ଼ା ହରିଜନସାହି ଦୀର୍ଘବର୍ଷ ହେଲା ଉପେକ୍ଷିତ ହୋଇଆସିଛି। ସାହିକୁ କିପରି ପାଇପ୍ ପାଣି ଯୋଗାଇ ଦିଆଯିବ ସେ ନେଇ ବାରମ୍ବାର ଦାବି କରାଯାଉଥିଲେ ମଧ୍ୟ କର୍ତ୍ତୃପକ୍ଷ ଏ ଦିଗରେ ଧ୍ୟାନ ଦେଉ ନ ଥିବା ସାହିବାସୀ ଅଭିଯୋଗ କରୁଛନ୍ତି। ଗ୍ରୀଷ୍ମ ଆସିବାର ଯଥେଷ୍ଟ ପୂର୍ବରୁ ଖରାଟାଣ ଧରିସାରିଥିବାରୁ ପାନୀୟ ଜଳର ଆବଶ୍ୟକତା ଅଧିକ ବଢ଼ିଯାଇଛି। କିନ୍ତୁ ସାହିରେ ଥିବା ଅଚଳ ନଳକୂଅ ମରାମତି କରା ନ ଯିବା ଦ୍ୱାରା ମହିଳାମାନେ ଗୋଟିଏ ନଳକୂଅରୁ ପାଣି ନେବାକୁ ଘଣ୍ଟା ଘଣ୍ଟା ଅପେକ୍ଷା କରୁଛନ୍ତି। ଫଳରେ ନଳକୂଅ ନିକଟରେ ଗରା, ମାଠିଆର ଲମ୍ବା ଧାଡ଼ି ଦେଖିବାକୁ ମିଳୁଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ସମସ୍ୟା ସମାଧାନ କରାଯାଉ ନ ଥିବାରୁ ଲୋକେ ପାଣି ଟୋପାଏ ପାଇଁ ହନ୍ତସନ୍ତ ହେଉଥିବା କହିଛନ୍ତି। ଏ ସମ୍ପର୍କରେ ବଣ୍ଡରପାଳ ବିଡିଓ ଏଲିଜା ମିଶ୍ରଙ୍କ ସହ ଯୋଗାଯୋଗ ସମ୍ଭବ ନ ହେବାରୁ ମତାମତ ମିଳିପାରି ନାହିଁ। କାଣ୍ଡସର ସରପଞ୍ଚ ଦୁର୍ଯ୍ୟୋଧନ ମୁଦୁଲି କହିଛନ୍ତି, ହରିଜନ ସାହିରେ ପାଇପ୍ ବିଛାଯାଇଥିଲେ ମଧ୍ୟ ୧୦ ବର୍ଷ ହେବ ପାଣି ଆସୁନି। ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିବା ସେ ଅବଗତ ଅଛନ୍ତି। ନାଲ୍‌କୋ ପକ୍ଷରୁ ତୁରନ୍ତ କିପରି ପାଣି ଅସୁବିଧା କରାଯିବ ସେ ଦିଗରେ ପଦକ୍ଷେପ ନିଆଯାଉଥିବା ସରପଞ୍ଚ ପ୍ରକାଶ କରିଛନ୍ତି।

### ପାଇପ୍ ପାଣିକୁ ଚାହିଁ ରହିଛୁ



"ଦୀର୍ଘ ୧୦ ବର୍ଷ ତଳେ ସାହିକୁ ପାଇପ୍ ଯୋଗେ ପାଣି ଯୋଗାଣ ପାଇଁ ପାଇପ୍ ବିଛାଯାଇଥିଲା। କିନ୍ତୁ କେଉଁ କାରଣରୁ ହରିଜନସାହି ସେଥିରୁ ବଞ୍ଚିତ ହେଲା ତାହା ଜଣାନାହିଁ। ବିଳମ୍ବ ହୋଇଥିଲେ ମଧ୍ୟ ଏ ଦିଗରେ ଏବେ ଦୃଷ୍ଟି ଦିଆଗଲେ ଲୋକେ ଉପକୃତ ହୁଅନ୍ତେ।

-ମମତା ନାୟକ, ଅଞ୍ଚଳବାସୀ

### ଅଭିଯୋଗ କେହି ଶୁଣୁନାହାନ୍ତି



"କନ୍ୟାବେଡ଼ା ହରିଜନ ସାହିରେ ପ୍ରତିବର୍ଷ ପାନୀୟ ଜଳ ସଙ୍କଟ ଦେଖାଦେଉଛି। ଜଳ ପ୍ରକଳ୍ପରୁ ପାଣି ଯୋଗାଇ ଦିଆଯାଉ ନ ଥିବାରୁ ସାହିର ମହିଳାମାନଙ୍କୁ ଦୀର୍ଘ ସମୟ ନଳକୂଅ ନିକଟରେ ଅପେକ୍ଷା କରିବାକୁ ପଡୁଛି। ଅଚଳ ନଳକୂଅ ସଚଳ ପାଇଁ ପଞ୍ଚାୟତଠାରୁ ବ୍ଲକ ଯାଏ ସବୁଠି ଅଭିଯୋଗ କରିଥିଲେ ମଧ୍ୟ ପଦକ୍ଷେପ ନିଆଯାଉ ନାହିଁ।

-ପବିତ୍ର ନାୟକ, ଅଞ୍ଚଳବାସୀ

### ଅନ୍ୟ ସାହିରୁ ଆଣିବାକୁ ପଡୁଛି



"ସାହିରେ ଦୀର୍ଘଦିନ ହେବ ପିଇବା ପାଣି ସମସ୍ୟା ଲାଗି ରହିଛି। ପ୍ରତିବର୍ଷ ଖରାଦିନେ ନଳକୂଅ ଅଚଳ ହେଉଥିବା ବେଳେ ପାଇପ୍ ପାଣି ଅଭାବକୁ ଦୂର କରିପାରନ୍ତା। କିନ୍ତୁ ପଞ୍ଚାୟତ କର୍ତ୍ତୃପକ୍ଷ ଏ ନେଇ କାର୍ଯ୍ୟ କରୁ ନ ଥିବାରୁ ୧୦ ବର୍ଷ ହେଲା ଅପେକ୍ଷା କରିବାକୁ ପଡ଼ିଲାଣି। ତେଣୁ ଅନ୍ୟ ସାହିକୁ ଯାଇ ପାଣି ଆଣିବାକୁ ହେଉଛି।

-ପ୍ରମିଳା ନାୟକ, ଅଞ୍ଚଳବାସୀ

## ଜନହିତକର କାର୍ଯ୍ୟ ନେଇ ଆଲୋଚନା



ମଣ୍ଡଳୀୟ ସଭାରେ ଉପସ୍ଥିତ କର୍ମକର୍ତ୍ତାମାନେ।

ଅନୁଗୋଳ ଅଫିସ,୧୦।୩

ଉତ୍କଳ ପ୍ରାଦେଶିକ ମାରୁୱାଡି ସମ୍ମିଳନୀ ଅନୁଗୋଳ ଶାଖା ତରଫରୁ ଏକ ମଣ୍ଡଳୀୟ ସଭା ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ପୁରୁଷୋତ୍ତମ ଅଗ୍ରୱାଲ ଏବଂ ଶାଖା ସଭାପତି ରମେଶ ସାହାଙ୍କ ନେତୃତ୍ୱରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସଭାପତି ଗୋବିନ୍ଦ ଅଗ୍ରୱାଲଙ୍କ ସହ ବିଭିନ୍ନ ଜିଲାର ପଦାଧିକାରୀ ଉପସ୍ଥିତ ଥିଲେ। ବିଗତ ଦିନର ଜନହିତକର ଶିକ୍ଷା, ସ୍ୱାସ୍ଥ୍ୟ, ବେକାରୀ ସମସ୍ୟା, ଜଳଛତ୍ର, ଗୋସେବା, ଆଦର୍ଶ ସାମୂହିକ ବିବାହ ଆଦି ସହ ଆଗାମୀ ଦିନରେ ଏହାକୁ କେମିତି ବ୍ୟାପକ କରାଯାଇ ପାରିବ ସେ ନେଇ ଆଲୋଚନା ହୋଇଥିଲା। ପ୍ରାନ୍ତ ଉପାଧ୍ୟକ୍ଷ ଦିନେଶ ଅଗ୍ରୱାଲ, ଉପଦେଷ୍ଟା ଜିତେନ୍ଦ୍ର ଗୁପ୍ତା, ସହ ସଚିବ ବିଜୟ ଅଗ୍ରୱାଲ, ରାଷ୍ଟ୍ରୀୟ ସଦସ୍ୟ ଗୌରୀ ଶଙ୍କର ଅଗ୍ରୱାଲ, ପଞ୍ଚାୟତ ଅଧ୍ୟକ୍ଷ ରଣଜିତ ମାଣ୍ଡୋଠିଆ, ନନ୍ଦୁ ଅଗ୍ରୱାଲ, ଅନୁଗୋଳ ଶାଖା ସଚିବ ରୋହିତ ଲିହାଲା ପ୍ରମୁଖ ସହଯୋଗ କରିଥିଲେ। ଶାଖା ଅଧ୍ୟକ୍ଷ ସୁରେଶ କମାଣୀ, ନନ୍ଦୁ ମାହେଶ୍ୱରୀ, ଶଙ୍କର ଲାଲ ମୋଦି, ରାଜେଶ ଖଣ୍ଡେଲୱାଲ, ଆଶିଷ ଡିଡୱାନୀୟା, ଅନୁଗୋଳ ଶାଖାର ସମସ୍ତ ପଦାଧିକାରୀ ଉପସ୍ଥିତ ଥିଲେ।

## ୨ ଲକ୍ଷ ଜରିମାନା ଆଦାୟ

ଆଠମଲ୍ଲିକ,୧୦।୩(ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ ମାଧପୁର ଅଞ୍ଚଳରେ ବୁଧବାର ଟାଟା ପାୱାର ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ) ପକ୍ଷରୁ ଚଢ଼ାଉ କରାଯାଇ ୨ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଛି। ଘଟଣାରୁ ଜଣାପଡ଼ିଛି, ମାଧପୁରର ବ୍ୟବସାୟୀ ମା' ମାହେଶ୍ୱରୀ ରାଇସ୍‌ମିଲ ମାଲିକ ଅନନ୍ତ ଚରଣ ମେହେର ବେଆଇନ ଭାବେ ତାଙ୍କ ବାସଗୃହକୁ ଏକ ଚୋରା ବିଦ୍ୟୁତ୍ ସଂଯୋଗ କରି ୬ ଟି ଶୀତତାପ ଯନ୍ତ୍ର (ଏସି ) ଚଳାଉଥିଲେ। ଖବରପାଇ ଅନୁଗୋଳ ସ୍କ୍ୱାଡ୍‌ର ଲିଡ୍ ଇଞ୍ଜିନିଅର ଆଶୁତୋଷ ମହାରଣା ଓ ତାଙ୍କ ଟିମ ସହ ବଇଣ୍ଡା ଏସ୍‌ଡିଓ ସୀପକ କୁମାର ଦାସ ଚଢ଼ାଉ କରିଥିଲେ। ସ୍କ୍ୱାଡ୍ ପକ୍ଷରୁ ରାଇସମିଲ୍ ମାଲିକ ମେହେରଙ୍କୁ ୨ଲକ୍ଷ ଟଙ୍କା ଜରିମାନା କରାଯାଇଛି। ଆଗାମୀ ଦିନରେ ଏହି ଚଢ଼ାଉକୁ ଜୋରଦାର କରାଯିବ ବୋଲି ଏସଡିଓ ଦାସ ପ୍ରକାଶ କରିଛନ୍ତି।

## ମହୁଲ ଯାଞ୍ଚ କଲା କମିଟି



ତହସିଲଦାରଙ୍କ ସମେତ ଅବକାରୀ ବିଭାଗର ଅଧିକାରୀମାନେ ଚଢାଉ କରୁଛନ୍ତି।

ବଇଣ୍ଡା,୧୦।୩(ଡି.ଏନ.ଏ.)

କିଶୋରନଗର ବ୍ଲକ ଖଣ୍ଡହତା, ଦୋହଲି, ଘୋଷାର, ରସୁଣପାଳ, ତୁରୁଡ଼ା ଆଦି ଗ୍ରାମରେ ମଙ୍ଗଳବାର ବିବିଧଶୃଙ୍ଖଳା କମିଟି କିଶୋରନଗର ପକ୍ଷରୁ ଲାଇସେନ୍ସପ୍ରାପ୍ତ ମହୁଲ ବ୍ୟବସାୟୀଙ୍କ ଘର ଓ ମହୁଲ ଗଚ୍ଛିତ ରଖାଯାଇଥିବା କୋଠରିଯାଞ୍ଚ କରାଯାଇଥିଲା। ତହସିଲଦାର ଡ. ଲକ୍ଷ୍ମୀପ୍ରସାଦ ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ଏହି ଯାଞ୍ଚ କରିଥିଲା। ସମସ୍ତ ବ୍ୟବସାୟୀ କିଣୁଥିବା ମହୁଲ, ଓଜନ ମାପ ଗୁଡିକ ସହ ଲାଇସେନ୍ସ କପିକୁ ଯାଞ୍ଚ କରାଯାଇଥିଲା। ବିନା ଲାଇସେନ୍ସରେ କେତେଜଣ ଅସାଧୁ ବ୍ୟବସାୟୀ ମହୁଲ କିଣୁଥିବାବେଳେ ଏହାକୁ କିଭଳି ରୋକାଯାଇପାରିବ ସେ ନେଇ ଅଧିକ ଗୁରୁତ୍ୱ ଦେବାକୁ ଅବକାରୀ ବିଭାଗକୁ ପରାମର୍ଶ ଦିଆଯାଇଥିଲା। ସେହିପରି ଜଙ୍ଗଲରେ ମହୁଲ ଗଛ ଥିବାବେଳେ କିଭଳି ମହୁଲ ସଂଗ୍ରହକାରୀ ନିଆଁ ଲଗାଇବେ ନାହିଁ ସେ ଦିଗରେ ଧ୍ୟାନ ଦେବାକୁ ତହସିଲଦାର ପରାମର୍ଶ ଦେଇଥିଲେ। ଆଠମଲ୍ଲିକ ଅବକାରୀ ନିରୀକ୍ଷକ ଅନିତା ଓଝା, ଉପ ନିରୀକ୍ଷକ ପ୍ରଫୁଲ୍ଲ କୁମାର ପତି, ବାମୁର ରେଞ୍ଜର କୁଳେଶ ସାହୁ ପ୍ରମୁଖ ଚଢାଉରେ ସାମିଲ ଥିଲେ।

## ବାଜା ଗାଡ଼ି ଦୁର୍ଘଟଣାଗ୍ରସ୍ତ, ୭ ଗୁରୁତର

ଛେଣ୍ଡିପଦା,୧୦।୩(ସ୍ୱ.ପ୍ର)

ଅନୁଗୋଳ-ଛେଣ୍ଡିପଦା ରାସ୍ତାର ଗଉଡୁଣି ନାଳ ନିକଟରେ ବୁଧବାର ଏକ ବାଜାଗାଡ଼ି ଓଲଟି ପଡ଼ିବାରୁ ୧୩ ଜଣ ଆହତ ହୋଇଛନ୍ତି। ୭ ଜଣ ଗୁରୁତର ହୋଇଛନ୍ତି। ସମସ୍ତଙ୍କ ଘର ଛେଣ୍ଡିପଦା ଥାନା ବାରମଞ୍ଜା ଗ୍ରାମରେ। ଏକ ୨୦ ଜଣିଆ ବାଜାପାଟି ଦଳ ଏକ ପିକ୍‌ଅପ୍ ଭ୍ୟାନ ନଂ. (ଓଡି୦୫ଏବି-୯୪୦୮)ରେ ନୂଆପଡା ଗ୍ରାମର ବରଯାତ୍ରୀଙ୍କ ସହିତ କଙ୍କରେଇ ଅଭିମୁଖେ ଯାଉଥିବାବେଳେ ଓଲଟି ପଡିଥିଲା। ଫଳରେ ୨୦ଜଣ ଆହତ ହୋଇଥିଲେ। ସେମାନଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ହେଲେ କୁନା ମୁଖୀ, କନ୍ଦର୍ପ ମୁଖୀ, ସିଦ୍ଧାନ୍ତ ମୁଖୀ, କୋହ୍ଲ ମୁଖୀ, ବାଲ୍ମିକୀ ମୁଖୀ, କାଳିଆ ମୁଖୀ ଗୁରୁତର ଥିବାରୁ ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଯାଇଛି। ପିକଅପ୍ ଭ୍ୟାନ୍ ଚାଳକ ମଦ୍ୟପାନ କରି ଗାଡ଼ି ଚଳାଉଥିବାରୁ ଏଭଳି ଦୁର୍ଘଟଣା ଘଟିଥିବା ଆହତ ମୁନା ମୁଖୀ କହିଛନ୍ତି। ଛେଣ୍ଡିପଦା ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି।

## ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ




ଆଠମଲ୍ଲିକ ଉପଜିଲାପାଳଙ୍କ ଅଫିସ ସମ୍ମୁଖରେ ଚାଷୀମାନେ ବିକ୍ଷୋଭ କରୁଛନ୍ତି।

ଆଠମଲ୍ଲିକ,୧୦।୩(ଡି.ଏନ.ଏ.)

ମଣ୍ଡିରେ ପଞ୍ଜୀକୃତ ଓ ଟୋକନ ପାଇଥିବା ସମସ୍ତ ଚାଷୀଙ୍କ ଧାନ ତୁରନ୍ତ କ୍ରୟ କରିବା ଦାବିରେ ବୁଧବାର ଜୀବନଜୀବିକା ଓ କୃଷି ଜମି ସୁରକ୍ଷା କମିଟି ପକ୍ଷରୁ ଆଠମଲ୍ଲିକ ଉପଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସ୍ଥାନୀୟ ଖେଳ ପଡ଼ିଆଠାରୁ ଆନ୍ଦୋଳନକାରୀମାନେ ଶୋଭାଯାତ୍ରା ବାହାରି ଉପଜିଲାପାଳଙ୍କ ଅଫିସ ସମ୍ମୁଖରେ ପହଞ୍ଚି ଥିଲେ। ସେଠାରେ ଚାଷୀ ନେତା ରମଣି ରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଚାଷୀ ନେତା ପୀତାମ୍ବର ପ୍ରଧାନ, ଅନନ୍ତ ଚରଣ ପ୍ରଧାନ, ତୀର୍ଥବାସୀ ଭୋଇ, ଦୀନବନ୍ଧୁ ପ୍ରଧାନ ପ୍ରମୁଖ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅବହେଳା ଓ ଚାଷୀମାରଣ ନୀତିକୁ ନିନ୍ଦା କରିଥିଲେ। ସେହିପରି ଅସାଧୁ କର୍ମଚାରୀ ଓ ମିଲ ମାଲିକମାନଙ୍କ ମଧୁଚନ୍ଦ୍ରିକା ଯୋଗୁ ପ୍ରକୃତ ଚାଷୀ ଧାନ ବିକ୍ରି କରିପାରୁ ନାହାନ୍ତି ବୋଲି ସେମାନେ ଅଭିଯୋଗ କରିଥିଲେ। ଶେଷରେ ସମସ୍ତ ଚାଷୀଙ୍କ ଧାନ କିଣିବା ଦାବିରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରବୀନ୍ଦ୍ର ସାହୁ, ବାବାଜୀ ପ୍ରଧାନ, ରବିନାରାୟଣ ବାରିକ, ଗୌରଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ୬୧୮ ଭିନ୍ନକ୍ଷମ ପଞ୍ଜୀକୃତ



ଶିବିରରେ ଉପସ୍ଥିତ ଅତିଥି, ଡାକ୍ତର ଓ ଅଧିକାରୀମାନେ।

କଣିହାଁ,୧୦।୩(ଡି.ଏନ.ଏ.)

କଣିହାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ବୁଧବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନର ପ୍ରଥମ ପର୍ଯ୍ୟାୟ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ନମିତା ସାହୁ, ଉପାଧ୍ୟକ୍ଷ ତ୍ରିପୁରାରୀ ପ୍ରଧାନ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମାଧବଚନ୍ଦ୍ର ବରାଡ, ଉପଖଣ୍ଡ ସାମାଜିକ ଅଧିକାରୀ ଅଶୋକ ନାୟକ, ବିଡିଓ ରମେଶ କୁମାର ଜେନା, ଏବିଡିଓ ବିଜୟ କୁମାର ବେହେରା, କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ସୁମନ୍ତ କୁମାର ପଟେଲ, ବ୍ଲକ ଆକାଉଣ୍ଟ ଅଫିସର ବିଭୁପ୍ରସାଦ ମିଶ୍ର ଯୋଗଦେଇଥିଲେ। ୧ ହଜାରରୁ ଅଧିକ ଭିନ୍ନକ୍ଷମ ଶିବିରକୁ ଆସିଥିବାବେଳେ ଡାକ୍ତରମାନଙ୍କ ଦ୍ୱାରା ୬୧୮ ଜଣଙ୍କୁ ଚିହ୍ନଟ କରାଯାଇ ଚିକିତ୍ସା ସୁବିଧା ସହିତ ସାମାଜିକ ସୁରକ୍ଷା ଆଇନ ବ୍ୟବସ୍ଥାରେ ଯୋଜନାରେ ସାମିଲ ପାଇଁ ପଞ୍ଜୀକରଣ କରାଯାଇଥିଲା। ଏଥିରେ ସମସ୍ତ ପଞ୍ଚାୟତର ଅଧିକାରୀ, ଲୋକ ପ୍ରତିନିଧିଙ୍କ ସହିତ ଭେଷଜ ଓ ମାନସିକ ଅନଗ୍ରସର, ଅସ୍ଥିଶଲ୍ୟ, ଇଏନ୍‌ଟି, ଶିଶୁ ବିଭାଗ ଡାକ୍ତର, ଡା. ଜି.ଆର୍. ବିଶ୍ୱାଳ, ଏନ୍‌ଏମ୍ ପ୍ରଧାନ, ଦିଗାମ୍ବର ସାହୁ, ଏନ୍.କେ. ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁହାସିନୀ ପ୍ରଧାନ, ଜିପିଓ ବିନୋଦ ଖୁଣ୍ଟିଆଙ୍କ ସହିତ କର୍ମଚାରୀମାନେ ସହଯୋଗ କରିଥିଲେ।


## ଉନ୍ନୟନ କାର୍ଯ୍ୟ ଅନୁଧ୍ୟାନ କଲା 'ମୋ ସ୍କୁଲ' ଟିମ୍

- ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ, ଜିଲାପାଳଙ୍କ ସହ ଆଲୋଚନା
- ୨୭୭ ପୁରାତନ ଛାତ୍ରୀଛାତ୍ରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସାପତ୍ର

ଅନୁଗୋଳ ଅଫିସ,୧୦।୩

ମୋ ସ୍କୁଲ ଅଭିଯାନ ମାଧ୍ୟମରେ ସରକାରୀ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ଲାଗି ସହଯୋଗର ହାତ ବଢାଇଥିବା ପୁରାତନ ଛାତ୍ରୀଛାତ୍ରଙ୍କୁ ମିଳିଛି ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସାପତ୍ର। ମୋ ସ୍କୁଲ ଅଭିଯାନର ଏକ ସ୍ୱତନ୍ତ୍ର ଟିମ୍ ବୁଧବାର ଅନୁଗୋଳ ଜିଲା ଗସ୍ତରେ ଆସି ୨୭୭ ଜଣ ପୁରାତନ ଛାତ୍ରୀଛାତ୍ରଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରଦତ୍ତ ପ୍ରଶଂସାପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ମୋ ସ୍କୁଲ ରାଜ୍ୟସ୍ତରୀୟ ଟିମ୍ ଜିଲାର ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରିବା ସହ ପ୍ରକଳ୍ପର ସମୀକ୍ଷା କରିଥିଲେ।

ଜିଲାର କଣିହାଁ ବ୍ଲକ ପବିତ୍ରମୋହନ ହାଇସ୍କୁଲ, ପାଲଲହଡ଼ା ବ୍ଲକ ପଞ୍ଚାୟତ ଉଚ୍ଚ ବିଦ୍ୟାପୀଠ, ଉତ୍କଳମଣି ଗୋପବନ୍ଧୁ ଉଚ୍ଚ ବିଦ୍ୟାପୀଠ ଏବଂ ଆଞ୍ଚଳିକ ବାଳିକା ଉଚ୍ଚ ବିଦ୍ୟାଳୟରେ 'ମୋ ସ୍କୁଲ' ଟିମ୍ ସଦସ୍ୟମାନେ ପହଞ୍ଚି କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଥିଲେ। ମୋ ସ୍କୁଲ୍ ଅଭିଯାନ ଦ୍ୱାରା ଛାତ୍ରୀଛାତ୍ରମାନେ କିଭଳି ବିଶେଷଭାବେ ଉପକୃତ ହୋଇପାରିବେ ତାହା ଉପରେ ଟିମ୍ ସଦସ୍ୟମାନେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ପବିତ୍ରମୋହନ ହାଇସ୍କୁଲର ୭୯ ପୁରାତନ ଛାତ୍ରୀଛାତ୍ର, ପଞ୍ଚାୟତ ଉଚ୍ଚ ବିଦ୍ୟାପୀଠର ୨୦ ଜଣ, ଉତ୍କଳମଣି ଗୋପବନ୍ଧୁ ଉଚ୍ଚ ବିଦ୍ୟାପୀଠର ୧୨୩ ଏବଂ ଆଞ୍ଚଳିକ ବାଳିକା ଉଚ୍ଚ ବିଦ୍ୟାଳୟର ୫୫ ଜଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ମୋ ସ୍କୁଲର ମୁଖ୍ୟ ପରିଚାଳନା ଅଧିକାରୀ ଅମରଜିତ ଜେନାଙ୍କ ନେତୃତ୍ୱରେ ଆସିଥିବା ଏହି ଟିମ୍ ଆଞ୍ଚଳିକ ବାଳିକା ଉଚ୍ଚ ବିଦ୍ୟାଳୟରେ ହୋଇଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ସେହିଭଳି ଉତ୍କଳମଣି ଗୋପବନ୍ଧୁ ଉଚ୍ଚ ବିଦ୍ୟାପୀଠରେ ଛାତ୍ରୀଛାତ୍ରଙ୍କ ସୁରକ୍ଷା ପାଇଁ ଲଗାଯାଇଥିବା ସିସିଟିଭି କ୍ୟାମେରା ଏବଂ ଅନ୍ୟାନ୍ୟ ବ୍ୟବସ୍ଥାକୁ ସାବାସି ଦେଇଥିଲେ। ମୋ ସ୍କୁଲ ଟିମ୍‌ର ଏହି ପରିଦର୍ଶନ ବେଳେ ଜିଲା ଶିକ୍ଷା ଅଧିକାରୀ କଳ୍ପନା ବେହେରା ଉପସ୍ଥିତ ଥିଲେ। ସନ୍ଧ୍ୟାରେ ମୋ ସ୍କୁଲ ଟିମ୍ ସଦସ୍ୟମାନେ ଜିଲାପାଳ ଏବଂ ବିଭାଗୀୟ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।



ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସାପତ୍ର ପାଇଥିବା ପୁରାତନ ଛାତ୍ରୀଛାତ୍ରମାନେ।

## ନାବାଳିକା ବିବାହ ରୋକିଲା ପ୍ରଶାସନ

ବଇଣ୍ଡା,୧୦।୩(ଡି.ଏନ.ଏ.)

କିଶୋରନଗର ବ୍ଲକ ହଣ୍ଡପା ଥାନା ଅଞ୍ଚଳରେ ଏକ ନାବାଳିକା ବିବାହକୁ ବୁଧବାର ପ୍ରଶାସନ ପକ୍ଷରୁ ରୋକାଯାଇଛି। ଏହି ଅଞ୍ଚଳର ଜଣେ ୧୬ ବର୍ଷୀୟା ବାଳିକା ଗୁରୁବାର ବିବାହ କରିବାରେ ଯୋଜନା ଥିଲା। ଖବରପାଇ ଜିଲା ଚାଇଲ୍ଡ ବିଭାଗର ଅଭିଷେକ ମହାପାତ୍ର, କିଶୋରନଗର ସିଡିପିଓ ସୁଭାସିନୀ ମହାଲିକ, ଆଇସିଡିଏସ୍ ପରୀଦର୍ଶିକା ରଞ୍ଜିତା ସାହୁ, ହଣ୍ଡପା ଥାନା ଏସ୍‌ଆଇ ବି ସାହୁ ଯୋଗଦେଇ ଏହି ବିବାହ ବେଆଇନ ବୋଲି ନାବାଳିକାଙ୍କ ମାତା ପିତାକୁ ବୁଝାଇଥବଲେ। ୧୮ ବର୍ଷ ହେଲେ ଝିଅକୁ ବିବାହ କରିବେ ବୋଲି କହିବା ସହ ଏକ ଚୁକ୍ତିନାମା କରିଥିଲେ।

## ୨ ପଜିଟିଭ୍ ଚିହ୍ନଟ

ଅନୁଗୋଳ ଅଫିସ,୧୦।୩

ଅନୁଗୋଳ ଜିଲାରୁ ବୁଧବାର ୨ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ପଜିଟିଭ୍ ସଂଖ୍ୟା ୧୨ ହଜାର ୩୮୯ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ଛେଣ୍ଡିପଦା ବ୍ଲକ ଅଞ୍ଚଳରୁ ଜଣେ ଓ ଅନୁଗୋଳ ପୌରାଞ୍ଚଳରୁ ଜଣେ ରହିଛନ୍ତି। ସେହିପରି ଦିନକରେ ଜିଲାରୁ ଜଣେ କରୋନାରୁ ସୁସ୍ଥ ହୋଇଛନ୍ତି।

# ‘ସରକାରଙ୍କ ଉଦାସୀନତାରୁ ସୀମାନ୍ତବାସୀ ଆନ୍ଧ୍ରମୁହାଁ’

## ପିସିସି ସଭାପତିଙ୍କ କୋଟିଆ ପଞ୍ଚାୟତ ଗସ୍ତ

ପଟାଙ୍ଗୀ/କୋରାପୁଟ, ୧୦।୩(ଡି.ଏନ୍.ଏ./ସ୍ୱ.ପ୍ର.)

ରାଜ୍ୟ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ବୁଧବାର କୋରାପୁଟ ଜିଲା ପଟାଙ୍ଗୀ ବ୍ଲକ ଅଧୀନ ଆନ୍ଧ୍ର ରାଜ୍ୟ ସୀମାନ୍ତ କୋଟିଆ ପଞ୍ଚାୟତ ଗସ୍ତ କରିଛନ୍ତି। ସେ ଅଞ୍ଚଳବାସୀଙ୍କ ସହ ସୁବିଧା ଅସୁବିଧା ସମ୍ପର୍କରେ ଆଲୋଚନା କରିଛନ୍ତି। ଏହାପରେ କୋଟିଆ ପଞ୍ଚାୟତ କାର୍ଯ୍ୟାଳରେ ଅନୁଷ୍ଠିତ ବୈଠକରେ ସେ ଯୋଗଦେଇଥିଲେ। ଅଞ୍ଚଳବାସୀଙ୍କ ଜୀବନ ଜୀବିକା ପାଇଁ ରାଜ୍ୟ ସରକାର ଯେପର୍ଯ୍ୟନ୍ତ ସହଯୋଗ କରିନାହାନ୍ତି ସେ ପର୍ଯ୍ୟନ୍ତ କଂଗ୍ରେସ ପଞ୍ଚାୟତବାସୀଙ୍କ ପାଇଁ ଲଢ଼ିବ। ସରକାରଙ୍କ ଉଦାସୀନତା ଯୋଗୁ ସୀମାନ୍ତବାସୀ ଆନ୍ଧ୍ର ମୁହାଁ ହେଉଛନ୍ତି ବୋଲି ନିରଞ୍ଜନ କହିଛନ୍ତି।



କଂଗ୍ରେସ ନେତାମାନେ କୋଟିଆ ପଞ୍ଚାୟତବାସୀଙ୍କ ସହ ଆଲୋଚନା କରୁଛନ୍ତି।

ସୂଚନା ଅନୁଯାୟୀ, ବୁଧବାର ମଧ୍ୟାହ୍ନରେ ନିରଞ୍ଜନ କୁନ୍ଦୁଲି ସାପ୍ତାହିକ ହାଟରେ ପହଞ୍ଚି ସେଠାରେ ଉପସ୍ଥିତ ବିଧାୟକ ଓ ଦଳୀୟ କର୍ମୀଙ୍କ ସହ ଆଲୋଚନା କରିଥିଲେ। ଏହାପରେ ସେମାନେ କୋଟିଆ ପଞ୍ଚାୟତର ଫାଟୁସିନେରି ଗ୍ରାମ ଅଭିମୁଖେ ବାହାରିଥିଲେ। ଗ୍ରାମରେ ଆନ୍ଧ୍ର ସରକାର ପକ୍ଷରୁ ମିଳିଥିବା ଆବାସ ଗୃହ ସବୁ ଦେଖିଥିଲେ। ସେହିଭଳି ଉକ୍ତ ଗ୍ରାମରେ ଆମଦାନୀ ହେଉଥିବା ତେନ୍ତୁଳି, ଝାଡୁ, ହଳଦୀ ଫସଲ କିଭଳି ବିକ୍ରି ହେଉଛି ସେ ସମ୍ପର୍କରେ ପଚାରି ବୁଝିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ବଜାର ବ୍ୟବସ୍ଥା ନାହିଁ। କୁନ୍ଦୁଲି ସାପ୍ତାହିକ ହାଟ ଏଠାରୁ ଅନେକ ଦୂର। ତେଣୁ ପଡ଼ୋଶୀ ଆନ୍ଧ୍ରର ବ୍ୟବସାୟୀଙ୍କୁ ଫସଲ ବିକ୍ରିକରି ଉଚିତ ମୂଲ୍ୟ ପାଉଛନ୍ତି ବୋଲି ଗ୍ରାମବାସୀ କହିଛନ୍ତି। ଓଡ଼ିଶାରେ ରହିଲେ ମଧ୍ୟ ଆନ୍ଧ୍ର ସରକାର ସେମାନଙ୍କ ଭଲମନ୍ଦ ବୁଝୁଛନ୍ତି। ତେଣୁ ପୂର୍ବ ପୁରୁଷ ଅମଳରୁ ଆନ୍ଧ୍ରରେ ଭୋଟ ଦେଇ ଆସୁଛନ୍ତି ବୋଲି ଗ୍ରାମବାସୀ ପିସିସି ସଭାପତିଙ୍କୁ କହିଛନ୍ତି। ରାଜ୍ୟ ସରକାର ଦୁଇଟି ପର୍ଯ୍ୟାୟରେ କୋଟିଆ ପାଇଁ ୧୮୦ କୋଟି ପ୍ରଦାନ କରିଛନ୍ତି। କିନ୍ତୁ ସୀମାନ୍ତ ଗ୍ରାମବାସୀଙ୍କ ଜୀବନ ଜୀବିକାକୁ ଗୁରୁତ୍ୱ ଦେଉନାହାନ୍ତି। ଲୋକଙ୍କ ସମସ୍ୟା ନେଇ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ନିରଞ୍ଜନ କହିଛନ୍ତି। ସେହିଭଳି କଂଗ୍ରେସ୍ ଏମ୍‌ପି ସପ୍ତଗିରି ଉଲାକା କୋଟିଆକୁ ପୋଷ୍ୟ ପଞ୍ଚାୟତଭାବେ ଗ୍ରହଣ କରିଛନ୍ତି। ଏହାର ବିକାଶ ଉପରେ ଗୁରୁତ୍ୱ ଦେବେ ବୋଲି କହିଥିବା ବେଳେ ଫଗୁଣସିନେରି ଗ୍ରାମବାସୀଙ୍କ ସହ ମଧ୍ୟ ଆଲୋଚନା କରିଛନ୍ତି। ଏହି ଗସ୍ତ ସମୟରେ ପିସିସି ରାଜ୍ୟ କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି, କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ସାନଖେମୁଣ୍ଡି ବିଧାୟକ ରମେଶ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### କଂଗ୍ରେସ କର୍ମୀଙ୍କ ହୃଦ୍‌ଘାତରେ ମୃତ୍ୟୁ

**ପସିସି ସଭାପତିଙ୍କ ସହ କୋଟିଆ ଗସ୍ତରେ ଆସିଥିଲେ**

**ପଟାଙ୍ଗୀ, ୧୦।୩(ଡି.ଏନ୍.ଏ.):** ପସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସହ କୋଟିଆ ଗସ୍ତରେ ଆସିଥିବା ରାୟଗଡ଼ାର ସନ୍ତୋଷ କୁମାର ମହାନ୍ତି ନାମକ ଦଳୀୟ କର୍ମୀଙ୍କ ହୃଦ୍‌ଘାତରେ ମୃତ୍ୟୁ ହୋଇଯାଇଛି। ବୁଧବାର ମଧ୍ୟାହ୍ନରେ ସନ୍ତୋଷ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ କୁନ୍ଦୁଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଉଥିଲା। ବାଟରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଛି।

### ବିହାରରୁ ୨, ଝାଡ଼ଖଣ୍ଡରୁ ୩ ଗିରଫ

**ବଡ଼ଗାଁ ସୁନା ବ୍ୟବସାୟୀଙ୍କୁ ଗୁଳିକରି ହତ୍ୟା, ଲୁଟ୍ ଘଟଣା**

**ସୁନ୍ଦରଗଡ଼, ୧୦।୩ (ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ବଡ଼ଗାଁରେ ସୁନା ବ୍ୟବସାୟୀ ରୋହିତ ବର୍ମା (୨୬)ଙ୍କୁ ଗୁଳିକରି ହତ୍ୟା ଓ ସୁନାଗହଣା ଥିବା ବ୍ୟାଗ୍ ଲୁଟ୍ ଘଟଣାରେ ବୁଧବାର ପୋଲିସ ୫ଜଣଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରେ ୨ଜଣ ବିହାର ଓ ୩ଜଣ ଝାଡଖଣ୍ଡର। ଗିରଫ ଅଭିଯୁକ୍ତଙ୍କୁ ବିହାରର ଗୋପାଳଗଞ୍ଜ କୋର୍ଟକୁ ଚାଲାଣ କରାଯାଇଛି। ସେମାନଙ୍କ ନିକଟରୁ ୩୦୦ଗ୍ରାମର ସୁନା, ୨ଟି ରିଭଲଭର ଓ ନଗଦ ୨ଲକ୍ଷ ୭୦ହଜାର ଟଙ୍କା ଜବତ କରାଯାଇଛି। ଏହି ଘଟଣାରେ ୭ଜଣ ସାମିଲ ଥିବାରୁ ଏହା ଏକ ଡକାୟତି ଘଟଣା ବୋଲି ସୁନ୍ଦରଗଡ଼ ଏସ୍‌ପି ସାଗରିକା ନାଥ ସୂଚନା ଦେବା ସହ ଅନ୍ୟ ୨ଜଣଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି କହିଛନ୍ତି।

### ଚକ୍, କାଠ ଓ ପଥରରେ ମହାଦେବଙ୍କ କ୍ଷୁଦ୍ର ପ୍ରତିମୂର୍ତ୍ତି

**ବ୍ରହ୍ମପୁର ଅଫିସ୍,୧୦।୩:** ପବିତ୍ର ମହାଶିବରାତ୍ରି ଉପଲକ୍ଷେ ବାଲୁକା ଶିଳ୍ପୀ ସତ୍ୟନାରାୟଣ ମହାରଣା



ମହାଦେବଙ୍କ କ୍ଷୁଦ୍ର ପ୍ରତିମୂର୍ତ୍ତି ନିର୍ମାଣ କରିଛନ୍ତି। ସେ ନିର୍ମାଣ କରିଥିବା ଶିବଙ୍କ ପ୍ରତିମୂର୍ତ୍ତି ମଧରେ କାଠରେ ୩ଟି, ଚକ୍‌ରେ ୪, ପଥରରେ ଗୋଟିଏ ଶିବଲିଙ୍ଗ ଓ ଗୋଟିଏ ମୂର୍ତ୍ତି ରହିଛି। କାଠ ମୂର୍ତ୍ତିର ଉଚ୍ଚତା ୫ଏମ୍‌ଏମ୍,୧.୩ ସେ.ମି,୪.୨ ସେ.ମି. ରହିଛି। ସେହିଭଳି ପଥର ମୂର୍ତ୍ତିର ଉଚ୍ଚତା ୧.୪ସେଣ୍ଟିମିଟର ରହିଛି। ପଥର ଶିବଲିଙ୍ଗର ଉଚ୍ଚତା ୭ଏମ୍‌ଏମ୍, ଚକ୍ ଶିବଲିଙ୍ଗ ଉଚ୍ଚତା ୧.୮ସେ.ମି. ଓ କାଠ ଶିବଲିଙ୍ଗର ଉଚ୍ଚତା ୩ ଏମ୍‌ଏମ୍ ରହିଥିବା ସତ୍ୟ କହିଛନ୍ତି। ଏହା ବିଶ୍ୱର ସବୁଠାରୁ କ୍ଷୁଦ୍ର ଶିବମୂର୍ତ୍ତି ଓ ଶିବଲିଙ୍ଗ ବୋଲି ସେ କହିଛନ୍ତି।

### ଦୁର୍ଘଟଣାରେ ୨ ମୃତ, ୧୨ ଗୁରୁତର

**ସାକ୍ଷୀଗୋପାଳ,୧୦।୩ (ଡି.ଏନ୍.ଏ/ସ୍ୱ.ପ୍ର.):** ପୁରୀ ଜିଲା ସାକ୍ଷୀଗୋପାଳ ଚଣାଗୋରଡ଼ାଠାରେ ବୁଧବାର ଏକ ସଡ଼କ ଦୁର୍ଘଟଣା ଘଟିଛି। ପୁରୀ ଯାଉଥିବା ଏକ ବୋଲେରୋ (ନଂ. ଓଡି ୦୪ ସି-୨୪୮୪) ଚଣାଗୋରଡ଼ା ବ୍ରିଜ୍‌ରେ ପିଟି ହୋଇଯିବାରୁ ୨ଜଣଙ୍କ ମୃତ୍ୟୁ ଘଟିବା ସହ ୧୨ଜଣ ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ଲିପିକା ପ୍ରିୟଦର୍ଶିନୀ ସାହୁ(୪)ଙ୍କ ମାନସିକ କେଶଦାନ ଓ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ପରିବାରବର୍ଗ ଏବଂ କେତେଜଣ ସମ୍ପର୍କୀୟ କେନ୍ଦୁଝର ଜିଲା ବେଗୁନିଆପାଟଣା ଗ୍ରାମରୁ ଏକ ବୋଲେରୋରେ ପୁରୀ ଆସୁଥିଲେ। ଗାଡ଼ିଟି ଚଣାଗୋରଡ଼ା ପାଖରେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱ ବ୍ରିଜ୍‌ରେ ପିଟି ହୋଇଯାଇଥିଲା। ଘଟଣାସ୍ଥଳରେ ଲିପିକା ଓ ଲକ୍ଷ୍ମୀପ୍ରିୟା ରଣାଙ୍କ ମୃତ୍ୟୁ ଘଟିଥିଲା। ଏଥିରେ ୧୨ଜଣ ଗୁରୁତର ଆହତ ହୋଇଛନ୍ତି।

# ମା’ବାପାଙ୍କ ଆଗରେ ଗଲା ୨ ପିଲାଙ୍କ ଜୀବନ

**ସଡ଼କ ଦୁର୍ଘଟଣା**

**ରମ୍ଭା,୧୦।୩:** ଗଞ୍ଜାମ ଜିଲା ରମ୍ଭା ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥର ସାବୁଲିଆ ଛକରେ ବୁଧବାର ଏକ ଦୁଃଖଦ ଘଟଣା ଘଟିଛି। ଏକ ବିବାହ ଉତ୍ସବରେ ଯୋଗଦେବାକୁ ବାଇକ୍‌ରେ ଯିବାବେଳେ ଦୁର୍ଘଟଣାରେ ମା’ ବାପାଙ୍କ ଆଗରେ ୨ ପିଲାଙ୍କ ଜୀବନ ଚାଲିଯାଇଛି। ସେମାନେ ହେଲେ ରମ୍ଭା ଟିକରପଡ଼ା ସାହିର ଅନ୍ତର୍ଯାମୀ ବେହେରାଙ୍କ ପୁଅ ପାର୍ଥ (୧୦) ଓ ଝିଅ ଆର୍ଯ୍ୟାସ୍ମିତା (୪)। ସ୍ତ୍ରୀଙ୍କ ସହ ଅନ୍ତର୍ଯାମୀ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ଦମ୍ପତିଙ୍କୁ ପ୍ରଥମେ ରମ୍ଭା ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି। ବିବାହ ଭୋଜିରେ ଯୋଗଦେବାକୁ ସ୍ତ୍ରୀ ଓ ପିଲାଙ୍କୁ ଧରି ଅନ୍ତର୍ଯାମୀ ଏକ ବାଇକ୍‌ରେ ପଥରା ଅଭିମୁଖେ ଯାଉଥିଲେ। ସାବୁଲିଆ ଛକରେ ବାଇକ୍ ସହ ଭୁବନେଶ୍ୱର ଅଭିମୁଖେ ଯାଉଥିବା ସିମେଣ୍ଟ ବୋଝେଇ ଟ୍ରକ (ଏପି ୩୧ଟିଡବ୍ଲୁ ୯୩୦୯) ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ଆର୍ଯ୍ୟାସ୍ମିତା ଓ ପାର୍ଥଙ୍କ ମୃତ୍ୟୁ ଘଟିଥିଲା। ଛତ୍ରପୁର ଏସ୍‌ଡିପିଓ ଗୌତମ କିଷାନ, ଖଲ୍ଲିକୋଟ ତହସିଲଦାର ରାଜକିଶୋର ପଟ୍ଟନାୟକ, ରମ୍ଭା ଥାନା ଅଧିକାରୀ କୃଷ୍ଣଚନ୍ଦ୍ର ସେଠୀ ଦୁର୍ଘଟଣାସ୍ଥଳରେ ପହଞ୍ଚିଥିଲେ। ମୃତଦେହ ଦୁଇଟିକୁ ବ୍ୟବଚ୍ଛେଦ ନିମନ୍ତେ ପଠାଯିବା ସହ ଦମ୍ପତିଙ୍କୁ ମେଡିକାଲ ପଠାଇବା ବ୍ୟବସ୍ଥା କରିଥିଲେ। ଦୁର୍ଘଟଣାଗ୍ରସ୍ତ ଟ୍ରକ ଓ ବାଇକକୁ ପୋଲିସ ଜବତ କରିଛି।

# ଫାଇଟର ପାଇଲଟ୍ ହେବା ରୋନିତ୍‌ଙ୍କ ଲକ୍ଷ୍ୟ

ଭୁବନେଶ୍ୱର, (ବ୍ୟୁରୋ)/ ପଦ୍ମପୁର(ଡିଏନ୍ଏ)୧୦।୩



ନ୍ୟାଶନାଲ୍ ଡିଫେନ୍ସ ଏକାଡେମୀ (ଏନ୍‌ଡିଏ) ପ୍ରବେଶିକା ପରୀକ୍ଷାରେ ଓଡ଼ିଆ ପୁଅ ରୋନିତ୍ ରଞ୍ଜନ ନାୟକ ଟପ୍ପର ହୋଇଛନ୍ତି। ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଜଗନ୍ନାଥପୁର ପଞ୍ଚାୟତ ବଛଡ଼ା ପାଢ଼ୀସାହିର ରୋନିତ୍ ସମଗ୍ର ଦେଶରେ ପ୍ରଥମ ହୋଇଛନ୍ତି। ନିଜ ସଫଳତା ପରେ ରୋନିତ୍ କହିଛନ୍ତି, ପରୀକ୍ଷା ଭଲ ହୋଇଥିଲା। କିନ୍ତୁ ର୍ୟାଙ୍କ୍ ୧ ପାଇବି ବୋଲି ଆଶା ନ ଥିଲା। ସର୍ବଭାରତୀୟ ସ୍ତରରେ ପ୍ରଥମ ହୋଇଥିବାରୁ ଖୁସି ଲାଗୁଛି। ବହୁ ପରିଶ୍ରମ ପରେ ଏହି ସଫଳତା ପାଇଛି। ଟାଇମ୍ ଟେବୁଲ ଫଲୋ କରିବାରୁ ସଫଳତା ପାଇପାରିଲି। ଆଗକୁ ଏଭିଏଶନ୍ ୱିଙ୍ଗ୍‌ରେ ଯୋଗଦେଇ ଫାଇଟର ପାଇଲଟ୍ ହେବାକୁ ଲକ୍ଷ୍ୟ ରଖିଛନ୍ତି ବୋଲି ରୋନିତ୍ କହିଛନ୍ତି। ନିଜର ସଫଳତା ପାଇଁ ସେ ମହାପ୍ରଭୁ ଶ୍ରୀଜଗନ୍ନାଥ, ମା’, ବାପା ଓ ପ୍ରଶିକ୍ଷଣଗଣଙ୍କୁ ଶ୍ରେୟ ଦେଇଛନ୍ତି।

ସୂଚନାଯୋଗ୍ୟ, ଗୋଆସ୍ଥିତ ନାଭାଲ ପବ୍ଲିକ୍ ସ୍କୁଲର ପ୍ରାଥମିକ ଶିକ୍ଷା ଓ କେନ୍ଦ୍ରୀୟ ବିଦ୍ୟାଳୟରୁ ରୋନିତ ମାଟ୍ରିକ ପାସ୍ କରିଥିଲେ। ଏହାପରେ ସେନାବାହିନୀରେ କ୍ୟାରିୟର କରିବାକୁ ସେ କୋହ୍ଲାପୁରସ୍ଥିତ ଆର୍ମଡ୍ ଫୋର୍ସେସ୍ ପ୍ରିପାରେଟୋରୀ ଇନ୍‌ଷ୍ଟିଚ୍ୟୁଟ୍‌ରେ ପ୍ରଶିକ୍ଷଣ ନେଉଥିଲେ। ରୋନିତଙ୍କ ମା’ ଅନ୍ନପୂର୍ଣ୍ଣା ନାୟକ ଗୃହିଣୀ ଓ ବାପା ରଶ୍ମିରଞ୍ଜନ ନାୟକ ଗୋଆସ୍ଥିତ ନୌସେନା ବିମାନବନ୍ଦର ଆଇଏନ୍‌ଏସ୍ ହଂସରେ ମାଷ୍ଟର ଚିଫ୍ ପେଟି ଅଫିସର ଭାବେ କାର୍ଯ୍ୟରତ। ଉକ୍ତ ସଂସ୍ଥାନରୁ ଚଳିତବର୍ଷ ୪ ଜଣ ଛାତ୍ର ଏନ୍‌ଡିଏରେ ସଫଳ ହୋଇଛନ୍ତି। ଏନ୍‌ଡିଏ ପରୀକ୍ଷାରେ ରୋନିତ୍‌ଙ୍କ ସହିତ କେନ୍ଦ୍ରପଡ଼ା ପଟ୍ଟାମୁଣ୍ଡାଇ ବ୍ଲକ୍ ଆଇନିପଡ଼ାର ଗୌରବ ନାଥ ମଧ୍ୟ ସଫଳ ହୋଇଛନ୍ତି।

# ୪ ଛାତ୍ରୀଛାତ୍ରଙ୍କୁ ଲକ୍ଷେ ଜରିମାନା

**କେନ୍ଦୁଝର, ୧୦।୩(ଡି.ଏନ୍.ଏ./ସ୍ୱ.ପ୍ର.):** କେନ୍ଦୁଝର ଜିଲାର ଏକ ବିଦ୍ୟାଳୟର ୪ଛାତ୍ରୀଛାତ୍ର ସ୍କୁଟି ଚଳାଇ ସ୍କୁଲ ଯିବା ସେମାନଙ୍କୁ ମହଙ୍ଗା ପଡ଼ିଛି। ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ବୁଧବାର ରାଙ୍କିଠାରେ ଯାଞ୍ଚ ସମୟରେ ଗାଡ଼ି ଚଳାଇ ସ୍କୁଲରୁ ଫେରୁଥିବା ୨ଜଣ ନାବାଳିକା ଓ ୨ଜଣ ନାବାଳକ ଧରାପଡିଥିଲେ। ପ୍ରତ୍ୟେକ ଗାଡିକୁ ୨୫ହଜାର ଟଙ୍କା ଲେଖାଏଁ ଚାଲାଣ କରାଯାଇଥିବାବେଳେ ଗାଡ଼ି ମାଲିକ ତଥା ଅଭିଭାବକଙ୍କୁ ୧ଲକ୍ଷ ଟଙ୍କା ଜରିମାନା କଟାଯାଇଛି। ପୋଲିସ ଏବଂ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ବାରମ୍ବାର ସଚେତନ କରାଯାଉଥିଲେ ମଧ୍ୟ ଅଭିଭାବକମାନେ ଅପ୍ରାପ୍ତ ବୟସ୍କ ବାଳିକା/ବାଳକଙ୍କୁ ସ୍କୁଟି ଏବଂ ମୋଟରସାଇକେଲ ଦେଇ ସ୍କୁଲ, କଲେଜ ପଠାଉଛନ୍ତି। ବିନା ଲାଇସେନ୍ସରେ ଛାତ୍ରୀଛାତ୍ର ଗାଡି ଚଳାଉଥିବାବେଳେ ଅନେକ ସମୟରେ ଦୁର୍ଘଟଣା ମଧ୍ୟ ଘଟୁଛି। ଏହି କାରଣରୁ ଯାଞ୍ଚକୁ କଡ଼ାକଡ଼ି କରାଯାଉଥିବା ଏମ୍‌ଭିଆଇ ଚିତ୍ତରଞ୍ଜନ ସେନାପତି କହିଛନ୍ତି। ଯାଞ୍ଚ ସମୟରେ ଏମ୍‌ଭିଆଇଙ୍କ ସମେତ ଜୁନିୟର ଏମ୍‌ଭିଆଇ କେ.ଦିବ୍ୟଜ୍ୟୋତି ମହାନ୍ତ ଏବଂ ଅନ୍ୟ କର୍ମଚାରୀ ସାମିଲ ଥିଲେ।

# ଗେଟ୍ ପଡ଼ି ଛାତ୍ରୀ ମୃତ, ୨ ଗୁରୁତର

**ରାଇକିଆ,୧୦।୩(ଡି.ଏନ୍.ଏ.):** କନ୍ଧମାଳ ଜିଲା ରାଇକିଆ ବ୍ଲକ ପେଟାପାଙ୍ଗା ପଞ୍ଚାୟତ ବେଲକଟି ପ୍ରାଥମିକ ବିଦ୍ୟାଳୟରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ଦୁଇବର୍ଷ ଧରି ବନ୍ଦ ଥିବା ଏହି ବିଦ୍ୟାଳୟର ପରିତ୍ୟକ୍ତ ଲୁହା ଗେଟ୍ ଓ ପିଲର ଭାଙ୍ଗି ପଡ଼ିବାରୁ ଜଣେ ଛାତ୍ରୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୨ଜଣ ଗୁରୁତର ହୋଇଛନ୍ତି। ମୃତ ଛାତ୍ରୀ ହେଲେ ବେଲକଟି ଗ୍ରାମର ସଞ୍ଜୀବ ପ୍ରଧାନଙ୍କ ଝିଅ ରିଣିକା(୮)। ଗୁରୁତର ହେଲେ ଶୁଭଶ୍ରୀ ସନ୍ଧ୍ୟାରାଣୀ (୯) ଏବଂ ରିତେଶ ପ୍ରଧାନ(୯)। ଏମାନଙ୍କୁ ଜି.ଉଦୟଗିରି ମେଡିକାଲରେ ଭର୍ତ୍ତି କରାଯାଇଛି। ଏ ନେଇ ନଂ.୩/୨୧ରେ ମାମଲା ରୁଜୁ କରାଯାଇଛି।


## OFFICE OF THE EXECUTIVE ENGINEER LIFT IRRIGATION DIVISION, BARGARH

E-mail : eeolicbgh@gmail.com
No. OLIC, Dated :

### TENDER QUOTATION CALL NOTICE

No.09/2020-21 Dt.08.03.2021

No. CAD-1475: Sealed quotations in plain paper are invited from interested house owners /godown owners / ware house owners for letting out their house / godown for storing of submersible pumpsets / control panels and unserviceable stock materials of central store of L.I. Division, Bargarh. The house / godown must be well connected with road for movement of heavy vehicles and facilities like electricity, water should be available. The house / godown must be of minimum 3000 sqft. with GCI Sheet / RCC Roof. The rates should be quoted per sqft. of area inclusive of all taxes and levies etc. as per the format available in division office in Bargarh. The quotations should reach this office by 3 P.M. on or before 16.03.2021 and will be opened on the same day at 4 P.M. in presence of the quotationers or their authorised representatives.
The authority reserves the right to accept or reject any or all the quotations without assigning any reason whatsoever.

Sd./- Executive Engineer
OIPR-32277/11/0011/2021

## ODISHA PUBLIC SERVICE COMMISSION CUTTACK

No. 1795/P.S.C., 1E-07-2020/21 (DR-III) **NOTICE** Dt. 9.3.2021

**No. D-189:-** It is for information of all concerned that the Commission have decided to conduct the Viva Voce test in respect of 04 candidates bearing the following Roll Nos. for Special recruitment to the post of **Assistant Fisheries Officer, Group B** under Fisheries & ARD Department, pursuant to Advt. No.17 of 2019-20 on 16.03.2021 in the Office of the Commission, 19, Dr. P.K. Parija Road, Cuttack-753001, as per the following programme.

| Sl. No. | Date | Reporting Time | Time of V.V. Test | Board | Roll numbers of candidates |
|---|---|---|---|---|---|
| 1 | **16.03.2021** | 10.00 A.M. | 10.30 A.M. | **Board** | **Roll Nos. 100001, 100021, 100022 & 100035 = 04 Candidates** |

The candidates are advised to visit the website of the Odisha Public Service Commission at http://opsc.gov.in.
OIPR-12002/11/0085/2021 Sd./- Secretary

## ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଜଗତ୍‌ସିଂହପୁର
## DISTRICT RURAL DEVELOPMENT AGENCY, JAGATSINGHPUR

File No. DRDA-31/36/2020-MGNREGA CELL-DRDA-DRDA 222 30406/2021
Panchayati Raj
At/P.O.- Saanra, Via- Nalibar, Jagatsinghpur, PIN-754104
Phone No. 06724-231091 Email: ori-djagatsinghpur@nic.in
Letter No. 892 /Date 09.03.2021 Annexure-I

### TENDER NOTICE

**No. CAD-1487:-** Sealed tenders are invited from reputed Manpower Agencies/Service Providers to provide the services of 8 Nos. of MGNREGS Assistants each per Blocks (Balikuda, Biridi, Erasama, Jagatsinghpur, Kujang, Naugaon, Raghunathpur, Tirtol) & 2 nos. of MGNREGS Assistants for DRDA and 8 Nos. of ACP each per Blocks (Balikuda, Biridi, Erasama, Jagatsignhpur, Kujang, Naugaon, Raghunathpur, Tirtol) handling MGNREGS related works for a period of one year on contract basis for day to day official work. The engagement of Manpower Agencies/ Service Provider Firm shall be made through two Bid systems i.e. Technical & Financial Bid separately. The Technically qualified Manpower Agencies/Service Providers Firms can only participate in the Financial Bid. The undersigned reserves the right to accept or cancel any application without assigning any reason(s) thereof.
For details please visit our website in **www.Jagatsinghpur.nic.in**

1. Last date of receipt of Sealed Bid is on dt.24.03.2021 upto 5.30 PM through Registered/Speed Post only.
2. Date and time for opening of
   (i) Technical Bid : On dt.25.03.2021 at 11.00 AM
   (ii) Financial Bid of eligible Tenders : On dt.25.03.2021 at 3.00 PM

Sd./- Collector-Cum-DPC, MGNREGS, Jagatsinghpur
OIPR-19077/11/0005/2021

## NOTICE

No. C-611: The following contractors who were registered as “C” Class contractor under S.E., P.H. Circle, Berhampur and the Registration Certificate are hereby cancelled as per written request and the one time deposit in shape of NSC will be refunded to him.

| Sl. No. | Name & Address | Class | This Office Order No. & Date |
|---|---|---|---|
| 1. | Sri U. Ananda Patro, S/o. Late Dandasi Patro resident at Kalinji Street Lanjipalli, Berhampur, Dist.- Ganjam | “C” | 139 Dt.27.01.2015 |
| 2. | Sri Susant Sethy, S/o. Govinda Sethy resident at SB Jagadevpur, Via- Khariaguda, P.S.- Jarada, Dist.- Ganjam | “C” | 123 Dt.25.01.2017 |
| 3. | Sri Rajesh Kumar Sahu, S/o. Late Khetrabasi Sahu resident at Hattipada, P.O.- Golabandha, Dist.- Ganjam | “C” | 822 Dt.19.05.2015 |

This notice requried to be published for information of all Govt. Deptt./Offices where they have executed the work. If any Govt. dues/materials are outstanding against the above contractor which are due to be recovered, may please be reported to the undersigned within 30 (Thirty) days from the date of publication of this notice for recrovery/adjustment to Govt. accounts.
In case no report from any office/Deptt. are received within the stipulated period i.e. 30 days from the date of publication of this notice, the onetime deposit made by the contractor will be released/refunded to them without any further notice.
If any Govt. dues/materials detected by any office beyond the stipulated time, it will be their responsibility for the lapses what so ever.

Sd./- Superintending Engineer
P.H. Circle, Berhampur
OIPR-13020/11/0008/2021

## GOVERNMENT OF ODISHA
## REVENUE AND DISASTER MANAGEMENT DEPARTMENT

No. RDM-OEB-MV-0001-2020/R&DM/7671 Dated: 4 Mar 2021

### AUCTION NOTICE

No. F-115: Saled quotations are invited for disposal of following 03 (three) nos. of Vehicles of Revenue & D.M. Department, Lokaseva Bhawan, Bhubaneswar. The details of the vehicles are as under.

| Sl. No. | Vehicle Registration Number | Model/ Make | Date of Purchase | Upset Price |
|---|---|---|---|---|
| 1 | OR-02-BN-0606 | Ambassador HM Ltd. (Diesel) | 21.03.2011 | Rs.15,000/- |
| 2 | OR-02BN-0660 | Ambassador HM Ltd. (Diesel) | 21.03.2011 | Rs.15,000/- |
| 3 | OR-02-G-8708 | Ambassador HM Ltd. 1800 Isuzu (Petrol) | 21.10.1997 | Rs.13,000/- |

2. Persons/Firms interested in purchasing the abvoe mentioned vehicles may submit their highest value quotations in the enclsoed proforma in a sealed cover addressed to the “Under Secretary to Gvoernment (OE-B), Revenue & D.M. Department, Lokaseva Bhawan **latest by 1.00 P.M. on or before 26.03.2021** date at the above mentioned address. The sealed cover should be prominently suerscripted with the words **“QUOTATION FOR PURCHSE OF CONDEMNED VEHICLES”**.
3. The intending bidders should submit their quotation in the O/o. Under Secretary to Government (OE-B), Revenue & D.M. Department during the office hours on or before the prescribed date and time. The quotation received by Post/Speed Post/ Registered Post/Courier or otherwise will not be entertained. The tenders received shall be opened on the same day i.e. **on 26.03.2021** in the Office Chamber of the Additional Secretary (OE-B) in presence of tenderers or their authorised agents. If this day is declared as a Government holiday the tenders will be recieved and opened on the next working day as per the scheduled time.
4. The vehicle will be available for inspection **between 11.00 A.M. to 4.00 P.M. (time duration) from 18.03.2021 to 24.03.2021 (date duration)** (prior to quotation submission date) in the presence of Under Secretary to Government (OE-B), Revenue & D.M. Department, Lokaseva Bhawan.
5. Sale will be Governed by the following terms and conditions:
   i. The bidder is required to pay earnest money of Rs.2000/- with the sealed quotation.
   ii. Earnest money is payable by means of Demand Draft drawn in favour of the “DDO-cum-Under Secretary to Government (Accounts), Revenue & D.M. Department payable at UCO Bank, Secretariat Branch”, Bhubaneswar.
   iii. Quotations received without Demand Draft towards Earnest Money will not be considered as valid quotation and shall not be accepted.
   iv. Successful bidder will have to deposit full bid amount by means of Demand Draft drawn in favour of the “Under Secretary to Government (Accounts), Revenue & D.M. Department payable at UCO Bank, Secretariat Branch” Bhubaneswar within two working days of the acceptance of the bid.
   v. The Earnest Money of the successful bidder will be released only after he deposits the sale proceeds. Earnest money will be forfeited if he fails to honour the bid.
   vi. The sold vehicle will be removed by the successful bidder within 48 hours of depositing the money and at their own expenses.
   vii. The vehicle will be disposed of on “as is where is basis” and no guarantee for its worthiness of quality will be given by this Department.
   viii. The delivery of the sold vehicle will be arranged only after the successful bidder submits documentary evidence in support of residential status (Aadhaar Card/Voters Identity Card etc. in case of individual and Registration Certificate in case of firms etc.).
   ix. The undersigned reserves the right to reject all or any bid without assigning any reason thereof. In case of any dispute, the decision of the Auction Committee of Revenue & D.M. Department shall be final.

Sd./- Under Secretary to Government
OIPR-24001/11/0223/2021

## OFFICE OF THE DIVISIONAL FOREST OFFICER, SAMBALPUR FOREST DIVISION

Near Jail Chowk, e-mail id – dfosouthsbp@yahoo.com
Phone/FAX- 0663-2410139.
Dated.04/03/2021.

### TENDER CALL NOTICE FOR FIRE BLOWER

No. 188-MM: Sealed quotation is invited from the reputed Registered supplier/ Authorised Distributor/Dealers or registered firm for supply of Blowers for extinguishing the forest fire during the year 2021 for this Division. The quotation completed in all respect (including photo copy of PAN Card/CAT clearance/ I.T.Clearance/photo copy of authorised dealership /Firm licence etc) should reach before the Divisional Forest Officer, Sambalpur Forest Division by latest 15 March, 2021 (4 P.M) in person / registered post and shall be opened on the same day at 5 P.M. in presence of the bidders of or their authorised representative.
The details of the blowers must be attached with the quotation for necessary verification of the undersigned as detailed bellow.

(i) Certification as per BIS/EN-ISO.
(i) Weight of the machine should be ranging from 8-12 Kg, air speed minimum 100M/s with blowing force minimum 32M and the dimension should be such that which suits the field staff for easy movement in the site.
(ii) Petrol should be used as the fuel.
(iii) Engine specification should be as per field requirement of portable fire blowers.
(iv) Safety equipments like gloves, helmets and goods etc should be as per Indian standard.
(v) Proper training should be imparted to staff who will use the Fire Blowers.
(vi) Suitable arrangement for after sale service/maintenance should also be ensured.
(vii) Information regarding volume/displacement of air, Weight of the equipment and RPM etc and any other technical requirement for the making the equipment effective.
(viii) The successful bidder shall arrange for demonstration of the fire blower in Motijharan RF to assess the volume/displacement of air, weight of equipment and RPM etc.
ix) The successful bidder should be able to supply 15-20 nos of fire blowers within 7 days from the date of opening of tender.
x) Any query in the matter please contact Mobile No. 9437018866.
xi) The undersigned reserves the right to cancel full or part of the tender without assigning reason thereof.

Divisional Forest Officer,
Sambalpur Forest Division
OIPR-08104/11/0001/2021

## OFFICE OF THE PANCHYAT SAMITI, HINJILICUT

Phone No.: 8328818338, E-mail: ori-hinjilicut.nic.in

### INVITATION FOR BIDS

**Tender Call Notice:-01/2020-21** **No.: 735/Dt.08.03.2021**

No. i-76:- The Block Development Officer, Hinjilicut block on behalf of Governor of Odisha invites percentage rate bids in single for the works as detailed in the table below.

| Sl. No. | Name of Work | Value of work (in Rs.) | Bid security @1% (in Rs.) | Cost of Bid document (in Rs.) | Class of Bidder | Period of completion |
|---|---|---|---|---|---|---|
| 1 | Construction of medical Sub-Centre at **DURBANDHA** | 20,28,000/- | 20280/- | 6000/- | ‘C’ & ‘B’ | 6 (six) Calendar months |
| 2 | Construction of medical Sub-Centre at **NANDIKA** | 20,28,000/- | 20280/- | 6000/- | ‘C’ & ‘B’ | 6 (six) Calendar months |
| 3 | Construction of medical Sub-Centre at **CHANDULI** | 20,28,000/- | 20280/- | 6000/- | ‘C’ & ‘B’ | 6 (six) Calendar months |
| 4 | Construction of medical Sub-Centre at **BADAKHANDI** | 20,28,000/- | 20280/- | 6000/- | ‘C’ & ‘B’ | 6 (six) Calendar months |

1. The sale of bid document shall start from dt.08.03.21 at 3.00 PM and close on dated 22.03.21 at 5.00 PM during office hours in the office of the undersigned. Bids shall be received on or before 5.00 PM of 22.03.21 through Registered Post, Speed Post or it can be placed in the box kept in office for the said purpose.
2. Bid documents consisting of specification, the schedule of quantities and the set of terms and conditions of contracts & other necessary documents & collected from Block Office or can be downloaded from the website **www.ganjam.nic.in**.
3. After the date time and receipt of bid is over the original Bids security and demand draft towards cost of Bid documents shall be submitted alongwith the Bid or registered post in the office of the undersigned from 08.03.2021 at 3.00 PM to Dated 22.03.21 at 5.00 PM during office hours on working days failing which the bid will be rejected. The received bid security and bid cost will be verified at 11.00 AM on 24.03.21.
4. The bids received shall be opened at 11.00 AM on 24.03.21 in the O/o the Block Development Officer, Hinjilicut in the presence of bidders who wish to attend. The bidders who participated in the bid can witness the opening of the bids. If the office happens to be closed in the last date of the opening of the bids as specified the bids will be opened in the next working day at the same time and venue of Bid.
5. The authority reserves the right to cancel any or all bid without assigning any reason thereof.
6. Any addendum/Corrigendum/Cancellation can also be seen in the paper.

Sd./- Block Development Officer, Hinjilicut
OIPR-19097/11/0001/2021



ପୁଣି ଥରେ ଏକାଠି ନଜର ଆସିବେ ବଲିଉଡ୍‌ର ଦୁଇ ସୁପରଷ୍ଟାର ଶାହାରୁଖ ଓ ସଲମାନ ଖାନ। କିଙ୍ଗ ଖାନଙ୍କ ଅପ କମିଂ ଫିଲ୍ମ 'ପଠାନ'ରେ ସଲମାନ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ। ପ୍ରଥମ ଥର ପାଇଁ ର' ଏଜେଣ୍ଟ ଭୂମିକାରେ ଅବତୀର୍ଣ୍ଣ ହେଉଥିବା ଶାହାରୁଖଙ୍କୁ ଫିଲ୍ମର ଏକ ଦୃଶ୍ୟରେ ସାହାଯ୍ୟ କରିବେ ଟାଇଗର। ବର୍ତ୍ତମାନ ଚଳଚ୍ଚିତ୍ରର ଏକ ସିନ ଯଶ ରାଜ ଷ୍ଟୁଡିଓରେ ଶୁଟିଂ ଚାଲିଛି। ଫିଲ୍ମରେ ଜନ ଆବ୍ରାହମ ଓ ଦୀପିକା ପାଦୁକୋନ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଛନ୍ତି।

# ୬ ମାସିଆ ହୋଇଯିବ ଖରାଦିନ

**ଜଳବାୟୁ ପରିବର୍ତ୍ତନ ମାନବ ସଭ୍ୟତାର ଭବିଷ୍ୟତକୁ ଅନ୍ଧକାରାଚ୍ଛନ୍ନ କରିଦେବ। ବିସ୍ତୀର୍ଣ୍ଣ ବରଫ ଉପତ୍ୟକାରେ ଫାଟ, ପାହାଡ଼ ଆକୃତିର ଗ୍ଲେସିୟର ଖଣ୍ଡ ଭାଙ୍ଗିବା, ସମୁଦ୍ରର ଜଳପତ୍ତନ ଏବଂ ତାପମାତ୍ରାରେ ଅସ୍ୱାଭାବିକ ଭାବେ ବୃଦ୍ଧିରୁ ଏହାର ଆଭାସ ମିଳିଲାଣି। ଏଭଳି ପରିବର୍ତ୍ତନ ଆଗାମୀ ପିଢ଼ି ପାଇଁ ଅନେକ ପ୍ରତିକୂଳ ପରିସ୍ଥିତି ସାଇତି ରଖିଛି ବୋଲି ସତର୍କ କରାଇ ସାରିଲେଣି ବୈଜ୍ଞାନିକ। ଏବେ ଏହାକୁ ନେଇ ଏକ ଚିନ୍ତାଜନକ ତଥ୍ୟ ପଦାକୁ ଆସିଛି। ୨୧୦୦ ମସିହା ସୁଦ୍ଧା ଜଳବାୟୁ ପରିବର୍ତ୍ତନରେ ସ୍ଥିରତା ଆଣିବାକୁ ଆନୁଷଙ୍ଗିକ ପଦକ୍ଷେପ ନିଆ ନ ଗଲେ ଗ୍ରୀଷ୍ମ ଋତୁ ୬ମାସ ଦୀର୍ଘ ହେବା ନିଶ୍ଚିତ। ଯଦି ଏପରି ହୁଏ, ତେବେ ପୃଥିବୀବାସୀ ଭୟଙ୍କର ସମସ୍ୟାର ସମ୍ମୁଖୀନ ହେବେ। ଦୁରାରୋଗ୍ୟ ବ୍ୟାଧି ଅଧିକାଂଶ ଦେଶର ଆର୍ଥିକ ପ୍ରଗତିରେ ବେଡ଼ି ପକାଇବ ବୋଲି ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି।**



## ଜଳବାୟୁ ପରିବର୍ତ୍ତନର ପରିଣତି ବିଷମ

**ଦିଲ୍ଲୀ:** ଜଳବାୟୁ ପରିବର୍ତ୍ତନ ପ୍ରଭାବ ସବୁଠି ଅନୁଭୂତ ହେଲାଣି। ଗ୍ଲୋବାଲ ୱାର୍ମିଂ ରୋକିବା ଏବଂ ତାପମାତ୍ରା କମାଇବା ଦିଗରେ ସନ୍ତୋଷଜନକ ପଦକ୍ଷେପ ନିଆ ନ ଗଲେ ୨୧୦୦ ମସିହା ସୁଦ୍ଧା ଉତ୍ତର ଗୋଲାର୍ଦ୍ଧବାସୀଙ୍କୁ ୬ମାସିଆ ଗ୍ରୀଷ୍ମକଷ୍ଟ ସହିବାକୁ ପଡ଼ିବ। କୃଷି, ସ୍ୱାସ୍ଥ୍ୟ, ସମୁଦ୍ର, ଭୂଭାଗ ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡ଼ିବ। ଜୈବ ବିବିଧତା, ଖାଦ୍ୟଜାଲି, ପରିସଂସ୍ଥା ଭଳି ସୂକ୍ଷ୍ମ ତତ୍ତ୍ୱ ନଷ୍ଟ ହୋଇଯିବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ।

ଜିଓଫିଜିକାଲ ରିସର୍ଚ୍ଚ ଲେଟର୍ସରେ ପ୍ରକାଶିତ ଅଧ୍ୟୟନରେ କୁହାଯାଇଛି, ଭୂମଧ୍ୟସାଗର ଅଞ୍ଚଳ, ତିବ୍ବତରେ ଜଳବାୟୁ ପରିବର୍ତ୍ତନର ସବୁଠାରୁ ଅଧିକ ପ୍ରଭାବ ଦେଖିବାକୁ ମିଳିଛି। ଏଠାରେ ଋତୁ ପରିବର୍ତ୍ତନର ଆଭାସ ମଧ୍ୟ ମିଳିଲାଣି। ଏମିତି ନୁହେଁ, ଏବେ ହଠାତ୍ ଦିନ ଦୀର୍ଘ ହୋଇଯିବ କିମ୍ବା ସୂର୍ଯ୍ୟଙ୍କ ତାତି ବଢ଼ିଯିବ। ତେବେ ଏହାର ପ୍ରଭାବରେ ପରିବେଶତନ୍ତ୍ରକୁ ବଡ଼ କ୍ଷତି ପହଞ୍ଚିବ। କାରଣ ତାପମାତ୍ରା ଏବଂ ସମୟ ମଧ୍ୟରେ ରହିଥିବା ସନ୍ତୁଳନ ଥରେ ବିଗିଡ଼ିଗଲେ ଏହାକୁ ସଜାଡ଼ିବା ଅସମ୍ଭବ ହୋଇଯିବ।

ସାଧାରଣତଃ ଉତ୍ତର ଗୋଲାର୍ଦ୍ଧରେ ବାର୍ଷିକ ୪ ଋତୁ ଅନୁଭୂତ ହୁଏ। ସେଗୁଡ଼ିକ ହେଲା ବସନ୍ତ, ଗ୍ରୀଷ୍ମ, ଶରତ ଏବଂ ଶୀତ। ସେଠାକାର ଋତୁ ଭାରତଠାରୁ ଯଦିଓ ସମ୍ପୂର୍ଣ୍ଣ ଭିନ୍ନ, ତଥାପି ଏହା ଭାରତୀୟ ଜଳବାୟୁକୁ ପ୍ରଭାବିତ କରିବ। ଉତ୍ତର ଗୋଲାର୍ଦ୍ଧରେ ୧୯୫୦ ବେଳକୁ ଏହି ୪ ଋତୁକୁ ସ୍ପଷ୍ଟ ଅନୁଭବ କରାଯାଇପାରୁଥିଲା। ହେଲେ ଜଳବାୟୁ ପରିବର୍ତ୍ତନ ଋତୁଚକ୍ରକୁ ପ୍ରଭାବିତ କରିସାରିଲାଣି। ଆଗାମୀ ଭବିଷ୍ୟତରେ ଏହାର ପ୍ରଭାବ ଚରମ ହେବ ବୋଲି ଅଧ୍ୟୟନର ମୁଖ୍ୟ ଲେଖକ ତଥା ଚାଇନା ଏକାଡେମୀ ଅଫ୍ ସାଇନ୍ସର ୟୁପିଙ୍ଗ୍ ଗୁଆନ୍ କହିଛନ୍ତି। ସେ କହିଛନ୍ତି, ଗ୍ଲୋବାଲ ୱାର୍ମିଂ କାରଣରୁ ଖରାଦିନ ଅଧିକ ଲମ୍ବା ଏବଂ ତତଲା ହେବାରେ ଲାଗିଛି। ଏ ବିଷୟରେ ସବିଶେଷ ତଥ୍ୟ ସଂଗ୍ରହ କରିବାକୁ ୧୯୫୨ରୁ ୨୦୦୧ ଯାଏ ଆମୂଳଚୂଳ ଅଧ୍ୟୟନ କରାଯାଇଥିଲା। ବିଂଶଶତାବ୍ଦୀର ମଧ୍ୟଭାଗ ଅପେକ୍ଷା ଏବେ ଗ୍ରୀଷ୍ମ ଆରମ୍ଭରେ ୨୫% ଅଧିକ ଗରମ ଅନୁଭୂତ ହେଉଛି। ୧୯୫୨ରୁ ୨୦୧୧ ଯାଏ ଗ୍ରୀଷ୍ମଋତୁ ୭୮ରୁ ୯୫ ଦିନକୁ ବଢ଼ିଛି। ସେହିପରି ଶୀତ ସମୟ ୭୬ରୁ ୭୩ ଦିନକୁ କମି ଆସିଛି। ବସନ୍ତ ଋତୁ ୧୨୪ରୁ ୧୧୫ ଏବଂ ଶରତ ୮୭ରୁ ୮୨ ଦିନକୁ ହ୍ରାସ ପାଇଥିବା ଜଣାପଡ଼ିଛି। ଏହି ଧାରା ଜାରି ରହିଲେ ଜୀବଜନ୍ତୁଙ୍କ ଜୀବନଚକ୍ର ବଦଳିଯିବା ସହ ସେମାନଙ୍କ ଖାଦ୍ୟସ୍ରୋତ ସହ ସନ୍ତୁଳନ ବିଗିଡ଼ିଯିବ, ଯାହାର ସିଧାସଳଖ ପ୍ରଭାବ ମଣିଷ ଉପରେ ପଡ଼ିବ। ସବୁଠାରୁ ବେଶି କ୍ଷତିଗ୍ରସ୍ତ ହେବ କୃଷି। ବସନ୍ତ ଆଗମନ ସମୟର ପରିବର୍ତ୍ତନ ଫଳରେ ଆଗୁଆ ବା ପଛୁଆ ବରଫପାତ ହେବ। ଏହାଦ୍ୱାରା ଗଛରେ ଧରୁଥିବା ଫୁଲ, ଫସଲ ନଷ୍ଟ ହୋଇଯିବ। ଭୂପୃଷ୍ଠ ଭଳି ମହାସାଗରରେ ମଧ୍ୟ ଏଭଳି ପରିବର୍ତ୍ତନ ଦେଖାଦେବ। ଥରେ ଋତୁଚକ୍ର ବଦଳିଗଲେ ଏହାକୁ ସଜାଡ଼ିବା ଅସମ୍ଭବ ବୋଲି ଗୁଆନ୍ ସତର୍କ କରାଇଛନ୍ତି।

56th Birthday Wishes
ଜ୍ୟୋତିର୍ମୟୀ ରଣା
ସ୍ୱାମୀ: ସୁଶୀଲ କୁମାର ରଣା
ଗ୍ରାମ: କଷାଫଳ
ଜି: ବାଲେଶ୍ୱର
ଆଜି (ପବିତ୍ର ମହାଶିବରାତ୍ରି) ତୁମର ୫୬ତମ ଜନ୍ମଦିନ ଅବସରରେ ମହାପ୍ରଭୁ ଶ୍ରୀ ଶ୍ରୀ ସାଇ ଜଗନ୍ନାଥଙ୍କ ଚରଣତଳେ ବିନମ୍ର ପ୍ରାର୍ଥନା କରୁଅଛୁ, ତୁମର ଭବିଷ୍ୟତ ଜୀବନ ସୁଖମୟ, ନିରାମୟ ତଥା ଦୀର୍ଘାୟୁ ହେଉ।
Happy Birthday
ଶୁଭେଚ୍ଛା ସହ: ମାଉସୀ: କିରଣବାଳା ପରିଡ଼ା, ସ୍ୱାମୀ, ସମୁଦୀ ଓ ସମୁଦୁଣୀ: ଶ୍ରୀ ଲକ୍ଷ୍ମୀଧର ଏବଂ ଶ୍ରୀମତୀ ଅଞ୍ଜଳି ସାମଲ, ଘନିଷ୍ଠ ବାନ୍ଧବୀ ଓ ବନ୍ଧୁ: କଳ୍ପନା ଓ ଶ୍ରୀ ଉମେଶ ପାତ୍ର, ପୁତ୍ର: ଅଭିଷେକ, ରାକେଶ, ପୁତ୍ରବଧୂ: ରଶ୍ମିତା, ଝିଆରୀ: ପିଙ୍କି, ରିଙ୍କି ଏବଂ ଆତ୍ମୀୟ ସ୍ୱଜନ।
ଧ-୨୦୨୦୭


## ୩୦୦ ବର୍ଷ ପୁରୁଣା ୨୧୬ ସ୍ୱର୍ଣ୍ଣମୁଦ୍ରା

**ପୁଣେ:** ମହାରାଷ୍ଟ୍ରର ପୁଣେ ଅଞ୍ଚଳରୁ ପିମ୍ପିରି ଚିନ୍‌ଚ୍ୱାଡ଼ର କ୍ରାଇମ ବ୍ରାଞ୍ଚ ୟୁନିଟ ଜଣଙ୍କ ଘରୁ ୩୦୦ ବର୍ଷ ପୁରୁଣା ୨୧୬ ସ୍ୱର୍ଣ୍ଣମୁଦ୍ରା ଜବତ କରିଛନ୍ତି। ଏହା ସହିତ ୫୨୫ ଗ୍ରାମ ଓଜନର ଏକ ଲୋଟା ମଧ୍ୟ ଜବତ ହୋଇଛି। ସ୍ଥାନୀୟ ନେହେରୁ ନଗର ଅଞ୍ଚଳର ବାସିନ୍ଦା ସଦାମ ଓଲାର ଖାଁ ପଠାଣଙ୍କ ପାଖରେ ପୁରାତନ ସ୍ୱର୍ଣ୍ଣମୁଦ୍ରା ଥିବା ସୂଚନା ମିଳିଥିଲା। ସେମାନେ ଘର ପାଖ ଜମି ଖୋଳିବା ସମୟରେ ସ୍ୱର୍ଣ୍ଣମୁଦ୍ରା ଭର୍ତ୍ତି ଲୋଟା ପାଇଥିଲେ। ସ୍ୱର୍ଣ୍ଣମୁଦ୍ରାରେ ଉର୍ଦ୍ଦୁ ଏବଂ ଆରବିକ ଭାଷାରେ ରାଜା ମହମ୍ମଦ ଶାହାଙ୍କ ଚିତ୍ର ଖୋଦିତ ହୋଇଛି। ଏଗୁଡ଼ିକ ୧୭୨୦ରୁ ୧୭୫୦ ମସିହାର ବୋଲି ଅନୁମାନ କରାଯାଉଛି। ପ୍ରତି ସ୍ୱର୍ଣ୍ଣମୁଦ୍ରାର ଓଜନ ୧୦.୮ ଗ୍ରାମ ରହିଛି। ଏହି ମୁଦ୍ରାର ଦାମ ବର୍ତ୍ତମାନ ପ୍ରାୟ ୭୦ ହଜାର ଟଙ୍କା ହେବ। ସମସ୍ତ ସ୍ୱର୍ଣ୍ଣମୁଦ୍ରା ଦାମ ୧୫ କୋଟି ଲକ୍ଷେ ୨୦ ହଜାର ହେବ ବୋଲି କ୍ରାଇମ ବ୍ରାଞ୍ଚ ପକ୍ଷରୁ କୁହାଯାଇଛି। ଏଗୁଡ଼ିକୁ ପ୍ରତ୍ନତତ୍ତ୍ୱ ବିଭାଗକୁ ହସ୍ତାନ୍ତର କରାଯାଇଛି। ଏହି ମାମଲାରେ ୨ ଜଣଙ୍କୁ ପୋଲିସ ଅଟକ ରଖି ପଚରାଉଚରା ଚଳାଇଛି।



## ଟ୍ରାନ୍ସପରେଣ୍ଟ ଡ୍ରେସ୍‌ରେ ପ୍ରିୟଙ୍କା

**ମୁମ୍ବାଇ:** ବଲିଉଡ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା କୌଣସି ନା କୌଣସି କାରଣରୁ ଅନେକ ସମୟରେ ଚର୍ଚ୍ଚାରେ ରହିଥାନ୍ତି। ଗତ ମାସରେ ପ୍ରିୟଙ୍କା ଚୋପ୍ରାଙ୍କ ପୁସ୍ତକ 'ଅନ୍‌ଫିନିଶ୍‌ଡ' ଉନ୍ମୋଚିତ ହୋଇଛି। ଯାହା ଖୁବ ଭଲ ପ୍ରତିକ୍ରିୟା ପାଇବାରେ ଲାଗିଛି। ପ୍ରଶଂସକଙ୍କ ଠାରୁ ଆରମ୍ଭ କରି ବନ୍ଧୁ ଏବଂ ବଡ ସେଲିବ୍ରିଟିମାନେ ମଧ୍ୟ ତାଙ୍କ ପୁସ୍ତକକୁ ପ୍ରଶଂସା କରିଛନ୍ତି। ସେ ନିକଟରେ ଏକ ପତ୍ରିକା ପାଇଁ ଫଟୋଶୁଟ କରିଛନ୍ତି। ଯାହାର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ସେ ନିଜେ ପ୍ରଶଂସକଙ୍କ ପାଇଁ ଏହା ଶେୟାର କରିଛନ୍ତି। ଯେଉଁଥିରେ ପ୍ରିୟଙ୍କା ଟ୍ରାନ୍ସପରେଣ୍ଟ ପୋଷାକରେ ନଜର ଆସିଛନ୍ତି। ଏହା ସହିତ ସେ ଏକ ମଜାଦାର କ୍ୟାପଶନ ମଧ୍ୟ ଲେଖିଛନ୍ତି, ଯାହା ଦେଖିବା ପରେ ବଲିଉଡ ଅଭିନେତା ହୃତିକ ରୋଶନ ଏବଂ ଆୟୁଷ୍ମାନ ଖୁରାନା କମେଣ୍ଟ ନ ଦେଇ ରହି ପାରି ନାହାନ୍ତି। ଫଟୋ ଶେୟାର କରିବାବେଳେ ସେ କ୍ୟାପଶନରେ ଲେଖିଥିଲେ, 'ତୁମେ ମୋ ସହ ଖେଳିବାକୁ ଚାହୁଁଛ କି?' କମେଣ୍ଟ ଦେଇ ହୃତିକ ରୋଶନ ଲେଖିଛନ୍ତି, 'ହା ହା, ବହୁତ ଭଲ'।



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର, କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର, ଗଞ୍ଜାମ, ଗଜପତି, ରାୟଗଡ଼ା, ନବରଙ୍ଗପୁର, କଳାହାଣ୍ଡି, ଭଦ୍ରକ ଜିଲାର କେତେକ ସ୍ଥାନରେ ହାଲକାରୁ ମଧ୍ୟମ ଧରଣର ବର୍ଷା କିମ୍ବା ଘଡ଼ଘଡ଼ି ସହ ବର୍ଷା ହେବା ଅଧିକ ସମ୍ଭାବନା ରହିଛି। ବାକି ଜିଲାଗୁଡ଼ିକରେ ପାଗ ଶୁଖିଲା ରହିବ। କେତେକ ସ୍ଥାନରେ ଦିନର ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲସିଅସ୍ ଅଧିକ ରହିପାରେ।

**ସ୍ଥାନୀୟ ଅଞ୍ଚଳ**-ଭୁବନେଶ୍ୱର ଓ ପାଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘାଚ୍ଛନ୍ନ ରହିପାରେ। ଗୁରୁବାର ସର୍ବୋଚ୍ଚ ତାପମାତ୍ରା ୩୭ ଡିଗ୍ରୀ ଏବଂ ସର୍ବନିମ୍ନ ୨୨ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୫.୯ | ୨୨.୭ |
| ଚାନ୍ଦବାଲି | ୩୫.୩ | ୨୨.୨ |
| କଟକ | ୩୫.୦ | ୨୧.୮ |
| ପାରାଦୀପ | ୩୦.୩ | ୨୫.୭ |
| ଭୁବନେଶ୍ୱର | ୩୫.୬ | ୨୨.୫ |
| ଗୋପାଳପୁର | ୩୦.୨ | ୨୩.୪ |
| ପୁରୀ | ୩୧.୦ | ୨୫.୬ |
| ଅନୁଗୋଳ | ୩୮.୫ | ୨୨.୦ |
| ବାରିପଦା | ୩୬.୨ | ୨୨.୫ |
| ଝାରସୁଗୁଡ଼ା | ୩୮.୬ | ୨୧.୨ |
| କେନ୍ଦୁଝର | ୩୫.୬ | ୨୨.୦ |
| ସମ୍ବଲପୁର | ୩୮.୮ | ୨୨.୪ |
| ସୁନ୍ଦରଗଡ଼ | ୩୯.୦ | ୧୭.୦ |
| ଭବାନୀପାଟଣା | ୩୭.୬ | ୨୨.୪ |
| ବଲାଙ୍ଗୀର | ୩୮.୩ | ୨୦.୮ |
| କୋରାପୁଟ | ୩୫.୪ | ୧୭.୦ |
| ଟିଟିଲାଗଡ଼ | ୩୮.୫ | ୨୪.୩ |
| ମାଲକାନଗିରି | ୩୮.୫ | ୨୦.୫ |
| ସୋନପୁର | ୩୮.୦ | ୨୧.୬ |
| ଦାରିଙ୍ଗିବାଡ଼ି | ୩୩.୦ | ୧୯.୫ |
| ନୟାଗଡ଼ | ୩୭.୦ | ୨୧.୨ |
| ପାରଳାଖେମୁଣ୍ଡି | ୩୩.୦ | ୨୨.୫ |
| ରାୟଗଡ଼ା | ୩୫.୫ | ୧୯.୫ |

ଡିଗ୍ରୀ ସେଲ୍‌ସିୟସ୍


ମନେ ପଡ଼ନ୍ତି
ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି

୰ରାଖାଲ ଚନ୍ଦ୍ର ମହାନ୍ତି
ଚୌକି, ଭୋଗରାଇ, ବାଲେଶ୍ୱର
ଆବିର୍ଭାବ: ୧୫।୦୨।୧୯୫୮
ତିରୋଧାନ: ୦୧।୦୩।୨୦୨୧
ତୁମର ଆଦର୍ଶ, କର୍ତ୍ତବ୍ୟନିଷ୍ଠା, ଅନାବିଳ ସ୍ନେହ, ଶ୍ରଦ୍ଧା ଓ ଦୟାଭାବ ଆମ ସ୍ମୃତିପଟରେ ଚିରଦିନ ଅଭୁଲା ହୋଇ ରହିବ। ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା ତୁମ ଆତ୍ମାର ସଦ୍‌ଗତି ହେଉ।
ହତଭାଗ୍ୟ: ଭ୍ରାତା, ଭଗିନୀ, ପୁଅ, ପୁତୁରା, ବୋହୂ, ନାତି, ନାତୁଣୀ ସ୍ୱାଇଁ ଏବଂ ଶୋକସନ୍ତପ୍ତ ବନ୍ଧୁ ଓ ପରିବାରବର୍ଗ।
ଧ-୨୦୨୦୬

# ରୋଗୀଙ୍କୁ ଲୋଡ଼ା ସମର୍ଥନ

କିଡ୍‌ନୀ (ବୃକକ୍) ଆମ ଶରୀରର ଏକ ପ୍ରମୁଖ ଅଙ୍ଗ। ଦିନକୁ ଦିନ କିଡ୍‌ନୀ ସମସ୍ୟା ସହିତ ମୃତ୍ୟୁସଂଖ୍ୟା ବି ବଢ଼ୁଛି। ତେଣୁ ଏ ବିଷୟରେ ସଚେତନ କରିବା ଲାଗି ପ୍ରତିବର୍ଷ ମାର୍ଚ୍ଚ ୧୧ରେ ପାଳିତ ହେଉଛି ବିଶ୍ୱ କିଡ୍‌ନୀ ଦିବସ। ଚଳିତବର୍ଷ ପାଇଁ ଏହି ଦିବସ ଲାଗି ବିଷୟବସ୍ତୁ ହେଉଛି 'କିଡ୍‌ନୀ ରୋଗ ସହିତ ଉତ୍ତମ ଜୀବନଯାପନ'। କ୍ରନିକ୍ ବୃକକ୍ ରୋଗ (ସିକେଡି) ଏବଂ ତାର ମୃତ୍ୟୁହାର ସାରା ବିଶ୍ୱରେ ମୁଖ୍ୟ କାରଣ। ସିକେଡିର ମାନସିକ ଚାପରୁ ମୁକୁଳିବା ରୋଗୀ ଏବଂ ସେମାନଙ୍କ ପରିବାର ପାଇଁ ଏକ ଆହ୍ୱାନ। କିଡ୍‌ନୀ ରୋଗ ଏବଂ ଏହାକୁ ରୋକିବା ପାଇଁ ପଦକ୍ଷେପ ନେବା, ଡାଏଲିସିସ୍ ଏବଂ ପ୍ରତିରୋପଣ ଅପେକ୍ଷାରେ ଥିବା ରୋଗୀଙ୍କୁ ଶାରୀରିକ ଓ ମାନସିକ ସ୍ତରରେ ସମର୍ଥନ କରିବା ଉଚିତ। କୋଭିଡ୍ ମହାମାରୀ ଭଳି ଚ୍ୟାଲେଞ୍ଜ ସମୟରେ କିଡ୍‌ନୀ ରୋଗୀଙ୍କ ଯତ୍ନ ସମସ୍ତଙ୍କର ମିଳିତ ପ୍ରୟାସ ଦ୍ୱାରା ସମ୍ଭବ। ଦେଖାଯାଏ, କିଡନୀ ରୋଗର ପ୍ରଭାବ କିମ୍ବା ପର୍ଯ୍ୟାୟ ନିର୍ବିଶେଷରେ ଅଧିକାଂଶ ରୋଗୀ ଜୀବନଯାପନ ଯଥାସମ୍ଭବ ବଜାୟ ରଖିବାକୁ ଚାହାନ୍ତି ଏବଂ ସ୍ୱାସ୍ଥ୍ୟ ଉପରେ ନିୟନ୍ତ୍ରଣ କରିବାର ଭାବନା ରଖନ୍ତି। ତେଣୁ ଚଳିତବର୍ଷର ବିଷୟବସ୍ତୁ, ସମଗ୍ର ବିଶ୍ୱରେ ଜନସମୁଦାୟ, ବୃତ୍ତିଗତ ତଥା ନୀତି ନିର୍ଣ୍ଣୟକାରୀଙ୍କ ମଧ୍ୟରେ ପ୍ରତିଷେଧକ ବ୍ୟବସ୍ଥାଗୁଡିକର ଗୁରୁତ୍ୱ ବିଷୟରେ ସଚେତନତା ବୃଦ୍ଧି ପାଇଁ ଏକ ଆହ୍ୱାନ।

ରୋଗୀ ଏବଂ ପରିବାରର ପ୍ରତ୍ୟେକ ସଦସ୍ୟ, ଡାକ୍ତର, ପ୍ରତିରୋପଣ ସର୍ଜନ ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସେବା ଦଳର ସଦସ୍ୟଙ୍କ ସହିତ ଯତ୍ନର ସହ ଅନୁସନ୍ଧାନ କରିବା ଉଚିତ। ଉଦାହରଣସ୍ୱରୂପ, ଜଣେ ରୋଗୀ ଯିଏ ସ୍ଥିର କରିଛନ୍ତି ଯେ, ହେମୋଡାୟଲିସିସ୍ ହେଉଛି ସର୍ବୋତ୍ତମ ପସନ୍ଦ। ପରବର୍ତ୍ତୀ ସମୟରେ ଡାକ୍ତର ଏବଂ ସ୍ୱାସ୍ଥ୍ୟ ସେବାଦଳର ଅନ୍ୟ ସଦସ୍ୟଙ୍କ ସହ କଥା ହେବା ପରେ ପେରିଟୋନିଆଲ ଡାୟଲିସିସ କିମ୍ବା କିଡ୍‌ନୀ ପ୍ରତିରୋପଣ ବିଷୟରେ ସେ ବିଚାର କରିଥାନ୍ତି। ହେମୋଡାୟଲିସିସ୍ ଘରେ କରାଯାଇପାରେ ଏବଂ ଚିକିତ୍ସା ସପ୍ତାହରେ ଦୁଇରୁ ତିନିଥର ହୋଇଥାଏ।



## ବିଶ୍ୱ କିଡ୍‌ନୀ ଦିବସ ୨୦୨୧

### କର୍ମସ୍ଥଳକୁ କିପରି ଫେରିପାରିବେ

ଡାକ୍ତରଙ୍କ ସହ ଆଲୋଚନା କରିବା ପରେ ସେମାନେ ନିଜ କାର୍ଯ୍ୟକୁ ଫେରିବା ସମ୍ଭବ। ସେମାନେ ସାଧାରଣ ନିତ୍ୟକର୍ମକୁ ଫେରିବା ସହ ଅଧିକ ସନ୍ତୁଷ୍ଟ ମଧ୍ୟ ଅନୁଭବ କରନ୍ତି। କେତେକ କ୍ଷେତ୍ରରେ କାର୍ଯ୍ୟ ସମୟକୁ ମଧ୍ୟ ପରିବର୍ତ୍ତନ କରିବାକୁ ପଡ଼ିପାରେ। କିଡନୀ ପ୍ରତିରୋପଣ ରୋଗୀ ଅପରେସନ ପରେ କିଛି ସମୟ ବିଶ୍ରାମ ପରେ ନିଜ ବୃତ୍ତିଗତ ଜୀବନକୁ ଫେରିପାରିବେ।

ନିୟମିତ ଡାଏଲିସିସ୍ ଏବଂ ଏରିଥ୍ରୋପୋଇଏଟିନ ରୋଗୀ ମୃଦୁରୁ ମଧ୍ୟମ ବ୍ୟାୟାମ ଆରମ୍ଭ କରିପାରିବେ। ଦ୍ରୁତଗତିରେ ଚାଲିବା, ଡାକ୍ତରଙ୍କ ପରାମର୍ଶରେ ଏରୋବିକ୍ ବ୍ୟାୟାମକୁ ଦୈନନ୍ଦିନ ଜୀବନରେ ସାମିଲ କରିପାରିବେ। ପରିବାର ସଦସ୍ୟଙ୍କ ସହିତ ବ୍ୟାୟାମରେ ଅଧିକ ସୁଫଳ ମିଳିଥାଏ।

ଅନ୍ୟାନ୍ୟ କ୍ରନିକ ରୋଗ ପରି କିଡ୍‌ନୀ ବିଫଳତା ଆରମ୍ଭ ହେବା ସହିତ ଯୌନ କାର୍ଯ୍ୟକଳାପର ଇଚ୍ଛା ବଦଳିପାରେ। ଯୌନ ଅପାରଗତା କିଡନୀ ଫେଲ୍ ହେବା ଜଣେ ପୁରୁଷ ପାଇଁ ଏକ ମୁଖ୍ୟ ସମସ୍ୟା। ଏହା ହୁଏତ ଡାକ୍ତରୀ କାରଣ କିମ୍ବା ମାନସିକ କାରଣରୁ ହୋଇପାରେ। କିଡ୍‌ନୀ ଫେଲ୍ ପରେ କେତେଜଣ ପୁରୁଷ ଏବଂ ମହିଳାଙ୍କର ଯୌନ ସମସ୍ୟା ଦେଖାଦେଇଥାଏ। କିଡ୍‌ନୀ ପ୍ରତିରୋପଣ ପରେ ଅନେକାଂଶରେ ଏହି ସମସ୍ୟା ଦୂରୀଭୂତ ହୋଇଥାଏ।

କିଡ୍‌ନୀ ଫେଲ ମହିଳା, ଯେଉଁମାନେ ଡାଏଲିସିସ୍ ଉପରେ ନିର୍ଭରଶୀଳ, ସେମାନଙ୍କୁ ଗର୍ଭବତୀ ନ ହେବା ପାଇଁ ପରାମର୍ଶ ଦିଆଯାଏ। କାରଣ ଉଭୟ ଶିଶୁ ଏବଂ ମା' ପାଇଁ ବିପଦ ଆଶଙ୍କା ଥାଇପାରେ।

-ଡା. ସୁକାନ୍ତ କୁମାର ଦାସ,
ଡିଏମ୍ ନେଫ୍ରୋଲୋଜି, ଆମ୍ରି ହସ୍ପିଟାଲ,
ଭୁବନେଶ୍ୱର, ମୋ- ୮୮୯୫୨୨୨୩୨୨

## ଭଙ୍ଗା ସାମଗ୍ରୀରୁ 'ରାଫେଲ'

**ପାଟଣା:** ସମସ୍ତିପୁରର ରେଳକର୍ମଚାରୀ ଭଙ୍ଗାରୁଜା ସାମଗ୍ରୀରୁ 'ରାଫେଲ' ଏବଂ ପୃଥ୍ୱୀ ମିସାଇଲ ତିଆରି କରିଛନ୍ତି। ସମସ୍ତିପୁରସ୍ଥିତ ରେଳ ଯନ୍ତ୍ରପାତି ତିଆରି କାରଖାନାରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ଏହି କଳାକୃତିକୁ ବିଭିନ୍ନ ମହଲରେ ପ୍ରଶଂସା କରାଯିବା ସହ ଆକର୍ଷଣ କେନ୍ଦ୍ରବିନ୍ଦୁ ପାଲଟିଛି। ସମସ୍ତିପୁରର ମୁଖ୍ୟ କାରଖାନା ପ୍ରବନ୍ଧକଙ୍କ ମାର୍ଗଦର୍ଶନରେ ପୁରୁଣା ସାମଗ୍ରୀ(ସ୍କ୍ରାପ)ରୁ ରେଳକର୍ମଚାରୀମାନେ ରାଫେଲ ପରି ଲଢୁଆ ବିମାନ ତିଆରି କରିଛନ୍ତି। ଏହା ସହ ପୃଥ୍ୱୀ କ୍ଷେପଣାସ୍ତ୍ରର ମଡେଲ ମଧ୍ୟ ତିଆରି କରିଛନ୍ତି। ପ୍ରାୟ ୫ ଫୁଟ ଲମ୍ବ ଏବଂ ୨୦ କିଲୋଗ୍ରାମ ଓଜନର ରାଫେଲ ବିମାନ ତିଆରି କରିବାକୁ କର୍ମଚାରୀଙ୍କୁ ୭ ଦିନ ସମୟ ଲାଗିଥିଲା। କାରଖାନାର ମୁଖ୍ୟ ପ୍ରବନ୍ଧକ ପ୍ରକାଶ କୁହନ୍ତି, ରେଳ କର୍ମଚାରୀମାନେ ବେକାର ହୋଇ ପଡ଼ିଥିବା ସାମଗ୍ରୀରେ ଦେଶଭକ୍ତି ସହ ଜଡ଼ିତ କଳାକୃତି ତିଆରି କରିବାରେ ମାହିର ଅଟନ୍ତି। ସେମାନେ ଡ୍ୟୁଟି ସରିବା ପରେ ଏହି କାମରେ ନିଜକୁ ନିୟୋଜିତ କରିଥିଲେ।




CLASSIFIED DISPLAY
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

SMS JOB BUSINESS
Send SMS, Earn Money
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ବିଜ୍‌ନେସ କରି ମାସକୁ 15000/- ରୁ 45000/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + 5000/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

DHANLAXMI FINANCE
(Reg. No. Reg.No.U65910CT1970)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୮୨ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭଡା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
9499135756

BINODAYA FINANCE
ପ୍ରପର୍ଟି, ପର୍ସନାଲ, ମାର୍କସିଟ୍, ବ୍ୟବସାୟ, କୃଷି, ଗୃହଋଣ, ଗାଈପାଳନ ଓ କୁକୁଡ଼ା ପାଳନ ଇତ୍ୟାଦି ସମସ୍ତ ପ୍ରକାର LOAN ଘରେ ବସି ପାଆନ୍ତୁ, ସୁଧ = 2%
M=9437925782
M=9437927381
ABASING, TALAMUNDA, GAJAPATI

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ନୂଆ ସିନେମା

# ପ୍ରେମୀ ଆୱାରା


ଓମ୍କାର- ଅଙ୍କିତା

**ପ୍ରେ**ମରେ ପାଗଳପଣ ଅଛି। ଏହି ମାୟାରେ ପଡ଼ିଗଲେ ସାରା ଦୁନିଆ ରଙ୍ଗିନ ଲାଗେ। ପ୍ରେମରେ ଜଣେ ପ୍ରେମିକ କେତେ ପାଗଳ ହୋଇପାରେ ତାହାକୁ ଆଧାର କରି ନିର୍ମାଣ ହେବାକୁ ଯାଉଛି ନୂଆ ଓଡ଼ିଆ ସିନେମା 'ପ୍ରେମୀ ଆୱାରା'। ଅନନ୍ୟା ଏଣ୍ଟରଟେନମେଣ୍ଟ ବ୍ୟାନରରେ ଏବଂ ଏଲଟି ପ୍ରଡକ୍ସନ ସହାୟତାରେ ଏହାର ମହୁରତ ମାର୍ଚ୍ଚ ୧୦ରେ ଅନୁଷ୍ଠିତ ହୋଇଯାଇଛି। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ପ୍ରତିଭା ଆଚାର୍ଯ୍ୟ ଏବଂ ଲାଇନ୍ ପ୍ରଯୋଜକ ସହ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଉଛନ୍ତି ଆଗଧାଡ଼ିର କୋରିଓଗ୍ରାଫର ଯୋଡ଼ି ଲୁବୁନ୍-ଟୁବୁନ୍। ସଞ୍ଜୟ ମହାକୁଳ ସଂଳାପ ରଚନା କରିଥିବା ବେଳେ ଡ. ନିର୍ମଳ ନାୟକଙ୍କ ରଚିତ ଗୀତଗୁଡ଼ିକର ସ୍ୱର ସଂଯୋଜନା କରିଛନ୍ତି ଅଭିଜିତ ମଜୁମଦାର। ଚଳଚ୍ଚିତ୍ରର ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି ଓମ୍କାର, ଅଙ୍କିତା, ଟନିଆ, ସରୋଜ ଦାସ, କାଳିଆ, ରିସ୍ନା ପ୍ରମୁଖ କଳାକାର।



# ପ୍ରସ୍ତୁତ ହେଉଛନ୍ତି ସୋନମ୍

**ସୋ**ନମ୍ କପୁର ଏବେ ଲଣ୍ଡନରେ ଡେରା ପକାଇଛନ୍ତି। କେବଳ ସେତିକି ନୁହେଁ, ଏବେ ଶୁଟିଂ ପାଇଁ ସଜବାଜ ହେଉଛନ୍ତି। କଥା କ'ଣ କି, ପ୍ରସ୍ତୁତ ହେବାକୁ ଯାଉଥିବା ହଲିଉଡ୍ ସିନେମା 'ବ୍ଲାଇଣ୍ଡ'ରେ ସୋନମ୍ ଅଭିନୟ କରିବାକୁ ଚୁକ୍ତିବଦ୍ଧ ହୋଇଛନ୍ତି। ଖୁବ୍ ଶୀଘ୍ର କୋଭିଡ୍ ଗାଇଡ୍ ଲାଇନ୍ ଅନୁସାରେ ଏହାର ଶୁଟିଂ ଆରମ୍ଭ ହେବାକୁ ଯାଉଛି। ଏ ସମ୍ପର୍କରେ ସୋନମ କହନ୍ତି, 'ଏହି ଫିଲ୍ମର ଶୁଟିଂ ଏପ୍ରିଲ ଦ୍ୱିତୀୟ ସପ୍ତାହରୁ ଆରମ୍ଭ ହେବାର ଯୋଜନା ରହିଛି। ତେଣୁ ମୋତେ ଏ ନେଇ ପ୍ରସ୍ତୁତ ହେବାକୁ ପଡୁଛି। ତା'ସହ ମୋ ପ୍ରଶଂସକଙ୍କ ସହିତ ସମ୍ପର୍କ ରଖିବାକୁ ମୋତେ ସୋସିଆଲ୍ ମିଡିଆରେ ଆକ୍ଟିଭ ରହିବାକୁ ପଡୁଛି।' ଏହି ନୂଆ ଫିଲ୍ମଟି ଚଳିତ ବର୍ଷ ଶେଷ ଭାଗରେ ରିଲିଜ ହେବାର ଯୋଜନା ରହିଛି।

# ଅବସର ମିଳିଲେ..


ତମନ୍ନା

**ଯେ**ତେବେଳେ ସେ ଆକ୍ଟିଂ ଦୁନିଆରେ ଏଣ୍ଟ୍ରି କଲେ ପ୍ରଥମ ସିନେମାଟି ଫ୍ଲପ୍ ହୋଇଥିଲା। କିନ୍ତୁ ସେହି ସମୟରେ ସେ ଭାଙ୍ଗି ପଡ଼ି ନ ଥିଲେ। ଦୃଢ଼ ମନୋବଳ ସହ ଆଗେଇବାକୁ ନିଷ୍ପତ୍ତି ନେଇଥିଲେ। ଆଉ ସେହି ପରିଶ୍ରମର ମଧୁର ଫଳ ମଧ ତାଙ୍କୁ ମିଳିଛି। ବର୍ତ୍ତମାନ ସେ ତେଲୁଗୁ ସିନେମା ଜଗତରେ ଜଣେ ପରିଚିତା ଅଭିନେତ୍ରୀ। ସେ ହେଲେ ତମନ୍ନା ଭାଟିଆ। ତାଙ୍କୁ ଯେତେବେଳେ ଅବସର ମିଳେ ସେ କ'ଣ କରନ୍ତି ଜାଣନ୍ତି? ବୁଲିବା, ଶପିଂ କରିବା ବ୍ୟତୀତ ଦୁଇଟି ଜିନିଷରେ ସେ ଅଧିକ ମନୋନିବେଶ କରିଥାଆନ୍ତି। ତାହା ହେଲା ଜିମ୍ ଯିବା ଏବଂ ବହି ପଢ଼ିବା। ଏ ନେଇ ତମନ୍ନା କହନ୍ତି, 'ମୋତେ ଅବସର ମିଳିଲେ ମୁଁ ସେହି ସମୟକୁ ଅଯଥାରେ ନଷ୍ଟ କରିବାକୁ ପସନ୍ଦ କରି ନ ଥାଏ। ଖାସ୍ କଥା ହେଲା, ନିଜର ଫିଟ୍‌ନେସକୁ ନେଇ ମୁଁ ସବୁବେଳେ ସଚେତନ। ତେଣୁ ଅବସର ମିଳିବା ମାତ୍ରେ ମୁଁ ଜିମ୍‌ରେ ହିଁ ଅଧିକ ସମୟ କଟାଏ। ତା' ସହ ନାମୀ ଲେଖକଙ୍କ ରଚିତ ବହି ପଢ଼ିଥାଏ।' ତମନ୍ନାଙ୍କ ଅଭିନୀତ ପ୍ରଥମ ସିନେମା (ତେଲୁଗୁ) ଥିଲା 'ଶ୍ରୀ'। ହେଲେ ସେ ଅଭିନୟ କରିଥିବା ପ୍ରଥମ ତାମିଲ ଫିଲ୍ମ 'କେଡି' ବକ୍ସ ଅଫିସରେ ଫ୍ଲପ୍ ହୋଇଥିଲା। ସୂଚନାଯୋଗ୍ୟ, ତମନ୍ନାଙ୍କର ଆକ୍ଟିଂ କ୍ୟାରିୟର ଆରମ୍ଭ ହୋଇଥିଲା ଯେତେବେଳେ ତାଙ୍କୁ ହୋଇଥିଲା ମାତ୍ର ୧୩ ବର୍ଷ ଏବଂ ସେତେବେଳେ ସେ ସ୍କୁଲରେ ପଢୁଥିଲେ।

## ଅଭିଷେକ ଯାହା ଚାହୁଁଥିଲେ..

**ସ**ବୁ କଳ୍ପନା ଜଳ୍ପନାର ଅନ୍ତ ଘଟିଛି। କୋଭିଡ୍ ପାଇଁ ରିଲିଜ ବିଳମ୍ବ ହୋଇଥିଲା। ହେଲେ ଶେଷରେ ମୁକ୍ତିଲାଭ ତାରିଖ ଉପରେ ଶେଷ ମୋହର ମାରିଛନ୍ତି ପ୍ରଯୋଜନା ସଂସ୍ଥା। ହଁ, ନୂଆ ଓଡ଼ିଆ ସିନେମା 'ତୁମେ ମୋ ଶଙ୍ଖା ତୁମେ ମୋ ସିନ୍ଦୂର' ଆସନ୍ତା ମାସ ଅର୍ଥାତ ଏପ୍ରିଲ ୧ରେ ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ଘୋଷଣା କରାଯାଇଛି। ଖାସ୍ କଥା ହେଲା ଏହା ପୂର୍ବରୁ ଉକ୍ତ ସିନେମାର ନାୟକ ଅଭିଷେକ ରଥ ଯାହା ଆକଳନ କରିଥିଲେ ତାହା ସତ ହୋଇଛି। ବନସ୍ୱର୍ଣ୍ଣ ଟେଲିଭିଜନ ପ୍ରା.ଲି. ବ୍ୟାନରରେ ନିର୍ମିତ ଏହି ସିନେମାରେ ପାରିବାରିକ ଏବଂ ଓଡ଼ିଆ ସଂସ୍କୃତିର ଝଲକ ରହିଛି। ବିଶେଷଭାବରେ ଏଥିରେ ନିଜ ଭୂମିକାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି ଅଭିଷେକ। ତାଙ୍କ ସହ ଅଛନ୍ତି ଦୁଇଜଣ ନାୟିକା-ଅଙ୍କିତା ଏବଂ ମହିମା। ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମଦାର ଏବଂ କଣ୍ଠଦାନ କରିଛନ୍ତି ହ୍ୟୁମନ ସାଗର, ସ୍ୱୟମ୍ ପାଢ଼ୀ, ଇରା ମହାନ୍ତି, ରୋଜାଲିନ୍, ନେହା ଓ ନୀହାରିକା। ବଦ୍ରିନାଥ ପଟ୍ଟନାୟକଙ୍କ ପ୍ରଯୋଜିତ ଏହି ସିନେମାର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ରଣଜିତ ବାରିକ। ରୋମାନ୍ସ, ଫ୍ୟାମିଲି ଡ୍ରାମା ଓ ଆଇଟମ ନମ୍ବର ତଡ଼କା ଥିବା ଏହି ଫିଲ୍ମଟି ୨୫ଟି ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ ବୋଲି ସୂଚନା ଦେଇଛନ୍ତି ଏହାର କ୍ରିଏଟିଭ ହେଡ୍ ପ୍ରଣୟ ଜେଠୀ।




## ଅନନ୍ୟାଙ୍କ ନୀରବତା

**ଅ**ନନ୍ୟା ପାଣ୍ଡେଙ୍କ ନୀରବତାକୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। ନିଜର ଆକ୍ଟିଂ କ୍ୟାରିୟରକୁ ନେଇ ବେଶ୍ ମାପିଚୁପି କଥାବାର୍ତ୍ତା କରୁଛନ୍ତି। ହେଲେ ଗୋଟିଏ କଥାକୁ ନେଇ ତାଙ୍କର ନୀରବତା ଆଲୋଚନା ପାଇଁ ବେଶ୍ ଖୋରାକ ଯୋଗାଇଛି। କଥା କ'ଣ କି ଅନନ୍ୟା କୁଆଡ଼େ ଏବେ ରୋମାନ୍ସରେ ମାତିଛନ୍ତି। ପୁଣି ଜଣେ ବିଦେଶୀ ପ୍ରେମିକଙ୍କ ସହ। ଯେତେବେଳେ ଏହି କଥା ତାଙ୍କ କାନରେ ବାଜିଲା ସେ ଏ ସମ୍ପର୍କରେ ସଫେଇ ଦେବାକୁ ନାରାଜ। ''ଯେଉଁ କଥାର ଆଦୌ କିଛି ମୂଲ୍ୟ ହିଁ ନାହିଁ ତାକୁ ନେଇ ମୁଁ କିଛି ସଫେଇ ଦେବାକୁ ଚାହେଁନା। ଯେଉଁମାନେ ମୋତେ ନେଇ ଏପରି ଗୁଜବ ସୃଷ୍ଟି କରିଛନ୍ତି ସେମାନେ ଏ ନେଇ ଉତ୍ତର ଦେଇପାରିବେ। କାରଣ ଏବେ ମୁଁ ଅଭିନୟ ବ୍ୟତୀତ ଆଉ କୌଣସି କଥା ଚିନ୍ତା କରୁନାହିଁ ବୋଲି କହନ୍ତି ଅନନ୍ୟା।''


ଅନନ୍ୟା

## ପରଦାରେ ତାଣ୍ଡବ




**ମ**ହାଦେବ ଫିଲ୍ମସ ବ୍ୟାନରରେ ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା 'ତାଣ୍ଡବ'। ଫିଲ୍ମଟି ଶିବରାତ୍ରି ଅବସରରେ ପରଦା ଉପରକୁ ଆସୁଛି। ପ୍ରତିଶୋଧ ନେବାକୁ ଜଣେ ଯୁବକ କେତେ ଦୃଢ଼ମନା ହୋଇପାରେ ତାହାକୁ ଆଧାର କରି କାହାଣୀ ଗତିଶୀଳ। ଚିତ୍ରର ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ଦେବାଶିଷ ପତି ଏବଂ ତାଙ୍କ ସହ ନାୟିକା ଭାବରେ ଅବତୀର୍ଣ୍ଣ ହୋଇଛନ୍ତି ଚନ୍ଦ୍ରାଣୀ। ସନ୍ଦୀପ ସାହୁଙ୍କ ପ୍ରଯୋଜନାରେ ଏହାର ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ଦେଇଛନ୍ତି ପୃଥ୍ୱୀରାଜ ପଟ୍ଟନାୟକ। ପ୍ରବୀଣ କୁମାର ଏବଂ ରାକେଶ ଦାଶଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅଗ୍ନିରାଜ କିଶୋର। ଦେବାଶିଷ ଏବଂ ଚନ୍ଦ୍ରାଣୀଙ୍କ ବ୍ୟତୀତ ଅନୀଷା ଶର୍ମା, ମିହିର ଦାସ, ମନୋଜ ମିଶ୍ର, ପୁଷ୍ପା ପଣ୍ଡା ପ୍ରଭୃତି କଳାକାରଙ୍କୁ ଏଥିରେ ଦେଖିବାକୁ ମିଳିବ।

## ଅଭିନୟ ମୋ ପାଇଁ ଚ୍ୟାଲେଞ୍ଜ

**ଏକାଧାରରେ ସେ ପ୍ରଯୋଜକ ଏବଂ ଅଭିନେତା। ଶୁଭମୁକ୍ତି ଅପେକ୍ଷାରେ ଥିବା ଓଡ଼ିଆ ଚଳଚ୍ଚିତ୍ର 'ବାଲୀ'ର ପ୍ରଯୋଜକ ତଥା ନାୟକ ସୂର୍ଯ୍ୟକାନ୍ତ ସାମଲ...**

**ଓ**ଡ଼ିଆ ସିନେମା ଦେଖିବା ପରେ ମୁଁ ପ୍ରଥମେ ଅଭିନୟ ପ୍ରତି ଆକର୍ଷିତ ହୋଇଥିଲି। ଥରେ ଏକ କାହାଣୀ ବିଷୟରେ ଚିନ୍ତା କରୁଥିବା ବେଳେ ଚଳଚ୍ଚିତ୍ର ନିର୍ମାଣ କରିବା ବିଷୟ ମୋ ମନକୁ ଆସିଥିଲା। ତା'ପରେ ଏକ ସାମ୍ପ୍ରତିକ କାହାଣୀକୁ ଆଧାର କରି 'ଗୁଡ୍ଡୁ ଆଣ୍ଡ ଗୁଡ୍ଡୀ' ନିର୍ମାଣ କରିଥିଲି। ଅସଲ କଥା ହେଲା ପ୍ରତ୍ୟେକ ଦିନ କିଛି ନା କିଛି ଘଟଣା ଘଟୁଛି। ତାହାକୁ ଆଧାର କରି ଭଲ ସିନେମାଟିଏ ନିର୍ମାଣ କରାଯାଇ ପାରିବ। ଏକ ବସ୍ତିରେ ଘଟୁଥିବା ଘଟଣା ଉପରେ ମୋ ନୂଆ ସିନେମା କାହାଣୀ ଆଧାରିତ। ଏଥିରେ ମୁଁ ଏକ ଚାଲେଞ୍ଜିଂ ଭୂମିକାରେ ଅବତୀର୍ଣ୍ଣ ହୋଇଛି। ଏହାର କାହାଣୀ, ଉପସ୍ଥାପନା, ସଙ୍ଗୀତ, ସଂଳାପ ପ୍ରତି ଯଥେଷ୍ଟ ଧ୍ୟାନ ଦିଆଯାଇଛି। ଆଉ ଏକ କଥା-ଏବେ ଓଡ଼ିଆ ସିନେମା ପ୍ରତି ଦର୍ଶକଙ୍କର ଆଗ୍ରହ କମି କମି ଯାଉଛି ବୋଲି ଆଲୋଚନା ହେଉଛି। ହେଲେ ସିନେମା ନିର୍ମାଣ ସମୟରେ ସବୁ ଦିଗ ପ୍ରତି ଦୃଷ୍ଟି ଦେଲେ ଆମେ ନିଶ୍ଚୟ ମନଲାଖି ଅର୍ଥାତ୍ ଦେଖିବାଯୋଗ୍ୟ ଓଡ଼ିଆ ସିନେମା ପ୍ରସ୍ତୁତ କରିପାରିବା ବୋଲି କହନ୍ତି ସୂର୍ଯ୍ୟକାନ୍ତ।



# ରେଲୱେ, ରାଇଜିଂ ଷ୍ଟୁଡେଣ୍ଟ ବିଜୟୀ

**ଭୁବନେଶ୍ୱର, ୧୦।୩(କ୍ରୀଡ଼ା ପ୍ରତିନିଧି)**

ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ଚାଲିଥିବା ଓଡ଼ିଶା ଓମେନ୍ସ ଲିଗ୍ (ଓଡବ୍ଲ୍ୟୁଏଲ୍)ରେ ବୁଧବାର ୩ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ଇଷ୍ଟକୋଷ୍ଟ ରେଲୱେ, ରାଇଜିଂ ଷ୍ଟୁଡେଣ୍ଟ ବିଜୟୀ ହୋଇଥିବାବେଳେ ସାଇ-ଏସ୍‌ଟିସି ଓ ସ୍ପୋର୍ଟ୍ସ ହଷ୍ଟେଲ ମଧ୍ୟରେ ମ୍ୟାଚ ଡ୍ର ରହିଛି।

### ଓଡ଼ିଶା ଓମେନ୍ସ ଲିଗ୍ ଫୁଟ୍‌ବଲ



ଓଡ଼ିଶା ପୋଲିସ ଓ ଇଷ୍ଟକୋଷ୍ଟ ରେଲ୍‌ୱେ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ସାଇ-ଏସ୍‌ଟିସି ଓ ସ୍ପୋର୍ଟ୍ସ ହଷ୍ଟେଲ ମ୍ୟାଚ ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲା। ତେବେ ଶେଷରେ ମ୍ୟାଚ ୨-୨ ଗୋଲରେ ଡ୍ର ରହିଥିଲା। ସ୍ପୋର୍ଟ୍ସ ହଷ୍ଟେଲ ପକ୍ଷରୁ ମନୀଷା ନାୟକ ୨୯ ଓ ୬୩ ତମ ମିନିଟରେ ଏବଂ ସାଇ-ଏସ୍‌ଟିସିର ଦୀପା ନାୟକ ୩୬ ଓ ୫୨ତମ ମିନିଟରେ ୨ଟି ଲେଖାଏ ଗୋଲ ସ୍କୋର କରିଥିଲେ। ଏକଦା ପଛୁଆ ଥିବା ସାଇ-ଏସ୍‌ଟିସି ଦୀପାଙ୍କ ଡବଲ ଗୋଲ ବଳରେ ଅଗ୍ରଣୀ ନେଇଥିବାବେଳେ ମନୀଷାଙ୍କ ଲଢୁଆ ପ୍ରଦର୍ଶନ ଯୋଗୁ ସ୍ପୋର୍ଟ୍ସ ହଷ୍ଟେଲ ମ୍ୟାଚ ଡ୍ର ରଖିବାରେ ସକ୍ଷମ ହୋଇଥିଲା। ସେଥିପାଇଁ ମନୀଷାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ରେଫରି ବିଷ୍ଣୁପ୍ରିୟା ଦାସ, ଲିଙ୍ଗରାଜ ପ୍ରଧାନ, ଅମିରା ପ୍ରଧାନ ଓ ସୁଲତାନା ପରବିନ ମ୍ୟାଚ ପରିଚାଳନା କରିଥିଲେ। ସୁଦୀପ୍ତା ଦାଶ ମ୍ୟାଚ କମିଶନର ଥିଲେ।

କ୍ୟାପିଟାଲ ହାଇସ୍କୁଲ ପଡ଼ିଆରେ ୨ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚରେ ଇଷ୍ଟକୋଷ୍ଟ ରେଲୱେ ୧-୦ ଗୋଲରେ ଓଡ଼ିଶା ପୋଲିସକୁ ପରାସ୍ତ କରିଥିଲା। ମ୍ୟାଚରେ ଓଡ଼ିଶା ପୋଲିସ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ ହେଁ ୮୧ତମ ମିନିଟରେ ରେଲୱେ ଦଳର ସୋନାଲି ବେହେରା ସ୍କୋର କରିଥିବା ଗୋଲଟି ନିର୍ଣ୍ଣାୟକ ହୋଇଥିଲା। ଆକର୍ଷଣୀୟ ପ୍ରଦର୍ଶନ ପାଇଁ ମୋନିକା ମିଞ୍ଜଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ମିଳିଥିଲା। ରେଫରି ଦୁର୍ଗାମାଧବ ଆଚାର୍ଯ୍ୟ, ଦିଗ୍‌ବିଜୟ ଦାସ, ଲକ୍ଷ୍ମୀପ୍ରସାଦ ନାଇଡୁ ଓ ଚିତ୍ରାମ୍ବଦା ପାତ୍ର ମ୍ୟାଚ ପରିଚାଳନା କରିଥିଲେ। ଦୁର୍ଗା ମାଧବ ନାଏକ ମ୍ୟାଚ କମିଶନର ଥିଲେ। ଏଠାରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ରାଇଜିଂ ଷ୍ଟୁଡେଣ୍ଟ କ୍ଲବ ୪-୦ ଗୋଲରେ ଓଜିପି କ୍ଲବକୁ ହରାଇ ଦେଇଛି। ବିଜୟୀ ଦଳ ପକ୍ଷରୁ ଯଶୋଦା ମୁଣ୍ଡା ୫ ଓ ୧୦ମ ମିନିଟରେ ୨ଟି ଏବଂ କାମିନୀ ମୁଣ୍ଡା ୫୧ ଓ ସୁମିତ୍ରା ଖାଲ୍‌କୋ ୫୫ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଯଶୋଦାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ରେଫରି ଚନ୍ଦ୍ରକାନ୍ତ ବାରିକ, ବିଷ୍ଣୁପ୍ରିୟା, ସୁଲତାନା, ଲିଙ୍ଗରାଜ ମ୍ୟାଚ ପରିଚାଳନା କରିଥିଲେ। ଦୁର୍ଗାମାଧବ ମ୍ୟାଚ କମିଶନର ଏବଂ ସୁଦୀପ୍ତା ରେଫରି ଆସେସର ଦାୟିତ୍ୱ ନିର୍ବାହ କରିଥିଲେ। ୧୧ ଓ ୧୨ ତାରିଖ ବିଶ୍ରାମ ଦିବସ ଥିବାବେଳେ ୧୩ ତାରିଖରେ ଓଡ଼ିଶା ପୋଲିସ-ଓଜିପି, ଇଷ୍ଟକୋଷ୍ଟ ରେଲୱେ-ସ୍ପୋର୍ଟ୍ସ ହଷ୍ଟେଲ ଏବଂ ସାଇ ଏସ୍‌ଟିସି-ରାଇଜିଂ ଷ୍ଟୁଡେଣ୍ଟ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।

# ସବ୍‌ଜୁନିୟର ହକି: ଓଡ଼ିଶାର ବୃହତ୍ ବିଜୟ

**ଭୁବନେଶ୍ୱର, ୧୦।୩(କ୍ରୀଡ଼ା ପ୍ରତିନିଧି)**



ଓଡ଼ିଶା ସବ୍‌ଜୁନିୟର ମହିଳା ହକି ଦଳ।

ଝାଡ଼ଖଣ୍ଡର ସିମ୍‌ଡେଗାରେ ବୁଧବାର ଆରମ୍ଭ ହୋଇଥିବା ହକି ଇଣ୍ଡିଆ ଜାତୀୟ ସବ୍‌ଜୁନିୟର ମହିଳା ହକି ଚାମ୍ପିୟନଶିପ୍‌ରେ ଓଡ଼ିଶା ବୃହତ୍ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ପ୍ରଥମ ମ୍ୟାଚରେ ଓଡ଼ିଶା ୬-୧ ଗୋଲରେ ଛତିଶଗଡ଼କୁ ପରାସ୍ତ କରିଛି। ଦଳ ପକ୍ଷରୁ ଅମିଶା ଏକ୍କା ୧୫ ଓ ୨୫ତମ ମିନିଟରେ ୨ଟି ଗୋଲ ଦେଇଥିବାବେଳେ ଜ୍ୟୋତି ଖାଖା ୮ମ, ରମ୍ଭା କୁଜୁର ୪୩, ସୁରେଖା ବାହାଲା ୪୬ ଓ ଦୀପିକା ବାରୱା ୪୭ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଏଞ୍ଜିଲ ହର୍ଷରାଣୀ ମିଞ୍ଜ, ଅମିଶା କୁଲୁ, ସୋନାଲି ଏକ୍କା, ରୋଜେମାରି ଖାଲ୍‌କୋ, ନିଶା ଦାଦେଲ, ବିନତି ମିଞ୍ଜ, ପ୍ରେମଶୀଳା ବାଗେ, ଦୀପିକା ବାରୱା, କରୁଣା ମିଞ୍ଜ, ସୁରେଖା ବାହାଲା, ଅମିଶା ଏକ୍କା, ପ୍ରିୟଙ୍କା କୁଜୁର, ଜ୍ୟୋତି ଖାଖା, ଆନନ୍ଦିତା ଟପ୍ପୋ, ରମ୍ଭା କୁଜୁର, ମୋନିକା ତିର୍କୀ, ରେଶମା ଟପ୍ପୋ, କନିକା କେର୍କେଟା ପ୍ରମୁଖ ଓଡ଼ିଶା ଦଳର ସଦସ୍ୟା ରହିଛନ୍ତି। ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚ ୧୨ ତାରିଖରେ ହିମାଚଳ ପ୍ରଦେଶ ବିପକ୍ଷରେ ଖେଳିବ।




# କେରଳ-ରେଲୱେ ମହିଳା ଫାଇନାଲ



ଅତିଥିଙ୍କ ଗହଣରେ କେରଳ ମହିଳା ଭଲିବଲ୍ ଦଳ।

**ଭୁବନେଶ୍ୱର, ୧୦।୩ (କ୍ରୀଡ଼ା ପ୍ରତିନିଧି)**

କିଟ୍‌ର ବିଜୁପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ୬୯ତମ ଜାତୀୟ ସିନିୟର ଭଲିବଲ୍ ଚାମ୍ପିୟନଶିପ୍‌ର ମହିଳା ବିଭାଗ ଫାଇନାଲରେ କେରଳ ଓ ରେଲୱେ ମଧ୍ୟରେ ମୁକାବିଲା ହେବ। ବୁଧବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ କେରଳ ୩-୦ ସେଟ୍‌ରେ ହିମାଚଳ

### ଜାତୀୟ ସିନିୟର ଭଲିବଲ୍

ପ୍ରଦେଶ ଏବଂ ଦ୍ୱିତୀୟ ସେମିଫାଇନାଲରେ ରେଲୱେ ସମାନ ବ୍ୟବଧାନରେ ପଶ୍ଚିମବଙ୍ଗକୁ ପରାସ୍ତ କରିଛି। ଫଳରେ ପରାଜିତ ଦୁଇ ସେମିଫାଇନାଲିଷ୍ଟ ଦଳ ମଧ୍ୟରେ ହାର୍ଡ ଲାଇନ୍ ମ୍ୟାଚ ଅନୁଷ୍ଠିତ ହେବ। ପୂର୍ବରୁ ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ କେରଳ ୩-୦ରେ କର୍ଣ୍ଣାଟକ, ହିମାଚଳ ପ୍ରଦେଶ ୩-୧ରେ ମହାରାଷ୍ଟ୍ର, ପଶ୍ଚିମବଙ୍ଗ ୩-୦ରେ ଦିଲ୍ଲୀ ଓ ରେଲୱେ ୩-୦ରେ ଚଣ୍ଡିଗଡ଼କୁ ହରାଇ ସେମିଫାଇନାଲରେ ପ୍ରବେଶ କରିଥିଲେ।

### ପୁରୁଷରେ ହରିୟାଣା-ଆସାମ

ପୁରୁଷ ବିଭାଗ ଫାଇନାଲରେ ହରିୟାଣା ଓ ଆସାମ ମଧ୍ୟରେ ମୁକାବିଲା ହେବ। ପ୍ରଥମ ସେମିଫାଇନାଲରେ ହରିୟାଣା ୩-୧ ସେଟ୍‌ରେ ରେଲୱେକ ଏବଂ ଦ୍ୱିତୀୟ ସେମିରେ ଆସାମ ୩-୨ରେ କେରଳକୁ ପରାସ୍ତ କରିଛି। ତୃତୀୟ ସ୍ଥାନ ପାଇଁ ରେଲୱେ ଓ କେରଳ ମଧ୍ୟରେ ମ୍ୟାଚହେବ। କ୍ୱାର୍ଟର ଫାଇନାଲ ଗୁଡ଼ିକରେ ରେଲୱେ ୩-୦ରେ କର୍ଣ୍ଣାଟକ, ହରିୟାଣା ୩-୦ରେ ତାମିଲନାଡ୍ରୁ, ଆସାମ ୩-୨ରେ ସର୍ଭିସେସ ଏବଂ କେରଳ ୩-୦ରେ ରାଜସ୍ଥାନକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଥିଲା।

# ତିନି ଫର୍ମାଟରେ ହେବ କଳାହାଣ୍ଡି କପ୍

**ଭୁବନେଶ୍ୱର, ୧୦।୩(କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା କ୍ରିକେଟ ଆସୋସିଏଶନର ଏକ ବୈଠକ ବୁଧବାର କନ୍‌ଫରେନ୍ସ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା କ୍ରିକେଟର ଭବିଷ୍ୟତ ରୋଡ୍‌ମ୍ୟାପ ଏବଂ ଘରୋଇ କଳାହାଣ୍ଡି କପ୍‌ର ଫର୍ମାଟ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ କଳାହାଣ୍ଡି କପ୍ ୩ ଫର୍ମାଟରେ ହେବାକୁ ନିଷ୍ପତ୍ତି ହୋଇଛି। ଏହାର ଲିଗ୍ ପର୍ଯ୍ୟାୟ ୨ ଦିନ ବିଶିଷ୍ଟ ହେବ। ସୁପରଲିଗ୍ ମ୍ୟାଚ ୩ ଦିନଧରି ହେବାକୁ ଥିବାବେଳେ ଫାଇନାଲ ୪ ଦିନ ବିଶିଷ୍ଟ ହେବ। ବୈଠକରେ ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା, ଅକ୍ଷୟ କୁମାର ସାମନ୍ତ, ମେହତାବ ଖାଁ, ବିକାଶ ପ୍ରଧାନ, ସୁଭାଶିଷ ସେନାପତି, ଅବକାଶ ଖଟୁଆ, ରଶ୍ମିତା ମହାନ୍ତି, ଶିବସୁନ୍ଦର ଦାସ, ସଞ୍ଜୟ ରାଉଳ, ପ୍ରଶାନ୍ତ ମହାପାତ୍ର, ପ୍ରଭଞ୍ଜନ ମଲିକ, ଆର. ଶ୍ରୀକାନ୍ତ, ଧୀରେନ ପଲେଇ, ସନ୍ତୋଷ ଦାସ, ଅଞ୍ଜନ କୁମାର ଖୁଣ୍ଟିଆ, ସୁବ୍ରତ କୁମାର ବେହେରା, ଶୁଭାଶିଷ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।




# ଦ୍ୱିତୀୟ ସ୍ଥାନରେ ଭାରତ

**ଦୁବାଇ, ୧୦।୩(ପି.ଟି.)**

ବୁଧବାର ପ୍ରକାଶିତ ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ୍ (ଆଇସିସି) ଟି୨୦ ର୍‍ୟାଙ୍କିଙ୍ଗ୍‌ରେ ଭାରତ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଭାରତର ପଏଣ୍ଟ ୨୬୮ରେ ପହଞ୍ଚିଥିବାବେଳେ ୭ ପଏଣ୍ଟ ଆଗରେ ରହି ଇଂଲଣ୍ଡ ଶୀର୍ଷସ୍ଥାନ ବଜାୟ ରଖିଛି। ର୍‍ୟାଙ୍କିଙ୍ଗ୍‌ର ଦୁଇ ଶୀର୍ଷ ସ୍ଥାନୀୟ ଦଳ ଭାରତ ଓ ଇଂଲଣ୍ଡ ମଧ୍ୟରେ ୫ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ଆସନ୍ତା ଶୁକ୍ରବାରଠାରୁ ଆରମ୍ଭ ହେବ।

### ଆଇସିସି ଟି୨୦ ର୍‍ୟାଙ୍କିଙ୍ଗ୍

ନିକଟରେ ନ୍ୟୁଜିଲାଣ୍ଡଠାରୁ ୨-୩ରେ ସିରିଜ ହାରିଥିବା ଅଷ୍ଟ୍ରେଲିଆ ତୃତୀୟ ସ୍ଥାନକୁ ଖସି ଆସିଛି। ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ମାତ୍ର ୧ ପଏଣ୍ଟର ବ୍ୟବଧାନ ରହିଛି। ୨୬୦ ପଏଣ୍ଟ ସହିତ ପାକିସ୍ତାନ ୪ର୍ଥ ଓ ୨୫୩ ପଏଣ୍ଟ ପାଇ ନ୍ୟୁଜିଲାଣ୍ଡ ୫ମ ସ୍ଥାନରେ ରହିଛି।

ଟି୨୦ ବ୍ୟାଟିଂ ତାଲିକାରେ ଭାରତର ଲୋକେଶ ରାହୁଲ ଗୋଟିଏ ସ୍ଥାନ ତଳକୁ ଖସି ୩ୟରେ ପହଞ୍ଚିଥିବାବେଳେ ଅଧିନାୟକ ବିରାଟ କୋହଲି କିନ୍ତୁ ୬ଷ୍ଠ ସ୍ଥାନରେ ଅପରିବର୍ତ୍ତିତ ରହିଛନ୍ତି। ଇଂଲଣ୍ଡର ଦାଉିଦ ମଲନ ୯୧୫ ଓ ଅଷ୍ଟ୍ରେଲିଆର ଆରୋନ ଫିଞ୍ଚ୍ ୮୩୦ ପଏଣ୍ଟ ସହିତ ପ୍ରଥମ ଦୁଇସ୍ଥାନ ଅଧିକାର କରିଛନ୍ତି। ରାହୁଲ ୮୧୬ ପଏଣ୍ଟ ପାଇଛନ୍ତି। କୋହଲିଙ୍କ ପଏଣ୍ଟ ସଂଖ୍ୟା ୬୯୭ ରହିଛି। ନ୍ୟୁଜିଲାଣ୍ଡ ବିପକ୍ଷ ଶେଷ ୩ଟି ଟି୨୦ରେ ବିସ୍ଫୋରକ ପ୍ରଦର୍ଶନ ପାଇଁ ଫିଞ୍ଚ୍ ୨ଟି ସ୍ଥାନ ଉପରକୁ ଉଠିଛନ୍ତି। ଏହି ତିନୋଟି ମ୍ୟାଚରେ ସେ ଯଥାକ୍ରମେ ୬୯, ୭୯ ଓ ୩୬ ରନ କରିଥିଲେ। ନ୍ୟୁଜିଲାଣ୍ଡର ମାର୍ଟିନ ଗୁପ୍‌ଟିଲ ୩ଟି ସ୍ଥାନ ଉପରକୁ ଉଠି ୮ମରେ ପହଞ୍ଚିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ଟି୨୦ ସିରିଜରେ ସେ ୨ଟି ଅର୍ଦ୍ଧଶତକ ସହ ୨୧୮ ରନ କରିଥିଲେ।

ଅଷ୍ଟ୍ରେଲିଆର ଆଷ୍ଟନ ଅଗର ଓ ନ୍ୟୁଜିଲାଣ୍ଡର ଇଶ୍ ସୋଧି ଯଥାକ୍ରମେ ୧୩ ଏବଂ ୮ଟି ଉଇକେଟ ନେଇଥିବାରୁ ବୋଲିଂ ର୍‍ୟାଙ୍କିଙ୍ଗ୍‌ରେ ବଡ଼ ଫାଇଦା ପାଇଛନ୍ତି। ଅଗର ୪ ସ୍ଥାନ ଉପରକୁ ଉଠି ୪ର୍ଥ ଏବଂ ସୋଧି ୩ ସ୍ଥାନ ଲମ୍ଫମାରି ୮ମ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ତେବେ ଟିମ୍ ସୌଥି ୩ ସ୍ଥାନ ତଳକୁ ଖସି ୯ମ ଓ ଆଡାମ ଜାମ୍ପା ଗୋଟିଏ ସ୍ଥାନ ହରାଇ ୬ଷ୍ଠକୁ ଖସିଛନ୍ତି। ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜରେ ୬ ଉଇକେଟ ନେଇଥିବା ଶ୍ରୀଲଙ୍କାର ବାମହାତୀ ସ୍ପିନର ଲକ୍ଷଣ ସନ୍ଦକନ ୯ଟି ସ୍ଥାନ ଉପରକୁ ଉଠି ୧୦ମ ସ୍ଥାନ ଅଧିକାର କରିଛନ୍ତି।




| ପ୍ରକାର | ପ୍ଲାଟିନା 100 ES ଡିସ୍କ | ପ୍ଲାଟିନା 100 ES ଡ୍ରମ୍ | CT 110 ES |
|---|---|---|---|
| ପ୍ରଚଳିତ ମୂଲ୍ୟ# | ~~₹64 736/-~~ | ~~₹61 018/-~~ | ~~₹55 495/-~~ |
| ଅଫର୍ ମୂଲ୍ୟ | ₹59 736/- | ₹56 018/- | ₹52 495/- |

72198 21111 | www.bajajauto.com | BAJAJ FINANCE LTD - AF

*ସର୍ତ୍ତ ଓ ନିୟମାବଳୀ ଲାଗୁ। ଅଫର୍ 17 ମାର୍ଚ୍ଚ 2021 ପର୍ଯ୍ୟନ୍ତ ବୈଧ। ରିହାତି ପ୍ଲାଟିନା 100, ପ୍ଲାଟିନା 110 ଏବଂ CT 110 ର ନିର୍ଦ୍ଦିଷ୍ଟ ପ୍ରକାର ଉପରେ ପ୍ରଯୁଜ୍ୟ। ବଜାଜ ଅଟୋ ପାଖରେ ବିନା ପ୍ରାକ୍ ସୂଚନାରେ ଅଫର୍ ପରିବର୍ତ୍ତନ କିମ୍ବା ପ୍ରତ୍ୟାହାର କରିବାର ଅଧିକାର ରହିଛି। ₹6,999/- ର ଡାଉନ୍ ପେମେଣ୍ଟ ଦୃଷ୍ଟାନ୍ତମୂଳକ ଅଟେ ଏବଂ ପ୍ଲାଟିନାର ଏକ ପ୍ରକାର ଉପରେ ପ୍ରଯୁଜ୍ୟ। ଫାଇନାନ୍ସରଙ୍କ ନିଜସ୍ୱ ବିଚାର ଅନୁସାରେ ଫାଇନାନ୍ସ। ଡିସିସି ଚାର୍ଜ ଏବଂ ପ୍ରକ୍ରିୟାକରଣ ଶୁଳ୍କ ଯଥାପ୍ରଯୁଜ୍ୟ ଅତିରିକ୍ତ। #ଏକ୍ସ-ଶୋରୁମ୍ ପ୍ରାଇସ୍ ଓଡ଼ିଶା।

**Authorised Dealers for BAJAJ Auto Ltd.: Angul:** JAMUNA BAJAJ 7682899351 • **Dhenkanal** SHIVAM BAJAJ 7873922722 • **Keonjhar** JR BAJAJ 9937697094 / 06766254999• **Rourkela** RM BAJAJ 9078083803. **Authorised Service Centre: Kamakhyanagar 9437079287, Parajang 9178061624, 06768261573 Barbil** 9437086335, **Jashipur 9437443161/8117041821. Dhenkikote** 9437598479 **Turmunga** 9937428333, **Karanjia** 7504810975, **Udala** 9337004355/56. **Pallahara** 9178494430, **Khamar 9437426261, Talcher 9861089073 Mahidharpur 7978559852/9937183086, Banarpal 9178064220,Bhuban**9438570111, **Betnoti** 8847874100, **Rairangpur** 9583777236, **Bhuban** 9438570111. **Rasol 9938656276/9937513419.**

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ